# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୪/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, August 14/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 260 | ମୂଲ୍ୟ ₹୭/-




**ଶାହରୁଖ୍‌ଙ୍କ ସହ ନୟନତାରାଙ୍କ ରୋମାନ୍ସ**
ଫିଲ୍ମ 'ଯୱାନ'ର ଏକ ଗୀତର ଝଲକ ଶାହରୁଖ୍ ଖାନ୍ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଅଭିନେତ୍ରୀ ନୟନତାରାଙ୍କ ସହ ରୋମାନ୍ସ କରୁଥିବା ଦେଖିବାକୁ ମିଳିଛି। ୧୦

୧୪ **ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**
ୱେଷ୍ଟଇଣ୍ଡିଜ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତର ସୂର୍ଯ୍ୟକୁମାର ଯାଦବ ପ୍ରଭାବୀ ବ୍ୟାଟିଂ କରିଛନ୍ତି।





**ଭଗବାନ ଭରସା :** ଭୁବନେଶ୍ୱର ୧୨୦ ବାଟାଲିୟନ ପାଚେରିକୁ ଲାଗି ରବିବାର ଜେସିବି ଦ୍ୱାରା ଗଭୀର ଖନନ ଚାଲିଥିବାବେଳେ ପାଚେରିର ସୁରକ୍ଷା ପାଇଁ ଖାମଖିଆଲ ଭାବେ କେତେଖଣ୍ଡ କାଠ ବହ୍ଲା ଆଉଜା ଯାଇଛି। ଏପଟେ ଗାତ ଭିତରେ ଶ୍ରମିକମାନେ ବିନା ସୁରକ୍ଷା ଉପକରଣରେ ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି। **(ଫଟୋ- ବିକାଶ ନାୟକ)**

# ୯ ମାସର ଝିଅକୁ ଧରି ନଦୀକୁ ଡେଇଁଲେ ବାପା

**ଫୁଲନଖରା, ୧୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

**ପାରିବାରିକ ବିବାଦରୁ ଚରମ ନିଷ୍ପତ୍ତି**
- **ପରେ ସ୍ତ୍ରୀ ବି ଡେଇଁପଡ଼ିଲେ**
- **ମାଆ, ଝିଅ ଉଦ୍ଧାର, ବାପା ନିଖୋଜ**

ପାରିବାରିକ ବିବାଦକୁ କେନ୍ଦ୍ର କରି କଟକ ଜିଲା ସଦର ଥାନା ଅଧୀନ ସଇଁନ୍ଦା ଗ୍ରାମ ନିକଟ ସିଡୁଆ ନଦୀରେ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ସମ୍ମୁଖରେ ୯ ମାସର ଶିଶୁକନ୍ୟାଙ୍କୁ ଧରି ଜଣେ ଯୁବକ ନଦୀକୁ ଡେଇଁପଡିଛନ୍ତି। ଏହା ଦେଖି ଯୁବକଙ୍କ ସ୍ତ୍ରୀ ମଧ ନଦୀକୁ ଡେଇଁ ପଡ଼ିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ନଦୀରୁ ଶିଶୁକନ୍ୟା ଏବଂ ତାଙ୍କ ମା'ଙ୍କୁ ଉଦ୍ଧାର କରାଯାଇଥିବାବେଳେ ବାପା ନିଖୋଜ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କନ୍ଦରପୁର ଥାନା ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରାୟ ଦେଢବର୍ଷ ହେବ ଶ୍ୱଶୁର ଘର କଟକ ସଦର ଥାନା ଅଧୀନ ସୁମାଣ୍ଡି ଗ୍ରାମରେ ସ୍ତ୍ରୀ ଦୀପାଳି, ବଡ଼ଝିଅ ମାମୁନୁ(୫) ଓ ୯ ମାସର ସାନଝିଅ ସହିତ ରହୁଥିଲେ। ସେ ଚାଉଳିଆଗଞ୍ଜ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାରିବାରିକ କଳହ ଲାଗି ରହୁଥିଲା। ଶନିବାର ରାତିରେ ପ୍ରକାଶଙ୍କ ସାନଝିଅ ଜରି ଖାଇ ଦେଇଥିଲେ। ଏ ସମ୍ପର୍କରେ ପ୍ରକାଶ ଜାଣିବା ପରେ ଦୀପାଳିଙ୍କୁ ପାଟି କରିଥିଲେ। ତୁମେ ଘରେ ଥିବାବେଳେ ଝିଅ ଜରି କିପରି ଖାଇଲା ବୋଲି ପଚାରିଥିଲେ। ଏହାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦୀପାଳିଙ୍କୁ ପ୍ରକାଶ ମାଡ଼ ମାରିଥିବା ଶାଶୁ ସୁଲୋଚନା ଜେନା କହିଛନ୍ତି। ରବିବାର ପୂର୍ବାହ୍ନରେ ଦୀପାଳି ଓ ସାନଝିଅ ସହ ପ୍ରକାଶ ନିକଟସ୍ଥ ମନ୍ଦିରକୁ ଆସିଥିଲେ। ପରେ ସେମାନେ ନିକଟସ୍ଥ ସିଡୁଆ ନଦୀକୂଳକୁ ଯାଇଥିଲେ। ହେଲେ ହଠାତ୍ ଦୀପାଳିଙ୍କ ☞ ପୃଷ୍ଠା-୪

# ସିପିଇସିକୁ ବିରୋଧ ବଢୁଛି

## ପାକିସ୍ତାନ ଗ୍ୱାଦରରେ ଚାଇନା କାରକେଡ୍‌କୁ ଟାର୍ଗେଟ୍: ୧୩ ଇଞ୍ଜିନିୟରଙ୍କୁ ହତ୍ୟା କରିଥିବା ବିଏଲ୍‌ଏର ଦାବି

**କରାଚୀ/ବେଜିଂ, ୧୩।୮**

**୩ ବଲୁଚ୍ ଆତଙ୍କବାଦୀ ନିହତ**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ବୃହତ୍ ମହତ୍ତ୍ୱାକାଂକ୍ଷୀ ଯୋଜନା ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି)କୁ ପାକିସ୍ତାନୀଙ୍କ ବିରୋଧ ବଢ଼ିବାରେ ଲାଗିଛି। ରଣଭାରରେ ଛନ୍ଦି ହୋଇଯାଇଥିବା ପାକିସ୍ତାନର ଗ୍ୱାଦର ବନ୍ଦରରୁ ଚାଇନାର ଉତ୍ତରପଶ୍ଚିମାଞ୍ଚଳ ସହର ଶିଞ୍ଜିଆନ୍‌କୁ ରାଜପଥ, ରେଳପଥ, ପାଇପ୍‌ଲାଇନ୍ ଓ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ ଜରିଆରେ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପରେ ନିୟୋଜିତ ଚାଇନା ନାଗରିକମାନଙ୍କୁ ବେଲୁଚିସ୍ତାନରେ ଲଗାତର ଆକ୍ରମଣ କରାଯାଉଛି। ଏହିକ୍ରମରେ ରବିବାର ବେଲୁଚିସ୍ତାନସ୍ଥିତ ବନ୍ଦର ସହର ଗ୍ୱାଦରରେ ଚାଇନାର ୨୩ ଇଞ୍ଜିନିୟରଙ୍କୁ ନେଇ ଯାଉଥିବା ଏକ କାର୍‌କେଡ୍‌କୁ ବଲୁଚ୍ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ଆକ୍ରମଣରେ ଜଡ଼ିତ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଆତଙ୍କବଦୀ ଆତ୍ମଘାତୀ ବିସ୍ଫୋରଣରେ ନିଜକୁ ଉଡ଼ାଇଦେଇଥିବା ସୂତ୍ରରୁ ପ୍ରକାଶ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ବେଲୁଚିସ୍ତାନର ସ୍ୱାଧୀନତା ବା ବୃହତ୍ ସ୍ୱାୟତ୍ତତା ଚାହୁଁଥିବା ବିଚ୍ଛିନ୍ନତାବାଦୀ ଉଗ୍ରପନ୍ଥୀ ସଙ୍ଗଠନ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍‌ଏ) ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ବିଏଲ୍‌ଏର ମାଜିଦ୍ ବ୍ରିଗେଡ୍ ଚାଇନା ଇଞ୍ଜିନିୟରଙ୍କ କାର୍‌କେଡ୍‌କୁ ଟାର୍ଗେଟ କରି ୧୩ ଜଣଙ୍କୁ ହତ୍ୟା କରିଥିବା ସଙ୍ଗଠନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ଗ୍ୱାଦରରେ ରବିବାର ପୂର୍ବାହ୍ନ ୯ଟାରେ ଚାଇନାର ଏକ କନ୍‌ଷ୍ଟ୍ରକ୍‌ଶନ କମ୍ପାନୀର ୨୩ ଇଞ୍ଜିନିୟରଙ୍କୁ ନେଇ ଯାଉଥିବା ୭ କାର୍‌କୁ ବଲୁଚ୍ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। ୨ ଘଣ୍ଟା ଧରି ଚାଲିଥିବା ବିସ୍ଫୋରଣ ଓ ଗୁଳିଗୋଳାର ଶବ୍ଦ ସହରକୁ ଥରାଇ ଦେଇଥିଲା। ଆକ୍ରମଣ ପରେ ସହରର ସବୁ ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା। ୨ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବାବେଳେ ପାକିସ୍ତାନୀ ସୁରକ୍ଷା ବଳର ଗୁଳିମାଡ଼ରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୨ ପାକିସ୍ତାନୀ ସୈନ୍ୟ ଆହତ ହୋଇଛନ୍ତି। ଚାଇନାର ଜଣେ ଇଞ୍ଜିନିୟର ସାମାନ୍ୟ ଆହତ ହୋଇଥିବାବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଚାଇନାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍‌ସରେ ରିପୋର୍ଟ ପ୍ରକାଶ ପାଇଛି।

ସିପିଇସିକୁ ବିରୋଧ କରି ଚାଇନା ନାଗରିକଙ୍କ ଉପରେ ଏହା ପ୍ରଥମ ଆକ୍ରମଣ ନୁହେଁ। ଏହା ପୂର୍ବରୁ ମଧ ବଲୁଚ୍ ଆତଙ୍କବାଦୀ ଅନେକ ଥର ସେମାନଙ୍କୁ ଟାର୍ଗେଟ କରିସାରିଲେଣି। ୨୦୨୧ ଏପ୍ରିଲରେ କ୍ୱେଟାସ୍ଥିତ ଚାଇନା ଦୂତାବାସ ନିକଟସ୍ଥ ଏକ ବିଳାସପୂର୍ଣ୍ଣ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ବର୍ଷ ଜୁଲାଇରେ ଚାଇନା ଶ୍ରମିକ ଓ ଇଞ୍ଜିନିୟରଙ୍କୁ ନେଇ ଯାଉଥିବା ଏକ ବସ୍‌କୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣରେ ୧୩ ଜଣ ନିହତ ହୋଇଥିଲେ।

# ଡେଙ୍ଗୁ ସଂକ୍ରମଣରେ ଲାଗୁନି ରୋକ

**ଭୁବନେଶ୍ୱର, ୧୩।୮ (ଅଭିଜିତ ଦାସ)**

- **ଫେଲ୍ ମାରୁଛି ଆକ୍ସନ ପ୍ଲାନ୍**
- **ହସ୍ପିଟାଲ ଉପରେ ବଢୁଛି ଚାପ**

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବଢିଚାଲିଛି। ୧୧ ତାରିଖ ସୁଦ୍ଧା ରାଜ୍ୟରେ ୨୮ ହଜାର ୯୫୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୬୭୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଡେଙ୍ଗୁର ହଟସ୍ପଟ୍ ପାଲଟିଥିବାବେଳେ ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରୁ ରହିଛନ୍ତି। ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ହସ୍ପିଟାଲ ଉପରେ ଚାପ ପଡୁଥିବା ମଧ ଦେଖିବାକୁ ମିଳୁଛି। ତେବେ ଗତବର୍ଷ ଅପେକ୍ଷା ଚଳିତବର୍ଷ ଉଭୟ ପରୀକ୍ଷଣ ଓ ନିରାକରଣ କ୍ଷେତ୍ରରେ ଅଧିକ ପଦକ୍ଷେପ ନିଆଯାଇଥିଲେ ମଧ ସଂକ୍ରମଣ ରୋକିବାରେ ଫେଲ୍ ମାରୁଛି ସ୍ୱାସ୍ଥ୍ୟ ବିଭାଗ।

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ମୋଟ ଡେଙ୍ଗୁ ସଂକ୍ରମଣରୁ ସର୍ବାଧିକ ୭୦ ପ୍ରତିଶତ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହୋଇଥିବାବେଳେ ସେଥିରୁ ୯୦ ପ୍ରତିଶତ ରୋଗୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ରହିଛନ୍ତି। ଗତ ୧୦ଦିନ ମଧ୍ୟରେ ବିଏମ୍‌ସି ଅଞ୍ଚଳରେ ୩୮୧ଜଣ ଡେଙ୍ଗୁ ରୋଗୀ ☞ ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ସରକାରଙ୍କ ଇସି










# ଓଡ଼ିଶାରେ ମେଣ୍ଟ ପ୍ରଶ୍ନ ଉଠୁନି: ମୁଣ୍ଡା

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ପରେ ବିଜେଡି-ଭାଜପା ମେଣ୍ଟକୁ ନେଇ ଚର୍ଚ୍ଚା ବଢିବାରେ ଲାଗିଛି। ହେଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ରବିବାର ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ମେଣ୍ଟ ହେଲାଭଳି କୌଣସି ପ୍ରଶ୍ନ ଉଠୁନି। ସବୁ ରାଜ୍ୟର ବିକାଶ ସହ ମିଳିମିଶି କାମ କରିବା ପାଇଁ କେନ୍ଦ୍ର ସରକାର ସବୁବେଳେ ପ୍ରୟାସ କରୁଛନ୍ତି। ଏହା ସରକାରଙ୍କ କାମ। ସଙ୍ଗଠନର କାମ ଅଲଗା। ସଙ୍ଗଠନ ନିଜ ଢଙ୍ଗରେ ନିର୍ବାଚନ ଲଢ଼ିବା ସହିତ ରଣନୀତି କରେ। ସଙ୍ଗଠନ କେବେ ସରକାରଙ୍କ ଜରିଆରେ କୌଣସି ରଣନୀତି କରେନାହିଁ। ଓଡ଼ିଶାରେ ମେଣ୍ଟ ହେଲା ଭଳି କୌଣସି କଥା ନ ଥିଲା ଭଳି ଲାଗୁଛି। ଆଗକୁ ବି ମେଣ୍ଟ ହେଲା ଭଳି ଲାଗୁନି ବୋଲି ମୁଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ଭାଜପାର ସ୍ଥିତି ବହୁତ ଭଲ ଅଛି। ୨୦୨୪ ନିର୍ବାଚନରେ ଓଡ଼ିଶାରେ ଦଳ ଭଲ ପ୍ରଦର୍ଶନ କରିବ। ଶନିବାର ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବ ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ମଧ ରାଜ୍ୟରେ ବିଜେଡି ☞ ପୃଷ୍ଠା-୪

# ୟୁପି ରାଜଭବନ ଆଗରେ ପ୍ରସବ କଲେ ମହିଳା

**ଲକ୍ଷ୍ନୌ, ୧୩।୮**

**ନବଜାତ ଶିଶୁର ମୃତ୍ୟୁ**

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଜଣେ ଗର୍ଭବତୀ ମହିଳା ରାଜଭବନ ଗେଟ୍ ବାହାରେ ରାସ୍ତାରେ ସନ୍ତାନ ଜନ୍ମ ଦେବାକୁ ବାଧ୍ୟ ହୋଇଛନ୍ତି। ଏଥିସହ ନବଜାତ ଶିଶୁଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ନେଇ ପ୍ରଶ୍ନ ଉଠିଛି। ଡାକ୍ତରୀ ସହାୟତାରେ ବିଳମ୍ବ ଯୋଗୁ ସାଧାରଣ ନାଗରିକ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ରବିବାରର ଘଟଣା ଏହାର ସ୍ପଷ୍ଟ ଚିତ୍ର ଦର୍ଶାଉଛି। ହସ୍ପିଟାଲକୁ ଜଣାଇବା ସତ୍ତ୍ୱେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ମହିଳାଙ୍କ ଗର୍ଭ ଯନ୍ତ୍ରଣା ବହୁତ ବଢ଼ିଯାଇଥିଲା। ରାଜଭବନ ସମ୍ମୁଖ ରାସ୍ତାରେ ସେ ଛଟପଟ ହେଉଥିବାବେଳେ ସେହି ବାଟ ଦେଇ ଯାଉଥିବା ମହିଳା ଯାତ୍ରୀମାନେ ତାଙ୍କୁ ସହାୟତା କରିବାକୁ ଆଗେଇ ଆସିଥିଲେ। ସେମାନେ କପଡ଼ା ଢାଙ୍କି ମହିଳାଙ୍କୁ ପ୍ରସବ କରାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ରଜେଶ ପାଠକ ଏହାକୁ ଗୁରୁତର ସହ ନେବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମହିଳା ଜଣକ ୪.୫ ମାସର ଗର୍ଭବତୀ ଥିଲେ। ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ରିକ୍ସାରେ ହସ୍ପିଟାଲ ନିଆଯାଉଥିବାବେଳେ ରାଜଭବନର ୧୩ ନମ୍ବର ଗେଟ୍ ସମ୍ମୁଖ ରାସ୍ତା ପାର୍ଶ୍ୱରେ ସନ୍ତାନ ପ୍ରସବ କରିଥିଲେ। ଶିଶୁକୁ ମୃତ ଅବସ୍ଥାରେ ହସ୍ପିଟାଲ ଅଣାଯାଇଥିଲା ବୋଲି ଡାକ୍ତର କହିଛନ୍ତି। ଶିଶୁକୁ ବୀରାଙ୍ଗାନ ଝଲକରି ବାଈ ମହିଳା ଓ ଶିଶୁ ହସ୍ପିଟାଲକୁ ନିଆଯାଇଥିଲା। ମୃତ ଘୋଷଣା ପରେ ଶିଶୁକୁ ଲକ୍ଷ୍ନୌର ବୈକୁଣ୍ଠ ଧାମ୍‌ରେ ସମାଧି ଦିଆଯାଇଛି।



**ଯାଦବପୁର ରାଗିଂ ମାମଲା: ୨ ଗିରଫ**

ଯାଦବପୁର ବିଶ୍ୱବିଦ୍ୟାଳୟରେ ରାଗିଂଜନିତ ଛାତ୍ରମୃତ୍ୟୁ ମାମଲାରେ ପୋଲିସ ଆଉ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଅର୍ଥନୀତି ବିଭାଗ ଛାତ୍ର ଦୀପଶେଖର ଦତ୍ତ ଏବଂ ସାମାଜିକ ବିଜ୍ଞାନ ବିଭାଗ ଛାତ୍ର ମାନତୋଷ ଘୋଷ। ପୋଲିସ ପୂର୍ବତନ ଛାତ୍ର ସୌରଭ ଚୌଧୁରୀଙ୍କୁ ପୂର୍ବରୁ ଗିରଫ କରିଥିଲା। ସୌରଭ ହଷ୍ଟେଲରେ ବେଆଇନ ଭାବେ ରହୁଥିଲେ। ମୃତ ଛାତ୍ରଙ୍କୁ ଅଭିଯୁକ୍ତମାନେ ରାଗିଂ କରିବା ସହ ଯୌନ ନିର୍ଯାତନା ଦେଇ ଆସୁଥିଲେ।





ଆମେରିକାର ମାଉଇ ଦ୍ୱୀପରେ ଜଙ୍ଗଲ ନିଆଁ ବ୍ୟାପି ଗାଡ଼ିଗୁଡ଼ିକ ଜଳିଯାଇଛି।




ପଶ୍ଚିମବଙ୍ଗର ନଦିଆରେ ସ୍ୱାଧୀନତା ଦିବସ ପାଳନ ପାଇଁ ଦୁଇ ଯୁବତୀ ମୁହଁ ଓ ହାତ ପାପୁଲିକୁ ତ୍ରିରଙ୍ଗାରେ ସଜାଇଛନ୍ତି।

## ସଂକ୍ଷେପରେ

### ମାଉଇ ଜଙ୍ଗଲ ନିଆଁ ମୃତ୍ୟୁସଂଖ୍ୟା ୯୩

**ଲାହାଇନା, ୧୩।୮:** ଆମେରିକାର ଐତିହାସିକ ମାଉଇ ସହରକୁ ଜଙ୍ଗଲ ନିଆଁ ବ୍ୟାପି ମୃତ୍ୟୁସଂଖ୍ୟା ୯୩ରେ ପହଞ୍ଚିଲାଣି। ମୃତକମାନଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ୧୦୦ ବର୍ଷ ମଧ୍ୟରେ ଏହା ଆମେରିକାରେ ସବୁଠୁ ଭୟାବହ ବନାଗ୍ନି ବୋଲି କୁହାଯାଉଛି। କାଭାଡର ସନ୍ଧାନୀ କୁକୁର ସହାୟତାରେ କର୍ମଚାରୀମାନେ ମାତ୍ର ୩ ପ୍ରତିଶତ ଅଞ୍ଚଳର ତଲାସି କରିଥିବା ମୁଉଇ ପୋଲିସ ମୁଖ୍ୟ କହିଛନ୍ତି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଜଙ୍ଗଲ ନିଆଁରେ ପଶ୍ଚିମ ମାଉଇର ୨,୨୦୦ ବିଲ୍ଡିଂ କ୍ଷତିଗ୍ରସ୍ତ କିମ୍ବା ଧ୍ୱଂସ ହୋଇଛି। ସେଥିରୁ ୮୬ ପ୍ରତିଶତ ଆବାସିକ ବିଲ୍ଡିଂ। ଉକ୍ତ ଦ୍ୱୀପରେ ମୋଟ କ୍ଷୟକ୍ଷତି ପରିମାଣ ୬ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

### କାନାଡା ମନ୍ଦିରରେ ପୁଣି ଖଲିସ୍ତାନୀ ସମର୍ଥକଙ୍କ ଭଙ୍ଗାରୁଜା

**ନୂଆଦିଲ୍ଲୀ, ୧୩।୮:** କାନାଡାର ଏକ ମନ୍ଦିରରେ ଖଲିସ୍ତାନୀ ସମର୍ଥକମାନେ ଶନିବାର ରାତିରେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣା ସେଠାରେ ଥିବା ଭାରତୀୟଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି। ବର୍ଷକ ମଧ୍ୟରେ ଖଲିସ୍ତାନୀ ସମର୍ଥକଙ୍କର ଏହା ଚତୁର୍ଥ ମନ୍ଦିର ଆକ୍ରମଣ। ବ୍ରିଟିଶ କଲମ୍ବିଆରେ ଥିବା ସର୍ବପୁରାତନ ଲକ୍ଷ୍ମୀନାରାୟଣ ମନ୍ଦିରର କାନ୍ଥ ଓ ପାଚେରିରେ ଖଲିସ୍ତାନୀ ସମର୍ଥନରେ ପୋଷ୍ଟର ଲଗାଯାଇଛି। ଜୁନ୍ ୧୮ରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାରଙ୍କ ମୃତ୍ୟୁରେ ଭାରତର ଭୂମିକା ତଦନ୍ତ କରିବାକୁ ପୋଷ୍ଟରରେ କାନାଡ଼ା ସରକାରଙ୍କୁ ଆହ୍ୱାନ ଦିଆଯାଇଛି। ଦୁଇଜଣ ମୁଖାପିନ୍ଧାବ୍ୟକ୍ତି ମନ୍ଦିରର କାନ୍ଥ ଓ ଗେଟ୍‌ରେ ପୋଷ୍ଟର ଲଗାଉଥିବାର ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି। ଖଲିସ୍ତାନ ଟାଇଗର ଫୋର୍ସ ଏବଂ ଶିଖ୍‌ସ ଫର ଜଷ୍ଟିସ୍‌ର କାନାଡ଼ା ସଂଗଠନର ନେତୃତ୍ୱ ନେଉଥିବା ହରଦୀପ୍‌ଙ୍କୁ ଗତ ଜୁନ୍‌ରେ ଅଜଣା ବ୍ୟକ୍ତି ଗୁଳିକରି ହତ୍ୟା କରିଥିଲେ।

### ୧୫ ସିବିଆଇ ଅଫିସରଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ

ନୂଆଦିଲ୍ଲୀ, ୧୩।୮

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ୧୫ ଜଣ ଅଫିସର ଉଲ୍ଲେଖନୀୟ ତଦନ୍ତ ପାଇଁ ଚଳିତବର୍ଷ ସମ୍ମାନଜନକ ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲରେ ପୁରସ୍କୃତ ହେବା ଲାଗି ମନୋନୀତ ହୋଇଛନ୍ତି। ପୁରସ୍କାର ପାଇବାକୁ ଥିବା ଅଫିସରମାନେ ହେଲେ ସିବିଆଇ ଏସ୍‌ପି ବିଦ୍ୟୁତ୍ ବିକାଶ, ଆସିଷ୍ଟାଣ୍ଟ ଏସ୍‌ପି ତଥାଗତ ବର୍ଦ୍ଧନ, ଡିଏସ୍‌ପି ମୁକେଶ କୁମାର, ଆଲୋକ କୁମାର ଶାହି, ରୁବି ଚୌଧରୀ, ଦୀପକ କୁମାର ପୁରୋହିତ, ଅଖିଳ ପାଣ୍ଡେ, ଇନ୍ସପେକ୍ଟର ହୁକମବୀର ଆତ୍ରି, ଦିନେଶ କୁମାର, ଜାହିର ଅଖତର ଅନସାରୀ, ଶୀତଲ ଅରୁଣ ଶେଣ୍ଡଗେ, କମଲେଶ ଚନ୍ଦ୍ର ତିୱାରି, ରାହୁଲ ରାଜ, ସୁବ୍ରମଣ୍ୟମ ଲକ୍ଷ୍ମୀଭେଙ୍କଟ ଗଲି ଏବଂ ସନ୍ତୋଷ କୁମାର ଅରେକାଥ।

# ଯୁବବର୍ଗଙ୍କୁ ଅସ୍ତ୍ର ଧରିବାକୁ ଆହ୍ୱାନ

**ନୁହ ହିଂସାକୁ ନେଇ ହିନ୍ଦୁ ସମାଜର ମହାପଞ୍ଚାୟତ**

ଚଣ୍ଡିଗଡ଼, ୧୩।୮

ହରିୟାଣାର ନୁହ ଜିଲାରେ ଗତ ମାସ ୩୧ରେ ଘଟିଥିବା ହିଂସାତ୍ମକ ସଂଘର୍ଷ ଘଟଣା ଉପରେ ଆଲୋଚନା ପାଇଁ ରବିବାର ପାଲୱାଲଠାରେ ସର୍ବ ହିନ୍ଦୁ ସମାଜ ପକ୍ଷରୁ ଏକ ମହାପଞ୍ଚାୟତର ଆୟୋଜନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଏହି ଧର୍ମୀୟ ଶୋଭାଯାତ୍ରା ୨୮ରୁ ପୁନର୍ବାର ଆରମ୍ଭ କରିବା ଲାଗି ମହାପଞ୍ଚାୟତ ନିଷ୍ପତ୍ତି ନେଇଛି। ଏଥିସହିତ ହିଂସା ଘଟଣାର ଏନ୍‌ଏସ୍‌ଏ ତଦନ୍ତ କରାଯିବାକୁ ଦାବି ହୋଇଛି। ନୁହକୁ ଗୋବଧ ମୁକ୍ତ କରିବା ସହ ଜିଲାବାସୀଙ୍କ ସୁରକ୍ଷା ପାଇଁ ନୁହରେ ଅର୍ଦ୍ଧସାମରିକ ବାହିନୀର ମୁଖ୍ୟାଳୟ ଖୋଲିବାକୁ ସେମାନେ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ଘୃଣିତ ଭାଷଣ ଦିଆଯିବ ନାହିଁ ସର୍ତ୍ତରେ ମହାପଞ୍ଚାୟତ ପାଇଁ ଅନୁମତି ଦିଆଯାଇଥିଲା ବୋଲି ପାଲୱାଲ୍ ଏସ୍‌ପି ଲୋକେନ୍ଦ୍ର ସିଂ କହିଛନ୍ତି। ପ୍ରଶାସନର ସର୍ତ୍ତକୁ ଅବଜ୍ଞା କରି ବକ୍ତାମାନେ ମହାପଞ୍ଚାୟତରେ ଖୋଲା



ସର୍ବହିନ୍ଦୁ ସମାଜ ପକ୍ଷରୁ ପାଲୱାଲଠାରେ ଅନୁଷ୍ଠିତ ମହାପଞ୍ଚାୟତରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

ଧମକ ଦେଇଛନ୍ତି। ଆୟୋଜକମାନେ ବକ୍ତାମାନଙ୍କୁ ସତର୍କ କରାଇଥିଲେ ମଧ୍ୟ ଅଧିକାଂଶ ଏହାକୁ ମାନି ନ ଥିଲେ। ଯଦି ଆମକୁ ଗୋଟିଏ ଆଙ୍ଗୁଠି ଦେଖାଇବ, ଆମେ ପୂରା ହାତ କାଟିଦେବୁ ବୋଲି ଜଣେ ବକ୍ତା କହୁଥିବା ଶୁଣାଯାଇଥିଲା। ମହାପଞ୍ଚାୟତରେ ହରିୟାଣା ଗୋରକ୍ଷକ ଦଳର ଆଚାର୍ଯ୍ୟ ଆଜାଦ ଶାସ୍ତ୍ରୀ ଯୁବବର୍ଗଙ୍କୁ ଅସ୍ତ୍ର ଧରିବା ପାଇଁ ପରାମର୍ଶ ଦେଇଛନ୍ତି। ମେୱାତ୍‌ରେ ତୁରନ୍ତ ୧୦୦ ରାଇଫଲ ଲାଇସେନ୍ସ ନିଶ୍ଚିତ କରିବାକୁ ହେବ। ଏହା ଏକ 'କର ବା ମର' ସ୍ଥିତି ବୋଲି ଶାସ୍ତ୍ରୀ କହିଛନ୍ତି। ଏତଲାକୁ ଭୟ ନ କରିବା ଲାଗି ସେ ଯୁବକମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୩୧ରେ ବିଶ୍ୱ ହିନ୍ଦୁ ପରଷଦର ବ୍ରଜମଣ୍ଡଳ ଜଳାଭିଷେକ ଯାତ୍ରା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରିବା ସହ ଟେକାମାଡ଼ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ୨ ହୋମଗାର୍ଡଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିଲେ। ବହୁ ଗାଡ଼ି, ଦୋକାନ ଓ ଘର ଭଙ୍ଗାରୁଜା ଓ ପୋଡ଼ାଜଳା କରାଯାଇଥିଲା।

## ମହାରାଷ୍ଟ୍ର ହସ୍ପିଟାଲ: ୨୪ ଘଣ୍ଟାରେ ୧୮ ମୃତ

ଠାଣେ, ୧୩।୮

ମହାରାଷ୍ଟ୍ରର ଠାଣେ ଅଞ୍ଚଳରେ ଥିବା ଛତ୍ରପତି ଶିବାଜୀ ମହାରାଜ ହସ୍ପିଟାଲରେ ୨୪ ଘଣ୍ଟା ମଧ୍ୟରେ ୧୮ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୦ ଜଣ ମହିଳା ଓ ୮ ପୁରୁଷ। ସେମାନଙ୍କ ମଧ୍ୟରୁ ୬ ଜଣ ଠାଣେ ସହରର ହୋଇଥିବାବେଳେ କଲ୍ୟାଣରୁ ୪, ସାହାପୁରରୁ ୩, ଭିୱଣ୍ଡି, ଉଲ୍ଲାସନଗର ଏବଂ ଗୋଭନ୍ଦିରୁ ଜଣେ ଲେଖାଏ ଅଛନ୍ତି। ଜଣକ ଘର ଅନ୍ୟ ଅଞ୍ଚଳରେ ହୋଇଥିବାବେଳେ ଜଣେ ରୋଗୀଙ୍କ ପରିଚୟ ମିଳିନାହିଁ। ମୃତକଙ୍କ ମଧ୍ୟରୁ ୧୨ ଜଣଙ୍କ ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି ପୌର କମିଶନର ଅଭିଜିତ ବାଙ୍ଗର ସ୍ପଷ୍ଟ କରିଛନ୍ତି। ହସ୍ପିଟାଲରେ କେଉଁ ପରିସ୍ଥିତିରେ ଏତେ ସଂଖ୍ୟାରେ ରୋଗୀଙ୍କ ମୃତ୍ୟୁ ଘଟିଲା ସବିଶେଷ ବିବରଣୀ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ମାଗିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। କମିଟିରେ ଜିଲାପାଳ, ସିଭିକ୍ ମୁଖ୍ୟ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ପ୍ରମୁଖ ସଦସ୍ୟ ରହିଛନ୍ତି।

## ୩ ମିନିଟ୍‌ରେ ୧୫ ହଜାର ଫୁଟ ଖସିଲା ବିମାନ

ୱାଶିଂଟନ୍, ୧୩।୮

ଫ୍ଲୋରିଡା ଅଭିମୁଖେ ବାହାରିଥିବା ଏକ ଆମେରିକୀୟ ଯାତ୍ରୀବାହୀ ବିମାନ ୩ ମିନିଟରେ ୧୫ ହଜାର ଫୁଟ ତଳକୁ ଖସିପଡିଥିଲା। ଆମେରିକାନ୍ ଏୟାରଲାଇନ୍ସର ବିମାନ ୫୯୧୬ ଆମେରିକାର ଉତ୍ତର କାରୋଲିନାଠାରୁ ଅଗଷ୍ଟ ୧୦ ତାରିଖରେ ଯାତ୍ରୀ ମାନଙ୍କୁ ନେଇ ଫ୍ଲୋରିଡ଼ା ଅଭିମୁଖେ ବାହାରିଥିଲା। ହେଲେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚାନକ ଏହା ତଳକୁ ଖସିବାରେ ଲାଗିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଏହି ବିମାନରେ ଯାତ୍ରା କରୁଥିବା ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ପ୍ରଫେସର ହାରିସନ ହୋଭ ସୋସିଆଲ ମିଡିଆରେ ଘଟଣାବେଳର ଭିଡିଓ ଶେୟାର କରି କହିଛନ୍ତି, ଏହି ଘଟଣା ଯାତ୍ରୀ ମାନଙ୍କୁ ଭୟଭୀତ କରିଥିଲା। ତେବେ ବିମାନ ମଧ୍ୟରେ କିଛି ଜଳୁଥିବାର ଗନ୍ଧ ଆସୁଥିବାରୁ ଫଟୋ ଉତ୍ତୋଳନ କରିବା ସମ୍ଭବ ହୋଇନଥିଲା।

ଅପରପକ୍ଷେ ଘଟଣାକୁ ନେଇ ଆମେରିକାନ୍ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି, ବିମାନଟିରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଆମ କର୍ମଚାରୀଙ୍କ ଉପଯୁକ୍ତ ପଦକ୍ଷେପ ଯୋଗୁ ଏହାକୁ ସୁରକ୍ଷିତ ଭାବେ ଅବତରଣ କରାଯାଇପାରିଥିଲା।

## ପିଏଫ୍‌ଆଇ ଷଡ଼ଯନ୍ତ୍ର ମାମଲା
## ୫ ରାଜ୍ୟରେ ଏନ୍‌ଆଇଏ ଚଢ଼ାଉ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଭେଦ ବଢ଼ାଇ ଦେଶରେ ଅସ୍ଥିରତା ସୃଷ୍ଟି ମାଧ୍ୟମରେ ଶାନ୍ତି ଭଙ୍ଗ କରିବା ପାଇଁ ପିପୁଲ୍ସ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଷଡ଼ଯନ୍ତ୍ର ଚଳାଇଥିବାବେଳେ ଏହାକୁ ଭଣ୍ଡୁର କରିବା ଲାଗି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଉଦ୍ୟମ ଜାରି ରଖିଛି। ରବିବାର ଏନ୍‌ଆଇଏ ୫ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବହୁ ଆପରାଧିକ ସାମଗ୍ରୀ ଜବତ କରିଛି। କେରଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଏବଂ ବିହାରର ୧୪ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ସେଠାରୁ ଅନେକ ଡିଜିଟାଲ ଉପକରଣ ଏବଂ ଆପରାଧିକ ଦସ୍ତାବିଜ ମିଳିଥିବା ଏନ୍‌ଆଇଏ ମୁଖପାତ୍ର କହିଛନ୍ତି। କେରଳର କନ୍ନୁର, ମାଲାପୁରମ୍, କର୍ଣ୍ଣାଟକର ଦକ୍ଷିଣ କନ୍ନଡ, ମହାରାଷ୍ଟ୍ରର ନାଶିକ ଓ କୋଲ୍‌ହପୁର, ପଶ୍ଚିମବଙ୍ଗର ମୁର୍ଶିଦାବାଦ ଏବଂ ବିହାରର କଟିହାରରେ ଚଢ଼ାଉ କରାଯାଇଥିଲା। ଆତଙ୍କବାଦ, ହିଂସା ଓ ଉଦ୍ଦେଶ୍ୟପୂର୍ଣ୍ଣ ଧ୍ୱଂସ ସାଧନ ଜରିଆରେ ୨୦୧୭ ସୁଦ୍ଧା ଭାରତରେ ମୁସଲିମ୍ ଖଲିଫା ପ୍ରତିଷ୍ଠା ପାଇଁ ପିଏଫ୍‌ଆଇ ଓ ଏହାର ଶୀର୍ଷ ନେତାମାନେ ଏକ ସଶସ୍ତ୍ର କ୍ୟାଡର ଓ ସେନା ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି। ପିଏଫ୍‌ଆଇ ଯୁବବର୍ଗଙ୍କୁ ଉଗ୍ରବାଦୀ କରାଇ ସେମାନଙ୍କୁ ଅସ୍ତ୍ରଚାଳନା ତାଲିମ ଦେଇ ଭାରତ ବିରୋଧୀ ହିଂସାରେ ସାମିଲ କରାଉଛି। ଗତବର୍ଷ ଏପ୍ରିଲରେ ଏନ୍‌ଆଇଏ ପିଏଫ୍‌ଆଇ ବିରୋଧରେ ମାମଲା ରୁଜୁ କରିବା ସହ ଏହାର କେତେଜଣ ଶୀର୍ଷ ନେତାଙ୍କୁ ଗିରଫ କରିଥିଲା।

## ରୁଷିଆର ରକେଟ ମାଡ଼: ୭ ୟୁକ୍ରେନୀୟ ନିହତ

**କିଭ୍, ୧୩।୮:** ୟୁକ୍ରେନର ଦକ୍ଷିଣରେ ଥିବା ଖେରସନ ଅଞ୍ଚଳରେ ରବିବାର ରୁଷିଆ କ୍ଷେପଣାସ୍ତ୍ର ମାଡ଼ କରିଛି। ଫଳରେ ୨୩ ଦିନର ଶିଶୁ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏନେଇ ୟୁକ୍ରେନର ଅନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ସୂଚନାନୁସାରେ ଦିନେପର ନଦୀ କୂଳରେ ଥିବା ସିକୋଲା ବାଲ୍‌କା ଗାଁର ଗୋଟିଏ ପରିବାରର ସ୍ୱାମୀ ସ୍ତ୍ରୀ, ୧୨ ବର୍ଷୀୟ ପୁଅ ଏବଂ ୨୩ ଦିନର ଶିଶୁ ଏହି ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି।

## ଇଣ୍ଡୋନେସିଆ ସହ ସମ୍ପର୍କ କାଟିଲା ମିସ୍ ୟୁନିଭର୍ସ ସଂଗଠନ

ୱାଶିଂଟନ, ୧୩।୮

**ଯୌନ ଉତ୍ପୀଡ଼ନ ଅଭିଯୋଗ**

ଇଣ୍ଡୋନେସିଆର ଜାକର୍ତ୍ତା ସହରରେ ମିସ୍ ୟୁନିଭର୍ସର କ୍ରାଉନିଂ ସେରିମନି ପୂର୍ବରୁ ଅନେକ ପ୍ରତିଯୋଗୀ ଯୌନ ଶୋଷଣ ଅଭିଯୋଗ ଆଣିବା ପରେ ମିସ୍ ୟୁନିଭର୍ସ ସଂଗଠନ (ଏମ୍‌ୟୁଓ) ଇଣ୍ଡୋନେସିଆ ଆୟୋଜକଙ୍କ ସହ ସମ୍ପର୍କ ଛିନ୍ନ କରିଛି। ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିଯୋଗୀମାନଙ୍କ ଶରୀରର ଦାଗ ଓ ସେଲୁଲାଇଟ୍ ଯାଞ୍ଚ ଲାଗି ଅବାଞ୍ଛିତ ଭାବେ ସେମାନଙ୍କୁ ଉଲଗ୍ନ ହେବାକୁ କୁହାଯାଉଥିବା ଅଭିଯୋଗ ହୋଇଥିଲା। ଫ୍ରାଞ୍ଚାଇଜ ଏହାର ବ୍ରାଣ୍ଡ ମାନ, ନୀତି ଓ ଆଶା ପୂରଣ କରୁ ନ ଥିବା ଆମେରିକାର ଏମ୍‌ୟୁଓ କହିଛି। ଜାକର୍ତ୍ତା ପୋଲିସ ଅଭିଯୋଗର ତଦନ୍ତ କରୁଛି। ଉକ୍ତ କମ୍ପାନୀ ଦ୍ୱାରା ମାଲେସିଆରେ ହେବାକୁ ଥିବା ଚଳିତ ବର୍ଷର ପ୍ରତିଯୋଗିତାକୁ ମଧ୍ୟ ଏମ୍‌ୟୁଓ ବାତିଲ କରିଛି। ମହିଳାମାନେ ସାହସ ବାନ୍ଧି ଅଭିଯୋଗ ଦାଏର କରିଥିବାରୁ ଏମ୍‌ୟୁଓ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ ମହିଳାମାନଙ୍କୁ ସୁରକ୍ଷିତ ସ୍ଥାନ ଯୋଗାଇଦେବା ଏହାର ପ୍ରାଥମିକତା ବୋଲି କହିଛି।

# ଗୋଆର ଦୁପଟ୍ଟା କିଲର

**ପ୍ରେମ ଜାଲରେ ଫସାଇ ୧୬ ଯୁବତୀଙ୍କୁ ହତ୍ୟା କରିଛନ୍ତି ମହାନନ୍ଦ**

ପଣଜୀ, ୧୩।୮

୧୯୯୪ରେ ମହାନନ୍ଦ ନାଏକଙ୍କୁ ୨୫ ବର୍ଷ ହୋଇଥିଲା। ଗୋଆ ରାଜଧାନୀ ପଣଜୀରୁ ୪୦ କି.ମି. ଦୂର ଶିରୋଡାରେ ସେ ଅଟୋ ଚଳାଉଥିଲେ। ମହାନନ୍ଦଙ୍କ ଘର ଅପରପାର୍ଶ୍ୱରେ ଦର୍ଶନା ନାଏକ(୨୧) ଏକୁଟିଆ ରହୁଥିଲେ। ସେହିବର୍ଷ ସେପ୍ଟେମ୍ବର ୩୦ରେ ଦର୍ଶନାଙ୍କ ଝୁଲନ୍ତା ମୃତଦେହ ଗୋଆ ମେଡିକାଲ କଲେଜ ହସ୍ପିଟାଲ ନିକଟ ବାମ୍ବୋଲିମ୍‌ର ଏକ କାଜୁ ଗଛରୁ ମିଳିଥିଲା। ଦର୍ଶନାଙ୍କ ବେକରେ ତାଙ୍କ ଦୁପଟ୍ଟା ବା ଓଢ଼ଣି ଭିଡ଼ାଯାଇଥିଲା। ଦର୍ଶନାଙ୍କ ପରିବାର ଗରିବ ହୋଇଥିବାରୁ ତାଙ୍କ ହତ୍ୟାର ତଦନ୍ତ ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଯାଇଥିଲା। ଭାଗ୍ୟ ପୁଣି ମହାନନ୍ଦଙ୍କ ସପକ୍ଷରେ ଯାଇଥିଲା। ହତ୍ୟାର ଧାରା ଜାରି ରହିଥିଲା।

ଏହି ହତ୍ୟାକାଣ୍ଡର ୨ ମାସ ପୂର୍ବରୁ ପଣଜୀରୁ ୨୮ କି.ମି. ଦୂର ଖାଣ୍ଡେପରରେ ମହାନନ୍ଦଙ୍କ ପ୍ରଥମ ଶିକାର ହୋଇଥିଲେ ୩୦ ବର୍ଷୀୟା ଗୁଲାବୀ ଗାଓଁକର।



ପ୍ରତୀକାତ୍ମକ ଚିତ୍ର

ଗୁଲାବୀ ପୋଣ୍ଡା ବଜାରରେ ଦରଜି କାମ କରୁଥିଲେ, ଯାହା ନିକଟରେ ମହାନନ୍ଦଙ୍କ ଅଟୋ ଷ୍ଟାଣ୍ଡ ରହିଥିଲା। ହତ୍ୟାର ଦିନକ ପରେ ଗୁଲାବୀଙ୍କ ଗଳିତ ମୃତଦେହ ମିଳିଥିଲା। ଜଣେ ଦାଢ଼ି ରଖିଥିବା ବ୍ୟକ୍ତି ତାଙ୍କୁ ନିୟମିତ ଭେଟୁଥିବା କଥା ପୋଲିସକୁ ଜଣେ ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ଦାଢ଼ିଧାରୀ ମହାନନ୍ଦଙ୍କୁ ପୋଲିସ ଗିରଫ କରି ହାଜତକୁ ନେଇଥିଲା। କିନ୍ତୁ ସେ ହତ୍ୟା ଦିନ ଷ୍ଟାଣ୍ଡରେ ଥିଲେ ବୋଲି ଅନ୍ୟ ଡ୍ରାଇଭରମାନେ କହିବା ପରେ ମହାନନ୍ଦଙ୍କୁ ପୋଲିସ ଛାଡ଼ି ଦେଇଥିଲା। ଗୁଲାବୀଙ୍କୁ ହତ୍ୟା ପରେ ମୁକୁଳିଆସି ସେ ସାହସ ପାଇଥିଲେ ପରବର୍ତ୍ତୀ ୧୫ ବର୍ଷରେ ଆଉ ୧୫ ଜଣଙ୍କୁ ଜୀବନରେ ମାରିଦେବା ପାଇଁ।

ମହାନନ୍ଦ ସବୁବେଳେ ଯୌନସୁଖ ଓ ଟଙ୍କା ଚାହୁଁଥିଲେ। ଏହି କାମାସକ୍ତ ଓ ଅର୍ଥଲୋଭୀ ଯୁବକ ଗୁଲାବୀଙ୍କ ଭଳି ଯୁବତୀଙ୍କୁ ମିଠା କଥା କହି କିପରି ଫସାଇହେବ ତାହା ଭଲଭାବେ ଜାଣିଥିଲେ। ନିଜ ପାରିପାର୍ଶ୍ୱ ବସ୍‌ଷ୍ଟାଣ୍ଡ, ମାର୍କେଟ, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଭଳି ସ୍ଥାନଗୁଡ଼ିକରେ ସେ ଗୁଲାବୀଙ୍କ ଭଳି ୨୦-୩୫ ବର୍ଷୀୟାମାନଙ୍କୁ ଖୋଜି ବୁଲୁଥିଲେ। ତାଙ୍କ ତୃତୀୟ ହତ୍ୟାର ଶିକାର ହୋଇଥିଲେ ୧୯ ବର୍ଷୀୟା ବାସନ୍ତୀ ଗୌଡ଼େ। ପୋଣ୍ଡାର ବାସନ୍ତୀ ଜଣେ ଗରିବ ଚାକରାଣୀ ଥିଲେ। ପର ଘରେ କାମ କରି ଦୁଇପଇସା ରୋଜଗାର କରୁଥିଲେ। ମହାନନ୍ଦ ତାଙ୍କୁ ୫୦,୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୧୯୯୫ ସେପ୍ଟେମ୍ବର ୧୧ରେ ବାସନ୍ତୀଙ୍କୁ ସେ ଶାନ୍ତିନଗରସ୍ଥିତ ଏକ ନିଛାଟିଆ ସ୍ଥାନକୁ ନେଇଥିଲେ। ଏହା ପରଠୁ ବାସନ୍ତୀଙ୍କୁ ଆଉ ଦେଖାଯାଇ ନ ଥିଲା। ଏପରି କି ତାଙ୍କ ମୃତଦେହ ମଧ୍ୟ ଠାବ ହୋଇପାରି ନ ଥିଲା।

୨୦୦୯ ଏପ୍ରିଲ ୨୧ରେ ପୁଣି ଗିରଫ ହେବା ପରେ ମହାନନ୍ଦ ହତ୍ୟା ପଛର କାରଣ ପୋଲିସକୁ ଜଣାଇଥିଲେ। ଜଣେ ବ୍ୟବସାୟୀର ପରିଚୟ ଦେଇ ସେ ଯୁବତୀଙ୍କୁ ଫସାଉଥିଲେ। ପ୍ରତି ଥର ନିଜ ନାମ ବଦଳାଇ କହୁଥିଲେ। ଯେପରି କି ଗୁଲାବୀଙ୍କ ସହ କଥା ହେବାବେଳେ ନିଜକୁ ଗୋବିନ୍ଦ ବୋଲି କହିଥିଲେ। ୨୦୦୯ରେ ତାଙ୍କ ଶେଷ ଶିକାର ହୋଇଥିବା ଯୋଗିତାଙ୍କୁ ମହାନନ୍ଦ ନିଜ ନାମ ଯୋଗେଶ ବୋଲି କହିଥିଲେ। ଯେଉଁ ଯୁବତୀ ତାଙ୍କ ଜାଲରେ ଫସୁଥିଲେ, ତାଙ୍କୁ ସେ କହୁଥିଲେ, ତୁମେ ମୋ ବାପାଙ୍କ ପସନ୍ଦ। ତୁମେ ମୋ ସ୍ତ୍ରୀ ହେବ। ସେମାନଙ୍କ ଆଗରେ ମହାନନ୍ଦ ଗୋଟିଏ ସର୍ତ୍ତ ବାଢୁଥିଲେ, ମୋ ଭଉଣୀ ଓ ଆଣ୍ଟିଙ୍କ ସାମ୍ନାକୁ ଯିବା ପର୍ଯ୍ୟନ୍ତ ବିବାହ କରିବା ନେଇ କାହାକୁ କିଛି କହିବ ନାହିଁ। ଗଲାବେଳକୁ ସୁନା ଅଳଙ୍କାର ପିନ୍ଧିକି ଆସିବ। ଏହି ସର୍ତ୍ତରେ ଯିଏ ରାଜି ହେଉଥିଲେ ତାଙ୍କୁ ସେ ଲୁଟ୍ କରିବା ପରେ ତଣ୍ଟିରେ ଦୁପଟ୍ଟା ଭିଡ଼ି ଜୀବନରେ ମାରିଦେଉଥିଲେ। ଏଥିପାଇଁ ମହାନନ୍ଦ 'ଦୁପଟ୍ଟା କିଲର' ନାମରେ କୁଖ୍ୟାତ। ଜେଲରେ ୧୪ ବର୍ଷ ବିତାଇସାରିଥିବା ମହାନନ୍ଦଙ୍କୁ ବର୍ତ୍ତମାନ ୫୪ ବର୍ଷ। ଯୋଗିତା ନାଏକଙ୍କ ମାମଲା ସାମ୍ନାକୁ



ମହାନନ୍ଦ ନାଏକ

ଆସିବା ପରେ ଲୋକେ ଶିରୋଡାସ୍ଥିତ ତାଙ୍କ ଘରେ ନିଆଁ ଲଗାଇଦେଇଥିଲେ। କେନ୍ଦ୍ର ସରକାରଙ୍କ ଅଧୀନରେ ଚାକିରି କରୁଥିବା ତାଙ୍କ ସ୍ତ୍ରୀଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଥିଲା। ଏହି ହତ୍ୟାକାରୀଙ୍କ କାହାଣୀକୁ ନେଇ 'ମହାନନ୍ଦ: ମଣିଷ ନା ସଇତାନ' ଶୀର୍ଷକ ନାଟକ ଦର୍ଶକ ମହଲରେ ଖୁବ୍ ଲୋକପ୍ରିୟ ହୋଇଛି। ୨ଟି ହତ୍ୟା ପାଇଁ ସେ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ଅବଶିଷ୍ଟ ୧୪ ମାମଲା ବିଚାରାଧୀନ ରହିଛି।

# ଡିଜାଇନ୍‌ରେ ତ୍ରୁଟି ଯୋଗୁ ଭୁଶୁଡ଼ିଥିଲା ପୋଲ

■ ଆସିଲା ରସୁଲପୁରଠାରେ ରାଜପଥ ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ରିପୋର୍ଟ

■ ନୂତନ ପୋଲ ଛାତ ନିର୍ମାଣ କରାଯିବ

**ରସୁଲପୁର, ୧୩।୮ (ରଞ୍ଜିତ ରାଉତ)**



ଯାଜପୁର ଜିଲା ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥ ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ରିପୋର୍ଟ ଆସିଛି। ଦୁର୍ଘଟଣାର ୩ ସପ୍ତାହ ପରେ ରାଜପଥ କର୍ତ୍ତୃପକ୍ଷଙ୍କ ରିପୋର୍ଟ ହସ୍ତଗତ ହୋଇଛି। ଡିଜାଇନରେ ତ୍ରୁଟି ଯୋଗୁ ପୋଲ ଭୁଶୁଡ଼ି ପଡ଼ିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଉକ୍ତ ପୋଲ ଛାତ ଭଙ୍ଗାଯାଇ ନୂତନ ଛାତ ନିର୍ମାଣ କରାଯିବାକୁ ଏକ୍ସପର୍ଟମାନେ ରିପୋର୍ଟରେ ଦର୍ଶାଇଛନ୍ତି। ରିପୋର୍ଟ ହସ୍ତଗତ ପରେ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ନୂତନ ପୋଲର ଛାତ ନିର୍ମାଣକୁ ନେଇ ତତ୍ପରତା ପ୍ରକାଶ ପାଇଛି। ପୋଲର ପୁନରୁଦ୍ଧାରକୁ ନେଇ ନୂତନ ପ୍ଲାନ୍, ଡିଜାଇନ୍, ଏଷ୍ଟିମେଟ ପ୍ରସ୍ତୁତ କରାଯାଇଛି। ନୂତନ ଛାତ ନିର୍ମାଣ ପାଇଁ ପ୍ରସ୍ତୁତ ଆକଳନ କାଗଜାତ୍‌କୁ ଅନୁମୋଦନ ପାଇଁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ପଠାଯାଇଛି। ଆବେଦନ ଅନୁଯାୟୀ ଆର୍ଥିକ ଅନୁମୋଦନ ମିଳିବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏହି ଜରିଆରେ ଏଜେନ୍ସି ଫାଇନାଲ କରାଯାଇ କାମ କରାଯିବ। ଏହି ପ୍ରକ୍ରିୟାକୁ ଆହୁରି ୩ରୁ ୪ ମାସ ସମୟ ଲାଗିଯିବ। ପୁରୁଣା ପୋଲର ମୂଳଦୁଆ ସୁଦୃଢ଼ ରହିଛି, ମାତ୍ର ତା’ ଉପର ଛାତର ଡିଜାଇନରେ ତ୍ରୁଟି ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଥିବାରୁ ପୁରୁଣା ପିଲାର ଉପରେ କେବଳ ଛାତ ନିର୍ମାଣ କରାଯିବ ବୋଲି ରାଜପଥ କର୍ତ୍ତୃପକ୍ଷଙ୍କ ବାଲେଶ୍ୱର ଶାଖା କାର୍ଯ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପୋଲ ଭୁଶୁଡ଼ିବା ଘଟଣାରୁ ରାଜପଥ କର୍ତ୍ତୃପକ୍ଷଙ୍କୁ ଏକ ବଡ଼ ଶିକ୍ଷା ମିଳିଛି ବୋଲି କୁହାଯାଉଛି। ରାଜପଥ ଉପରେ ଏତାଦୃଶ ଘଟଣାର ଯେମିତି ପୁନରାବୃତ୍ତି ନ ଘଟିବ ସେ ଦିଗରେ କର୍ତ୍ତୃପକ୍ଷ ଅଧିକ ସତର୍କତାମୂଳକ ଆଚରଣ ଆପଣେଇବାକୁ ଯୋଜନା କରୁଛନ୍ତି। ଏଠାରେ ଘଟିଥିବା ତ୍ରୁଟି ବିଚ୍ୟୁତିକୁ ନେଇ ରାଜପଥ କର୍ତ୍ତୃପକ୍ଷଙ୍କୁ ନାନା ଶରବ୍ୟର ଶିକାର ହେବାକୁ ପଡ଼ିଥିଲା। ଦୁର୍ଘଟଣା ସ୍ଥଳକୁ ରାଜନେତାଙ୍କଠାରୁ ଆରମ୍ଭ କରି ବରିଷ୍ଠ ପଦାଧିକାରୀ ଆସି ରାଜପଥ କର୍ତ୍ତୃପକ୍ଷଙ୍କୁ ନିଶାଣା କରି ଗଣମାଧ୍ୟମରେ ନାନା ମନ୍ତବ୍ୟ ଦେଇଥିଲେ। ରାଜପଥ ଅଧିକାରୀମାନଙ୍କୁ ନେଇ ଏମ୍‌ପି ଓ ବିଧାୟକମାନଙ୍କ ମଧ୍ୟରେ ଜିଲାରେ ସମୀକ୍ଷା ବୈଠକ ହୋଇଥିଲା। ପୋଲ ଭୁଶୁଡ଼ିବା ସ୍ଥଳରେ ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯାଇ ରାଜପଥ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ତଦାରଖ ଓ ପୋଲ ନିର୍ମାଣର ମାନକୁ ନେଇ ଦୋଷାରୋପ କରାଯାଇଥିଲା। ୨୦୦୭/୦୮ରେ ଏହି ପୋଲ ନିର୍ମାଣ କରାଯାଇଥିଲା। ପୋଲର ଆୟୁଷ ଅନ୍ୟୂନ ୫୦ବର୍ଷ ବୋଲି ଆକଳନ କରାଯାଇଥିଲା। ମାତ୍ର ଗତ ଜୁଲାଇ ୧୮ ତାରିଖ ଭୋର୍ ସମୟରେ ପୋଲ ଭୁଶୁଡ଼ି ପଡ଼ିଥିଲା। ଏହାର କାରଣ ଜାଣିବା ପାଇଁ ଦିଲ୍ଲୀରୁ ଏକ ବିଶେଷଜ୍ଞ ଦଳ ଆସି ତଦନ୍ତ କରିଥିଲେ।

# ‘ଚାକିରି ପ୍ରଲୋଭନରେ ଚାଲିଛି ଅର୍ଥ ଶୋଷଣ’

■ ଟାଉନ୍ ଥାନାରେ ଭୁବନେଶ୍ୱରର ଯୁବତୀ ଦାଖଲ କଲେ ଅଭିଯୋଗ

■ ବଲାଙ୍ଗୀର ଯୁବ କଂଗ୍ରେସ ସଭାପତି ନାସିର ଖାନ୍ କଲେ ଯୁବତୀଙ୍କୁ ଉଦ୍ଧାର

■ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ଉଦ୍ଧାର ଯୁବତୀଙ୍କୁ ଟଙ୍କା ଫେରାଇଲେ

**ବଲାଙ୍ଗୀର, ୧୩।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ଚାକିରି ପ୍ରଲୋଭନ ଦେଖାଇ ଭୁବନେଶ୍ୱରର ଜଣେ ଯୁବତୀଙ୍କଠାରୁ ଅର୍ଥ ଶୋଷଣ ସହ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ରବିବାର ସ୍ଥାନୀୟ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ଭୁବନେଶ୍ୱରର ଇ ମୋହିନୀ ନାମକ ଜଣେ ଯୁବତୀ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବତୀଙ୍କୁ ଏକ ସଂସ୍ଥାର ହଷ୍ଟେଲରୁ ବଲାଙ୍ଗୀର ଯୁବ କଂଗ୍ରେସ ନେତା ନାସିର ଖାନ୍ ଉଦ୍ଧାର କରି ଟାଉନ୍ ଥାନାକୁ ଆଣିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ଉଦ୍ଧାର ଯୁବତୀଙ୍କୁ ତାଙ୍କ ମାତା ଓ ଭଉଣୀ ଭୁବନେଶ୍ୱର ନେଇ ଫେରିଯାଇଥିବା ଜଣାପଡ଼ିଛି। ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

ଟାଉନ୍ ଥାନାରେ ଉଦ୍ଧାର ଯୁବତୀ ମୋହିନୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ଭୁବନେଶ୍ୱରର ସୋନା ନାମକ ତାଙ୍କର ଜଣେ ସାଙ୍ଗ ପୂର୍ବରୁ ବଲାଙ୍ଗୀର ଆସି ଉକ୍ତ ସଂସ୍ଥାରେ କାମ କରୁଥିଲେ। ସେ କୁଆଡେ ମୋହିନୀଙ୍କୁ ବଲାଙ୍ଗୀର ଆସି ଉକ୍ତ ସଂସ୍ଥାରେ କାମ କରିବାକୁ କହିଥିଲେ। ମୁଲତାନୀ ଫର୍ମାସୀ ନାମକ ଉକ୍ତ କମ୍ପାନୀରେ କାମ କରିବାକୁ ପଡିବ ଏବଂ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥିବାରୁ ପରେ ସରକାରୀ ଚାକିରି ହୋଇଯିବ ବୋଲି କୁଆଡେ କହିଥିଲେ। ଏଭଳି ସୂଚନା ପାଇବା ପରେ ଯୁବତୀ ଜଣକ ପ୍ରାୟ ୬ ଦିନ ତଳେ ବଲାଙ୍ଗୀରରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଏକ ହଷ୍ଟେଲରେ ରଖାଯାଇଥିଲା। ଚାକିରୀ ପାଇଁ ଫର୍ମ ଫିଲପ୍ ବାବଦକୁ ୨ ହଜାର ଏବଂ ୧୨ ଦିନ ଟ୍ରେନିଂ, ହଷ୍ଟେଲରେ ରହିବା ଏବଂ ଖାଇବା ବାବଦକୁ ପ୍ରଥମେ ୧୨ ହଜାର ଟଙ୍କା ଦେବାକୁ ପଡିବ ବୋଲି ତାଙ୍କୁ କୁହାଯାଇଥିଲା। ମୋହିନୀଙ୍କଠାରୁ ୧୨ ହଜାର ଟଙ୍କା ଉକ୍ତ ସଂସ୍ଥା ନେବା ପରେ ତାଙ୍କୁ ସଦର ଥାନା ସମ୍ମୁଖ ଗଳିରେ ଥିବା ଏକ ଭଡା ଘର ହଷ୍ଟେଲରେ ରହିବାକୁ କୁହାଯାଇଥିଲା। ସେଠାରେ ପୂର୍ବରୁ ୩୦ଜଣ ଯୁବତୀ ଥିଲେ। ସକାଳୁ ଟ୍ରେନିଂକୁ ଯିବାକୁ ପଡୁଥିଲା। ଟ୍ରେନିଂରେ କ’ଣ ସବୁ ନୀତିନିୟମ ରହିଛି କହୁଥିଲେ। କିଭଳି ବଡ ଲୋକଙ୍କୁ ସମ୍ମାନ ଜଣାଇବେ ଜଣାଇ ତାଳି ମାରିବା ଶିଖାଉ ଥିଲେ ବୋଲି କହିଥିଲେ। ଯୁବତୀ ଜଣକ ଦୁଇଦିନ ରହିବା ପରେ ସନ୍ଦେହ କରି ନିଜ ପରିବାରବର୍ଗଙ୍କୁ ସୂଚନା ଦେବା ସହ ଯୁବ କଂଗ୍ରେସ ନେତା ନାସିର ଖାନ୍‌ଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଖାନ୍ ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରି ଟାଉନ୍ ଥାନାକୁ ଆଣିଥିଲେ। ଟାଉନ୍ ଥାନାରେ ଯୁବତୀ ଜଣକ ଅଭିଯୋଗ କରିବା ପରେ ପୋଲିସ ଗ୍ଲେଜ୍ ଇଣ୍ଡିଆ ସଂସ୍ଥା ବଲାଙ୍ଗୀର ଶାଖାର କେତେଜଣ କର୍ମଚାରୀଙ୍କୁ ଥାନାକୁ ଡାକିଥିଲେ। ଉକ୍ତ ସଂସ୍ଥାର କର୍ମଚାରୀମାନେ ଯୁବତୀଙ୍କ ସମସ୍ତ ଟଙ୍କା ଫେରସ୍ତ କରିଥିଲେ। କିଛିଦିନ ପୂର୍ବରୁ ମଧ୍ୟ ଏହି ସଂସ୍ଥାରୁ ଭୁବନେଶ୍ୱର ଅଞ୍ଚଳର ଆଉ ଏକ ଯୁବତୀଙ୍କ ଖାନ୍ ଉଦ୍ଧାର କରିଥିଲେ। ଚାକିରି ପ୍ରଲୋଭନ ଦେଖାଇ ଏଠାରେ ଅର୍ଥ ଶୋଷଣ କରାଯାଉଥିବା ଉଦ୍ଧାର ଯୁବତୀମାନେ ଅଭିଯୋଗ କରିଛନ୍ତି।




ଉଦ୍ଧାର ହୋଇଥିବା ଯୁବତୀ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**କଳିଙ୍ଗନଗର, ୧୩।୮ (ଶୁଭାଶିଷ ରାଉତ):** ଯାଜପୁର ଜିଲା ଦାନଗଦି ଫାଣ୍ଡି ସିଙ୍ଗାଗଡ଼ିଆ ଗ୍ରାମରେ ରବିବାର ସନ୍ଧ୍ୟାରେ ବଜ୍ରପାତ ଘଟିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ନିଆଳି ଅଞ୍ଚଳର ଅଙ୍ଗଦ ମହାନ୍ତି (୪୦)। ସେ ସିଙ୍ଗାଡ଼ିଆ ଗାଁରେ ରହି ନିକଟସ୍ଥ କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ।







ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ଅଗଷ୍ଟ, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିନ୍ତା ଖାଏ ଗଣ୍ଡି ,**
**ଲୁଣ ଖାଏ ହାଣ୍ଡି ;**
**ରାଜା ଖାଏ ଦଣ୍ଡି ,**
**କେଳା ଖାଏ ଭଣ୍ଡି।**

ଚିନ୍ତା ମଣିଷର ଶରୀର ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ଚିନ୍ତା କରିବସିଲେ ଶରୀର ରୋଗାକ୍ରାନ୍ତ ହୋଇପଡ଼ିଥାଏ। ଲୁଣ ମାଟିହାଣ୍ଡିକୁ ନଷ୍ଟ କରିଦେଇଥାଏ। ପ୍ରଶାସକ ଗରିବ ଗୁରୁବାଙ୍କ ଉପରେ ହୁକୁମାତି ଦେଖାଇଥାଏ। ସେହିପରି ଚାଲାକ ବା ସିଆଣିଆ ବ୍ୟକ୍ତି ଅନ୍ୟକୁ ବୋକା ବନାଇ ଫାଇଦା ଉଠାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚଉଠି ଚାନ୍ଦ**
**ବିନା ଦୋଷେ ଲାଗେ ଫାନ୍ଦ।**

ଗଣେଶ ଚତୁର୍ଥୀରେ ଚନ୍ଦ୍ରଙ୍କୁ ଚାହିଁବା ଦୋଷଯୁକ୍ତ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ତେଣୁ ଉକ୍ତ ତିଥିରେ ଚନ୍ଦ୍ରଙ୍କୁ ନ ଚାହିଁବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଶ୍ଚିମ ଓଡ଼ିଶାସ୍ତରୀୟ ଗ୍ରନ୍ଥାଗାରିକ ଦିବସ

ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)

ପୁସ୍ତକାଳୟ ତଥା ସୂଚନା ବିଜ୍ଞାନର ଜନକ ଏସ. ଆର୍. ରଙ୍ଗନାଥନଙ୍କ ଜନ୍ମ ଦିବସକୁ ସାରା ଦେଶରେ ଜାତୀୟ ଗ୍ରନ୍ଥଗାରିକ ଦିବସ ଭାବେ ପାଳନ କରାଯାଉଛି। ଏହି କ୍ରମରେ ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ପଁର୍ରାପାଟ୍ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ସ୍ତରୀୟ ଗ୍ରନ୍ଥଗାରିକ ଦିବସ ପାଳନ କରାଯାଇଛି । ଉତ୍କଳ ଗ୍ରନ୍ଥଗାରିକ ସଂଘର ବରଗଡ଼ ଜିଲା ସଂଯୋଜକ ତଥା କାଦୋବାହଲ କଲେଜର ଗ୍ରନ୍ଥଗାରିକ ଶାନ୍ତନୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧମା କଲେଜର ଗ୍ରନ୍ଥଗାରିକ ସଂଗ୍ରାମ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଗ୍ରନ୍ଥଗାରିକ ସଂଘ ସମ୍ପାଦକ ଗଣେଶ ରାଉତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଗ୍ରନ୍ଥଗାରିକଙ୍କ ବିଭିନ୍ନ ସମସ୍ୟା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ଏହି ଅବସରରେ ବରଗଡ଼ ଜିଲାର ବିଭିନ୍ନ କଲେଜର ଅବସରପ୍ରାପ୍ତ ୪ଜଣ ଗ୍ରନ୍ଥଗାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଜିଲାର ଶତାଧିକ ଗ୍ରନ୍ଥଗାରିକ ଯୋଗଦାନ କରିଥିଲେ। ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜର ଗ୍ରନ୍ଥଗାରିକ ସ୍ୱାଧୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବାହାନଗା ହିରୋଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ଅସମାପିକା ସାହୁ)

ବାହାନଗା ଟ୍ରେନ ଟ୍ରାଜେଡିରେ ଦେବଦୂତ ସାଜିଥିବା ସ୍ଥାନୀୟ ଲୋକ ଓ ଉଦ୍ଧାରାକାରୀ ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଲୋକସେବା ଭବନରେ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ, ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଏବଂ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସମାଜରେ ସେବା ଓ ବଳିଦାନକୁ ହୃଦବୋଧ କରିବାର ଦିନ। ସେବା ଓ ପରୋପକାର ସବୁଠୁ ବେଶି ଆତ୍ମସନ୍ତୋଷ ଦେଇଥାଏ। ବାହାନଗା ଟ୍ରେନ ଟ୍ରାଜେଡି ସାରା ଦେଶକୁ ଦୋହଲାଇ ଦେଇଥିଲା। ଏହି ସମୟରେ ବାହାନଗାବାସୀ ଓ ଉଦ୍ଧାରକାରୀ ଦଳ ଯେଉଁଭଳି ସେବା କରିଥିଲେ ତାହା ପ୍ରଶଂସନୀୟ। ଏଥିପାଇଁ ସମସ୍ତଙ୍କୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ସହିତ ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବାହାନଗା ରେଳ ଦୁର୍ଘଟଣାରେ ଉଦ୍ଧାର କାର୍ଯ୍ୟ ପାଇଁ ଆଗେଇ ଆସିଥିବା ଲୋକଙ୍କ ବିଷୟରେ କହିଥିଲେ। ବାଲେଶ୍ୱର ଜିଲାପାଳ ବାହାନଗା ଦୁର୍ଘଟଣା ପରର ଅନୁଭୂତି ବର୍ଣ୍ଣନା କରିଥିଲେ। ବରିଷ୍ଠ ଅଧିକାରୀ ଏବଂ ୫-ଟି ସଚିବ ସ୍ଥିତି ଉପରେ ନଜର ରଖିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ 'ଶୂନ୍ୟ ମୃତାହତ' ମଡେଲର ଅନୁପାଳନ କରାଯାଉଥିବା ସେ କହିଥିଲେ। ବାଲେଶ୍ୱର ସୋରର ଆଦର୍ଶ ଯୁବ ପରିଷଦ ସଭାପତି ପୃଥ୍ୱୀରଞ୍ଜନ ବେହେରା ଏହି ଦୁର୍ଘଟଣାର ପ୍ରଥମ ମୂକସାକ୍ଷୀ ଥିବା କହିଥିଲେ। ଏହି ଅବସରରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ୧୦୮ ଆମ୍ବୁଲାନ୍ସ, ଏମ୍ସ ଭୁବନେଶ୍ୱର, କଟକ ଏସ୍‌ସିବି ମେଡିକାଲ କଲେଜ, ଭୁବନେଶ୍ୱର ମହାନଗର ନିଗମ, ଅଗ୍ନିଶମ ସେବା, ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ, ବାଲେଶ୍ୱର ଡିଏଚ୍‌ଏଚ୍, ଉତ୍ତର ଓଡ଼ିଶା ଚାମ୍ବର ଅଫ୍ କମର୍ସ, ବିଭିନ୍ନ ସ୍ୱେଚ୍ଛାସେବୀ ଓ ଚାରିଟେବଲ ଅନୁଷ୍ଠାନ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବାହାନଗା ଟ୍ରେନ ଦୁର୍ଘଟଣା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଏକ ଟିମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

### ଅଙ୍ଗଦାନ : ୩ ପରିବାରକୁ 'ସୂରଜ' ସମ୍ମାନ


ଅଙ୍ଗଦାନ କରିଥିବା ପରିବାରର ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ 'ସୂରଜ' ସମ୍ମାନ ପ୍ରଦାନ କରୁଛନ୍ତି।

ପରେ ବିଶ୍ୱ ଅଙ୍ଗଦାନ ଦିବସ ପରିପ୍ରେକ୍ଷୀରେ 'ସୂରଜ' ସମ୍ମାନ ପ୍ରଦାନ କରାଯାଇଥିଲା। ଅଙ୍ଗଦାନ କରିଥିବା ଜଗତ୍‌ସିଂହପୁର ଜିଲାର ସ୍ୱର୍ଗତ ସୁଧାଂଶୁ ଶେଖର ଲେଙ୍କା, କଟକ ଜିଲାର ସ୍ୱର୍ଗତ ତନୁଜା କର ଓ ଭୁବନେଶ୍ୱରର ସ୍ୱର୍ଗତ ପ୍ରସନଜିତ୍ ମହାନ୍ତିଙ୍କ ପରିବାର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଏହି ସମ୍ମାନ ପ୍ରଦାନ କରିବା ସହ ଧନ୍ୟବାଦ ଜଣାଇଥିଲେ। ମୃତକଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ ମୂଲ୍ୟବାନ ମାନବ ଜୀବନ ବଞ୍ଚାଇବାକୁ ଥିଲା। ଏପରି ପ୍ରେରଣାଦାୟୀ ଏବଂ ଅନୁକରଣୀୟ ମାନବିକ କାର୍ଯ୍ୟ ନିମନ୍ତେ ସେମାନେ ସର୍ବଦା ମନେ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। 'ସୂରଜ' ପୁରସ୍କାର ବିଜେତାଙ୍କ ପରିବାର ସଦସ୍ୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହାସହ ଯାହାଙ୍କ ନାମରେ ଏହି 'ସୂରଜ' ପୁରସ୍କାର ଆରମ୍ଭ ହୋଇଥିଲା ସ୍ୱର୍ଗତ ସୂରଜ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏସ୍‌ଆରସି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସ୍ୱାଧୀନତା ଦିବସରେ ସ୍ୱତନ୍ତ୍ର ଅତିଥି ହେବେ ଓଡ଼ିଶା ଚାଷୀ

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ନୂଆଦିଲ୍ଲୀରେ ହେବାକୁ ଥିବା ୭୭ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ୧୮ଶହ ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ମତ୍ସ୍ୟଜୀବୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଏବଂ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲା ଟୁରକେଲା ବ୍ଲକ୍ ଅନ୍ତର୍ଗତ ଚାଉଳଶୁଖା ଗ୍ରାମର ମହିଳା ଚାଷୀ ରହିଛନ୍ତି। ଏମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡାକରା ଆସିଛି। ପ୍ରଥମେ ଏହି ଗ୍ରାମର ୧୦ଜଣ ମହିଳା ମିଶି ଏକ କୃଷକ ଉତ୍ପାଦକ ସଂଗଠନ ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ସଦସ୍ୟ ସଂଖ୍ୟା ୩୨୦କୁ ବୃଦ୍ଧି ପାଇଥିଲା। ନାବାର୍ଡ ମାଧ୍ୟମରେ ଏହି ସଂଗଠନ ୧୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇଥିଲେ। ପରେ ଏମାନେ କପା ଉତ୍ପାଦନ ସହ କାର୍ପାସ ସାମଗ୍ରୀ ମହାରାଷ୍ଟ୍ର ପର୍ଯ୍ୟନ୍ତ ବିକ୍ରି କରି ଯଥେଷ୍ଟ ଲାଭ ପାଇଥିଲେ। ଚଳିତବର୍ଷ ୭୭ଲକ୍ଷ ଟଙ୍କା ସଞ୍ଚୟ କରିପାରିଛନ୍ତି। ନିମନ୍ତ୍ରିତ ସଂଗଠନର ସଦସ୍ୟା ସରସତୀ ମେହେର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ବ୍ଲକ ଅନ୍ତର୍ଗତ କାଣ୍ଡାପା ଗ୍ରାମରୁ ଅନୁସୂଚିତ ଜନଜାତି ଚାଷୀ ମିନୁରା ପ୍ରଧାନ ମଧ୍ୟ ଦିଲ୍ଲୀ ଯାତ୍ରା କରିବେ।

### ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଛି ଡାକରା

ଦେଶ ସ୍ୱାଧୀନ ହେବାପରେ ପ୍ରଥମଥର ପାଇଁ ଏହି ଅଞ୍ଚଳର ଜଣେ ଚାଷୀଙ୍କୁ ନିମନ୍ତ୍ରଣ କରାଯାଇଥିବାରୁ ଅଞ୍ଚଳବାସୀ ଖୁସି ପ୍ରକାଶ କରିଛନ୍ତି। ମିନୁରା ପ୍ରଧାନ ସ୍ତ୍ରୀ ନିମନ୍ତି ପ୍ରଧାନଙ୍କ ସହ ଉତ୍ସବରେ ଯୋଗ ଦେବେ। ମିନୁରା ହଳଦୀ ଚାଷ କରି ପରିବାର ପ୍ରତିପୋଷଣ କରିବା ସହ ସେହି ଅଞ୍ଚଳର ଜଣେ ପ୍ରତିଷ୍ଠିତ ଚାଷୀ ରୂପେ ବେଶ ସୁନାମ ଅର୍ଜନ କରିଛନ୍ତି। ସେ ବର୍ତ୍ତମାନ ଦାରିଙ୍ଗିବାଡ଼ି ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ଅଧ୍ୟକ୍ଷ ଅଛନ୍ତି। ଏହି ପ୍ରଡ୍ୟୁସର ଗ୍ରୁପ୍ ଦିଲ୍ଲୀରେ ଏକାଧିକ ମେଳାରେ କନ୍ଧମାଳ ହଳଦୀ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିଥିବାବେଳେ ଗତ ଫେବୃୟାରୀରେ ଅନୁଷ୍ଠିତ ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କମ୍ପାନୀଠାରୁ ଦାରିଙ୍ଗିବାଡ଼ି କଫି କିଣିଥିଲେ।

ଅନ୍ୟପଟେ ପିପିଲି-୪ ଏସ୍ ଆର୍ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ସଦସ୍ୟମାନେ ଦିଲ୍ଲୀ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ସମ୍ମାନିତ ହେବେ। ଛତୁ ଚାଷରେ ସଫଳତା ପାଇଁ ସେମାନଙ୍କୁ ସମ୍ମାନିତ କରାଯିବ। ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ଶାନ୍ତି ମଇଦାନ ନିକଟରେ ୧୦ଜଣ ସଦସ୍ୟ ମିଶି ଏହି କମ୍ପାନୀ ପ୍ରତିଷ୍ଠା କରିଛନ୍ତି। ଏହି କମ୍ପାନୀ ମାଧ୍ୟମରେ ଆଖପାଖର ଚାଷୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଯୁବକମାନେ ପାଳ ଛତୁ ଚାଷ କରି ଭଲ ରୋଜଗାର କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି କମ୍ପାନୀର ସଦସ୍ୟମାନେ ଛତୁ ବିହନ ପ୍ରସ୍ତୁତ କରି ଚାଷୀଙ୍କୁ ଯୋଗାଇ ଆସୁଛନ୍ତି। ୨୦୦ ଗ୍ରାମର ଛତୁ ବିହନକୁ ମାତ୍ର ୧୫ ଟଙ୍କାରେ ଚାଷୀମାନଙ୍କୁ ଦିଆଯାଇଥାଏ। ଏଥିସହ ଚାଷୀମାନେ କିଭଳି ଏଥିରେ ଲାଭବାନ ହେବେ ସେଥିପାଇଁ ମଧ୍ୟ କମ୍ପାନୀ ପ୍ରଶିକ୍ଷଣ ଦେଉଛି। ସ୍ୱାଧୀନତା ଦିବସ ଉତ୍ସବ ଲାଗି ନିମନ୍ତ୍ରିତ କରାଯାଇଥିବାରୁ କମ୍ପାନୀର ସଦସ୍ୟ ସଞ୍ଜିତ କୁମାର ମହାନ୍ତି ଓ ଅଶିନୀ କୁମାର ପାଣ୍ଡେ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ପ୍ରଥମ ପୃଷ୍ଠାରୁ...

## ଡେଙ୍ଗୁ ସଂକ୍ରମଣରେ...

ଚିହ୍ନଟ ହୋଇଥିଲେ। ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ସହରରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ବଢୁଥିବାରୁ ବର୍ତ୍ତମାନ ହସ୍ପିଟାଲ ଉପରେ ଚାପ ବଢିବାରେ ଲାଗିଛି। ଏପରିକି ଡେଙ୍ଗୁ ରୋଗୀ ବେଡ୍ ବଦଳରେ ତଳେ ଶୋଇବାକୁ ପଡୁଥିବା ଦେଖିବାକୁ ମିଳୁଛି। ତେବେ ମୌସୁମୀ ଆରମ୍ଭରୁ ବିଭାଗ ପକ୍ଷରୁ ଡେଙ୍ଗୁ ନିରାକରଣ ନିମନ୍ତେ ରାଜ୍ୟର ୫ ମହାନଗର ନିଗମ ସହିତ ବୈଠକ ଓ ସବୁ ଜିଲାର ସିଡିଏମ୍‌ଓଙ୍କ ସହ ସମୀକ୍ଷା କରାଯାଇ ବ୍ୟାପକ ସଚେତନତା ଓ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଡେଙ୍ଗୁ ଉପରେ ଅଙ୍କୁଶ ଲାଗିପାରୁନାହିଁ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ଡେଙ୍ଗୁରେ ଅଧିକ ରୋଗୀ ଆରୋଗ୍ୟ ଲାଭ କରୁଥିବାବେଳେ କାହାର ମୃତ୍ୟୁ ହୋଇନାହିଁ। ଲୋକମାନେ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଜିଲା ଚିକିତ୍ସାଳୟରେ ଅଧିକ ସଂଖ୍ୟକ ଡେଙ୍ଗୁ ବେଡ୍ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଦିଲୀପ ପଣ୍ଡା କହିଛନ୍ତି, ରାଜଧାନୀରେ ଅଧିକାଂଶ ଡେଙ୍ଗୁ ରୋଗୀ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏହାଦ୍ୱାରା ହସ୍ପଟାଲ ଉପରେ ଚାପ ରହୁଛି। ଅଗଷ୍ଟ ୫ରୁ ୧୧ ମଧ୍ୟରେ ଏହି ହସ୍ପିଟାଲରେ ୨ ହଜାର ୪୦୫ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ୪୦୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ହସ୍ପିଟାଲରେ ଦୈନିକ ୧୦ରୁ ୧୨ ଜଣ ଡେଙ୍ଗୁ ରୋଗୀ ଆଡମିଶନ ହେଉଥିବାବେଳେ ଏବେ ୪୨ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଲୋକେ ସଚେତନ ନ ହେଲେ ଆଗକୁ ସଂଖ୍ୟା ବଢିପାରେ ବୋଲି ସେ ସତର୍କ କରାଇଛନ୍ତି।

## ଓଡ଼ିଶାରେ ମେଣ୍ଟ ...

ସହିତ ମେଣ୍ଟ ହେବ ନାହିଁ ବୋଲି କହିଥିଲେ। ମନ୍ତ୍ରୀ ଭୂପିନ୍ଦର କହିଥିଲେ, ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଓଡ଼ିଶାରେ କୌଣସି ମେଣ୍ଟ କରିବ ନାହିଁ। ଦଳ ଏକାକୀ ଲଢିବ। ଆମେ ନିଜ ଦମ୍‌ରେ ରାଜ୍ୟରେ ସରକାର ଗଢ଼ିବାରେ ସକ୍ଷମ ହେବୁ। ସେହିପରି ମନମୋହନ କହିଥିଲେ, ଓଡ଼ିଶାରେ କୌଣସି ମେଣ୍ଟ ହେବନାହିଁ। ଭାଜପା ଏକାକୀ ୧୪୭ଟି ବିଧାନସଭା ଓ ୨୧ଟି ଲୋକ ସଭା ଆସନରେ ଲଢ଼ିବ। ଭାଜପା ଏକ ଅନ୍ତରୀଣ ସର୍ଭେ କରିଥିଲା, ଜୁଲାଇରେ ଭାଜପା ରାଜ୍ୟରେ ଆଗରେ ଥିଲା। ଅଗଷ୍ଟରେ ବି ଆଗରେ ରହିବୁ। ରାଜ୍ୟବାସୀଙ୍କ ମତ ଆମ ସପକ୍ଷରେ ଅଛି ବୋଲି ସେ କହିଥିଲେ।

### ପ୍ରଥମ ପୃଷ୍ଠାରୁ...

## ୯ ମାସର ଝିଅକୁ...

ସମ୍ମୁଖରେ ଶିଶୁକନ୍ୟାଙ୍କୁ ଧରି ପ୍ରକାଶ ନଦୀକୁ ଡେଇଁପଡିଥିଲେ। ଏହା ଦେଖି ଦୀପାଳି ଚିତ୍କାର କରିବା ସହ ନଦୀକୁ ମଧ୍ୟ ଡେଇଁପଡିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। କିଛି ସମୟ ପରେ ଶିଶୁକନ୍ୟାଙ୍କୁ ମଧ୍ୟ ପାଣିରୁ ଉଦ୍ଧାର କରାଯାଇଥିଲା। ହେଲେ ପ୍ରକାଶ ପାଣିର ସ୍ରୋତରେ ନିଖୋଜ ହୋଇଯାଇଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ବାରଙ୍ଗ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଦୀର୍ଘ ସମୟ ଧରି ପାଣିରେ ଖୋଜାଖୋଜି କରିଥିଲେ ପ୍ରକାଶଙ୍କୁ ପାଇ ନ ଥିଲେ। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ରବିବାର ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ସୋମବାର ପୁଣି ଉଦ୍ଧାର କାର୍ଯ୍ୟ ଜାରିରହିବ। ଅପରପକ୍ଷରେ ଶିଶୁକନ୍ୟାଙ୍କୁ ଚିକିତ୍ସା ପାଇଁ କଟକ ଶିଶୁଭବନରେ ଭର୍ତ୍ତି କରାଯାଇଛି। ଏନେଇ ଶିଶୁଭବନ ଅଧୀକ୍ଷକ ପି.କେ. ଜେନା କହିଛନ୍ତି, ଶିଶୁକନ୍ୟାର ଚିକିତ୍ସା କରାଯାଉଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।


ନିଖୋଜ ପ୍ରକାଶ ଚନ୍ଦ୍ର ପ୍ରଧାନ


ଅଗ୍ନିଶମ କର୍ମଚାରୀ ପାଣିରେ ଖୋଜାଖୋଜି କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜକୁ କେତେଦିନ ହେଲା ମନେମନେ ଯାହା ଭାବୁଥିଲେ ତାହା ସୁବିଧାରେ ପାଇଯିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କଠୋର ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** - ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବନ୍ଧୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ,ନହୁବା ହଜିଯିବାର ସମ୍ଭାବନା ରହିଛି। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ** - ବହୁତ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ସହକର୍ମୀମାନଙ୍କ ସାହାଯ୍ୟ, ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** - ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** - ପରିସ୍ଥିତିର କ୍ରୁର ତାଡ଼ନାରେ ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ।

**କନ୍ୟା** - ପୂର୍ବ ପ୍ରସ୍ତୁତି ନ ଥାଇ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇବେ। ସହକର୍ମୀଙ୍କଠାରୁ ଅର୍ଥ ସାହାଯ୍ୟ ପାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲି ମକଦ୍ଦମା, ତର୍କବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** - ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ରାଜନୀତି, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥଲାଭ ଓ ବନ୍ଧୁ ମିଳନ ଅବଶ୍ୟ ଘଟିବ।

**ବିଛା** - ଦୀର୍ଘ ଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ପ୍ରଶଂସିତ ହେବେ।

**ଧନୁ** - ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଜି ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରନ୍ତୁ। ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢ଼ାଇ ଦେଇ ପାରନ୍ତି।

**ମକର** - ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବ ଓ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** - ବହୁ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** - ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। କିନ୍ତୁ ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଶ୍ରାବଣ(ମଳ) କୃଷ୍ଣପକ୍ଷ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ସୋମବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଗଷ୍ଟ ୧୪ ତାରିଖ, ବିଭାଜନ ବିଭୀଷିକା ସ୍ମୃତି ଦିବସ, ରାଶିନକ୍ଷତ୍ର, ଦିବା ଘ.୧୧।୦୭ ମି. ପର୍ଯ୍ୟନ୍ତ ପୁନର୍ବସୁ/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ, ଘ.୦୧।୦୭ ମଧ୍ୟେ, ଘ.୦୪।୩୭ ଗତେ, ଘ.୦୫।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୫ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।



ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ମରିଚୀକୋଟ ଛକ ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ସ୍ୱାଭାବିକ ହେଉଛି ମୌସୁମୀ, ୧୫ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)**

ରାଜ୍ୟରେ ମୌସୁମୀ ନିମ୍ନଚାପ ରେଖା ସାଧାରଣ ଅବସ୍ଥାନଠାରୁ ଉତ୍ତର ଭାଗରେ ରହୁଛି। ତେଣୁ ରାଜ୍ୟରେ ଏହାର ବିଶେଷ ପ୍ରଭାବ ରହୁନାହିଁ। ପଶ୍ଚିମ ଭାଗ ହିମାଳୟ ପାଦଦେଶରେ ରହୁଥିବାବେଳେ ପୂର୍ବ ଭାଗ ଉତ୍ତର ପ୍ରଦେଶ ଦେଇ ବ୍ୟାପିଛି। ଏପଟେ ଏକ ଘୂର୍ଣ୍ଣିବଳୟ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ୩.୧ କିମି ଉପରେ ସକ୍ରିୟ ରହିଥିବାରୁ ରାଜ୍ୟରେ ଘଡଘଡ଼ି ସହ ବର୍ଷା ଜାରି ରହିଛି। ତେବେ ଧୀରେ ଧୀରେ ମୌସୁମୀ ସ୍ୱାଭାବିକ ସ୍ଥିତିକୁ ଫେରିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ୧୫ ତାରିଖରୁ ବର୍ଷା ପରିମାଣ ବଢ଼ିବ ଓ ଚାଷ କାର୍ଯ୍ୟ ଆଗେଇବ ବୋଲି ଆଶା କରାଯାଉଛି।

ଏପଟେ ରବିବାର ବଲାଙ୍ଗୀର ଜିଲାରେ ସର୍ବାଧିକ ୩୬.୦ ମିମି ଓ କଟକ ଜିଲାରେ ୩୩.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଏହାପଛକୁ ସୋନପୁରରେ ୨୦.୬ ମିମି, ହୀରାକୁଦରେ ୧୯.୮ ମିମି, ନୟାଗଡ଼ରେ ୧୧.୦ ମିମି, ଭଦ୍ରକରେ ୯.୮ ମିମି ବର୍ଷା ହୋଇଛି। ତେବେ ସୋମବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହେବାକୁ ଥିବାବେଳେ ଅଧା ଓଡ଼ିଶାକୁ ୟେଲୋ ୱାର୍ନିଂ ରହିଛି। ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ଢେଙ୍କାନାଳ, ସୁନ୍ଦରଗଡ଼ ଓ ଅନୁଗୋଳ ଆଦି ୧୫ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସଂପୃକ୍ତ ଜିଲାଗୁଡ଼ିକୁ

## ଆଜି ୧୫ ଜିଲାକୁ ୟେଲୋ ୱାର୍ନିଂ

ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ମଙ୍ଗଳବାର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ଲଗାଣ ବର୍ଷା ଫିକା କରିପାରେ ବୋଲି ଆଶଙ୍କା କରାଯାଉଛି। ଉକ୍ତଦିନ ଉତ୍ତର ଓଡ଼ିଶାର ଅଧିକାଂଶ ଅଞ୍ଚଳ ସମେତ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ବିଶେଷକରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବିସ୍ତୃତ ଭାବେ ବୃଦ୍ଧି ପାଇବ। ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୁରଭଞ୍ଜ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, କଟକ, ଯାଜପୁର, କେନ୍ଦ୍ରାପଡ଼ା ଓ ବୌଦ୍ଧ ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୭ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶା ସହ ଉପକୂଳବର୍ତ୍ତୀ ଓଡ଼ିଶାରେ ମଧ୍ୟମ ଧରଣ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ସୂଚନା ରହିଛି। ତେବେ ୧୮ ତାରିଖ ବେଳକୁ ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୧୩ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ରହିଛି।

# ୩ ବିଲ୍ ଉପରେ ବିସ୍ତୃତ ବିଚାରବିମର୍ଶ ପାଇଁ କଂଗ୍ରେସର ଆହ୍ୱାନ

## ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଉଦ୍ୟମ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି କେନ୍ଦ୍ର ସରକାର ଲୋକ ସଭାରେ ଆଗତ କରିଥିବା ୩ ବିଲ୍ ଉପରେ ବ୍ୟାପକ ବିଚାର ବିମର୍ଶ କରିବା ଲାଗି କଂଗ୍ରେସ ରବିବାର ଆହ୍ୱାନ ଦେଇଛି। ଏଥିରେ ସାଧାରଣ ଜନତାଙ୍କ ସହ ବିଶେଷଜ୍ଞମାନଙ୍କୁ ସାମିଲ କରିବାକୁ ଦଳ କହିଛି। ନରେନ୍ଦ୍ର ମୋଦି ସରକାର ସର୍ବସାଧାରଣଙ୍କ ସହ ପରାମର୍ଶ ନ କରି କିମ୍ବା ଆଇନ ବିଶେଷଜ୍ଞମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ ନ କରି ଗତ ୧୧ ତାରିଖରେ ଲୋକ ସଭାରେ ହଠାତ୍ ୩ଟି ବିଲ୍ ଆଗତ କରିଥିଲେ। ଦେଶର ଆପରାଧିକ ଆଇନ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ କରି ସମ୍ପୂର୍ଣ୍ଣ ନୂଆ ଆଇନ ପ୍ରଣୟନ କରିବା ଲାଗି ଏଭଳି ଗୁପ୍ତ ତଥା ଅସ୍ୱଚ୍ଛ ଉଦ୍ୟମ ହେଉଥିବା କଂଗ୍ରେସ ନେତା ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଆପରାଧିକ ଆଇନ ଢାଞ୍ଚାରେ ଏଭଳି ପରିବର୍ତ୍ତନ ସଂସ୍କାରର ସାଧାରଣ ଉଦ୍ଦେଶ୍ୟ ପୂରଣ କରିବ ନାହିଁ ବୋଲି ସେ କହିଛନ୍ତି।

ଭାରତୀୟ ନ୍ୟାୟ ସଂହିତା ବିଲ୍ ଅସାମ୍ବିଧାନିକ ବୋଲି ପୂର୍ବତନ ଆଇନ ମନ୍ତ୍ରୀ କପିଲ ସିବଲ କହିଛନ୍ତି। ସରକାର ଉପନିବେଶୀୟ ଯୁଗର ଆଇନରେ ପରିବର୍ତ୍ତନ ଆଣିବେ ବୋଲି କହୁଥିଲାବେଳେ ବାସ୍ତବରେ ଏହାଦ୍ୱାରା ଏକଚ୍ଛତ୍ରବାଦ ଆଣିବା ପାଇଁ ଚାହୁଁଛନ୍ତି। ଉପରୋକ୍ତ ୩ ବିଲ୍‌କୁ ପ୍ରତ୍ୟାହାର କରିନେବା ପାଇଁ ସିବଲ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

# ସମ୍ବଲପୁରୀ ଭାଷାରେ ରାମାୟଣ କଥା

**ସମ୍ବଲପୁର, ୧୩।୮ (ଶୁଭାଶିଷ ପାଢ଼ୀ)**

## ୭ ବର୍ଷର ପରିଶ୍ରମ ସଫଳ ହେଲା

ସମ୍ବଲପୁରୀ ଭାଷାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଚାରପ୍ରସାର କରିବା ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସମ୍ବଲପୁରୀ କପଡା, ବସ୍ତ୍ର ଦେଶବିଦେଶରେ ସୁନାମ ଅର୍ଜନ କରି ଚାହିଦା ବୃଦ୍ଧି ପାଇଛି। ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଦିଆଯାଉ ବୋଲି ବାରମ୍ବାର ଦାବି ହୋଇ ଆସୁଛି। ସମ୍ବଲପୁରୀ ଭାଷାର ପ୍ରସାର ପାଇଁ ଏବେ ଏହି ଭାଷାରେ ରାମାୟଣ କଥା ପ୍ରକାଶ ପାଇଛି। ପ୍ରଥମ କରି ଲେଖାଯାଇଥିବା ରାମାୟଣ କଥା ପୁସ୍ତକକୁ ସମ୍ବଲପୁର ବୃନ୍ଦାହିଲ ରାମ ମନ୍ଦିର ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରବିବାର ଉନ୍ମୋଚନ କରାଯାଇଥିଲା। ଏହାର ପ୍ରଥମ ଓ ଦ୍ୱିତୀୟ ଭାଗ ରହିଛି। ପ୍ରଭୁ ରାମଚନ୍ଦ୍ରଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ପରେ ଉନ୍ମୋଚନ ହୋଇଥିଲା। ବରଗଡ଼ ଜିଲା ବାଲିକୁଣ୍ଡା ଗ୍ରାମର ଅମିନ କୁମାର ପାଢ଼ୀ ଏହି ରାମାୟଣ କଥା ଲେଖିଥିବା ବେଳେ ଏହା ସମ୍ବଲପୁରୀ ଭାଷାରେ ପ୍ରଥମ ବୋଲି ସେ କହିଛନ୍ତି। ଏହି ସମ୍ବଲପୁରୀ ରାମାୟଣ କଥାରେ ରାମାୟଣକୁ ଗଳ୍ପ ତଥା ଅତି ସରଳ ଭାବରେ ଲେଖାଯାଇଛି। ପଢିବାରେ ସୁବିଧା ହେବ ଓ ସଭିଏଁ ବୁଝିପାରିବେ। ପୁସ୍ତକର ଲେଖକ ପାଢ଼ୀ, ରାମ ମନ୍ଦିର ପରିଚାଳନା କମିଟି ସଭାପତି ଦୁର୍ଗାମାଧବ ମିଶ୍ର, ସମ୍ପାଦକ ରାଜୀବ ଶତପଥି, ମହିଳା ସତସଙ୍ଗର ମିନତି ଦୀପ, ମନୋରମା ବିଶ୍ୱାଳ ପ୍ରମୁଖ ପୁସ୍ତକ ଉନ୍ମୋଚନ



ସମ୍ବଲପୁରୀ ଭାଷାରେ ରାମାୟଣ କଥା ପୁସ୍ତକ ଉନ୍ମୋଚନ କରାଯାଉଛି।

କରିଥିଲେ। ଏହି ଅବସରରେ ମିନତି ଦୀପ, ମନୋରମା ବିଶ୍ୱାଳଙ୍କ ପରିଚାଳନାରେ ଭଜନ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ସହରର ବହୁ ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି, ମନ୍ଦିର ପରିଚାଳନା କମିଟିର ସଭ୍ୟ ଓ ରାମ ଭକ୍ତମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସମ୍ବଲପୁରୀ ଲେଖକ ଅମିନ କୁମାର କହିଛନ୍ତି ଯେ, ପୂର୍ବରୁ ସମ୍ବଲପୁରୀ ଭାଷାରେ ରାମାୟଣ ଲେଖା ନ ଥିଲା । ବଡଭାଇ କୃଷ୍ଣଚନ୍ଦ୍ର ଲେଖିବା ପାଇଁ ପ୍ରେରଣ ଦେଇଥିଲେ ଓ ଆରମ୍ଭ କରିଥିଲେ। ସମ୍ବଲପୁରୀ ଭାଷାରେ ରାମାୟଣ ଲେଖିଲେ ଭାଷାର ପ୍ରଚାର ହେବା ସହ ଲୋକମାନେ ସହଜରେ ବୁଝିପାରିବେ ବୋଲି କହିଥିଲେ। ଭାଷାର ମଧୁରତା ସହ ଲେଖାରେ ସାଳିନତା ପାଠକଙ୍କୁ ଆକୃଷ୍ଟ କରିବ। ପ୍ରାୟ ୭ ବର୍ଷ ଧରି ପରିଶ୍ରମ କରିବା ପରେ ସମ୍ପୂର୍ଣ୍ଣ ହୋଇଛି। ପୂର୍ବରୁ କୈକେଇ ଚରିତ୍ର, ମହାବୀର ହନୁମାନ, ରାମନାମ ମହିମା, ସୂର୍ଯ୍ୟପୁତ୍ର ମହାଦାନୀ କର୍ଣ୍ଣ ମଧ ଲେଖିଛନ୍ତି। ଲୋକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା ରହିଛି ବୋଲି ସେ କହିଥିଲେ।

# କଳାବ୍ୟାଜ୍ ପରିଧାନ କରି ପିଇଓଙ୍କ ପ୍ରତିବାଦ

## ଦାବି ପୂରଣ ନ ହେଲେ ୧୮ରେ ଆନ୍ଦୋଳନ




ଖବରଦାତା ସମ୍ମିଳନୀରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କର୍ମକର୍ତ୍ତା ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)**

ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ୩ ବା ସ୍ନାତକ) କରିବା ଓ ବେତନ ବୃଦ୍ଧି ପାଇଁ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାର ସଂଘ ପକ୍ଷରୁ ଦାବି ହୋଇଛି। ଏହାସହ ଦଶବର୍ଷ ଚାକିରି ପୂରଣ କରିଥିବା ସମସ୍ତ ପିଇଓଙ୍କ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟିକରି ଅବସ୍ଥାପିତ କରାଯାଉ। ସେହିପରି ଜିପିଡିଓ ପଦବୀକୁ ଶତ ପ୍ରତିଶତ ପଦୋନ୍ନତିର ବ୍ୟବସ୍ଥା କରିବା ଏବଂ ଓପିଆର୍‌ଏସ୍ କ୍ୟାଡରରେ ପିଇଓମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ସଂଘ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଉପରୋକ୍ତ ଦାବି ପୂରଣ ପାଇଁ ଅଗଷ୍ଟ ୭ରୁ ଓଡିଶାର ସମସ୍ତ ପିଇଓ ନିଜ ନିଜର କାର୍ଯ୍ୟ କ୍ଷେତ୍ରରେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି। ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରହିବ। ଏହା ମଧ୍ୟରେ ସରକାର ସେମାନଙ୍କ ଦାବି ପୂରଣ ନ କଲେ ୧୮ ତାରିଖଠାରୁ ପିଇଓମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପାଠକୀୟ ପ୍ରତିକ୍ରିୟାଠୁ ବଡ଼ ପୁରସ୍କାର କିଛି ନାହିଁ

**ପେସା ଶିକ୍ଷକତା, ହେଲେ ନିଶା ତାଙ୍କର ସାହିତ୍ୟ। ପିଲାଟି ଦିନରୁ କବିତା ଲେଖିବା ଆରମ୍ଭ କରିଥିଲେ, ଏବେ ସେ ଜଣେ ସଫଳ ଯୁବ ଲେଖକ। ସେ ହେଉଛନ୍ତି ବଲାଙ୍ଗୀର ଜିଲାର ସାଲେଭଟା ଗ୍ରାମରେ ଜନ୍ମଗ୍ରହଣ କରିଥିବା ସୁଜିତ୍ କୁମାର ଶତପଥୀ। ଏଥିସହ ସେ ମଧ ଜଣେ ଆକାଶବାଣୀ କଳାକାର। ୨୦୧୧ରୁ ୨୦୧୯ ପର୍ଯ୍ୟନ୍ତ ଯୁବବାଣୀରେ ଉପସ୍ଥାପକ ଭାବେ କାର୍ଯ୍ୟ କରିଥିଲେ। ଏବେ ସେ ଜଣେ ଯୁବ ଲେଖକ ତଥା କବି ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ୨୦୧୫ରେ ସୁଜିତ୍‌ଙ୍କର ପ୍ରଥମ କବିତା ସଙ୍କଳନ 'ଇଚ୍ଛାଭାଟି' ପ୍ରକାଶିତ ହୋଇଥିଲା। ପରେ ଚତୁର୍ଥ ପୁରୁଷ, ଶବ୍ଦରେ ଶବ୍ଦରେ, ଛୁଟି ଦେବା ସମୟକୁ, ନୁରା ଆଦି କବିତା ସଙ୍କଳନ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ଏଥିପାଇଁ ଅନେକ ପୁରସ୍କାର ହାସଲ କରିଥିବା ସୁଜିତ୍‌ଙ୍କ ସହ ଏଥରର ଧରିତ୍ରୀ ଆଳାପ।**

**– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ**

## ଧରିତ୍ରୀ ଆଳାପ



ସୁଜିତ୍ କୁମାର ଶତପଥୀ

**ସାହିତ୍ୟ ଯାତ୍ରା କେବେଠୁ ଆରମ୍ଭ ହୋଇଥିଲା?**

■ ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ କବିତା ଲେଖା ଆରମ୍ଭ କରିଥିଲି। ସେତେବେଳେ ପାଠ୍ୟପୁସ୍ତକରେ ଥିବା କବିତା, ଗଳ୍ପ ପଢ଼ିବାକୁ ଭଲ ଲାଗୁଥିଲା। ଆମ ଗାଁରେ ମଧ ସାହିତ୍ୟ କ୍ଷେତ୍ରରେ ମୋର ଜଣେ ଅଗ୍ରଜ ଜ୍ୟୋତିରଞ୍ଜନ ମିଶ୍ର ଥିଲେ। ଗୋଟିଏ ପତ୍ରିକାରେ ତାଙ୍କର ସାକ୍ଷାତ୍‌କାରଟିଏ ଆସିଥିଲା। ସେଥିରେ ତାଙ୍କ ଫଟୋ, ଗାଁ ନାମ, ବାପା, ମାଙ୍କ ନାମ ସବୁ ଉଲ୍ଲେଖ ଥିଲା। ଏହା ଦେଖି ମୋ ମନରେ ଈର୍ଷା ଆସିଥିଲା। ପତ୍ରପତ୍ରିକାରେ ଏପରି ମୋର କେମିତି ବାହାରିବ, ତାହାକୁ ନେଇ ଅନେକ ଦିନ ଘାରି ହୋଇଥିଲି। ଦିନେ ଏମିତି ସମୟ ଆସିଲା। ବାହୁଡ଼ା ଯାତ୍ରାରେ ବର୍ଷା ଜୋର୍ ହେଉଥିଲା। ଜଗନ୍ନାଥଙ୍କୁ ଛତା ଘୋଡ଼ା ହୋଇ ରଥ ପର୍ଯ୍ୟନ୍ତ ନିଆଗଲା। ବର୍ଷା ପାଇଁ ଜଗତର ନାଥ ମଧ ବିବଶ ହୋଇଥିଲେ। ଏହାକୁ ନେଇ ମୁଁ ମୋର ପ୍ରଥମ କବିତା 'ଭକ୍ତି ଝଙ୍କାର' ଲେଖିଥିଲି।

**ପ୍ରଥମ ପ୍ରକାଶିତ କବିତା ପୁସ୍ତକର ଅନୁଭୂତି କିପରି ଥିଲା?**

■ ୨୦୧୫ରେ ପ୍ରଥମ କବିତା ପୁସ୍ତକ 'ଇଚ୍ଛାଭାଟି' କେନ୍ଦ୍ର ସାହିତ୍ୟ ଏକାଡେମୀ ନବୋଦୟ ଯୋଜନାରେ ପ୍ରକାଶିତ ହୋଇଥିଲା। ଏହି ସମୟର ଅନୁଭୂତି ଅନନ୍ୟ ଥିଲା। ପ୍ରକାଶନକୁ ନେଇ ମୁଁ ମାନସିକ ଅବସାଦରେ ଥିଲି। କାରଣ ଏହାର ଚୟନ ପ୍ରକ୍ରିୟା ଲମ୍ବା ସମୟ ପର୍ଯ୍ୟନ୍ତ ଚାଲେ। ପାଖାପାଖି ବର୍ଷେ ପରେ ଏକାଡେମୀ ପାଖରୁ ଚିଠି ପାଇଥିଲି। କିନ୍ତୁ ମୋ ପାଖେ ବହିଟି ପହଞ୍ଚି ପାରୁ ନ ଥିଲା। ବହିକୁ ଅପେକ୍ଷା କରି ଏମିତି ଭାବେ ଥାଏ ଯେ, କେହି କବାଟ ବାଡ଼େଇଲେ, ମୋତେ ଲାଗେ ମୋ ବହିଟି ଆସିଗଲା। ହେଲେ ୨ ମାସ ପରେ ମୋ କବିତା ପୁସ୍ତକକୁ ପାଇଥିଲି। ସେହି ୨ ମାସ ୨ବର୍ଷ ପରି ଲାଗିଥିଲା।

**ବିଜ୍ଞାନ ଶିକ୍ଷକ ଓ ସାହିତ୍ୟିକ – କେଉଁ ପରିଚୟ ବେଶି ଖୁସି ଦିଏ?**

■ ଜୀବନକୁ ନେଇ ଆମେ ଯାହା କିଛି ବି କରିପାରିବା। ବୃତ୍ତିରେ ବିଜ୍ଞାନ ଶିକ୍ଷକ ହେଲେ ବି ସାହିତ୍ୟରେ ରହିଛି ଆଗ୍ରହ। ବିଜ୍ଞାନ ଓ ସାହିତ୍ୟକୁ ମୁଁ ମୋ ଜୀବନରେ ବେଶି ପ୍ରୟୋଗ କରିଥାଏ। ମୋ କବିତାରେ ବିଜ୍ଞାନର ଝଲକ ରହିଥାଏ। ସେହିପରି ସ୍କୁଲରେ ବିଜ୍ଞାନରେ ଯଦି କିଛି ପ୍ରାକୃତିକ ସମ୍ପଦକୁ ନେଇ ପଢ଼ାଇଲି, ସେତେବେଳେ ସଚ୍ଚି ରାଉତରାୟଙ୍କ ଛୋଟ ମୋର ଗାଁ କବିତାଟି ମନରୁ ଆସିଯାଏ। ତେଣୁ ଉଭୟକୁ ଭିନ୍ନ ବୋଲି ଭାବେନି। ସମାନ୍ତର ଭାବେ ନେଇ କି ଚାଲେ। କିନ୍ତୁ ସାହିତ୍ୟିକ ହିସାବରେ ଅଧିକ ପରିଚୟ ମିଳିଛି।

**ସମାଜ ଓ ସାହିତ୍ୟ ସମ୍ପର୍କରେ କ'ଣ କହିବେ?**

■ ସାହିତ୍ୟ ଓ ସମାଜ ପରିପୂରକ। ମହାଭାରତ, ରାମାୟଣ ଆମର ଇତିହାସ। ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ସେସବୁ ସାହିତ୍ୟ ମଧ। ସେହି ସାହିତ୍ୟକୁ ନେଇ ଆଜି ଜୀବନ ଓ ସମାଜର ପରିକଳ୍ପନା କରୁଛୁ। ସେଥିରୁ ଆମେ ଅନୁମାନ କରିପାରିବା ଯେ ଆମର ସାହିତ୍ୟ ନିହାତି ଭାବେ ଆମ ସମାଜକୁ ସୁଧାରୁଛି ଓ ଗଠନ ମଧ କରୁଛି। ଯଦି ସେ ସାହିତ୍ୟ ନ ଥାନ୍ତା ଆମେ ଆଜି ଯାହା କଥା ହେଉଛୁ, ଭାଷା ବ୍ୟବହାର କରୁଛୁ ବା ଭାବର ଆଦାନ ପ୍ରଦାନ କରୁଛୁ, ହୁଏତ ସେସବୁ ନ ଥା'ନ୍ତା।

**ସାହିତ୍ୟର ପ୍ରଚାରପ୍ରସାରରେ ସାମାଜିକ ଗଣମାଧ୍ୟମ କେତେ ଗୁରୁତ୍ୱପୂର୍ଣ୍ଣ?**

■ ସାମାଜିକ ଗଣମାଧ୍ୟମ ହେଉ କି ଆଉ କେଉଁ କ୍ଷେତ୍ର, ସବୁଠି ଶୃଙ୍ଖଳିତ ବ୍ୟବହାର ଗ୍ରହଣୀୟ। ସାମାଜିକ ଗଣମାଧ୍ୟମରେ ଆମେ ଅନେକ କବିତା ଓ ଗଳ୍ପ ଦେଖୁଛୁ। ତା' ଭିତରେ କେତୋଟି ପଢ଼ି ପାରୁଛୁ, ଆଉ କିଛି ନୁହେଁ। ଜଣେ ଯଦି ଲେଖା ଆରମ୍ଭ କରୁଛି ପ୍ରଥମେ ସେ ଅନ୍ୟକୁ ପଢିବା ଦରକାର। ଆଉ ପଢ଼ିବା ଯେତିକି ଜରୁରୀ, ଆଜିର ଚଳନ୍ତି ସମୟ ପ୍ରତି ସଚେତନ ହେବା ସେତିକି ଜରୁରୀ। ଯଦି ସାମାଜିକ ଗଣମାଧ୍ୟମକୁ ଧୈର୍ଯ୍ୟହରା ହୋଇ ବ୍ୟବହାର କରିବା, ତାହା ଜୀବନ ହେଉ କି ସାହିତ୍ୟ, ଉଭୟ ହିଁ ତା'ର ନାନ୍ଦନିକତା ହରାଇବ।

**ସାହିତ୍ୟ ଓ ପୁରସ୍କାରକୁ ନେଇ କାହିଁକି ଏତେ ବିବାଦ?**

■ ଠିକ୍ ନୁହେଁ। କବି କି ଲେଖକ ହେବା ପୂର୍ବରୁ ଆମେ ଜଣେ ମଣିଷ। ମଣିଷର ମାନବୀୟ ସମ୍ବେଦନତା ଅଛି। ତ ପୁରସ୍କାର ପାଇବା ପାଇଁ ସମସ୍ତେ ହକ୍‌ଦାର। କିନ୍ତୁ ପୁରସ୍କାର ପ୍ରତି ବେଶି ଲାଳାୟିତ ହେବା ଉଚିତ ନୁହେଁ। ସ୍ଥିତପ୍ରଜ୍ଞର ଯେମିତି ଏକ ସଂଜ୍ଞା ରହିଛି, ଦୁଃଖରେ କାତର ନ ହେବା ଓ ସୁଖରେ ଅଧୀର ନ ହେବା। ପୁରସ୍କାର କେବଳ ପ୍ରୋତ୍ସାହିତ କରେ। ଦିନେ, ଦୁଇଦିନ ଗଣମାଧ୍ୟମରେ ଚର୍ଚ୍ଚା ହେବ। ତା'ପରେ କିଏ କୁଆଡ଼େ ଭୁଲିଯିବେ ଯେ, ଆପଣ କେବେ ପୁରସ୍କାର ପାଇଥିଲେ ବୋଲି। କିନ୍ତୁ ଯେଉଁ ପାଠକୀୟ ପ୍ରତିକ୍ରିୟା ପାଇଥିବେ ତାହା ସବୁଦିନ ମନେ ରହିବ।

**ପାଠକୀୟ ପ୍ରତିକ୍ରିୟାରେ କିଛି ଅଭୁଲା ମୁହୂର୍ତ୍ତ?**

■ ଥରେ ଜଣେ ତରୁଣୀ ହସ୍ପିଟାଲରେ ଜୀବନ-ମୃତ୍ୟୁ ସହ ସଂଘର୍ଷ କରୁଥିଲେ। ସେ ତାଙ୍କ ବାପାଙ୍କୁ ଲଗାଇ ମୋତେ ଫୋନ୍ କରିଥିଲେ। ମୋ କବିତା 'ଜୀବନତତ୍ତ୍ୱ'କୁ ସେ ପଢ଼ିଥିଲେ। ସେ ଫୋନ୍ କରି କବିତାଟି ମୋ ମୁହଁରୁ ଶୁଣିବାକୁ ଇଚ୍ଛା ପ୍ରକାଶ କରିଥିଲେ। ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲି। ମୋ କବିତା ଏତେ ମାତ୍ରାରେ ପ୍ରଭାବିତ କରୁଛି ଯେ, ଜଣେ ମୃତ୍ୟୁଶଯ୍ୟାରେ ଥାଇ ଫୋନ୍ କରୁଛି। ଯିଏ ଦିନେ ମୃତ୍ୟୁର ପାଖାପାଖି ଥିଲେ, ସେ ଏବେ ବଞ୍ଚିଛନ୍ତି ଓ ଚାକିରି କରି ଆରାମରେ ଅଛନ୍ତି। ସେହିପରି 'ମୋ ଘର' ବୋଲି କବିତାଟିଏ ପ୍ରକାଶିତ ହୋଇଥିଲା। ତାକୁ ପଢ଼ି ଜଣେ ବୃଦ୍ଧ ମୋତେ ଫୋନ କଲେ। କହିଲେ, ବୟସ ହେବା ପରେ ପୁଅମାନେ ମୋତେ ବୃଦ୍ଧାଶ୍ରମରେ ଛାଡ଼ି ଯାଇଥିଲେ, କିନ୍ତୁ ତୁମ କବିତା ସେମାନଙ୍କୁ ମେସେଜରେ ପଠାଇବା ପରେ ସେମାନେ ମୋତେ ଆଣି ଏବେ ପାଖରେ ରଖିଛନ୍ତି। ସେ ମୋତେ ବହୁତ ଆଶୀର୍ବାଦ ଦେଇଥିଲେ। ସେତେବେଳେ ମୋତେ ଲାଗିଥିଲା କି ପାଠକୀୟ ପ୍ରତିକ୍ରିୟାଠୁ ବଡ଼ ପୁରସ୍କାର କିଛି ନାହିଁ।

**ଏବେ ପଢ଼ି ସାରିଥିବା ପୁସ୍ତକ?**

■ ନେଟ୍‌ରେ ସୁନୀଲ କୁମାର ପୃଷ୍ଟିଙ୍କ 'ପାଞ୍ଚଟି ପୃଥିବୀ' ପଢ଼ିଛି।

**ପଶ୍ଚିମ ଓଡ଼ିଶାର ବୋଲି କେବେ କିଛି ସୁଯୋଗରୁ ବଞ୍ଚିତ ହୋଇଛନ୍ତି କି?**

■ ନା। ବରଂ ପ୍ରଚୁର ସୁଯୋଗ ପାଇଛି। ସେମିତି କିଛି ଅନୁଭବ କରିନି।

**ଆକାଶବାଣୀରେ ଥିବା ସମୟର ଅନୁଭୂତି କିଭଳି ଥିଲା?**

■ ତାହା କେବେ ଭୁଲି ହେବନି। ସ୍ୱର ଶୁଣି ଜାଣି ଯାଆନ୍ତି। ତାହା ହିଁ ତ ପରିଚୟ। କିନ୍ତୁ ସମୟ ନ ହେବାରୁ ଛାଡ଼ିବାକୁ ପଡ଼ିଲା।

**ପରିବାରକୁ ସମୟ ଦେଇପାରନ୍ତି?**

■ ହଁ, ପରିବାରକୁ ସମୟ ଦେବାକୁ ହିଁ ପ୍ରତ୍ୟେକ ଦିନ ୧୭୦ କି.ମି. ଯାତ୍ରା କରେ। ଗାଁଠୁ ସ୍କୁଲ ପ୍ରାୟ ୮୦ରୁ ୮୫ କିମି। ଘର ପାଇଁ ସବୁବେଳେ ଯିବା ଆସିବା କରେ।

**ଅବସର ସମୟରେ କ'ଣ କରନ୍ତି?**

■ ପଢ଼ିବା, ଚିତ୍ର ଆଙ୍କିବା, ପୁରୁଣା ମୁଦ୍ରା ହେଉ କି ସାମଗ୍ରୀ ସଂଗ୍ରହ କରିବାକୁ ଭଲ ଲାଗେ।

**ଜଣେ ଯୁବ ଲେଖକ ହିସାବରେ ଯୁବପିଢ଼ିଙ୍କୁ କ'ଣ ବାର୍ତ୍ତା ଦେବେ?**

■ ଏବେ ପ୍ରଯୁକ୍ତିବିଦ୍ୟାର ଯୁଗ। ସାହିତ୍ୟକୁ ଏହାଠୁ ଅଲଗା କରି ନେବା ବି ଠିକ୍ ହେବନି। ସାହିତ୍ୟ ଓ ପ୍ରଯୁକ୍ତିବିଦ୍ୟାକୁ ସାଙ୍ଗରେ ନେଇପାରିଲେ ଏହା ପରପିଢ଼ି ପାଇଁ ନିହାତି କାମ ଦେବ। ସମୟ ସହ ସାହିତ୍ୟକୁ ଆଗକୁ ନେବାକୁ ହେବ। ପୁରୁଣା ସାହିତ୍ୟକୁ ଧରି ରହିଲେ ଆମେ ପଛରେ ରହିଯିବା।

# ଚାଲାଣ ବେଳେ ୧୦୫ ଗୋରୁ ଉଦ୍ଧାର

**ଲୋଇସିଂହା, ୧୩।୮ (ସୁଶାନ୍ତ ବାରିକ)**



■ **୬ ଗିରଫ, ୨ କଣ୍ଟେନର ଜବତ**
■ **ଉଦ୍ଧାର ଗୋରୁ ମଧ୍ୟରୁ ୩ ମୃତ**

ପଶ୍ଚିମବଙ୍ଗକୁ ଚାଲାଣବେଳେ ଶନିବାର ରାତିରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଲିସ ବୁର୍ଡା ରେଳ ଫାଟକରୁ ୨ଟି କଣ୍ଟେନରରେ ଥିବା ୧୦୫ ଗୋରୁଙ୍କୁ ଉଦ୍ଧାର କରିଛି। ଗୋଚାଲାଣରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲୋଇସିଂହା ଥାନା ରଫାଖାଲ ଗ୍ରାମର ପରିତୋଷ ମିଶ୍ର, ପଶ୍ଚିମବଙ୍ଗର ଏବାଦୁଲ୍ଲା ଶେଖ(୩୩), ଅସିଫ ମୋଲା(୩୦), ଶେଖ ସୁଲେମାନ(୩୬), ଡାଲିମ ଶେଖ(୪୨) ଓ ମୁସ୍ତାକିମ୍ ଶେଖ(୪୦)। ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ପଠାଇ ଦିଆଯାଇଛି। ଗୋ ଚାଲାଣରେ ବ୍ୟବହୃତ ୧୬ଚକିଆ ୨ କଣ୍ଟେନର (ଡବ୍ଲୁବି ୧୩-୬୨୯୨) ଓ (ଡବ୍ଲୁବି ୧୩-୫୭୨୨)କୁ ଜବତ କରାଯାଇଛି । ଉଦ୍ଧାର ୧୦୫ ଗୋରୁଙ୍କୁ ବଲାଙ୍ଗୀର ପୃଥ୍ୱୀରାଜ ଗୋଶାଳାରେ ରଖାଯାଇଛି । ଏ ନେଇ ଥାନାରେ ଏକ ମାମଲା (୧୭୨/୨୩) ରୁଜୁ ହୋଇଥିବା ଲୋଇସିଂହା ଥାନା ଆଇଆଇସି ଯାଜ୍ଞସେନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଆଗଲପୁର ଥାନା ରୋତ ଅଞ୍ଚଳରୁ ପ୍ରତି ସପ୍ତାହରେ କଣ୍ଟେନର ଓ ଅନ୍ୟାନ୍ୟ ଯାନରେ ପଶ୍ଚିମବଙ୍ଗକୁ ଗୋଚାଲାଣ କରାଯାଉଛି। ଶୁକ୍ରବାର ରୋତ ସାପ୍ତାହିକ ବଜାରରୁ ଚାଲାଣକାରୀ ଗୋରୁ କିଣିଥାନ୍ତି। ଶନିବାର ରାତିରେ କଣ୍ଟେନର ଯୋଗେ ରୋତ ଅଞ୍ଚଳରୁ ବୁର୍ଡା ଛକ ସୋନପୁର ଦେଇ ଗୋଚାଲାଣ କରାଯାଉଥିବା ଲୋଇସିଂହା ଥାନାକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଆଇଆଇସି ନାୟକ ଓ ଷ୍ଟାଫ ବୁର୍ଡା ଛକରେ ଛକି ରହିଥିଲେ। ପୋଲିସ କଣ୍ଟେନରକୁ ଅଟକାଇବାକୁ ଉଦ୍ୟମ କଲାବେଳେ ଗାଡି ଦ୍ରୁତଗତିରେ ଚାଲି ଯାଇଥିଲା। ହେଲେ ବୁର୍ଡାରେ ରେଳ ଫାଟକ ପଡିଥିବାରୁ ଚାଲାଣକାରୀ ଖସି ପାରି ନ ଥିଲେ । ପୋଲିସ ପିଛା କରି ଫାଟକରୁ ୨କଣ୍ଟେନରକୁ ଜବତ କରିଥିଲା।

❝ ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। **-ଶ୍ରୀଅରବିନ୍ଦ**

# ସରକାରଙ୍କ ଇସି

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବହୁ ସାମ୍ବିଧାନିକ ସଂସ୍ଥାର କ୍ଷମତାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ମୋଦି ସରକାର ପୂର୍ବରୁ ଯୋଜନା କମିଶନକୁ ଭାଙ୍ଗି ତା’ ସ୍ଥାନରେ ନୀତି ଆୟୋଗ ଗଢ଼ିଛନ୍ତି। ସେହିଭଳି ଅତ୍ୟଧିକ କ୍ଷମତା ପ୍ରୟୋଗ କରି ନିଜ ଦଳକୁ ସୁହାଇଲା ଭଳି ସିବିଆଇ ଓ ଇଡିକୁ ପରିଚାଳନା କରୁଛନ୍ତି। ସଦ୍ୟ ଘଟଣା ଦେଖିଲେ ନିର୍ବାଚନ କମିଶନ (ଇସି) ଭଳି ସଂସ୍ଥାରେ ସରକାରଙ୍କ ପ୍ରତି ଆନୁଗତ୍ୟ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତ କରିବାର ସବୁ ବାଟ ଖୋଲିଦିଆଯାଇଛି।

ନିକଟରେ ଶେଷ ହୋଇଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ମଣିପୁର ପ୍ରସଙ୍ଗକୁ ନେଇ ଚର୍ଚ୍ଚାରେ ରହିଥିଲା। ଯେତେବେଳେ ଉତ୍ତର ପୂର୍ବାଞ୍ଚଳର ଏହି ରାଜ୍ୟରେ ବୃଦ୍ଧି ପାଇଥିବା ହିଂସା ଓ ଦିଲ୍ଲୀ ସେବା ବିଲ୍‌କୁ ନେଇ ସଂସଦର ଉଭୟ ଗୃହ ସରଗରମ ଥିଲା, ସେତିକିବେଳେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଉଚ୍ଚ ସଦନରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତଙ୍କ (ନିଯୁକ୍ତି ସର୍ତ୍ତ ଓ କାର୍ଯ୍ୟକାଳ) ବିଲ୍, ୨୦୨୩ ଆଗତ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଇସି ଭଳି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀ ପାଇଁ ନିଯୁକ୍ତି ଦେଉଥିବା କମିଟିରେ ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ) ରହିବାର ବ୍ୟବସ୍ଥା ଅଛି। କିନ୍ତୁ ରାଜ୍ୟ ସଭାରେ ଆଗତ ହୋଇଥିବା ବିଲ୍‌ରେ ସିଜେଆଇଙ୍କ ସ୍ଥାନରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯିବାର ପ୍ରସ୍ତାବ ଦିଆଯାଇଛି। ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ଏହାର ନିରପେକ୍ଷତା ଗଣତନ୍ତ୍ରର ସ୍ଥାୟିତ୍ୱ ସକାଶେ ନିତାନ୍ତ ଜରୁରୀ। ଏଥିରେ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଓ ଦୁଇ ଜଣ ନିର୍ବାଚନ କମିଶନର ଅଛନ୍ତି। ଏମାନେ ନିର୍ବାଚନ ପ୍ରକ୍ରିୟାକୁ ମୁକ୍ତ ଓ ଅବାଧ ପରିଚାଳନା କରିବା ଦାୟିତ୍ୱରେ ରହିଥାଆନ୍ତି। ଏହି ପଦବୀରେ ଅବସ୍ଥାପିତ ହେଉଥିବା ବ୍ୟକ୍ତିମାନେ ନିର୍ବାଚନ ନିୟନ୍ତ୍ରକ ଭାବେ ପରିଗଣିତ ହୋଇଥାଆନ୍ତି। ଅର୍ଥାତ୍ ନିର୍ବାଚନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବା ହେଉଛି ଏମାନଙ୍କ ଗୁରୁଦାୟିତ୍ୱ। ନିରପେକ୍ଷତା ସେତେବେଳେ ହିଁ ବଜାୟ ରଖିହେବ ଯେବେ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଓ ରାଜନୈତିକ ଦଳର ହସ୍ତକ୍ଷେପଠାରୁ ଦୂରରେ ଥିବ। ଏଠାରେ ମନେପଡ଼େ ୨୦୨୧ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନିମନ୍ତ୍ରଣ କ୍ରମେ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନର ଏକ ବୈଠକରେ ଯୋଗ ଦେଇଥିଲେ। ତାହା ସାଧାରଣ ନିୟମର ଉଲ୍ଲଂଘନ ବୋଲି ଅଭିହିତ କରାଯାଇଥିଲା। ତାହାକୁ ନେଇ ସେତେବେଳେ ଘୋର ସମାଲୋଚନା ମଧ୍ୟ ହୋଇଥିଲା।

> **ଏବର ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ କମିଶନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଉକ୍ତ ବିଲ୍‌ରେ ଥିବା ପ୍ରସ୍ତାବକୁ ଦେଖିଲେ ଏହି ସଂସ୍ଥା ଚାହିଁଲେ ବହୁ ବିବାଦୀୟ ଘଟଣାକୁ ସରକାରଙ୍କ ସପକ୍ଷରେ ଢଳେଇ ସବୁକିଛି ଏପଟସେପଟ କରିଦେବ। ଏହା ହେଲେ ନିର୍ବାଚନ ଫଳାଫଳ ପ୍ରଭାବିତ ହେବାର ଆଶଙ୍କା ରହିଛି।**

ଚଳିତବର୍ଷ ମାର୍ଚ୍ଚ ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରଙ୍କ ନିଯୁକ୍ତି କେନ୍ଦ୍ର ସରକାରଙ୍କ ହାତରେ ଥିଲା। ବାରମ୍ବାର ଏହି ଅଧିକାରୀଙ୍କ ଚୟନ ପ୍ରକ୍ରିୟାକୁ ନେଇ ସମାଲୋଚନା ହେବା ପରେ ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟର ଏକ ସାମ୍ବିଧାନିକ ପୀଠ ଏକ ରାୟରେ କହିଥିଲେ, ସିଇସି ଓ ଇସିମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ କମିଟି ଚୟନ କରିବ। କମିଟିର ପରାମର୍ଶ କ୍ରମେ ରାଷ୍ଟ୍ରପତି ସେମାନଙ୍କୁ ନିଯୁକ୍ତି ଦେବେ। ସେହି କମିଟିରେ ପ୍ରଧାନମନ୍ତ୍ରୀଙ୍କ ସହିତ ଲୋକ ସଭାର ବିରୋଧୀ ଦଳ ନେତା ଓ ସିଜେଆଇ ରହିବେ ବୋଲି ରାୟରେ କୁହାଯାଇଥିଲା। ଲୋକ ସଭାରେ ବିରୋଧୀ ଦଳ ନେତା ନ ଥିଲେ, ସବୁଠାରୁ ବଡ଼ ବିରୋଧୀ ଦଳର ନେତା ଏଥିରେ ସାମିଲ ହେବେ। ଇସିରେ ନିଯୁକ୍ତି ଲାଗି ସଂସଦରେ ନୂଆ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ଏହି ଧାରା ଚାଲିବ ବୋଲି ପୀଠ ସ୍ପଷ୍ଟ କରିଥିଲେ। ହେଲେ ରାଜ୍ୟ ସଭାରେ ଆଗତ ହୋଇଥିବା ବିଲ୍‌ରେ ସିଜେଆଇଙ୍କ ସ୍ଥାନରେ ଜଣେ କ୍ୟାବିନେଟ ମନ୍ତ୍ରୀ ରହିବାର ପ୍ରସ୍ତାବ ଦିଆଯାଇଛି। ‘ଘରେ ନ ପଶୁଣୁ ଚାଳ ବାଜିବା’ ଭଳି ବିଲ୍‌ର ସ୍ୱରୂପ ସୂଚାଇ ଦେଉଛି ଯେ, କେନ୍ଦ୍ର ସରକାର ୨୦୨୪ ସାଧାରଣ ନିର୍ବାଚନକୁ ଆଖିରେ ରଖି ତାଙ୍କ ମନମୁତାବକ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନର ଚୟନ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ନିର୍ବାଚନ କମିଶନକୁ ନିଜ ହାତରେ ରଖି ଶାସକ ଦଳ ଭାଜପା ଆଗକୁ ନିର୍ବାଚନ ଲଢ଼ିବାର ବାଟ ତିଆରି କରିଛି। ଦେଖିବାକୁ ମିଳେ ଯେ, ନିର୍ବାଚନ କମିଶନରେ ବରିଷ୍ଠ ଆଇଏଏସ୍ ଅଧିକାରୀ ନିଯୁକ୍ତ ହୋଇଥାଆନ୍ତି। ସେହି କ୍ରମରେ ଦେଖିଲେ ବର୍ତ୍ତମାନ ସରକାରଙ୍କ ବୋଲହାକ କରୁଥିବା ଅଫିସରଙ୍କୁ ସରକାରୀ ଆଦବକାଇଦାରେ ନିଯୁକ୍ତି ଦେବା ଲାଗି କସରତ କରାଯିବ। ସୁପ୍ରିମକୋର୍ଟ ଯେଉଁ ଚୟନ କମିଟି ବିଷୟରେ ଉଲ୍ଲେଖ କରିଥିଲେ ସେଥିରୁ ସିଜେଆଇଙ୍କୁ ବାଦ୍ ଦିଆଯିବା ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଛି। କାରଣ ଉକ୍ତ କମିଟିରେ ବିରୋଧୀ ଦଳ ନେତାଙ୍କ ପରାମର୍ଶକୁ ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ ମନ୍ତ୍ରୀ ଶୂନ୍ୟରେ ଉଡ଼ାଇ ଦେବାର ସବୁ ସମ୍ଭାବନା ରହିଛି।

ଏବର ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ କମିଶନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଉକ୍ତ ବିଲ୍‌ରେ ଥିବା ପ୍ରସ୍ତାବକୁ ଦେଖିଲେ ଏହି ସଂସ୍ଥା ଚାହିଁଲେ ବହୁ ବିବାଦୀୟ ଘଟଣାକୁ ସରକାରଙ୍କ ସପକ୍ଷରେ ଢଳେଇ ସବୁକିଛି ଏପଟସେପଟ କରିଦେବ। ଏହା ହେଲେ ନିର୍ବାଚନ ଫଳାଫଳ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ଆଗକୁ ଏକ ଗମ୍ଭୀର ସ୍ଥିତି ସୃଷ୍ଟି କରିବ। ଫଳରେ ନିର୍ବାଚନ ପ୍ରକ୍ରିୟା କଳୁଷିତ ହେବା ଥୟ। ଏକ ନିରପେକ୍ଷ ନିର୍ବାଚନ କମିଶନ ଗଢ଼ାଯିବା ଲାଗି ସରକାରଙ୍କ ଉପରେ ଚାପ ନ ପଡ଼ିଲେ ଚାଇନା କିମ୍ବା ରୁଷିଆରେ ଆଜୀବନ ରାଷ୍ଟ୍ର ମୁଖ୍ୟ ବଛାଯିବା ଭଳି ସ୍ଥିତି ଏଠାରେ ମଧ୍ୟ ଉପୁଜିପାରେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 8 | | 9 | | | |
| | | | 7 | 6 | 2 | | | |
| | 4 | | | 5 | | 2 | 6 | |
| | 7 | | | | | 8 | | |
| | | 8 | | | | 6 | 3 | 4 |
| | | 9 | | | | | | |
| | | | | | 7 | | 1 | |
| | | | 6 | 9 | | | 5 | |
| 1 | | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 4 | 9 | 2 | 3 | 6 | 7 |
| 2 | 3 | 7 | 6 | 5 | 8 | 1 | 9 | 4 |
| 6 | 4 | 9 | 1 | 7 | 3 | 8 | 2 | 5 |
| 4 | 8 | 3 | 9 | 2 | 6 | 7 | 5 | 1 |
| 9 | 6 | 1 | 7 | 4 | 5 | 2 | 8 | 3 |
| 7 | 2 | 5 | 8 | 3 | 1 | 6 | 4 | 9 |
| 8 | 9 | 6 | 3 | 1 | 4 | 5 | 7 | 2 |
| 1 | 7 | 2 | 5 | 6 | 9 | 4 | 3 | 8 |
| 3 | 5 | 4 | 2 | 8 | 7 | 9 | 1 | 6 |

ଗତକାଲିର ଉତ୍ତର

# ଯୁବପିଢ଼ି ଓ ବିବାହ ବିଚ୍ଛେଦ



ପ୍ରକାଶ ତ୍ରିପାଠୀ

ଅନ୍ତର୍ଜାତୀୟ ସ୍ତରରେ ଭାରତରେ ସର୍ବନିମ୍ନ ବିବାହ ବିଚ୍ଛେଦ ହାର ବୋଲି ବିବେଚନା କରାଯାଏ, ଯାହାର ସଂଖ୍ୟା ୨ ପ୍ରତିଶତରୁ କମ୍। କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ବିବାହ ବିଚ୍ଛେଦ ହାରରେ ଘଟୁଥିବା ବୃଦ୍ଧିକୁ ଲକ୍ଷକଲେ ଜଣାଯାଏ, ଭାରତ ଖୁବ୍ କମ ଦିନରେ ଅନ୍ୟ ଦେଶକୁ ବିବାହ ବିଚ୍ଛେଦ ସଂଖ୍ୟାରେ ପଛରେ ପକାଇଦେବ। ସର୍ବେକ୍ଷଣ କୁହେ, ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ଘଟୁଛି। ବିଶେଷକରି ବିବାହ କରିଥିବା ୨୦ରୁ ୩୫ ବର୍ଷ ବୟସ୍କ ଯୁବଗୋଷ୍ଠୀଙ୍କ ସଂଖ୍ୟା ଏଥିରେ ଅଧିକ। ଯୌଥ ପରିବାର ସଂଖ୍ୟା ହ୍ରାସ ସହ ଏକକ ପରିବାର ସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଛାଡ଼ପତ୍ର ସଂଖ୍ୟା ବୃଦ୍ଧି ହେବା ନିଶ୍ଚିତ ଭାବେ ଭାରତର ଦୃଢ଼ ପାରିବାରିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତୀୟଙ୍କ ପାଇଁ ଅଲଗା ହେବା କିମ୍ବା ଛାଡ଼ପତ୍ର ହେବା କଦାପି ସହଜ କଥା ନୁହେଁ। ପରିବାର ସଦସ୍ୟ, ସନ୍ତାନ ସନ୍ତତି ଓ ବିଭିନ୍ନ ସାମାଜିକ ସ୍ଥିତି ଏଥିରେ ବାଧକ ସାଜିଥାଏ। ମାତ୍ର ସମ୍ପ୍ରତି ଅତ୍ୟଧିକ ବ୍ୟକ୍ତି ସ୍ୱାଧୀନତା, ସାଲିଶ୍‌ବିହୀନ ଓ ମୁକ୍ତ ଜୀବନଯାପନ ଶୈଳୀ, ଅର୍ଥନୈତିକ ସ୍ୱାଧୀନତା, କର୍ମସଂସ୍ଥା ଚାପ, ନିଶାଦ୍ରବ୍ୟ ସେବନ, ସୋସିଆଲ ମିଡିଆ ଆଦି କେତେକ ପ୍ରସଙ୍ଗକୁ ସମାଜ ବିଜ୍ଞାନୀମାନେ ଛାଡ଼ପତ୍ର ବୃଦ୍ଧିର କାରଣ ବୋଲି ଦର୍ଶାଉଛନ୍ତି। ଆପଣ ଜାଣନ୍ତି କି ଭାରତ ହେଉଛି ଏକମାତ୍ର ଦେଶ, ଯେଉଁଠାରେ ପୁରୁଷମାନେ ଅଧିକାଂଶ ଛାଡ଼ପତ୍ର ଆରମ୍ଭ କରିଥା’ନ୍ତି। ଅନ୍ୟ ଦେଶରେ ମହିଳାମାନେ ଅଧିକାଂଶ ଛାଡ଼ପତ୍ର ଆରମ୍ଭ କରନ୍ତି। କିନ୍ତୁ ଏବେ ପରିସ୍ଥିତି ଓ ସମୟ ବଦଳୁଛି। ଭାରତରେ ମଧ୍ୟ ବିଦେଶ ଭଳି ପରିସ୍ଥିତି ଉପୁଜିଲାଣି। ଛାଡ଼ପତ୍ର ହାର ସୂଚାଉଛି ଯେ, ଅଧିକରୁ ଅଧିକ ଦମ୍ପତି ନିଜ ଜୀବନକୁ ନିୟନ୍ତ୍ରଣ କରିବାକୁ ଏବଂ ନିଜ ବିବାହରେ ଅସନ୍ତୁଷ୍ଟତାକୁ ଅନୁଭବ କରୁଛନ୍ତି। ଅତୀତରେ ଅନେକ ଦମ୍ପତି ପରସ୍ପର ଉପରେ ଅସନ୍ତୁଷ୍ଟ ଥିଲେ ମଧ୍ୟ କିମ୍ବା ସେମାନଙ୍କ ବିବାହରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏକାଠି ରହୁଥିଲେ। ଏହା ସାମାଜିକ ଆଶା ଏବଂ ପରିବାର ସଦସ୍ୟଙ୍କ ଚାପ ଯୋଗୁଁ ହେଉଥିଲା ଓ ସେମାନେ ଛାଡ଼ପତ୍ରକୁ ଲଜ୍ଜାଜନକ ମନେକରୁଥିଲେ। ମାତ୍ର ଏହି ଧାରଣା ଧୀରେ ଧୀରେ ଦୂରେଇ ଯାଉଛି ଏବଂ ଅଧିକ ଦମ୍ପତି ଅଲଗା ରହିବାର ସାହସିକ ପଦକ୍ଷେପ ନେଉଛନ୍ତି। ବିଶେଷକରି ଯୁବପିଢ଼ି ମଧ୍ୟରେ ବିବାହ ଏବଂ ପାରିବାରିକ ଜୀବନ ପ୍ରତି ମନୋଭାବରେ ପରିବର୍ତ୍ତନକୁ ଏଥିପାଇଁ ଦାୟୀ କରାଯାଇପାରେ। ଛାଡ଼ପତ୍ର ଆଉ ଏକ ବିଫଳତା କିମ୍ବା ଲଜ୍ଜାଜନକ ବିଷୟ ଭାବରେ ଦେଖାଯାଉନାହିଁ। ଏହା ପରିବର୍ତ୍ତେ ଏହା ବ୍ୟକ୍ତିଗତ ସ୍ୱାଧୀନତାକୁ ସୂଚାଇବା ସହ ପୁନର୍ବାର ପାରିବାରିକ ଜୀବନ ଆରମ୍ଭ କରିବାର ଏକ ସୁଯୋଗ ଭାବରେ ଦେଖାଯାଉଛି।



ହିନ୍ଦୁଶାସ୍ତ୍ର ଅନୁଯାୟୀ, ବିବାହ ଏକ ପବିତ୍ର ବନ୍ଧନ। ସନାତନ ଧର୍ମରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ପାଇଁ ୧୬ଟି ସଂସ୍କାର ରହିଛି। ସେଥିମଧ୍ୟରେ ପଞ୍ଚଦଶ ସଂସ୍କାର ଭାବେ ବିବାହ ଏକ ଶ୍ରେଷ୍ଠ ସଂସ୍କାର ଭାବେ ପରିଚିତ। ସମାଜକୁ ଶୃଙ୍ଖଳା ପୂର୍ବକ ଆଗକୁ ବଢ଼ାଇବା ତଥା ବଂଶରକ୍ଷା ପାଇଁ ଉଦ୍ଦିଷ୍ଟ ବିବାହ ମାଧ୍ୟମରେ ମହିଳା ଓ ପୁରୁଷ ଯଥାକ୍ରମେ ପତ୍ନୀ ଓ ପତି ଭାବେ ପରିଗଣିତ ହୋଇଥା’ନ୍ତି। ବିବାହକୁ ପାଣି ଗ୍ରହଣ ମଧ୍ୟ କୁହାଯାଏ, ଅର୍ଥାତ୍ ହସ୍ତ ଗ୍ରହଣ। ଜଣେ ଜଣଙ୍କର ହାତକୁ ସବୁଦିନ ପାଇଁ ଗ୍ରହଣ କରିବା, ପତ୍ନୀ ଓ ପତି ସବୁଦିନ ପାଇଁ ଉଭୟଙ୍କ ହାତକୁ ଧରିନେବା ହିଁ ପାଣିଗ୍ରହଣର ତାତ୍ପର୍ଯ୍ୟ। ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରରେ ପାରିବାରିକ ବନ୍ଧନ ଅତି ସୁଦୃଢ଼। କୁହାଯାଏ ଗୋଟିଏ ଜନ୍ମ ନୁହେଁ, ସାତଜନ୍ମ ପାଇଁ ପତି-ପତ୍ନୀ ବାନ୍ଧି ହୋଇ ରହିଥା’ନ୍ତି। ବିବାହ ବେଦିରେ ଉଭୟ ପତି-ପତ୍ନୀ ଅଗ୍ନିକୁ ସାକ୍ଷୀ ରଖି ଜନ୍ମ ଜନ୍ମର ବନ୍ଧନରେ ବାନ୍ଧି ହୁଅନ୍ତି। ଅଗ୍ନିକୁ ସାକ୍ଷୀ ରଖି ପତି ପତ୍ନୀକୁ ସାତଟି ବଚନ ପ୍ରଦାନ କରିବା ସହ ସାତ ଥର ବେଦି ଉପରେ ଅଗ୍ନିକୁ ପ୍ରଦକ୍ଷିଣ କରିଥା’ନ୍ତି। ବିଶ୍ୱାସ କରାଯାଏ, ଏହି ସାତଟି ବଚନ ପାଳନ ଠିକ୍‌ରେ ପାଳନ କରାଯାଏ ବୋଲି ଭାରତୀୟ ସମାଜରେ ପତି ଓ ପତ୍ନୀଙ୍କ ମଧ୍ୟରେ ସମ୍ପର୍କ ଅତୁଟ ରୁହେ ଓ ପରିବାର ସୁଦୃଢ଼ ହୋଇଥାଏ। ତେବେ ଏହି ସାତଟି ବଚନ କ’ଣ ଯାହା ବିବାହ ବେଦି ଉପରେ ପୁରୋହିତ ଉଭୟ କନ୍ୟାପିତା ଓ ବରପିତାଙ୍କ ଉପସ୍ଥିତିରେ ଆବୃତ୍ତି କରିଥାଏ ଓ କନ୍ୟାକୁ ବର ସେହି ସାତଟି ବଚନକୁ ଯଥାବିଧି ପାଳନ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଥାଏ। କନ୍ୟା ପ୍ରଥମ ବଚନରେ ବରଠାରୁ ପ୍ରତିଶ୍ରୁତି ମାଗିଥାଏ ଯେ, ବିବାହ ପରେ ଯଦି ପତି କୌଣସି ତୀର୍ଥ ଭ୍ରମଣରେ ଯାଆନ୍ତି, ତେବେ ସାଥିରେ ନିଶ୍ଚିତ ପତ୍ନୀଙ୍କୁ ନେଇକରି ଯିବେ। ପତ୍ନୀଙ୍କ ବିନା ପତି କୌଣସି ବ୍ରତ, ଉପବାସ, ଯଜ୍ଞ ଆୟୋଜନ କରିବେ ନହିଁ। ଅର୍ଥାତ୍ ପ୍ରତିଟି ସାମାଜିକ କର୍ମରେ ପତି ନିଜର ପତ୍ନୀଙ୍କୁ ସାଥିରେ ରଖିବେ। ଦ୍ୱିତୀୟ ବଚନରେ ପତ୍ନୀ ପ୍ରତିଶ୍ରୁତି ମାଗିଥାଏ ଯେ, ନିଜର ମାତା-ପିତାଙ୍କୁ ଯେପରି ଶ୍ରଦ୍ଧା ଓ ସମ୍ମାନ ପତି ପ୍ରଦର୍ଶନ କରିଥା’ନ୍ତି ସେହିପରି ଅନୁରୂପ ଶ୍ରଦ୍ଧା ଓ ସମ୍ମାନ କନ୍ୟାଙ୍କ ମାତାପିତାଙ୍କୁ ପ୍ରଦର୍ଶନ କରିବେ। ବିବାହ କେବଳ କନ୍ୟା ଓ ବରଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରେ ନାହିଁ, ଏହା ଦୁଇଟି ପରିବାର ମଧ୍ୟରେ ସମ୍ପର୍କକୁ ମଙ୍ଗଳମୟ କରିଥାଏ। ତୃତୀୟ ବଚନରେ କନ୍ୟା ସଦା ସର୍ବଦା ନିଜର ପତିଙ୍କ ସହ ରହିବାକୁ ପ୍ରତିଶ୍ରୁତି କାମନା କରିଥାଏ। ବିବାହ ଯୁବ ଅବସ୍ଥାରେ ହୋଇଥାଏ। ଏହା ପରେ ଆସିଥାଏ ପ୍ରୌଢ଼ ଓ ପରେ ବୃଦ୍ଧାବସ୍ଥା। ଜୀବନର ଏହି ତିନୋଟିଯାକ ଅବସ୍ଥାରେ ପତ୍ନୀଙ୍କୁ ନିଜ ପାଖରେ ଅର୍ଥାତ୍ ମିଶିକରି ଅତିବାହିତ କରିବାକୁ କନ୍ୟା ଆଶା ରଖିଥାଏ, ଯାହାକୁ କି ପତି ପାଳନ କରିଥାଏ। ଏହା ଯଦି ଠିକ୍ ଭାବେ ପାଳନ ହୁଏ, ତେବେ ଆଜିର ସମୟରେ ତଲାକ ବା ଡିଭୋର୍ସ ଭଳି ବିଦେଶୀ ସଂସ୍କୃତି ଆମ ଭାରତରେ ଦେଖିବାକୁ ମିଳନ୍ତା ନାହିଁ।

ବିବାହ ପର୍ଯ୍ୟନ୍ତ ଘରର କୌଣସି ଦାୟିତ୍ୱ ବରକୁ ନେବାକୁ ପଡ଼ିନଥାଏ। ବିବାହ ପରେ ଘରର ଭରଣପୋଷଣ ସହ ପରିଚାଳନାର ଗୁରୁଦାୟିତ୍ୱ ବର ଉପରକୁ ଆସିଥାଏ। ଏହି ଗୁରୁଦାୟିତ୍ୱ ନିର୍ବାହ କରିବା ବେଳେ ପତ୍ନୀଙ୍କ ସହଯୋଗ ନେବାକୁ ଚତୁର୍ଥ ବଚନରେ କନ୍ୟା ବରଠାରୁ ପ୍ରତିଶ୍ରୁତି କାମନା କରିଥାଏ। ବାସ୍ତବରେ ପରିବାର ରୂପକ ଯାନକୁ ଆଗକୁ ନେବାକୁ ହେଲେ ଦୁଇଟି ଚକର ଆବଶ୍ୟକତା ପଡ଼ିଥାଏ। ତେଣୁ ପରିବାର ପରିଚାଳନା ଓ ଭରଣ ପୋଷଣରେ ପତ୍ନୀ ଭାରତୀୟ ପରମ୍ପରାରେ ପତିର ସହଯୋଗୀ ହୋଇଥାଏ। ସେହିପରି ବିଭିନ୍ନ ସାମାଜିକ କର୍ମରେ ତଥା ପରିବାର ପାଇଁ ହେଉଥିବା ବିଭିନ୍ନ ଅର୍ଥ ବ୍ୟୟ ଓ ଘର ଚଳାଇବା ନିମନ୍ତେ ନିଷ୍ପତ୍ତି ନେବା ସମୟରେ ପତ୍ନୀଙ୍କୁ ଅବଗତ କରିବା ତଥା ପତ୍ନୀଙ୍କ ପରାମର୍ଶ ନେବାକୁ କନ୍ୟା ପଞ୍ଚମ ବଚନରେ ଆଶା ରଖିଥାଏ। ଜୀବନବ୍ୟାପୀ ସମସ୍ତ ଖରାପ କର୍ମଠାରୁ ଦୂରେଇ ରହିବା ତଥା ପତ୍ନୀଙ୍କ ମର୍ଯ୍ୟାଦା ରଖିବା ଓ ସ୍ୱାଭିମାନର ସୁରକ୍ଷା କରିବା ନିମନ୍ତେ କନ୍ୟା ଷଷ୍ଠ ବଚନରେ ପତିଙ୍କଠାରୁ ପ୍ରତିଶ୍ରୁତି ମାଗିଥାଏ। ଶେଷରେ ସେ ସପ୍ତମ ବଚନ ମାଗିଥାଏ। ବିବାହ ପରେ ପତି-ପତ୍ନୀଙ୍କ ପ୍ରେମ ମଧ୍ୟରେ ଯେପରି କୌଣସି ତୃତୀୟ ମଣିଷର ପ୍ରବେଶ ନହୁଏ। ଜୀବନ ଶେଷ ହେବା ପର୍ଯ୍ୟନ୍ତ ଯେପରି ଉଭୟଙ୍କ ମଧ୍ୟରେ ଥିବା ପ୍ରେମ, ସ୍ନେହ, ଶ୍ରଦ୍ଧା, ବିଶ୍ୱାସ, ଭରସା, ତ୍ୟାଗ, ସେବା ଓ ସମର୍ପଣ ଭାବରେ ଊଣା ନହୁଏ। ଏହି ସାତଟି ବଚନର ସୁରକ୍ଷା ଓ ପାଳନର ପ୍ରତିଶ୍ରୁତିରୁ ନୂଆ ପତ୍ନୀ-ପତିର ସମ୍ପର୍କ ଗଢ଼ିଉଠେ ଓ ଏକ ସୁସ୍ଥ ଏବଂ ସୁନ୍ଦର ପରିବାରର ମୂଳଦୁଆ ପଡ଼ିଥାଏ। ତେବେ ଆଜିର ସମୟରେ ବିବାହ ବେଦିରେ ଏପରି ପ୍ରତିଶ୍ରୁତି ସମ୍ପର୍କରେ କେତେଜଣ ଅବଗତ ? ଆଜିର ବିବାହଶୈଳୀ ଆଉ ପୂର୍ବ ଭଳି ନହିଁ। ବାଣ, ରୋଶଣି, ବରାଯାତ୍ରୀଙ୍କ ଉଦଣ୍ଡ ନୃତ୍ୟ, ମଦ୍ୟପାନ, ଭୋଜିଭାତ, ସଙ୍ଗୀତ, ମେହେନ୍ଦୀ, ଫଟୋ ସୁଟ୍, ନୃତ୍ୟଗୀତ, ଆଲୋକ ଓ ଫୁଲ ସାଜସଜ୍ଜା ତଥା ଉପହାର ଆଦାନ ପ୍ରଦାନରେ ସୀମିତ ହୋଇ ଗଲାଣି। ବିବାହ କର୍ମ ତଥା ବିଧିବିଧାନ ତୁଳିକୁ ଗଲାଣି। ଏଥିରେ ବିବାହ ସଫଳ ହେବ କ’ଣ ?

**ମୋ- ୯୪୩୭୨୩୨୪୬୩**

# ଜାପାନର ଗ୍ରାମାଭିମୁଖୀ ଯୋଜନା



ଈପ୍ସିତା ମହାନ୍ତି

ବିଶ୍ୱ ଆଜି ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛି ତାହାରି ମୂଳରେ ରହିଛି ଜନସଂଖ୍ୟା ବୃଦ୍ଧି। ଗୋଟିଏ ପଟେ ବିଶ୍ୱର କିଛି ଦେଶ ଆଜି ଅତ୍ୟଧିକ ଜନସଂଖ୍ୟାର ଆହ୍ୱାନ ସହ ସଂଘର୍ଷ କରୁଛନ୍ତି। ଅନ୍ୟପଟେ କ୍ରମାଗତ ଜନସଂଖ୍ୟା ହ୍ରାସ ହେତୁ (ଏକ ଦେଶର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସଂଖ୍ୟା ଘନତ୍ୱ ହ୍ରାସ ହେତୁ) କିଛି ଦେଶ ନୂତନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣତଃ ମହାମାରୀ, ଦୁର୍ଭିକ୍ଷ, ଯୁଦ୍ଧ ଭଳି ଆକସ୍ମିକ ଘଟଣା ଯୋଗୁ ହେଉ ଅବା ନିମ୍ନ ପ୍ରଜନନ ବା ଜନ୍ମ ହାର, ଉଚ୍ଚ ମୃତ୍ୟୁ ହାର, ନିରନ୍ତର ସ୍ଥାନାନ୍ତରଣ ଭଳି ଅନ୍ୟାନ୍ୟ କାରଣଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସଂଖ୍ୟାର ସନ୍ତୁଳନ ବ୍ୟାହତ ହେବାକୁ ଲାଗିଛି। କିଛି ବର୍ଷ ଧରି ଜାପାନ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଚାଲିଛି। ଏହାର ମୁକାବିଲା ପାଇଁ ଜାପାନ ସରକାର ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ଏଥିରେ ସରକାର ସ୍ଥାନୀୟ ନାଗରିକଙ୍କୁ ରାଜଧାନୀ ଟୋକିଓ ନଗରୀ ଛାଡି ସୁଦୂର ଅଞ୍ଚଳରେ ବସବାସ କରିବାକୁ ପ୍ରସ୍ତାବ ଦେଇଛନ୍ତି। ନିୟମ ଅନୁଯାୟୀ ଗୋଟିଏ ପରିବାର ରାଜଧାନୀ ଟୋକିଓ ନଗରୀ ଛାଡି ଅନ୍ୟ ସହର କିମ୍ବା ଗ୍ରାମରେ ବସବାସ କଲେ ପ୍ରୋତ୍ସାହନ ସ୍ୱରୂପ ସରକାର ସେହି ପରିବାରର ପ୍ରତି ପିଲାଙ୍କୁ ୭୫୦୦ ଡଲାର ଅର୍ଥାତ୍ ୧୦ ଲକ୍ଷ ଲେଖାଏ ୟେନ୍ ପ୍ରଦାନ କରିବେ।

ତଥ୍ୟ ଅନୁସାରେ ବଡ ବଡ ସହର ତଥା ମହାନଗର ନିଗମରେ ଜନସଂଖ୍ୟାର ଘନତ୍ୱ ବୃଦ୍ଧି ପାଉଥିବାବେଳେ ଛୋଟ ଛୋଟ ସହର ତଥା ଗ୍ରାମଗୁଡ଼ିକରେ ଜନସଂଖ୍ୟାର ଘନତ୍ୱ କ୍ରମାଗତ ଭାବେ ହ୍ରାସ ପାଉଛି। ଦେଶର ଜନସଂଖ୍ୟାରେ ସନ୍ତୁଳନ ରକ୍ଷା ପାଇଁ ତଥା ଏଭଳି ସମସ୍ୟାର ମୁକାବିଲା ପାଇଁ ଜାପାନ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ବିଶ୍ୱର ବୃହତ୍ତମ ମହାନଗର, ଗ୍ରେଟର୍ ଟୋକିଓର ଜନସଂଖ୍ୟା ପ୍ରାୟ ୩.୫ କୋଟି। ନିର୍ଜନ ଅଞ୍ଚଳକୁ ପୁନର୍ଜୀବିତ କରିବା ପାଇଁ ଏହି ପ୍ରୟାସ ଏପରି ସମୟରେ କରାଯାଉଛି, ଯେଉଁ ସମୟରେ ଜାପାନର ଜନସଂଖ୍ୟାରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ଯୋଜନା ଆଧାରରେ ଜାପାନ ସରକାର ଏପ୍ରିଲ ୨୦୧୯ରୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଥିଲେ। ସେତେବେଳେ ଦୁଇ ପିଲା ଥିବା ଏକ ପରିବାରକୁ ପ୍ରୋତ୍ସାହନ ରାଶି ସ୍ୱରୂପ ହାରାହାରି ସର୍ବାଧିକ ୧ଲକ୍ଷ ୟେନ୍ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଗତ କିଛି ବର୍ଷ ଧରି ଟୋକିଓର ଜନସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ଘଟି ଚାଲିଲା। ନୀତି ନିର୍ମାତାଙ୍କ ମତରେ ସହରର ଜନସଂଖ୍ୟା କମ୍ କରିବା ପାଇଁ ଅଧିକ ପ୍ରୟାସ ଜରୁରୀ। ଏଥିସକାଶେ ଦେଶର ଅଜ୍ଞାତ ସହର ଏବଂ ଗ୍ରାମରେ ବସତି ସ୍ଥାପନ ପାଇଁ ଲୋକଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଯେଉଁଠାରେ ଆଜି ଜନସଂଖ୍ୟା ହ୍ରାସ ଏବଂ ସ୍ଥାନାନ୍ତରଣ ଏକ ପ୍ରମୁଖ ସମସ୍ୟା ପାଲଟିଛି, ସେଠାରେ ଏହା ଅପରିହାର୍ଯ୍ୟ। ଏଭଳି ଅଞ୍ଚଳରୁ ସ୍ଥାନାନ୍ତରିତ ହେଉଥିବା ଲୋକମାନେ ପ୍ରାୟତଃ ଓସାକା ଏବଂ ଟୋକିଓରେ ବସବାସ କରୁଛନ୍ତି, ଯଦ୍ୱାରା ଏଠାରେ ଲୋକସଂଖ୍ୟା ବଢିଚାଲିଛି।

ଟୋକିଓ ମହାନଗରୀର ୨୩ଟି ମୁଖ୍ୟ ୱାର୍ଡ ସହ ଅନ୍ୟାନ୍ୟ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଯେଉଁ ପରିବାର ଟୋକିଓ ସୀମାରେ ଅବସ୍ଥିତ ପାର୍ବତ୍ୟାଞ୍ଚଳରେ ବସତି ସ୍ଥାପନ କରି ଏକ ନୂତନ ଜୀବନ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିବେ ସେମାନେ ମଧ୍ୟ ଏହି ଯୋଜନାର ଲାଭ ଉଠାଇ ପାରିବେ। ନିୟମ ଅନୁଯାୟୀ ଏହି ଯୋଜନାର ଲାଭ ପାଇବାକୁ ଥିବା ପରିବାରକୁ ନିଶ୍ଚିତ ରୂପେ ଅତି କମ୍‌ରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନିଜର ସେହି ନୂତନ ଘରେ ରହିବାକୁ ପଡିବ। ପୁଣି ସେଠାରେ ରୋଜଗାର ପାଇଁ ପରିବାରର ଜଣେ ସଦସ୍ୟଙ୍କୁ କୌଣସି କାର୍ଯ୍ୟ ଅବା ନୂତନ ବ୍ୟବସାୟ ଆରମ୍ଭ କରିବାକୁ ପଡିବ। ଯେଉଁ ପରିବାର ୫ବର୍ଷର ଅବଧି ପୂର୍ବରୁ ସେହି ସ୍ଥାନ ଛାଡି ଅନ୍ୟ ସ୍ଥାନକୁ ଚାଲିଯିବେ ସର୍ତ୍ତ ସ୍ୱରୂପ ସେମାନଙ୍କୁ ଏହି ପ୍ରୋତ୍ସାହନ ରାଶି ଫେରସ୍ତ ଦେବାକୁ ହେବ। ଜନସଂଖ୍ୟା ହ୍ରାସର ଧାରାକୁ ଲଗାମ ଦେବା ପାଇଁ ଜାପାନ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନେଇନାହିଁ, ତିନି ବର୍ଷ ପୂର୍ବେ ଜାପାନ ସରକାର ଏହିଭଳି ଏକ ଯୋଜନା ଆରମ୍ଭ କରିଥିଲେ। ଏଥର କିନ୍ତୁ ପ୍ରୋତ୍ସାହନ ରାଶିକୁ ଯଥେଷ୍ଟ ବୃଦ୍ଧି କରାଯାଇଛି। ପୂର୍ବରୁ ଏହାର ପରିମାଣ ୧ଲକ୍ଷରୁ ୩ ଲକ୍ଷ ୟେନ୍‌କୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଏହା ସନ୍ତାନ ପ୍ରତି ୧୦ଲକ୍ଷ ୟେନ୍ ରହିଛି। ଜାପାନ ସରକାର ଆଗକୁ ମଧ୍ୟ ଏହାର ପରିମାଣ ବଢାଇ ପାରନ୍ତି।




୨୦୨୧ରେ ଏହି ଯୋଜନାରେ ୧,୧୮୪ ପରିବାରକୁ ପ୍ରୋତ୍ସାହନ ମିଳିଥିଲା। ସେହି ବର୍ଷ ଟେଲିୱାର୍କ ଅର୍ଥାତ୍ ରିମୋଟ ୱାର୍କର ପ୍ରଚଳନ ବୃଦ୍ଧି ପାଇଥିଲା। ୨୦୧୯ରେ ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ଥିଲା ମାତ୍ର ୭୧। ୨୦୨୦ରେ ଏହା ୨୯୦କୁ ବୃଦ୍ଧି ପାଇଥିଲା। ୨୦୨୭ ସୁଦ୍ଧା ପ୍ରାୟ ୧୦ହଜାର ଲୋକଙ୍କୁ ଟୋକିଓ ନଗରୀରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତରିତ ପାଇଁ ଜାପାନ ସରକାର ଲକ୍ଷ୍ୟ ରଖିଛନ୍ତି। ନୂତନ ଜନବସତି ସ୍ଥାପନ ପାଇଁ ଲୋକଙ୍କୁ ଆକର୍ଷିତ ସକାଶେ ଜାପାନ ସରକାର ଦେଶର ବିଭିନ୍ନ ଜନବିରଳ ଏବଂ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାନୁଷ୍ଠାନ, ଉନ୍ନତ ଶିଶୁ ଯତ୍ନ କେନ୍ଦ୍ର, ଚିକିତ୍ସାଳୟ, ବିଜୁଳି, ପାନୀୟଜଳ ଯୋଗାଣ, ଯୋଗାଯୋଗ, ଗମନାଗମନ ଆଦି ମୌଳିକ ସୁବିଧାର ଉପଲବ୍ଧତା ଭଳି ଗ୍ରାମୀଣ ଜୀବନର ସୁବିଧାକୁ ଆଲୋକିତ କରୁଛନ୍ତି। ୨୦୨୦-୨୧ରେ ଜାପାନର ଜନସଂଖ୍ୟାରେ ରେକର୍ଡ ସଂଖ୍ୟକ ୬,୪୪,୦୦୦ ହ୍ରାସ ଘଟିଥିଲା। ଜାନୁୟାରୀରୁ ସେପ୍ଟେମ୍ବର ୨୦୨୨ ମଧ୍ୟରେ ଜାପାନରେ କେବଳ ୫,୯୯,୬୩୬ ଶିଶୁ ଜନ୍ମ ହୋଇଛନ୍ତି। ଅଧିକାଂଶ ଜାପାନୀ ଯୁବକ ଆଜି ବିବାହ କରିବା ଏବଂ ପରିବାର ଗଢିବା ଭଳି ସାମାଜିକ କାର୍ଯ୍ୟକଳାପରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି। ଏହାର କାରଣ ନିଯୁକ୍ତିକୁ ନେଇ ଲାଗିରହିଥିବା ଅଚଳାବସ୍ଥା, ପରିବହନ ସମ୍ବନ୍ଧୀୟ ଅସୁବିଧା ଏବଂ ଜଟିଳ କର୍ପୋରେଟ କାର୍ଯ୍ୟ ସଂସ୍କୃତି। ଏଥିଯୋଗୁ ଉଭୟ ମାତାପିତାଙ୍କୁ କାମ କରିବା କଷ୍ଟକର ହେଉଛି।

ଏହି ଯୋଜନାରେ ଜାପାନର ୮୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୩୦୦ ନଗରପାଳିକା ଅଂଶଗ୍ରହଣ କରିଛନ୍ତି। ଜାପାନ ସରକାରଙ୍କ ଏଭଳି ଅଭିନବ ପ୍ରୟାସ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ମହାମାରୀ ସମୟରେ ଜାପାନୀଙ୍କ ମନୋଭାବରେ ବିରାଟ ପରିବର୍ତ୍ତନ ଆସିଥିଲା। ଗ୍ରାମାଭିମୁଖୀ ହେବାକୁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ। ଯଦିଓ ଏହା ସମୟର ବାଧ୍ୟବାଧକତା ଥିଲା, କିନ୍ତୁ ନିଜ ସରକାରଙ୍କ ଅଭିନବ ଯୋଜନା ଆଜି ଜାପାନୀମାନଙ୍କୁ ଏ ଦିଗକୁ ଟାଣି ନେଉଛି। ଏହା ସଫଳ ହେଲେ ଜାପାନର ଜନସଂଖ୍ୟାରେ ସନ୍ତୁଳନ ଆସିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ନିଖୋଜ ପିଲାମାନଙ୍କୁ ଖୋଜି ଆଣି ସେମାନଙ୍କ ମାତାପିତାଙ୍କୁ ଦେଉଛନ୍ତି ଆଇଏଏସ୍ ଅଧିକାରୀ ହିମାଂଶୁ ନାଗପାଲ। ମୁସ୍କାନ ଅଭିଯାନ ଚଳାଇ ସେ ଏହି କାର୍ଯ୍ୟ କରୁଛନ୍ତି। ମୁଖ୍ୟତଃ ବାରାଣସୀ ଘାଟ, ରେଲ୍‌ୱେ ଷ୍ଟେଶନ ଏବଂ ମନ୍ଦିରଗୁଡ଼ିକରେ ଭିକ ମାଗୁଥିବା ପିଲାମାନଙ୍କୁ ଉଦ୍ଧାର କରି ଭାରତର ଯେକୌଣସି ସ୍ଥାନରେ ଥିବା ସେମାନଙ୍କ ମାତାପିତାଙ୍କ ପାଖରେ ପହଞ୍ଚାଇ ଦିଆଯାଉଛି। ଏବେସୁଦ୍ଧା ଏଭଳି ୭୩୦ ପିଲାଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ୨୦୧୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହିମାଂଶୁଙ୍କୁ ଗତବର୍ଷ ବାରାଣସୀର ଚିଫ୍ ଡେଭଲପମେଣ୍ଟ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ବାରାଣସୀର ବିଭିନ୍ନ ଜାଗାରେ ଭିକ୍ଷା ମାଗୁଥିବା ପିଲାମାନେ ତେଲଙ୍ଗାନା, କର୍ନାଟକ, ଆସାମ ଓ ପଡୋଶୀ ଦେଶ ନେପାଳର ବୋଲି ସେ ଜାଣିବାକୁ ପାଇଥିଲେ। ପରେ ଶିଶୁ ବିକାଶ ଓ ସାମାଜିକ କଲ୍ୟାଣ ବିଭାଗ ଏବଂ ପୋଲିସର ୬୦ ଜଣ ଅଧିକାରୀଙ୍କୁ ନେଇ ଏକ ୧୨ ଜଣିଆ ଟିମ୍ ଗଠନ କରି ଏଭଳି ପିଲାମାନଙ୍କୁ ଚିହ୍ନଟ କରିବା ଆରମ୍ଭ କରିଥିଲେ। ଉଦ୍ଧାର କରାଯାଉଥିବା ପିଲାଙ୍କ ପରିବାରକୁ ହସ୍ତାନ୍ତର ନ କରିବା ଯାଏ ସେମାନଙ୍କୁ ୱେଲ୍‌ଫେୟାର ସେଲ୍‌ଟରରେ ରଖାଯାଉଛି। ଯେଉଁମାନଙ୍କ ଠିକଣା ନ ମିଳୁଛି ସେଠାରେ ସେମାନଙ୍କୁ ଶିକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଅଗଷ୍ଟ ୧୯୯୮**

- ପାରମ୍ପରିକ ପଟଚିତ୍ରର ପ୍ରବାଦ ପୁରୁଷ ଡ. ଜଗନ୍ନାଥ ମହାପାତ୍ରଙ୍କ ପରଲୋକ।
- ମଦୁରାଇରୁ ସାଲେମ ଅଭିମୁଖେ ଯାତ୍ରା କରୁଥିବା ରାଜ୍ୟ ପରିବହନ ନିଗମର ଏକ ବସ୍ ରେଳ ଲେଭଲକ୍ରସିଂ ପାର କରୁଥିବାବେଳେ ଦ୍ରୁତଗାମୀ ଚେନ୍ନାଇ ମଦୁରାଇ ଏକ୍ସପ୍ରେସ୍ ଧକ୍କା ଦେବାରୁ ୧୯ ଯାତ୍ରୀଙ୍କ ମୃତ୍ୟୁ।

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଲି ତହିଁ ନବ
ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗୋପବନ୍ଧୁଙ୍କ ରଚନାବଳୀ ସୁଆଣ୍ଡୋରେ ବିକ୍ରି ହେଉ

ମହାଶୟ,

ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ, ସଂଗ୍ରହାଳୟ ଦେଖିବାକୁ ଆସୁଥିବା ପର୍ଯ୍ୟଟକ ଗୋପବନ୍ଧୁଙ୍କ ସରଳତରଳ ସାରସ୍ୱତ କାବ୍ୟିକ ସର୍ଜନା ‘କାରା କବିତା’, ‘ବନ୍ଦୀର ଆତ୍ମକଥା’, ‘ଗୋ ମାହାତ୍ମ୍ୟ’, ‘ଗୋପବନ୍ଧୁ ଗ୍ରନ୍ଥାବଳୀ’ ଇତ୍ୟାଦି କ୍ରୟ କରି ପଢ଼ିବାର ଆଶା ଏହିସବୁ ପୁସ୍ତକ ନ ମିଳିବାରୁ ମଉଳିଯାଉଛି। ଗୋପବନ୍ଧୁଙ୍କ ଗ୍ରାମ ନିକଟବର୍ତ୍ତୀ ଗାଁର ଜଣେ ସାରସ୍ୱତ ବ୍ୟକ୍ତି ଭାବରେ ମୁଁ ଏହା ଅନୁଭବ କରୁଛି। ଅନୁରୋଧ ଗୋପବନ୍ଧୁଙ୍କ ଷଠିଘର ସମ୍ମୁଖରେ ଥିବା ସମାଜ ପ୍ରକାଶନୀର ପ୍ରଦର୍ଶନ ସ୍ଥାନରେ ଏହିସବୁ ପୁସ୍ତକ ବିକ୍ରୟ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗ ବହି ବିକ୍ରୟ କେନ୍ଦ୍ର ଏବଂ ଜିଲା କାର୍ଯ୍ୟାଳୟରେ ଏହା ବିକ୍ରୟ କରାଯାଉ। ସମସ୍ତ ପାଠାଗାରରେ ଏହି ପୁସ୍ତକ ପଢ଼ିବାକୁ ରଖାଯାଉ।

**-ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭୁଶୁଡ଼ିଲା ମୁଖ୍ୟ କେନାଲ: ଧାନ, କପା ଚାଷ ନଷ୍ଟ ଆଶଙ୍କା

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କୁତୁଖମାର ପଞ୍ଚାୟତ ବଡ଼ଫୁଣ୍ଡା ଗ୍ରାମଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଭୁଶୁଡ଼ି ଯାଇଛି। ଫଳରେ ଜମିକୁ ପାଣି ମାଡ଼ିଯାଇ ଧାନ ଓ କପା ଚାଷ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି କେନାଲ କାମ ନିମ୍ନମାନର ହୋଇଥିବା ଯୋଗୁ ଏପରି ସମସ୍ୟା ହୋଇଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ସହକାରୀ ଯନ୍ତ୍ରୀ ନରସିଂହ ପ୍ରସାଦ ମହାନ୍ତି ଓ ଏଇଇ ପ୍ରିୟନାଥ ବୈରାଗୀ ପହଞ୍ଚି କେନାଲ ଅନୁଧ୍ୟାନ କରି ଶୀଘ୍ର ଘାଇ ମରାମତି କରାଯିବ ବୋଲି କହିଛନ୍ତି। ତେବେ କେବେ ଏହି ଘାଇ ମରାମତି ହେବ ଆଉ କ୍ଷତି ଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ମିଳିବ ତାହା ଦେଖିବାକୁ ବାକିରହିଲା।

**ସଂକ୍ଷେପରେ**

## ଖବର ପ୍ରକାଶ ପରେ ମରାମତି ହେଲା ରାସ୍ତା



ବ୍ଲକ ଉପାଧ୍ୟକ୍ଷ କାଦୁଅ ରାସ୍ତା ସଫା କରାଉଛନ୍ତି।

କୋକସରା,୧୩।୮ (ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ପଞ୍ଚାୟତ କୁମୁ ଗ୍ରାମର ବସ୍ତି ମଧ୍ୟରେ ଥିବା କଂକ୍ରିଟ ରାସ୍ତା ଅଳ୍ପ ବର୍ଷାରେ କାଦୁଅ ହୋଇ ଗ୍ରାମବାସୀଙ୍କ ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଦୀର୍ଘ ବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିଲା। ଏ ନେଇ ଗ୍ରାମବାସୀ କାଉଡୋଳା ସରପଞ୍ଚ ଓ ପିଇଓଙ୍କୁ ରାସ୍ତା ସଫା କରିବା ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରି ନ ଥିଲେ। ଏ ନେଇ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇବା ପରେ ଖବର ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ଗ୍ରାମବାସୀଙ୍କ ସମସ୍ୟା ନେଇ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ତତ୍ପରତା ଦେଖାଇ ନିଜେ ଉପସ୍ଥିତ ରହି ଜେସିବି ମେଶିନ ଲଗାଇ କୁମୁ ଗ୍ରାମର ରାସ୍ତାରେ ଥିବା କାଦୁଅ ସଫା କରିବା ପରେ ଏବେ ଯାତାୟାତ କରିବା ଉପଯୋଗୀ ହୋଇଛି। ଗ୍ରାମବାସୀ ଉପାଧ୍ୟକ୍ଷଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ୧୦ ଜିଲାର ୫୦କଳାକାର ସମ୍ବର୍ଦ୍ଧିତ

ବଲାଙ୍ଗୀର,୧୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପିପି ଏକାଡେମୀଠାରେ ରବିବାର ଜିଲା ଯୁବ କଳାକାର ମହାସଂଘ ବଲାଙ୍ଗୀର ପକ୍ଷରୁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟରୁ ପାଇଥିବା ସ୍କୋଲାରଶିପ ଏବଂ ଫେଲୋଶିପ ପାଇଥିବା ପଶ୍ଚିମ ଓଡିଶାର ୧୦ ଜିଲାର ୫୦ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋସଳାଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବା ସହ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଜିଲା ଯୁବ କଳାକାର ମହାସଂଘ ଏହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିବା ସୂଚନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଜିଲା କଳାକାର ସାଂସ୍କୃତିକ ସଂଘର ଜଗଦାନନ୍ଦ ଛୁରିଆ ଏବଂ ଗୋଲାପ ବାଗ, ଜିଲା ଯୁବ କଳାକାର ସଂଘ ସଭାପତି ବିନୋଦ କାଲସାଏ ଏବଂ ଉପଦେଷ୍ଟା ଗୋପାଳ ପଧାନ ମଞ୍ଚାସୀନ ହୋଇଥିଲେ। ବୀରେନ୍ଦ୍ର ପାଣ୍ଡେ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ରହ୍ମାନନ୍ଦ ବନଛୋର, କପିଳ ଖମାରୀ, ନୀଳାଞ୍ଚଳ ନନ୍ଦ, ଅଶୋକ ଦୀପ, ହିମାଂଶୁ ଖମାରୀ, ମନରଞ୍ଜନ ସାହୁ, ରଶ୍ମି ପାତ୍ର, ମିଳି ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୋମନାଥ ମିଶ୍ର, ସନ୍ଦୀପ ବାଗ, ରବି ଖମାରୀ, ସୁରେଶ ଡାଙ୍ଗ, ହରିଓମ ପଟେଲ, ବିନୟ ସୁନା, ଅଷ୍ଟମୀ ନାଗ, ପ୍ରୀତମ ଠାକୁର, ରଞ୍ଜିତ ପଧାନ ପରିଚାଳନା କରିଥିଲେ।



ପଶ୍ଚିମ ଓଡିଶାର ୧୦ଟି ଜିଲାରୁ ଆସିଥିବା କୃତୀ କଳାକାରଙ୍କୁ ବଲାଙ୍ଗୀର ଜିଲା ଯୁବ କଳାକାର ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ୨୦ ଚାଷୀଙ୍କ ଜମି ମରାମତି ଟଙ୍କା ୨ ବର୍ଷ ହେଲା ମିଳିନି

ଖଡ଼ିଆଳ,୧୩।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲାଞ୍ଜି ପଞ୍ଚାୟତର ମନ୍ଦିରରାଇ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପୂର୍ଣ୍ଣ ଫେଲ ମାରିଛି। ଉକ୍ତ ଯୋଜନାରେ ୨୦ ଚାଷୀଙ୍କ ଜମି ମରାମତି ଟଙ୍କା ୨ ବର୍ଷ ହେଲା ମିଳିନି। ଏ ନେଇ ଚାଷୀମାନେ ପଞ୍ଚାୟତ ଦାୟିତ୍ୱରେ ଥିବା ଗାଁ ସାଥୀ ଭୁବନ ବାଗ, ଜେଆରଏସ ଦନାର ମାଝି, ସରପଞ୍ଚ ବୈଦେହୀ ମାଝି, ପିଇଓ ମନୀଷ ସାହୁଙ୍କୁ ଯୋଗାଯୋଗ କଲେ ମଧ୍ୟ କିଏ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ସୂଚନା ମତେ ୨୦୨୧-୨୨ରେ ମନ୍ଦିରରାଇ ଗ୍ରାମର ୨୦ଜଣ ଚାଷୀ କୃଷ୍ଣ ଦୁରିଆ, ଝରଣା ଦୁରିଆ, ଦେବ ବାଗ, ମିଥିଲା ଦୁରିଆ, ଗିରିଧାରୀ ବାଗ, ଗୋବିନ୍ଦ ବାଗ, ଭୁବନ ବାଗ, ରିଖି ତାଣ୍ଡି, ଭୀମ ବାଗ, ଲଳିତ ତାଣ୍ଡି, ବଳମତ ବାଗ, ବଷ୍ଟବ ବାଗ, ଭକ୍ତି ବାଗ, ପ୍ୟାରୀ ବାଗ, ତୁଳସେ ଶବର, ହଳଧର ମାଝି, ମନୁରାମ ମାଝି, ଦୁର୍ଜନ ତାଣ୍ଡି, ରାମ ବରଗେ, ମଙ୍ଗଲୁ ତାଣ୍ଡିଙ୍କୁ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫେଲ**

ଜମି ମରାମତି ପାଇଁ ୪୮ ହଜାର ଟଙ୍କା ହିସାବରେ ମୋଟ ୯ ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟାଦେଶ ପାଇବା ପରେ ସମସ୍ତ ଚାଷୀ ନିଜ ଚାଷ ଜମିରେ ମାଟି କାର୍ଯ୍ୟ ଆରମ୍ଭ କରି ଶେଷ କରିଥିଲେ। କିନ୍ତୁ ୪୮ ହଜାର ଟଙ୍କା କାମ କରି ମଧ୍ୟ ସମସ୍ତ ୨୦ଜଣ ଚାଷୀଙ୍କ ଆକାଉଣ୍ଟରେ ୨ରୁ ୪ ହଜାର ମଧ୍ୟରେ ପଡିଛି। ବାକି ଥିବା ଟଙ୍କା ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଜମା ହୋଇନାହିଁ। ଏ ସମ୍ପର୍କରେ ପିଇଓ ମନୀଷ ସାହୁଙ୍କୁ ଯୋଗାଯୋଗ କରିବାରୁ ୨୦ଜଣ ଚାଷୀ ଯେତେ କାମ କରିଛନ୍ତି, ସେହି ହିସାବରେ ଖାତାରେ ଟଙ୍କା ଜମା କରାଯାଇଛି। ଚାଷୀମାନେ ସମ୍ପୂର୍ଣ୍ଣ ବିଲ କରନ୍ତୁ ବୋଲି ଦାବି କରୁଛନ୍ତି। ତାହା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଏହି ବିଷୟରେ ବିଡିଓ ବିରସେନ ବେହେରାଙ୍କୁ ଯୋଗାଯୋଗ କରିବାରୁ ମୁଁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଟିଟିଲାଗଡ଼ ଜିଲା ଦାବି ପ୍ରସଙ୍ଗ ପୁଣି ଉଠିଲା

ଟିଟିଲାଗଡ, ୧୩।୮ (ଶରତ ମିଶ୍ର)

**୧୭ରେ ଜିଲା କ୍ରିୟାନୁଷ୍ଠାନ କମିଟିର ୧୨ଘଣ୍ଟିଆ ବନ୍ଦ ଡାକରା**

ଟିଟିଲାଗଡ଼ ଜିଲା ଆନ୍ଦୋଳନ ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଟିଟିଲାଗଡ଼ ଗସ୍ତ ଅବସରରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫-ଟି ସଚିବଙ୍କୁ ଦାବି ପତ୍ର ଦେବାକୁ ଯାଇଥିଲେ। ପୂର୍ବରୁ ମଧ୍ୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୁଇ ଥର ରାଜଧାନୀରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଦୀର୍ଘ ୧୩୬ ଦିନ ଧରି ଟିଟିଲାଗଡ଼ ଜିଲା ଦାବି ନେଇ ଦୁର୍ବାର ଆନ୍ଦୋଳନ ହୋଇଥିଲା। ହେଲେ ଜିଲା ଘୋଷଣା ହେଲା ନାହିଁ। ପୁଣି ନିର୍ବାଚନ ଆସନ୍ନ। ହେଲେ ସରକାରୀସ୍ତରରେ ଟିଟିଲାଗଡ଼ ଜିଲା ନେଇ କୌଣସି ସୂଚନା ମିଳିନି। ଏହାକୁ ନେଇ ରବିବାର ସ୍ଥାନୀୟ ମହାବୀର ଧର୍ମଶାଳାଠାରେ ଜିଲା କ୍ରିୟାନୁଷ୍ଠାନ କମିଟି ମାନସ ମନ୍ଥନ କରିଛି। କମିଟି ଆବାହକ ତଥା ଟିଟିଲାଗଡ଼ ବାର ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଯୁଗ୍ମ ଆବାହକଦ୍ୱ ତଥା ବାର ସମ୍ପାଦକ ମହେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସଦସ୍ୟମାନେ ଜିଲା ଦାବି ନେଇ ନିଜ ମତ ରଖିଥିଲେ। ଟିଟିଲାଗଡ଼ ନାଗରିକ କମିଟି ସଭାପତି ରାଧାକାନ୍ତ ପାଢ଼ୀ, ଉପସଭାପତି ପଦ୍ମନାଭ ବେହେରା, ସଙ୍ଗଠନ ସମ୍ପାଦକ ମନୋଜ ହାତୀ, ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, କମ୍ବୁପାଣି ପାଢ଼ୀ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ସନ୍ତୋଷ ପ୍ରଧାନ, ବାଳକୃଷ୍ଣ ଷାଣ୍ଢ, ଶେଖର ସିହ୍ନା, ନଗର କଂଗ୍ରେସ କମିଟି ସଭାପତି ଘିନୁ ଆଡ଼ୟୁଆଡ଼, ନଗର ଭାଜପା ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ବିଜେଡି ନଗର ସଭାପତି ରଣଜିତ ପୃଷ୍ଟି, ଭାଜପା ନେତା ମୁକେଶ ଜୈନ, ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ଲାୟନ୍ସ କ୍ଲବ ସଭାପତି ସନ୍ତୋଷ ମହାନ୍ତି, ବିକାଶ ସେନା ସଭାପତି ଅମ୍ଲାନ ଷଡ଼ଙ୍ଗୀ, ଶେଖର ସିହ୍ନା, ହରପ୍ରତାପ ଦାଶ, ଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସର୍ବସମ୍ମତିକ୍ରମେ ଆନ୍ଦୋଳନକୁ ଆହୁରି ତେଜିୟାନ କରିବା ପାଇଁ ଆସନ୍ତା ୧୭ ଗୁରୁବାର ଟିଟିଲାଗଡ଼ ବନ୍ଦ ପାଳନ ପାଇଁ ଆବାହକ ସାହୁ ନିଷ୍ପତ୍ତି ଘୋଷଣା। ଉକ୍ତ ଦିନ ସହରରେ ସମସ୍ତ ସରକାରୀ ବେସରକାରୀ କର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ପ୍ରତିଷ୍ଠାନ, ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ କରାଯିବ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଧାରଣା ଦେବା କାର୍ଯ୍ୟକ୍ରମ ରହିଛି।

## ୧୬ ଖଣ୍ଡ ଶାଳ କାଠ ଜବତ: ୨ ଗିରଫ

ଘଣ୍ଟାପଡ଼ା,୧୩।୮ (ପ୍ରଭାତ କୁମାର ସାହୁ)

ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବୌଦ୍ଧ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ କଣ୍ଟାମାଳ ରେଞ୍ଜ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ୧୬ ଖଣ୍ଡ ଶାଳ କାଠ ଓ ୩ ଗୋଟି ସାଇକେଲ ଜବତ କରିଥିବା ଜଣାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ବୌଦ୍ଧ ବନଖଣ୍ଡର ଏସିଏଫ ଆଶିଷ କହଁର, ବନରକ୍ଷୀ ପ୍ରକାଶ ପ୍ରଧାନ ଓ ବିଭାଗୀୟ କର୍ମଚାରୀ ସାମିଲ ଥିଲେ। ଏ ନେଇ ବନ ବିଭାଗ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ୫୩୮ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୬୦ଲକ୍ଷ ଟଙ୍କା ସହାୟତା





ମନ୍ତ୍ରୀ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୧୩।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ରବିବାର ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୌରଅଧ୍ୟକ୍ଷା ସଂଯୁକ୍ତା ବେହେରା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର, ଅତିରିକ୍ତ ଜିଲପାଳ, ଜିଲା ଶ୍ରମ ଅଧିକାରୀ ସୁବାଷ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ କିପରି ଅଧିକ ନିର୍ମାଣ ଶ୍ରମିକ କାର୍ଡ କିପରି ହୋଇପାରିବ ଓ ନିର୍ମାଣ ଶ୍ରମିକମାନେ ରାଜ୍ୟ ସରକାରଙ୍କ ଯୋଜନାରେ କିପରି ଉପକୃତ ହୋଇପାରିବେ ସେ ନେଇ ମନ୍ତ୍ରୀ ଢୋଲକିଆ ଉଦବୋଧନ ଦେଇଥିଲେ। ପରେ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା ରାଶି ପ୍ରଦାନ କରିଥିଲେ। ଏଥିରେ ଜିଲାରେ ୫୩୮ଜଣ ନିର୍ମାଣ ଶ୍ରମିକଙ୍କୁ ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କେସିଙ୍ଗା,୧୩।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଜୈନ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର କୁମାର ଦୋରାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୧୬ ତାରିଖରୁ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାସ ଲେବୁଲରେ ରହିବାକୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ୪ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଗତ ୧୧ ତାରିଖରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ସମଗ୍ର ଜିଲାର ଶିକ୍ଷକଙ୍କ ପକ୍ଷରୁ ଜିଲା ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ଦାବିପତ୍ର ଦିଆଯାଇଥିଲା। ତେଣୁ ଆସନ୍ତା ୧୬ ତାରିଖ କାର୍ଯ୍ୟକ୍ରମ ଆଖି ଆଗରେ ରଖି ଏକ ଯୋଜନା ପ୍ରସ୍ତୁତି କରାଯାଇଥିଲା। ବୈଠକରେ ଅକ୍ଷୟ ରଥ, ସଞ୍ଜୀବ ଭୋଇ, ଚନ୍ଦ୍ରଧଜ ନାଗ, କୈଳାଶ ବିଶି, ସୁରେନ୍ଦ୍ର ପ୍ରଧାନ, ଖୁସିରାମ ସାହୁ, ଟିକେରାମ ମହଲା, ବିଜୟ ପ୍ରଧାନ ଗୌର ସାହୁ, ଡୋଳାମଣି ମାଝି, ବିନୋଦ ବାଗ, ମନୋଜ ପ୍ରଧାନ, ଭିକାରୀ ଗୌଡିଆ, ଶଙ୍କର ମାଝି, ଚୂଡାମଣି ମହଲା, ସୁମିତ୍ରା ଦୀପ, ସୁଭାସ୍ମିତା ଦାଶ, ବନ୍ଦନା ଦାଶ, ଜ୍ୟୋତି ଦୋରା, ପୁଷ୍ପା ମହାରଣା,ସନ୍ଧ୍ୟା ପ୍ରତିହାରୀ, ପ୍ରଜ୍ଞାମୟୀ ପତି ପ୍ରମୁଖ ଉପସ୍ଥିତଥିଲେ। ଶିକ୍ଷକ ତପନ ଦାସ ମଞ୍ଚ ପରିଚାଳନା କରିଥିଲେ।

# ମେରାମାଟି ମେରାଦେଶ କାର୍ଯ୍ୟକ୍ରମ



ବନ୍ଧପଡାରେ ମେରାମାଟି ମେରାଦେଶ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ଦେଓଗାଁ,୧୩।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟରେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ରବିବାର ମେରାମାଟି ମେରାଦେଶ ଅମୃତ ବାଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ କୁମାର ବାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ ବୃକ୍ଷରୋପଣର ଉପକାରିତା ବିଷୟରେ କହିଥିଲେ। ଏହି ଅବସରରେ ଜିଆରଏସ ଦଲଗଞ୍ଜନ ପଧାନ, ୱାର୍ଡସଭ୍ୟ ପୁସ୍ତବ ସୁନା, ମହାସଂଘ ସଭାନେତ୍ରୀ କୁମାରୀ ପୋଢ଼, ଗାଁ ସାଥି ରମାକାନ୍ତ ନାଏକ, ଗୋପାଳ ପଧାନ, ସିଆରପି ସିଏମ ଅମ୍ବିକା ସାହୁ, କୁମୁଦିନି ପଧାନ, ରାଜ କୁମାରୀ ସିଂ, ଅଙ୍ଗନୱାଡି କର୍ମୀ ଦୀପ୍ତିରାଣୀ ଚୌଧୁରୀ, ନିରୂପମା ମିଶ୍ର, ସଂଯୁକ୍ତା ଖମାରୀ, ଜନ୍ମେଜୟ ପୋଢ଼, ଅଚ୍ୟୁତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପରେ ପଞ୍ଚାୟତ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା।ଏହି ଅବସରରେ ଏସ୍‌ଏଚ୍‌ଜି ଦଳ ସଭାନେତ୍ରୀ, ସମ୍ପାଦିକା, ସଦସ୍ୟ ତଥା ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

## ପୋଷ୍ଟମାଷ୍ଟରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାଉଁଶୁଣୀ,୧୩।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ମୁରୁଶୁଣି ପୋଷ୍ଟଅଫିସରୁ ଅବସର ଗ୍ରହଣ କରିଥିବା ପୋଷ୍ଟମାଷ୍ଟର ଦୀନବନ୍ଧୁ ମିଶ୍ରଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି। ପୋଷ୍ଟମାଷ୍ଟର ବାଞ୍ଛାନିଧି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ପୋଷ୍ଟାଲ ଆସିଷ୍ଟାଣ୍ଟ ଜୟନ୍ତ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରୋଜ କୁମାର ରଣା, ବ୍ରାହ୍ମଣୀପାଲି ପୋଷ୍ଟମାଷ୍ଟର ପାର୍ଥ ବାରିକ, ପଲସପାଟ ପୋଷ୍ଟମାଷ୍ଟର ମହାଦେବ ପ୍ରଧାନ ଯୋଗଦେଇ ମିଶ୍ରଙ୍କ ଚାକିରି ଜୀବନର କାର୍ଯ୍ୟାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୋଷ୍ଟମାଷ୍ଟର ରବୀନ୍ଦ୍ର ସାହୁ, ମହେଶ ପାଲ, ସୋନାଲିନି ଦାସ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ମିଶ୍ରଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଖୁଣ୍ଟବନ୍ଧ ପୋଷ୍ଟ ମାଷ୍ଟର ମୋତିଲାଲ କଲତା ଧନ୍ୟବାଦ ଅର୍ପଣ କରିଥିଲେ। ବଲାସିଙ୍ଗା, ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ଜଗତି, ତେଲିବନ୍ଧ ଡାକପାଳ ଓ ସହକାରୀ ଡାକପାଳ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦ୍ୱିତୀୟ ବିଦ୍ୟାଳୟ ପରିଚାଳନା, ଉନ୍ନୟନ କମିଟି ବୈଠକ

ଖଡ଼ିଆଳ,୧୩।୮ (ସୁଜିତ୍ କୁମାର ପ୍ରଧାନ)

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖଡ଼ିଆଳଠାରେ ବିଦ୍ୟାଳୟ ସମସ୍ତ ଅଭିଭାବକ, ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଦସ୍ୟଙ୍କୁ ନେଇ ବିଦ୍ୟାଳୟ ପରିଚାଳନା ଓ ବିଦ୍ୟାଳୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ନରୋତ୍ତମ ସିଂହ ଠାକୁରଙ୍କ ସଭାପତିତ୍ୱ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଶୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରହାସିନୀ ପାଢୀ ଶୈକ୍ଷିକ ଅଭିବୃଦ୍ଧି, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି, ଅନଲାଇନ ସୁରକ୍ଷା, ଧନ୍ଦାମୂଳକ କାର୍ଯ୍ୟକ୍ରମ, ବାଲ୍ୟ ବିବାହ, ମାଗଣା ପୋଷାକ ବଣ୍ଟନ, ହାଉସ ସିଷ୍ଟମ ମାନସିକ ଚାପ ଓ ଏହାର ଦୂରୀକରଣ ଇତ୍ୟାଦି ଏହି ବିଦ୍ୟାଳୟ ୫-ଟି ସ୍କୁଲ ପାଇଁ ସରକାର ଯୋଗାଉଥିବା ସମସ୍ତ ସୁବିଧା ସୁଯୋଗ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ବିଦ୍ୟାଳୟ ଶିକ୍ଷକ ସପନ କୁମାର ବାରିକ ଓ ରୁଦ୍ରାକ୍ଷ ବିଶି ଅଭିଭାବକମାନଙ୍କ ବିଭିନ୍ନ ପ୍ରଶ୍ନ ସମସ୍ୟା ଉତ୍ତର ଦେଇଥିଲେ।

# ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

ବଲାଙ୍ଗୀର, ୧୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଖଲିଆପାଲି ବଂଶୀଧର ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ଓଷ୍ଟା ପୂର୍ବତନ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ବାବୁ, ପ୍ରଧାନଶିକ୍ଷକ ସୁକେଶୀ ତ୍ରିପାଠୀ, ବିଦ୍ୟାଳୟ କମିଟି ସଭାପତି ଅଭୟ ପ୍ରସାଦ ଷଡଙ୍ଗୀ, ରାଜ୍ୟ ଉପସଭାପତି ସୁଧୀର ନାଏକ, ଯୁଗ୍ମ ସମ୍ପାଦକ ଅନୀଲ କୁମାର ସାହୁ, କାର୍ଯ୍ୟକାରୀ ସଭ୍ୟ ଶ୍ରୀବତ୍ସ ଭୋଇ, ପୁଇଁତଲା ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର, ଦେଓଗାଁ ବ୍ଲକ ସମ୍ପାଦକ ପ୍ରେମରାଜ ପଧାନ ମଞ୍ଚାସୀନ ଥିଲେ। ଶିକ୍ଷକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଅତିଥି ପରିଚୟ ପ୍ରଦାନ ପରେ ସଭା ଆରମ୍ଭ ହୋଇ ନୂତନ ବ୍ଲକ ସଙ୍ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ସୁରେଶ ଷଡଙ୍ଗୀ, ଉପସଭାପତି ସୁରେନ୍ଦ୍ର ନାଥ ଓ ସାଧନା ପଣ୍ଡା, ସମ୍ପାଦକ ଶଙ୍କର ମିଶ୍ର, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ମନୋଜ କୁମାର ମିଶ୍ର, ସଞ୍ଜୁଲତା ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ପବନ ସାହୁ, ରଞ୍ଜନ ଆଚାର୍ଯ୍ୟ, ଚିତ୍ତରଞ୍ଜନ ତ୍ରିପାଠୀ, ସୁଧାଂଶୁ ଶେଖର ଶତପଥି, ରାଜ୍ୟ ପରିଷଦ ସଦସ୍ୟ ସଞ୍ଜୟ ତ୍ରିପାଠୀ, ସୁଧାନିଧି ମିଶ୍ର ଓ ଇନ୍ଦ୍ରମଣି ସାହୁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତାରାକାନ୍ତ ମିଶ୍ର, ଦିଲୀପ ପଧାନ, ଗୋବିନ୍ଦ ବଗର୍ତ୍ତି, ସର୍ଜନ ପଟେଲ ସହଯୋଗ କରିଥିଲେ।





ବଲାଙ୍ଗୀର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀରେ ଉପସ୍ଥିତ ଶିକ୍ଷକ ପ୍ରତିନିଧି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-032023-IPMPLS, ତା.11.08.2023ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ LAN ଇନ୍‌ଫ୍ରା, VoIP ଭିତ୍ତିକ କଣ୍ଟ୍ରୋଲ କମ୍ୟୁନିକେଶନ ଏବଂ IP-MPLS ଭିତ୍ତିକ ନେଟୱାର୍କକୁ ନେଇ ଗଠିତ ସମନ୍ୱିତ ଯୋଗାଯୋଗ ଭିତ୍ତିଭୂମିର କାର୍ଯ୍ୟାନ୍ୱୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 42,39,14,361.87, EMD (₹) : 22,69,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.09.2023ରିଖ 1030 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P), ଭୁବନେଶ୍ୱର
PR-53/CG/23-24

## ଭୁଶୁଡ଼ିଲା ମୁଖ୍ୟ କେନାଲ: ଧାନ, କପା ଚାଷ ନଷ୍ଟ ଆଶଙ୍କା

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କୁତୁଖମାର ପଞ୍ଚାୟତ ବଡଫୁଣ୍ଡା ଗ୍ରାମଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଭୁଶୁଡି ଯାଇଛି। ଫଳରେ ଜମିକୁ ପାଣି ମାଡିଯାଇ ଧାନ ଓ କପା ଚାଷ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି କେନାଲ କାମ ନିମ୍ନମାନର ହୋଇଥିବା ଯୋଗୁ ଏପରି ସମସ୍ୟା ହୋଇଥିବା ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ ସହକାରୀ ଯନ୍ତ୍ରୀ ନରସିଂହ ପ୍ରସାଦ ମହାନ୍ତି ଓ ଏଇଇ ପ୍ରିୟନାଥ ବୈରାଗୀ ପହଞ୍ଚି କେନାଲ ଅନୁଧ୍ୟାନ କରି ଶୀଘ୍ର ଘାଇ ମରାମତି କରାଯିବ ବୋଲି କହିଛନ୍ତି। ତେବେ କେବେ ଏହି ଘାଇ ମରାମତି ହେବ ଆଉ କ୍ଷତି ଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ମିଳିବ ତାହା ଦେଖିବାକୁ ବାକିରହିଲା।

### ସଂକ୍ଷେପରେ

## ଖବର ପ୍ରକାଶ ପରେ ମରାମତି ହେଲା ରାସ୍ତା



ବ୍ଲକ ଉପାଧ୍ୟକ୍ଷ କାଦୁଅ ରାସ୍ତା ସଫା କରାଉଛନ୍ତି।

କୋକସରା,୧୩।୮
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁମୁ ଗ୍ରାମର ବସ୍ତି ମଧ୍ୟରେ ଥିବା କଂକ୍ରିଟ ରାସ୍ତା ଅଳ୍ପ ବର୍ଷାରେ କାଦୁଅ ହୋଇ ଗ୍ରାମବାସୀଙ୍କ ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଦୀର୍ଘ ବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିଲା। ଏ ନେଇ ଗ୍ରାମବାସୀ କାଉଡୋଲା ସରପଞ୍ଚ ଓ ପିଇଓଙ୍କୁ ରାସ୍ତା ସଫା କରିବା ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରି ନ ଥିଲେ। ଏ ନେଇ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇବା ପରେ ଖବର ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ଗ୍ରାମବାସୀଙ୍କ ସମସ୍ୟା ନେଇ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ତତ୍ପରତା ଦେଖାଇ ନିଜେ ଉପସ୍ଥିତ ରହି ଜେସିବି ମେଶିନ ଲଗାଇ କୁମୁ ଗ୍ରାମର ରାସ୍ତାରେ ଥିବା କାଦୁଅ ସଫା କରିବା ପରେ ଏବେ ଯାତାୟାତ କରିବା ଉପଯୋଗୀ ହୋଇଛି। ଗ୍ରାମବାସୀ ଉପାଧ୍ୟକ୍ଷଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କେସିଙ୍ଗା,୧୩।୮(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଜୈନ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର କୁମାର ଦୋରାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୧୬ ତାରିଖରୁ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାସ ଲେବୁଲରେ ରହିବାକୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ୪ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଗତ ୧୧ ତାରିଖରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ସମଗ୍ର ଜିଲାର ଶିକ୍ଷକଙ୍କ ପକ୍ଷରୁ ଜିଲା ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ଦାବିପତ୍ର ଦିଆଯାଇଥିଲା। ତେଣୁ ଆସନ୍ତା ୧୬ ତାରିଖ କାର୍ଯ୍ୟକ୍ରମ ଆଖି ଆଗରେ ରଖି ଏକ ଯୋଜନା ପ୍ରସ୍ତୁତି କରାଯାଇଥିଲା। ବୈଠକରେ ଅକ୍ଷୟ ରଥ, ସଞ୍ଜୀବ ଭୋଇ, ଚନ୍ଦ୍ରଧ୍ୱଜ ନାଗ, କୈଳାଶ ବିଶି, ସୁରେନ୍ଦ୍ର ପ୍ରଧାନ, ଖୁସିରାମ ସାହୁ, ଟିକେରାମ ମହଲା, ବିଜୟ ପ୍ରଧାନ ଗୌର ସାହୁ, ଡୋଳାମଣି ମାଝି, ବିନୋଦ ବାଗ, ମନୋଜ ପ୍ରଧାନ, ଭିକାରୀ ଗୌଡିଆ, ଶଙ୍କର ମାଝି, ଚୂଡ଼ାମଣି ମହଲା, ସୁମିତ୍ରା ଦୀପ, ସୁଭାସ୍ମିତା ଦାଶ, ବନ୍ଦନା ଦାଶ, ଜ୍ୟୋତି ଦୋରା, ପୁଷ୍ପା ମହାରଣା,ସନ୍ଧ୍ୟା ପ୍ରତିହାରୀ, ପ୍ରଜ୍ଞାମୟୀ ପତି ପ୍ରମୁଖ ଉପସ୍ଥିତଥିଲେ। ଶିକ୍ଷକ ତପନ ଦାସ ମଞ୍ଚ ପରିଚାଳନା କରିଥିଲେ।

# ୧୦ ଜିଲାର ୫୦କଳାକାର ସମ୍ବର୍ଦ୍ଧିତ

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)



ପଶ୍ଚିମ ଓଡିଶାର ୧୦ଟି ଜିଲାରୁ ଆସିଥିବା କୃତୀ କଳାକାରଙ୍କୁ ବଲାଙ୍ଗୀର ଜିଲା ଯୁବ କଳାକାର ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ପିପି ଏକାଡେମୀଠାରେ ରବିବାର ଜିଲା ଯୁବ କଳାକାର ମହାସଂଘ ବଲାଙ୍ଗୀର ପକ୍ଷରୁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟରୁ ପାଇଥିବା ସ୍କୋଲାରଶିପ ଏବଂ ଫେଲୋଶିପ ପାଇଥିବା ପଶ୍ଚିମ ଓଡିଶାର ୧୦ ଜିଲାର ୫୦ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋସଳାଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବା ସହ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଜିଲା ଯୁବ କଳାକାର ମହାସଂଘ ଏହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିବା ସୂଚନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଜିଲା କଳାକାର ସାଂସ୍କୃତିକ ସଂଘର ଜଗଦାନନ୍ଦ ଛୁରିଆ ଏବଂ ଗୋଲାପ ବାଗ, ଜିଲା ଯୁବ କଳାକାର ସଂଘ ସଭାପତି ବିନୋଦ କାଲସାଏ ଏବଂ ଉପଦେଷ୍ଟା ଗୋପାଳ ପଧାନ ମଞ୍ଚାସୀନ ହୋଇଥିଲେ। ବୀରେନ୍ଦ୍ର ପାଣ୍ଡେ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ରହ୍ମାନନ୍ଦ ବନଛୋର, କପିଳ ଖମାରୀ, ନୀଳାଞ୍ଚଳ ନନ୍ଦ, ଅଶୋକ ଦୀପ, ହିମାଂଶୁ ଖମାରୀ, ମନରଞ୍ଜନ ସାହୁ, ରଶ୍ମି ପାତ୍ର, ମିଲି ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୋମନାଥ ମିଶ୍ର, ସନ୍ଦୀପ ବାଗ, ରବି ଖମାରୀ, ସୁରେଶ ଡାଙ୍ଗ, ହରିଓମ ପଟେଲ, ବିନୟ ସୁନା, ଅଷ୍ଟମୀ ନାଗ, ପ୍ରୀତମ ଠାକୁର, ରଞ୍ଜିତ ପଧାନ ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଚୋରି

ଦେବଗଡ଼,୧୩।୮
(ଶଶାଙ୍କ ଶେଖର ଝାଙ୍କର)

ଘର ଭିତରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ। ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦେବଗଡ଼ ପୌରାଞ୍ଚଳ ତଅଁଳା ସାହିର ଅନିଲ କୁମାର କିଣ୍ଡୋଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଅନିଲଙ୍କ ସ୍ତ୍ରୀ ରଶ୍ମିତା ସିଲା ଲାକ୍ରା ଦେବଗଡ଼ ଥାନାରେ ରବିବାର ଅଭିଯୋଗ କରିଥିବାବେଳେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ କରୁଥିବା ଜଣାପଡିଛି। ସୂଚନା ଅନୁଯାୟୀ ଘରର ମୁଖ୍ୟ ଫାଟକରେ ତାଲା ପକାଇ ଅନିଲଙ୍କ ପରିବାର ଲୋକ କୌଣସି ଏକ କାମରେ ହଦମୁଣ୍ଡା ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଘର ପଛପଟୁ କୌଣସି ଦୁର୍ବୃତ୍ତ ପଶି ୩ ଟି ଆଲମାରି ଭାଙ୍ଗିବା ସହ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି କରି ନେଇଛି। ଅନିଲଙ୍କ ପରିବାର ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ୬ ଲକ୍ଷ ୩୦ ହଜାର ଟଙ୍କା ମୂଲ୍ୟର ୬ ଟି ସୁନା ଚୁଡ଼ି, ୫ ହଳ ସୁନା କାନ ଫୁଲ, ୪ଟି ସୁନା ମୁଦି, ଗୋଟିଏ ସୁନା ଚେନ ଓ କିଛି ରୂପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ନଗଦ ଏକ ଲକ୍ଷ ଟଙ୍କା ସମେତ ସିସି ଟିଭିର ଡିଭିଆର ନେଇ ଫେରାର ହୋଇଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ,୧୩।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ବମ୍ପରଡା ଗ୍ରାମ ପମ୍ପାୟତ ଅନ୍ତର୍ଗତ କତ୍ରାପାଲି ଗ୍ରାମରେ ବୀର ସୁରେନ୍ଦ୍ର ସାଏ କ୍ଲବ ଆନୁକୂଲ୍ୟରେ ରବିବାର ତ୍ରିଦିବସୀୟ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ବୀର ସୁରେନ୍ଦ୍ର ସାଏ କ୍ଲବ ସଭାପତି ଜଗନ୍ନାଥ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବମ୍ପରଡା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଦାସିଆ କିସାନ, ୱାର୍ଡସଭ୍ୟ ଅଇଁଠା କିସାନ ଓ ପୁରାତନ ଫୁଟବଲ ଖେଳାଳି ଭୈରବ କିସାନ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୧୫ତାରିଖ ସ୍ୱାଧୀନତା ଦିବସରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ୧୬ ଖଣ୍ଡ ଶାଳ କାଠ ଜବତ: ୨ ଗିରଫ

ଘଣ୍ଟାପଡ଼ା,୧୩।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବୌଦ୍ଧ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ କଣ୍ଟାମାଳ ରେଞ୍ଜ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ୧୬ ଖଣ୍ଡ ଶାଳ କାଠ ଓ ୩ ଗୋଟି ସାଇକେଲ ଜବତ କରିଥିବା ଜଣାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ବୌଦ୍ଧ ବନଖଣ୍ଡର ଏସିଏଫ ଆଶିଷ କହଁର, ବନରକ୍ଷୀ ପ୍ରକାଶ ପ୍ରଧାନ ଓ ବିଭାଗୀୟ କର୍ମଚାରୀ ସାମିଲ ଥିଲେ। ଏ ନେଇ ବନ ବିଭାଗ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ହାତୀ ଉପଦ୍ରବ: ଚାଷ ଜମିରେ ଧାନଗଛ ନଷ୍ଟ



ଦେବଗଡ଼ରେ ହାତୀପଲର ଉପଦ୍ରବ।

ଦେବଗଡ଼,୧୩।୮
(ଶଶାଙ୍କ ଶେଖର ଝାଙ୍କର)

ଗତ ୨ ଦିନ ହେଲା ଦେବଗଡ଼ ବନଖଣ୍ଡ ତଥା ଦେବଗଡ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସୁବର୍ଣ୍ଣପାଲି, କୁଟୁରାପୋଶି, ତିରିବ ଓ ବଡଛାପଲ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନଗଛ ନଷ୍ଟ ହୋଇଥିବା ଜଣାପଡିଛି। ୧୦ଟି ହାତୀର ଏକ ଦଳ ଦେବଗଡ ସେକ୍ସନ ଅଧିନସ୍ଥ ସୁଗୁଡା ଫରେଷ୍ଟ ବିଟ ଅଞ୍ଚଳରେ ଥିବା ଉପରୋକ୍ତ ଗ୍ରାମଗୁଡିକରେ ଥିବା ଚାଷ ଜମିରେ ପଶି ଉପଦ୍ରବ ଚଳାଇ ଆସୁଛନ୍ତି। ଫଳରେ ବହୁ ଚାଷୀଙ୍କର ଏକର ଏକର ଚାଷଜମିରେ ଧାନ ଗଛ କ୍ଷତିଗ୍ରସ୍ତ ହେବାସହ ମାଟିରେ ମିଶିଯାଇଥିବା ଜଣାପଡିଛି । ଏହି କ୍ରମରେ ଶନିବାର ରାତିରେ ଉକ୍ତ ୧୦ ଟିକିଆ ହାତୀ ଦଳ କୁଟୁରାପୋଶି ଗ୍ରାମର ସୁରେଶ ସାହୁ, ଦିଗାମ୍ବର ସାହୁ, ଦ୍ୱିତୀକୃଷ୍ଣ ସାହୁ ଓ ବିରେନ ସାହୁ, ପୁରୁଷୋତ୍ତମ ସ୍ୱାଇଁ ଓ ସୁବର୍ଣ୍ଣପାଲି ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ସମେତ ତିରିବ ଗ୍ରାମର ମଧ୍ୟ ବହୁ ଚାଷୀଙ୍କର ଚାଷ ଜମିରେ ପଶିବା ସହ ମାଡିଦେଲି ବ୍ୟାପକ ଧାନଗଛ ନଷ୍ଟ କରିଥିବା ଜଣାପଡିଛି। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଭୟଭୀତ ହୋଇ ପଡିଛନ୍ତି। ବନବିଭାଗ କର୍ମଚାରୀମାନେ ସମ୍ପୃକ୍ତ ଗ୍ରାମଗୁଡିକରୁ ଉକ୍ତ ହାତୀଦଳକୁ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ କରୁଥିଲେ ମଧ୍ୟ ଏଥିରେ ସଫଳ ହେଉ ନ ଥିବା ଜଣାପଡିଛି। ତେବେ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କର ଆନ୍ତରିକତାର ଅଭାବ ଯୋଗୁ ହାତୀ ଦଳକୁ ଜଙ୍ଗଲ ମଧ୍ୟକୁ ଘଉଡାଇବା ସମ୍ଭବ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ହାତୀ ଘଉଡାଇବାରେ ବନ ବିଭାଗ ଯେଉଁଭଳି ସହଯୋଗ କରିବା କଥା ତାହା ନ କରି ଏହାକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ସେମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏଣୁ ବିଭାଗୀୟ ବନଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ଚାରା ରୋପଣ କାର୍ଯ୍ୟକ୍ରମ



ସତ୍ୟସାଇ ସେବା ସମିତି ତରଫରୁ ଚାରା ରୋପଣ କରାଯାଉଛି।

ଦେବଗଡ଼, ୧୩।୮
(ଶଶାଙ୍କଶେଖର ଝାଙ୍କର)

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ତିଳେଇବଣୀଠାରେ ସତ୍ୟସାଇ ସେବା ସମିତି ଦେବଗଡ଼ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ସମିତି ଆବାହକ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅଁଳା, ନିମ୍ବ, କରଞ୍ଜ, ଜାମୁ, ଶିଶୁ, ଆମ୍ବ, ଲିଚୁ, କମଳା ପ୍ରଭୃତି ୨୦୦ବୃକ୍ଷ ଚାରା ରୋପଣ କରାଯାଇଛି। ସମିତିର ଭଉଣୀ ଭାଇ ଓଁକାର, ବେଦପାଠ, ଭଜନ କରି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଦ୍ୟାଳୟରେ ସମସ୍ତ ଛାତ୍ର ଆଗ୍ରହର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜିଲା ସେବା ସଂଯୋଜିକା ରଞ୍ଜୟିନୀ ନାୟକ, ଆଧ୍ୟାତ୍ମିକ ସଂଯୋଜିକା ନିଳୀମା ମିଶ୍ର, ବେଦ ସଂଯୋଜିକା ଗାୟତ୍ରୀ ଦ୍ୱିବେଦୀ, ପ୍ରମିଳା ବେହେରା, ମିନାକ୍ଷୀ ନାୟକ, ସୁଜାତା ବେହେରା, ସୁମିତ୍ରା ପୁରୋହିତ, ଜୟନ୍ତୀ ବେହେରା, ମନୋରମା ସାହୁ, ସ୍ମୃତିରାନି ପାତ୍ର, ରଘୁମଣୀ ନାୟକ, ଜଗବନ୍ଧୁ ମିଶ୍ର, ବିଦେଶୀ ବେହେରା,ଅରୁଣ ବେହେରା, ରଞ୍ଜିତ ପ୍ରଧାନ ଯୋଗଦାନ କରିଥିଲେ। ଛାତ୍ରାବାସ ଅଧୀକ୍ଷକ ସୁଧୀର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଷ୍ଟମାଷ୍ଟରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାଉଁଶୁଣୀ,୧୩।୮(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ମୁରୁଶୁଣ୍ଡି ପୋଷ୍ଟଅଫିସରୁ ଅବସର ଗ୍ରହଣ କରିଥିବା ପୋଷ୍ଟମାଷ୍ଟର ଦୀନବନ୍ଧୁ ମିଶ୍ରଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି। ପୋଷ୍ଟମାଷ୍ଟର ବାଞ୍ଛାନିଧି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ପୋଷ୍ଟାଲ ଆସିଷ୍ଟାଣ୍ଟ ଜୟନ୍ତ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସରୋଜ କୁମାର ରଣା, ବ୍ରାହ୍ମଣୀପାଲି ପୋଷ୍ଟମାଷ୍ଟର ପାର୍ଥ ବାରିକ, ପଲସପାଟ ପୋଷ୍ଟମାଷ୍ଟର ମହାଦେବ ପ୍ରଧାନ ଯୋଗଦେଇ ମିଶ୍ରଙ୍କ ଚାକିରି ଜୀବନର କାର୍ଯ୍ୟାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୋଷ୍ଟମାଷ୍ଟର ରବୀନ୍ଦ୍ର ସାହୁ, ମହେଶ ପାଲ, ସୋନାଲିନି ଦାସ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ମିଶ୍ରଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଖୁଣ୍ଟବନ୍ଧ ପୋଷ୍ଟ ମାଷ୍ଟର ମୋତିଲାଲ କଲତା ଧନ୍ୟବାଦ ଅର୍ପଣ କରିଥିଲେ। ବଲାସିଙ୍ଗା, ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ଜଗତି, ତେଲିବନ୍ଧ ଡାକପାଳ ଓ ସହକାରୀ ଡାକପାଳ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓସିଏସ୍‌ରେ ସଫଳତା ପାଇଥିବା ସୌରଭଙ୍କୁ ସମ୍ବର୍ଦ୍ଧିତ କଲା ବିକାଶ ମଞ୍ଚ



ରିଆମାଳ ଦୁର୍ଗାପୂଜା ମଣ୍ଡପଠାରେ ବିକାଶ ମଞ୍ଚ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ରିଆମାଳ ୧୩।୮(ନିରଞ୍ଜନ ବେହେରା)

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍)ରେ ୫୫ରାୟାଙ୍କ ରଖି ସଫଳତା ପାଇଛନ୍ତି ଦେବଗଡ ଜିଲା ତଥା ରିଆମାଳ ବ୍ଲକ ଆଡସ ଗ୍ରାମର ସୌରଭ କୁମାର ପ୍ରଧାନ। ତାଙ୍କୁ ରବିବାର ରିଆମାଳ ଦୁର୍ଗାପୂଜା ମଣ୍ଡପଠାରେ ବିକାଶ ମଞ୍ଚ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିକାଶ ମଞ୍ଚ ସଭାପତି ମୁନସୁନ କୁମାର ସାହୁ ଓ ସମ୍ପାଦକ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୌରଭ ତାଙ୍କର ସଫଳତା କଥା କହି ଉତ୍ସାହିତ କରିଥିଲେ। ତାଙ୍କର ମା', ଭଉଣୀ ତଥା ଗୁରୁଜନଙ୍କ ପ୍ରେରଣା ତଥା ନିଜର ଆତ୍ମବିଶ୍ୱାସ ପାଇଁ ସଫଳତାରେ ପହଞ୍ଚି ପାରିଥିବା ପ୍ରକାଶ କରିଥିଲେ। ଏହି ସଭାରେ କମିଟି ଉପଦେଷ୍ଟା ମଣ୍ଡଳୀର ହରିଶ୍ଚନ୍ଦ୍ର ବିଶ୍ୱାଳ, ମୌସମ ମାଝି, ତପନ ବିଶାଳ, ଟଙ୍କଧର ପ୍ରଧାନ, କୈଳାସ ଦେବ, କପିଳେଶ୍ୱର ବିଶାଳ, ଟୁକୁ ଜେନା ପ୍ରମୁଖ ବିକାଶ ମଞ୍ଚର ଅନେକ ସଭ୍ୟ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲାର ବିଭିନ୍ନ ଦାବି, ଉନ୍ନତିମୂଳକ କାର୍ଯ୍ୟ ନେଇ ଆଲୋଚନା

### ଜିଲା ନାଗରିକ କମିଟି ବୈଠକ

ଦେବଗଡ଼,୧୩।୮
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜୀଉ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଜିଲା ନାଗରିକ କମିଟି ତରଫରୁ ଏକ ବୈଠକର ରବିବାର ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ଦାବି ବିଷୟରେ ଆଲୋଚନା ହୋଇଥିଲା। ବିମଳାଗଡ଼ ତାଳଚେର ରେଳ ଲାଇନ ପାଇଁ ଦେବଗଡ ଜିଲାରେ ବ୍ୟବହୃତ ହେବାକୁ ଥିବା ଜମିକୁ ଶୀଘ୍ର ଅଧିଗ୍ରହଣ କରିବା ପାଇଁ ଦେବଗଡ଼ ଜିଲାପାଳଙ୍କଠାରେ ଜିଲା ନାଗରିକ କମିଟି ତରଫରୁ ଦାବି କରାଯାଇଛି। ସେଣ୍ଟର ଫର୍ କଲଚର ପ୍ରାଙ୍ଗଣରେ ନାଗରିକ କମିଟିର ସଭାପତି ସୁଶୀଲ କୁମାର କପରଦାରଙ୍କର ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ନୂତନ ଭାବରେ ନିର୍ମିତ ହେଉଥିବା ଜିଲା ମୁଖ୍ୟ ଡାକ୍ତରଖାନାକୁ ବର୍ତ୍ତମାନର ଡାକ୍ତରଖାନା ସ୍ଥାନାନ୍ତର ହେବା ପୂର୍ବରୁ ପୁରୁଣା ଡାକ୍ତରଖାନାକୁ ସିଏସସି ମାନ୍ୟତା ଦିଆଯାଇ ପୂର୍ବବତ ଡାକ୍ତରଖାନା ଚାଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି ହୋଇଥିଲା। ଏତଦ ବ୍ୟତୀତ ଜକଟିପାଲି କଟାର ପୂର୍ବ ଦିଗରେ ଥିବା ଜବରଦଖଲକୁ ପୂର୍ଣ୍ଣ ଉଚ୍ଛେଦ କରିବା,କୁରୋଡକୋଟରୁ



ବୈଠକରେ ନାଗରିକ କମିଟିର କର୍ମକର୍ତ୍ତା ଉପସ୍ଥିତ।

ନୂତନ ଡାକ୍ତରଖାନାକୁ ଜଳ ଯୋଗାଣ, ଡାକ୍ତରଖାନାଗୁଡିକରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ରାଜା ବାସୁଦେବ ହାଇସ୍କୁଲରେ ସ୍ଥାୟୀ ହେଡମାଷ୍ଟର ନିଯୁକ୍ତି, ଦେବଗଡ ପୌରାଞ୍ଚଳରେ ଖୋଲାମେଲା ବୁଲୁଥିବା ଗୋରୁଙ୍କୁ ନିୟନ୍ତ୍ରଣ କରିବା, ଜିଲାରେ ଏକ ଭିନ୍ନକ୍ଷମ ସ୍କୁଲ ପ୍ରତିଷ୍ଠା କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଦେବଗଡ଼ ଜିଲାରୁ ୨ଜଣ ଓଏଏସରେ କୃତକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହିତ ପ୍ରଧାନପାଟ ଶ୍ମଶାନଘାଟର ଉନ୍ନତିକରଣ କରିବା ପାଇଁ ପୌର କର୍ତ୍ତୃପକ୍ଷଙ୍କ ଠାରେ ଦାବି ଜଣାଇବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ବୈଠକରେ ମନୋଜ କୁମାର ପାଢୀ, ଲକ୍ଷ୍ମଣ କୁମାର ପ୍ରଧାନ, ମାର୍କଣ୍ଡେଶ୍ୱର ଶତପଥି, ସୁଧୀର କପରଦାର, ସୁଶାନ୍ତ ନନ୍ଦ, ଶଶାଙ୍କଶେଖର ଝାଙ୍କର, ପ୍ରଜିତ କୁମାର ଭୋଜ, ଟିକେଶର ଗୁରୁ, ଈଶ୍ୱର ପ୍ରସାଦ ଦାଶ, ଇଶମାଇଲ ହେନେଜ, ନରୋତ୍ତମ ସାହୁ, ଶଶାଙ୍କ ଶେଖର ନାଗ, ସଦାନନ୍ଦ ସାହୁ, ଶଶାଙ୍କ ଶେଖର ନାୟକ, ବାବୁଲେନ୍ଦ୍ର ନାୟକ ପ୍ରମୁଖ ଅନେକ କର୍ମକର୍ତ୍ତା ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-032023-IPMPLS, ତା.11.08.2023ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ LAN ଇନ୍‌ଫ୍ରା, VoIP ଭିତ୍ତିକ କଣ୍ଟ୍ରୋଲ କମ୍ୟୁନିକେଶନ ଏବଂ IP-MPLS ଭିତ୍ତିକ ନେଟୱାର୍କକୁ ନେଇ ଗଠିତ ସମନ୍ୱିତ ଯୋଗାଯୋଗ ଭିତ୍ତିଭୂମିର କାର୍ଯ୍ୟାନ୍ୱୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 42,39,14,361.87, EMD (₹) : 22,69,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.09.2023ରିଖ 1030 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P), ଭୁବନେଶ୍ୱର
PR-53/CG/23-24

**ପାତାଳଗଙ୍ଗା ପାଇଁ ୭ କୋଟି ୨୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର**

ବୋଡେନ,(ଟିକେଶ୍ୱର ନାଗ୍): ନୂଆପଡ଼ା ବୋଡ଼େନ ବ୍ଲକ ପାତାଳଗଙ୍ଗା ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୭ କୋଟି ୨୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ଗତ ଜୁନରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲା ଗସ୍ତରେ ଆସିଥିବା ବେଳେ ପାତାଳଗଙ୍ଗା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ନିର୍ମାଣ ନେଇ ଦାବିପତ୍ର ଦିଆଯାଇଥିଲା। ଏହାକୁ ନେଇ ରାଜ୍ୟ ସରକାର ପାତାଳଗଙ୍ଗା ଉନ୍ନତିକରଣ ପାଇଁ ୭ କୋଟି ୨୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଥିବା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିରେ ତହସିଲଦାର ରାଜେଶ କୁମାର ମେହେର, ଜିଲା ପରିଷଦ ଅଧକ୍ଷା ଡଲି ମାଝି, ବେଦବ୍ୟାସ ନାଗ, ଲମ୍ବୋଦର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଘର ଘର ତ୍ରିରଙ୍ଗା ଯାତ୍ରା, ଚାରା ରୋପଣ

ଏମ୍.ରାମପୁର,୧୩।୮ (ଶଶିଭୂଷଣ ପ୍ରହରାଜ)

କେନ୍ଦ୍ର ସରକାରଙ୍କ ଘର ଘର ତ୍ରିରଙ୍ଗା ଯାତ୍ରା ଆହ୍ୱାନରେ କଳାହାଣ୍ଡି ଜିଲା ମ. ରାମପୁର ଆଦିବାସୀ ମାଓବାଦୀ ଅଧୁଷିତ ଲୁବେନଗଡଠାରେ ରବିବାର ଘର ଘର ତ୍ରିରଙ୍ଗା ସଚେତନ ଯାତ୍ରା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ନିରାପତ୍ତା ବାହିନୀ, ୬୪ବର୍ଗ ବାଟାଲିୟନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେନାନାୟକ ପଙ୍କଜ ଚୌଧୁରୀ, ୨ୟ ସେନାନାୟକ ଏ ହ ପି ମିଶ୍ର, ସହ ସେନାନାୟକ ଯୁଗଳ ମହାପାତ୍ର ପ୍ରମୁଖ ନେତୃତ୍ୱରେ ଲୁବେନ୍‌ଗଡ଼ କ୍ୟାମ୍ପଠାରୁ ଗ୍ରାମ ପଞ୍ଚାୟତ, ଗ୍ରାମ ମଧ୍ୟରେ ଶୋଭାଯାତ୍ରା କରିବା ସହିତ ଚାରା ରୋପଣ କରିଥିଲେ।

### ଜନ୍ମାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ

ବୋଡେନ,୧୩।୮ (ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡ଼େନ ବ୍ଲକ ରାଧାକୃଷ୍ଣ ମନ୍ଦିର ସତସଙ୍ଗ ସଭାଗୃହଠାରେ ଜନ୍ମାଷ୍ଟମୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଧକୃଷ୍ଣ ମନ୍ଦିର ପରିଚାଳନା କମିଟି ସଭାପତି ହିତେଶ କୁମାର ବଗର୍ତ୍ତୀଙ୍କ ପରିଚାନାରେ ଉପସଭାପତି ଲମ୍ବୋଦର ନିଆଲ, ସମ୍ପାଦକ ବେଦବ୍ୟାସ ନାଗ, କୋଷାଧକ୍ଷ ଜୟରାମ ଜାଲ, ଉପଦେଷ୍ଟା କମିଟର ସଦସ୍ୟ ପର୍ଶୁରାମ ନିଆଲ ଏବଂ ବିଷ୍ଣୁପତି ବାଗ ଉପସ୍ଥିତ ହୋଇଥିଲେ। ଗତବର୍ଷ ଭଳି ଏବର୍ଷ ମଧ ଜନ୍ମାଷ୍ଟମୀ ପୂଜା ମହା ସମାରୋହରେ ପାଳନ ହେବ ବୋଲି କମିଟି ସଦସ୍ୟମାନେ ମତବକ୍ତ୍ୟ ରଖିଥିଲେ। ଆସନ୍ତା ସେପ୍ଟେମ୍ବର ୬ରେ ପୂଜା ଓ ପୁରାଣପାଠ ଏବଂ ୭ରେ ନନ୍ଦଉତ୍ସବ ପାଳନ କରାଯିବ। ବୈଠକରେ ବୋଡ଼େନ ବ୍ଲକ ଯାଦବ ସମାଜ ସଭାପତି ରାଜ କିଶୋର ହେର୍ଣ୍ଣା, ସହ ସମ୍ପାଦକ ମାଧବ ବାଗ ଏବଂ କୋଷଦକ୍ଷ ରିଖିରାମ କାଣ୍ଡ, ବ୍ଲକ ନିରୀକ୍ଷକ ଟିକେଶ୍ୱର ନାଗ, ପୁରନ୍ଦର ବାଗ, ସଂସ୍କୃତିକ ସମ୍ପାଦକ ପ୍ରବୀଣ ନିଆଲଙ୍କ ସମେତ ପ୍ରତେକ ଆଞ୍ଚଳିକ କେନ୍ଦ୍ର ସଭପତି ଓ ସମ୍ପାଦକ ଉପସ୍ଥିତ ହୋଇଥିଲେ।

### ମହାବିଦ୍ୟାଳୟରେ ନୂତନ ସଭାପତି ନିଯୁକ୍ତ

ଏମ୍.ରାମପୁର,୧୩।୮ (ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ମ. ରାମପୁର ମହାବିଦ୍ୟାଳୟ ପରିଚାଳନା ସମିତି ନୂତନ



ସଭାପତି ଭାବେ ପଲମ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ଘିଭେଲାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଅବସ୍ଥାପିତ କରାଯାଇଛି। ମହାବିଦ୍ୟାଳୟକୁ ବିଧାୟକ ପରିବର୍ତ୍ତେ ଅବସରପ୍ରାପ୍ତ ଶିକ୍ଷାବିତଙ୍କୁ ସଭାପତି ନିଯୁକ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତଦନୁସାରେ ମ. ରାମପୁର ଗୌଡପଡ଼ା ବାସିନ୍ଦା ଭାଗବତ ଘିଭେଲାଙ୍କୁ ନିଯୁକ୍ତି ମିଳିଛି। ନୂତନ ସଭାପତି ଶିକ୍ଷା ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ବେଲଖଣ୍ଡି ଶୈବପୀଠର ବିକାଶ ପାଇଁ ୪ କୋଟି ୨ ଲକ୍ଷ ଟଙ୍କା ମଞ୍ଜୁର

ତୁଣ୍ଡଲା,୧୩।୮ (ଫିରୋଜ ଦାଶ)

କଳାହାଣ୍ଡି ଜିଲାର ବହୁ ପୁରାତନ ଐତିହାସିକ ଶୈବପୀଠ ବେଲଖଣ୍ଡିର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୪ କୋଟି ୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଗତ ମେ'ରେ ୫-ଟି ସଚିବ କଳାହାଣ୍ଡି ଗସ୍ତରେ ଆସିଥିବା ବେଳେ ବେଲଖଣ୍ଡି ଶୈବପୀଠ ଉନ୍ନତିକରଣ ପାଇଁ ଡିପିଆର ପ୍ରସ୍ତୁତି କରି ପଠାଇବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ମନ୍ଦିରରେ ରୋଷେଇଶାଳା ଓ ଭୋଗ ମଣ୍ଡପ ନିର୍ମାଣ କରିବା ସମେତ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟକ୍ରମ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୪ କୋଟି ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିସହିତ ଆରଆଣ୍ଡବି ସର୍କଲ ବଲାଙ୍ଗୀରର ମୁଖ୍ୟଯନ୍ତ୍ରୀ (ନିର୍ମାଣ)ଙ୍କ କାର୍ଯ୍ୟାଳୟରୁ ଟେଣ୍ଡର ପାଇଁ ମଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ସ୍ଥାନୀୟ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶ୍ରାବଣରେ ବୈଶାଖ ତାତି, ଜମି ଫାଟି ଆଁ

ଗୋଲାମୁଣ୍ଡା,୧୩।୮ (ବଟକୃଷ୍ଣ ପଣ୍ଡା)

**ଗୋଲାମୁଣ୍ଡା ବ୍ଲକ**
- ଆଉ ଏକ ମରୁଡି ଚିନ୍ତାରେ ଚାଷୀ
- କୃଷି ବିଭାଗ ସ୍ଥିତି ଅନୁଧାନ କରିବାକୁ ଦାବି



ବର୍ଷା ଅଭାବରୁ ଧାନ କ୍ଷେତ ଶୁଖିଲା ପଡ଼ିଛି।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଏବେ ଶ୍ରାବଣ ମାସରେ ବୈଶାଖ ତାତି। ଏହାର ପ୍ରଭାବରେ ଜମି ଫାଟି ଥିବା ବେଳେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବ୍ଲକର ଚାଷୀ ଆଉ ଏକ ମରୁଡି ଚିନ୍ତାରେ ଅଛନ୍ତି। ଗୋଲାମୁଣ୍ଡା ବ୍ଲକ ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ ଗତ କେତେକ ବର୍ଷ ହେଲା ଅନେକ ପଞ୍ଚାୟତ ମରୁଡିର ଶିକାର ହୋଇଥିବା ବେଳେ ଚଳିତବର୍ଷ ସମ୍ପୂର୍ଣ୍ଣ ବ୍ଲକରେ ମରୁଡିର ପଦଧ୍ୱନୀକୁ ନେଇ ଚିନ୍ତାରେ ଚାଷୀ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ପାଇଁ ବ୍ଲକରେ ଧାନ ଚାଷ କାର୍ଯ୍ୟ ପଛାଇ ଯାଇଥିବା ବେଳେ ଜୁଲାଇ ଶେଷ ଭାଗରେ ମଧ୍ୟମ ଧରଣର ବର୍ଷା ଯୋଗୁ ଚାଷୀ ରୁଆବେଉଷଣ କାର୍ଯ୍ୟରେ ମଜି ଯାଇଥିଲା। ବ୍ଲକର ୫୦ ପ୍ରତିଶତ ଅଞ୍ଚଳରେ ରୁଆବେଉଷଣ କାର୍ଯ୍ୟ ସରିଯାଇଥିବା ବେଳେ ଅଗଷ୍ଟ ପ୍ରଥମ ସପ୍ତାହରୁ ବର୍ତ୍ତମାନ ଅଧା ଦିନ ସରିବାକୁ ବସିଲାଣି କିନ୍ତୁ ବର୍ଷା ଉଭାନ ହୋଇଯାଇଛି। ବର୍ତ୍ତମାନ ଶ୍ରାବଣ ମାସରେ ବର୍ଷା ଲାଗି ରହିବା କଥା, କିନ୍ତୁ ବୈଶାଖର ତାତି ଅନୁଭୁତ ହେଉଛି। ବର୍ତ୍ତମାନ ଯେତିକି ଜମିରେ ଚାଷକାର୍ଯ୍ୟ ହୋଇଯାଇଛି, ସେସବୁରେ ପାଣି ଅଭାବ ଯୋଗୁ ଜମି ଫାଟି ଆଁ କଲାଣି। ବ୍ଲକର ୨୮ଟି ପଞ୍ଚାୟତରେ ବର୍ତ୍ତମାନ ଆବଶ୍ୟକଠାରୁ କମ ବର୍ଷା ହେଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। କେତେ ଅଞ୍ଚଳରେ ଚାଷୀ ରୁଆବେଉଷଣ ପାଇଁ ଧାନ ତଳି ପକାଇ ଥିବାବେଳେ ତଳିସବୁ ବର୍ଷା ଅଭାବରୁ ଶୁଖି ଗଲାଣି। ଜମିରେ ରୁଆ ହୋଇଥିବା ଧାନ ଓ ବୁଣା ଧାନ ମଧ ପାଣି ଅଭାବରୁ ଠିକ ଭାବେ ବଢି ନ ପାରି ମରିବାକୁ ଲାଗିଲାଣି। ଚାଷୀ ଧାନ କରଜ କରି ବିହନ ରାସାୟନିକ ସାର କିଣିଥିବା ବେଳେ ଗତ କେତେକ ବର୍ଷ ହେଲା ବ୍ଲକର ଚାଷୀ ଧାନ ଚାଷ କରି ମରୁଡିର ସମ୍ମୁଖୀନ ହୋଇ ତାଙ୍କର ସାର ଓ ବିହନ ଖର୍ଚ୍ଚ ମଧ ବାହାରି ପାରି ନ ଥିବା ବେଳେ ଚଳିତ ବର୍ଷ ମଧ ଏପରି ପରିସ୍ଥିତି ଦେଖାଦେଲେ ଚାଷୀଙ୍କୁ ସାର ଓ ବିହନ ଖର୍ଚ୍ଚ ମିଳିବ କି ନାହିଁ ଆଶଙ୍କାରେ ଅଛନ୍ତି ବ୍ଲକର ଚାଷୀ । ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ଠିକ ପରିମାଣରେ ବର୍ଷା ନ ହେଲେ ଚଳିତବର୍ଷ ମଧ ଗୋଲାମୁଣ୍ଡା ବ୍ଲକର ଚାଷୀ ଭୟାବହ ମରୁଡିର ସମ୍ମୁଖୀନ ହେବେ ବୋଲି ଚାଷୀ ମହଲରେ ଚର୍ଚ୍ଚା ଯୋରଧରିଛି। ଅପରପକ୍ଷରେ ବ୍ଲକର ଅନେକ ପଞ୍ଚାୟତ ଚାଷୀଙ୍କ ଧାନ ତଳି ଓ ରୁଆ ଧାନ ମରିବା ଯାଇଥିବା ବେଳେ ବର୍ଷା ହେଲେ ମଧ ଏହା ବଢି ପାରିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଜିଲା କୃଷି ବିଭାଗ ପକ୍ଷରୁ ଏକ ଟିମ ସବୁ ଅଞ୍ଚଳ ପରିଦର୍ଶନ କରି ମରୁଡି ରିପୋର୍ଟ ପ୍ରସ୍ତୁତ କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ଉଦ୍‌ଘାଟନ ପୂର୍ବରୁ ଭାଙ୍ଗିଲା ପାଚେରି



ବିମାନ ବନ୍ଦର ବାଡ଼ ଭାଙ୍ଗି ଯାଇଛି।

ଭବାନୀପାଟଣା,୧୩।୮ (ଉତ୍ତମ କୁମାର ଦାଶ)

**ଉତ୍କେଳା ବିମାନ ବନ୍ଦର**
- ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନବାଚୀ

କଳାହାଣ୍ଡି ଜିଲା ଉତ୍କେଳା ବିମାନବନ୍ଦରରୁ ବିମାନ ଉଡାନ ନେଇ ଗତ ୭ ତାରିଖ ଡିଜିସିଏ ଅନୁମତି ଦେଇଥିଲେ। ଆସନ୍ତା ୧୫ ତାରିଖରେ ବିମାନବନ୍ଦର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିବା ବେଳେ ଶନିବାର ବିମାନବନ୍ଦର ପାଚେରି ଭାଙ୍ଗି ଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପାଣି ନିଷ୍କାସନ ହୋଇ ନ ପାରିବାରୁ ବାଡ଼ ଭଙ୍ଗିଯାଇଥିବା ପ୍ରକାଶ କରିଛନ୍ତି। ନୂତନ ରନେୱ ଓ ଟର୍ମିନାଲ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ବାଡ଼ ଭାଙ୍ଗିଯିବା ପରେ ବର୍ତ୍ତମାନ ବିମାନବନ୍ଦ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, କେସିଙ୍ଗା ବ୍ଲକ ଉତ୍କେଳା ଗ୍ରାମରେ ଥିବା ଉ ପ ବିମାନ ଉ ପାଇଁ ସୋମବାର ଦିଲ୍ଲୀସ୍ଥିତ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ଡିଜିସିଏ) ପକ୍ଷରୁ ଅନୁମତି ମିଳିଛି। ଫଳରେ ଅନେକ ଦିନ ଧରି ଅପେକ୍ଷା କରି ରହିଥିବା କଳାହାଣ୍ଡିବାସୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଡିଜିସିଏ ପକ୍ଷରୁ ଉତ୍କେଳାରୁ ବିମାନ ଚଳାଚଳ ନେଇ ସବୁଜ ସଂକେତ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନନ୍ଦ ପ୍ରକାଶ କରିଛନ୍ତି। ସେ ଟୁଇଟ କରି କହିଛନ୍ତି, ଲାଇସେନ୍ସ ମିଳିବା ପରେ ଖୁବ ଶୀଘ୍ର ଉତ୍କେଳାରୁ ଭୁବନେଶ୍ୱରକୁ ବିମାନ ଉଡ଼ାନ ଏହା ଦ୍ୱାରା ଏହି ଅଞ୍ଚଳର ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ।

# ୧୮ରେ ଜିଲା କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ



ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ ବୃନ୍ଦ।

ନୂଆପଡ଼ା,୧୩।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ସୁନ୍ଦର ଜଳସେଚନ ପ୍ରକଳ୍ପ ବଙ୍ଗଳାଠାରେ ରବିବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୮ରେ ୯ ଦଫା ଦାବି ଓ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ପ୍ରତ୍ୟେକ ବ୍ଲକ ଘେରାଉ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ଅଧ୍ୟକ୍ଷତାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଚରମ ସୀମାକୁ ପହଞ୍ଚି ଗଲାଣି, ପ୍ରତ୍ୟେକ ବ୍ଲକରେ ପିସି କାରବାର, ମଣିପୁରରେ ଆଦିବାସୀ ମହିଳାମାନଙ୍କୁ ବଳାତ୍କାର କରି ହତ୍ୟା କାରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ସ୍ଥାଣୁ ପାଲଟି ଯାଇଛନ୍ତି। ଏସୁବୁ ବିରୋଧ କରି ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୮ରେ ରାଜ୍ୟର ୩୧୪ଟି ବ୍ଲକ ଘେରାଉ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବି ଓ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ବିଡିଓଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ଅର୍ଯ୍ୟବେକ୍ଷକ ସାଲୁଜା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦେବଦତ ଦିକ୍ଷୀତ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଗୋବିନ୍ଦ ସିଂ ଠାକୁର, ସୋସିଆଲ ମେଡିଆ ସାଧାରଣ ସମ୍ପାଦକ ପବନ ଶର୍ମା, ଯୁବ କଂଗ୍ରେସ ଜିଲା ସଭାପତି ଅମିତ ଅହିର, ନୂଆପଡା ନିର୍ବାଚନମଣ୍ଡଳୀ ସଭାପତି ଆନନ୍ଦ ସୋନି, କୋମନା ବ୍ଲକ କଂଗ୍ରେସ କମିଟି ସଭାପତି ପିଲେଶ୍ୱର ସାହୁ, ନୂଆପଡା ବ୍ଲକ ସଭାପତି ଚୁନୁଲାଲ ଶବର, ସଦର ଏନଏସି ସଭାପଡତି କୁଲଦୀପ ସୁରଜ, ସେବା ଦଳ ସଭାପତି ତୋପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ, କୋଠରି ଅଭାବ ଯୋଗୁ ପାଠପଢ଼ା ବାଧା

**ନିମନା ପ୍ରାଥମିକ ବିଦ୍ୟାଳୟ**

ବୋଡେନ,୧୩।୮ (ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ବୋଇରଗାଁ ଗ୍ରାମପଞ୍ଚାୟତ ନିମନା ପ୍ରାଥମିକ ବିଦ୍ୟାଳୟଠାରେ ଶିକ୍ଷକ, କୋଠରି ଅଭାବ ଯୋଗୁ ପାଠପଢ଼ାରେ ବାଧା ହେଉଛି। ଏଠାରେ ୨ ଶିକ୍ଷକ ଓ ୨ କୋଠରିରେ ପାଠପଢ଼ା ଚାଲିଛି। ସୂଚନା ମତେ ନିମନା ପ୍ରାଥମିକ ବିଦ୍ୟାଳୟ ବହୁ ପୁରାତନ ହୋଇଥିଲେ ମଧ୍ୟ ଏଠାରେ ଶିକ୍ଷାଦାନର ବ୍ୟତିକ୍ରମ ଦେଖାଦେଇଛି। ପ୍ରଥମରୁ ତୃତୀୟ ଶ୍ରେଣୀ ଗୋଟିଏ କୋଠରି ଓ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଆଉ ଗୋଟିଏ କୋଠିରେ ପାଠ ପଢ଼ିଥାନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ୍ୟନ୍ନ ଭୋଜନ ଖାଦ୍ୟ ଓ ପିଇବା ପାଣି ନଳକୂପର ଫ୍ଲୋରାଇଡ ପାଣି ବ୍ୟାବହାର କରିଥାନ୍ତି। ଫଳରେ ଛାତ୍ରୀଛାତ୍ରମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜଣେ ଶିକ୍ଷକ ଜଣେ ଶିକ୍ଷୟିତ୍ରୀ ପାଠପଢ଼ାନ୍ତି। ଜଣେ ଶିକ୍ଷକ ଛୁଟିରେ ଗଲେ ଆଉ ଜଣେ କିପରି ଛାତ୍ରୀଛାତ୍ରମାନଙ୍କୁ ପାଠପଢ଼ାଯାଉଥିବା ତାହା ଅନୁମେୟ। ଏଠାରେ ପ୍ରାୟ ୫୪ଜଣ ଆଦିବାସୀ ଛାତ୍ରୀଛାତ୍ର ପାଠପଢୁଛନ୍ତି। ଏଠାରେ ଛାତ୍ରୀଛାତ୍ରମାନେ ମଧ୍ୟନ୍ନ ଭୋଜନ କାଇବା ସାର ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟନ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭୂତ କୋଠି ପାଲଟିଛି ପୌରକେଲା ଛାତ୍ରୀ ନିବାସ



ପୌରକେଲାସ୍ଥିତ ଛାତ୍ରୀ ନିବାସ।

କର୍ଲାମୁଣ୍ଡା,୧୩।୮ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲାଠାରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ଏବେ ଭୂତ କୋଠି ପାଲଟିଛି। ସୂଚନା ମତେ ବ୍ଲକର ପୌରକେଲା ବିଆର୍ ଆମ୍ବେଦକର ଉଚ୍ଚ ବିଦ୍ୟାପୀଠ ନିକଟରେ ରାଜ୍ୟ ସରକାରଙ୍କ ହରିଜନ ଆଦିବାସୀ କଲ୍ୟାଣ ବିଭାଗ ପକ୍ଷରୁ ୧୦୦ ସିଟ ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ଲକ୍ଷ୍ୟ ରଖି ପଞ୍ଚାୟତ ସମିତି ଜରିଆରେ ଟେଣ୍ଡର ମାଧ୍ୟମରେ ୨୦୧୦-୨୦୧୧ରେ ୩୦ ଲକ୍ଷ ୬୬ ହଜାର ଓ ୨୦୧୩-୧୪ରେ ୧୩ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ସମ୍ପାଦନ ହୋଇଥିଲା। ୩୦।୧୦।୨୦୧୯ରେ ନର୍ଲା ବିଧାୟକ ଭୁପିନ୍ଦର ସିଂଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ତେବେ ପ୍ରଥମ ବର୍ଷ ଛାତ୍ରୀ ନିବାସରେ ଛାତ୍ରୀମାନେ ରହିଥିଲେ। ଛାତ୍ରୀ ନିବାସରେ ଆବଶ୍ୟକ ପଦବୀ ପୂରଣ ହେଉ ନ ଥିବାରୁ ଛାତ୍ରୀ ନିବାସରେ ଛାତ୍ରୀ ରହିବା ପରିବର୍ତ୍ତେ ଛାତ୍ରୀ ନିବାସ ଭୁତ କୋଠି ପାଲଟିଛି। ଏ ନେଇ ଛାତ୍ରୀ ନିବାସ ଦାୟିତ୍ୱରେ ଥିବା ବିଆର୍ ଆମ୍ବେଦକର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରଣାଙ୍କୁ ପଚାରିବରୁ ହଷ୍ଟେଲ ନିଛାଟିଆ ସ୍ଥାନରେ ଥିବା କାରଣରୁ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସହିତ ଛାତ୍ରୀ ନିବାସ ଆନୁଷଙ୍ଗିକ ସୁବିଧା କରାଗଲେ ଛାତ୍ରୀ ନିବାସ ସୁରୁଖୁରୁରେ ଚାଲି ପାରନ୍ତା ବୋଲି କହିଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଗାଡ଼ି ଧକ୍କାରେ ଯୁବକ ମୃତ, ହତ୍ୟା ଅଭିଯୋଗ

ଏମ୍.ରାମପୁର,୧୩।୮ (ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ମ. ରାମପୁର ନିକଟ ବୁରାଟସ୍ଥିତ ମା' ଗୃହ ସମ୍ମୁଖରେ ଅଜଣା ଗାଡ଼ି ଧକ୍କାରେ ଆମ୍ବଗାଁ ବାବୁପଡ଼ାର ବଣ୍ଟି ମହାଖୁଡ (୨୪)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ମ. ରାମପୁର ଥାନାରେ ମାମଲା ରୁଜୁ ହେଇଛି। ଏହା ଦୁର୍ଘଟଣା ଜନିତ ନୁହଁ ଏହା ଏକ ହତ୍ୟା ବୋଲି ମୃତକଙ୍କ ବାପା ପ୍ରତାପ ମହଖୁଡ ଅଭିଯୋଗ କରିଛନ୍ତି। ବଣ୍ଟି କୁଆଡେ ଶେରଗଡ଼ ଗ୍ରାମର ଶିକ୍ଷକ ମାୟାଧର ବେହେରାଙ୍କ ଝିଅଙ୍କୁ ପ୍ରେମ କରୁଥିଲେ। ଏଥି ଯୋଗୁ ମାୟାଧର ଓ ପୁଅ ବିକାଶ ଦୁଇଜଣ ମିଶି ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ ହେଇଛି। ପୋଲିସ ମାୟାଧର ଓ ବିକାଶଙ୍କୁ ଅଟକ ରଖି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛଦ କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ଭାବେ ପୋଲିସ ଦୁର୍ଘଟଣା ମାମଲା (ନଂ.୧୭୨/୨୩) ରଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ତଦନ୍ତକାରୀ ପୋଲିସ ଏସଆଇ ମତବ୍ୟକ୍ତ କରିଛନ୍ତି।

# ଖଡ଼ିଆଳକୁ ହରାଇ ଫାଇନାଲରେ ଜାମଖୁଣ୍ଟା

ଖଡ଼ିଆଳ,୧୩।୮ (ସୁଜିତ୍ କୁମାର ପ୍ରଧାନ)

**ରାଜା ଅନୁପ ସିଂ ଦେଓ ଫୁଟବଲ ଟୁର୍ନାମେଣ୍ଟ**

ନୂଆପଡା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଚାଲିଥିବା ୧୪ତମ ରାଜା ଅନୁପ ସିଂ ଦେଓ ଫୁଟବଲ ଟୁର୍ନାମେଣ୍ଟର ରବିବାର ୨ୟ ସେମି ଫାଇନାଲ ମ୍ୟାଚ ଖଡ଼ିଆଳ ଏବଂ ଜାମଖୁଣ୍ଟା ଦଳ ମଧ୍ୟରେ ହୋଇଥିଲା। ଜାମଖୁଣ୍ଟା ନିର୍ଦ୍ଧାରିତ ସମୟର ପ୍ରଥମାର୍ଦ୍ଧରେ ଏକ ଗୋଲ ଦେଇ ଅଗ୍ରଣୀ ରହିଥିବା ବେଳେ ଆକ୍ରମଣାତ୍ମକ ଖେଳ ଜାରି ରଖି ଦ୍ୱିତୀୟାର୍ଦ୍ଧାରେ ପୁଣି ଏକ ଗୋଲ ସ୍କୋର କରିଥିଲା । ଫଳରେ ଜାମଖୁଣ୍ଟା ୨-୦ ଗୋଲରେ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ଏନଏସି ଉପାଧକ୍ଷା ଶକୁନ୍ତଳା ରାଉତ, ୫ ନମ୍ବର ୱାର୍ଡ କାଉନସିଲର ସୁନୀଲ ସାହୁ, ୮ ନମ୍ବର ୱାର୍ଡ ସୁବେର ସିଂ ଦେଓ, ୧୧ ନମ୍ବର ୱାର୍ଡ ନରେନ୍ଦ୍ର ଶବର, ୧୨ ନମ୍ବର ୱାର୍ଡ କାଉନସିଲର ବିନତି ହଂସ ପ୍ରମୁଖ ଯୋଗଦେଇ ଉଭୟ ଦଳ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରୀ ସୌରଭ ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେଫରୀ ଭାବେ ଅମୁଲ୍ୟ ବାରିକ ଏବଂ ତାପସ ପତି ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ପାତ୍ର, ଜିତେନ୍ଦ୍ର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କୁମାର ଅଙ୍କିତ ସିଂ ଦେଓ, ବିବେକ ଯାଦବ, ପ୍ରଭୁଦତ୍ତ ଗୌଡ଼, ମହମ୍ମଦ ଆକିବ ରାଜା, ଦୀପକ ମହାପାତ୍ର, ତାପସ ପତି ପ୍ରମୁଖ ସହଯୋଗ କରିଥିଲେ। ବିଜୟୀ ଜାମଖୁଣ୍ଟା ଆସନ୍ତା ୧୫ ତାରିଖରେ ପ୍ରଥମ ସେମି ଫାଇନାଲ ମ୍ୟାଚ ବିଜେତା ଜୋରାବନ୍ଦ ସହ ଫାଇନାଲରେ ମୁକାବିଲା ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ୬ ବର୍ଷ ହେଲା ଅନ୍ଧାରରେ ଦାନିକାପେଲ ଗାଁ



ଅଚଳ ହୋଇପଡ଼ିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।



ଦାନିକାପେଲ ଗ୍ରାମବାସୀ।

ଲାଞ୍ଜିଗଡ଼,୧୩।୮ (ରମେଶ ଚନ୍ଦ୍ର ନାୟକ)

- ବିଭାଗର ନିଘା ନାହିଁ
- ଉପଭୋକ୍ତାଙ୍କ ନାଁରେ ଆସୁଛି ମୋଟା ଅଙ୍କର ବିଲ୍

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବେଗାଁ ଗ୍ରାମପଞ୍ଚାୟତ ଉପାନ୍ତ ଦାନିକାପେଲ ଗ୍ରାମବାସୀ ଦୀର୍ଘ ୬ ବର୍ଷ ହେଲା ବିଦ୍ୟୁତ୍ ସେବାରୁ ବଞ୍ଚିତ। କିନ୍ତୁ ଉପଭକ୍ତାଙ୍କ ନାଁରେ ମୋଟା ଅଙ୍କର ବିଲ ଗଡୁଛି। ଗାଁକୁ ଯେବେ ବିଦ୍ୟୁତ୍ ସଂଯୋଗ ହେଲା ଗ୍ରାମବାସୀଙ୍କ ମନରେ ଏକ ଖୁସିର ଲହରୀ ଖେଳି ଯାଇଥିଲା। ବିଦ୍ୟୁତ୍ ସଂଯୋଗର ମାତ୍ର ଦୁଇ ବର୍ଷ ଉପଭୋଗ କରିବା ପରେ ସେହି ଖୁସି ଗ୍ରାମବାସୀଙ୍କର ମଉଳି ଗଲା। ସୂଚନାନୁସାରେ ସୁଲିମରୁ ଦାନିକାପେଲ ମଧ୍ୟରେ ଏକ ଗଛପଡ଼ି ବିଦ୍ୟୁତ୍ ଖୁଣ୍ଟ ପଡିଯାଇ ତାର ଛିଣ୍ଡି ଯାଇଛି ଏବଂ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇପଡିଛି। ବର୍ତ୍ତମାନ ସୁଦ୍ଧା ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ଉଠାଯାଇନି ନା ଛିଣ୍ଡି ଥିବା ତାର ସଂଯୋଗ କରାଯାଇନି। ତାର ଛିଣ୍ଡି ୬ ବର୍ଷ ବିତି ଗଲାଣି ଗାଁକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ହେଲେ ଉପଭୋକ୍ତାଙ୍କ ନାମରେ ହଜାର ହଜାର ଟଙ୍କା ବିଲ ଆସୁଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଗାଁରେ ୧୧ ଘର କୁଟିଆ କନ୍ଧ ସାମ୍ପ୍ରଦାୟର ଲୋକ ପ୍ରାୟ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବାସ କରି ଆସୁଥିବା ବେଳେ ମାତ୍ର ୫ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଛି। ଉକ୍ତ ୫ ଘରେ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ବିଦ୍ୟୁତ୍ ସଂଯୋଗର ମାତ୍ର ୨ ବର୍ଷ ଉପଭୋକ୍ତାମାନେ ଉପଭୋଗ କରିବା ପରେ ବିଚ୍ଛିନ୍ନ ହୋଇ ଆଜକୁ ୬ ବର୍ଷରୁ ଉର୍ଦ୍ଧ୍ୱ ହେଲା ସଂଯୋଗ ହୋଇନାହିଁ। କିନ୍ତୁ ୫ ଘର ପାଇଁ ୮୩୯୮୬ ଟଙ୍କା ବିଲ ଆସିଥିବାରୁ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ନ ଥିବାରୁ ମିଟର ଏବଂ ବିଦ୍ୟୁତ୍ ସରଞ୍ଜାମଗୁଡିକ ନଷ୍ଟ ହେଇଗଲାଣି। ବିଦ୍ୟୁତ୍ ସଂଯୋଗ ପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏ ଯାଏଁ ବିଭାଗର ନିଘାନାହିଁ। ଫଳରେ ୬ ବର୍ଷ ଧରି ଅନ୍ଧାରରେ ଜୀବନ ବିତାଉଛନ୍ତି ୧୧ଟି ପରିବାର। ଯଥା ସମ୍ଭବ ଦାନିକାପେଲ ଗାଁକୁ ବିଦ୍ୟୁତ୍ ସଂଯୋଗ କରାଯାଉ ବୋଲି ଲକ୍ଷ୍ମଣ ମାଝି, କ୍ରିଷ୍ଣା ମାଝି, କାଳିଆ ମାଝି, ରିଗେ ମାଝି, ଟିଙ୍ଗୁ ମାଝି, ପ୍ରଶାସନକୁ ନିବେଦନ କରିଛନ୍ତି। ଯଦି ଏହାର ସମାଧାନ ନ କଲେ ଆଗାମୀ ୨୦୨୪ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିପ୍ରତି ବ୍ଲକ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଗୋଁଣ୍ଡ ମହାସଭାର ନୂଆଁଖାଇ ପ୍ରସ୍ତୁତି

**ପଦ୍ମପୁର,୧୩।୮ (ପ୍ରଦୀପ୍ତ ଦାଶ):** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପଦ୍ମପୁର, ସାରସମାଲ, ପୁରେନା ସର୍କଲର ଗୋଁଣ୍ଡ ସମାଜ ଆୟୋଜନ ସମିତି ପକ୍ଷରୁ ପଦ୍ମପୁର ଗୋରୁବଜାର ପ୍ରାଙ୍ଗଣରେ ରବିବାର ଜିଲା ପ୍ରଚାର ସଚିବ ରଘୁନନ୍ଦନ ଦେଓଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ -୨୦୨୩ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦ୍ମପୁର ସର୍କଲ ସଭାପତି ଅଶୋକ ସିଦାର, ସମ୍ପାଦକ ମଙ୍ଗଳ ସିଂ ସିଦାର, ପଦ୍ମପୁର ବ୍ଲକ ପ୍ରଚାର ସଚିବ କମଳ ଲୋଚନ ଭୋଇ, ସାରସମାଲ ସର୍କଲ ସମ୍ପାଦକ କେଦାର ଧରୁଆ, ପଦ୍ମପୁର ସର୍କଲ ସମ୍ପାଦକ ବିଷ୍ଣୁ ଧରୁଆ, ମୁରଲୀ ଧରୁଆ, ପଞ୍ଚାନନ ନେଟୀ, ଯଜ୍ଞକୁମାର ନେଟୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଉପନିର୍ବାଚନରେ ବ୍ୟବହୃତ ଗାଡ଼ି ଭଡ଼ା ମିଳିନି

**ପଦ୍ମପୁର,୧୩।୮ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପନିର୍ବାଚନ ସମୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଞ୍ଚଳର ଗାଡିଗୁଡିକୁ ନିର୍ବାଚନ କାମରେ ନିୟୋଜିତ କରାଯାଇଥିଲା। ଗତ ତା୨।୧୨।୨୨ରିଖରୁ ତା୫।୧୨।୨୨ରିଖ ପର୍ଯ୍ୟନ୍ତ ଗାଡିଗୁଡିକ ପ୍ରଶାସନ ଅକ୍ତିଆରରେ ଥିଲା। କିନ୍ତୁ ଅଦ୍ୟାବଧି ସେହି ଗାଡ଼ି ମାଲିକଙ୍କୁ ପ୍ରାପ୍ୟ ମିଳିନାହିଁ। ଏ ନେଇ ରାଜବୋଡାସମ୍ବର ଗାଡି ମାଲିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଉପଜିଲାପାଳ ସଦାକର କୁମ୍ଭାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗାଡ଼ି ମାଲିକ ସଂଘ ପକ୍ଷରୁ ପୃଥ୍ୱୀରାଜ ପଟେଲ, ସୁଶୀଲ ସାହୁ, ମହେନ୍ଦ୍ର ପ୍ରଧାନ, ମଧୁସୁଦନ ସାହା, ସୁଶାନ୍ତ ସାହୁ ଓ ଅନ୍ୟମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳା

**ବରପାଲି,୧୩।୮ (ଚିତ୍ତରଞ୍ଜନ ସାହୁ):** ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ସଙ୍କୁଳ ସଂଯୋଜକ ଦିଲୀପ ସାଥୁଆ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା ଅତିଥି ପରିଚୟ ଦେଇଥିବା ବେଳେ ସଙ୍କୁଳ ପ୍ରମୁଖ ଆନନ୍ଦ ପଧାନ ଉପସ୍ଥିତ ଥିଲେ। ବିଜ୍ଞାନ ଗୁରୁଜୀ ଧର୍ମେନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ମେଳାରେ ୧୦୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଦାବି ସମୂହ ପୂରଣକୁ ଗୁରୁତ୍ୱ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

**ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ପରିଷଦ ବୈଠକ**

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ରବିବାର ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରଥମ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବୈଠକର ଶୁଭାରମ୍ଭ କରିଥିଲେ। ବୈଠକରେ ବିଭିନ୍ନ ଜିଲାରୁ ଯୋଗଦେଇଥିବା ରାଜସ୍ୱ ଅମଲା ଏବଂ କର୍ମକର୍ତ୍ତା ଜିଲାସ୍ତରୀୟ ଅମଲାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଆଚାର୍ଯ୍ୟ ଅମଲାମାନଙ୍କ ଦାବି ସମୂହ ଯଥାର୍ଥ ଏବଂ ଏହା ଉପରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଦାବି ଗୁଡ଼ିକ କିଭଳି ଶୀଘ୍ର ପୂରଣ ହୋଇପାରିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ସେ ଯୋଗାଯୋଗ କରି ଏହାକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ।

ଉଦଘାଟନୀ ଉତ୍ସବ ପରେ ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ବିଭିନ୍ନ ପ୍ରସ୍ତାବଗୁଡ଼ିକ ଗୃହୀତ ହୋଇଥିଲା। ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜୀବନ ବିନ୍ଦୁ ଯୋଜନାକୁ ଜିଲାସ୍ତରରେ ନିର୍ଦ୍ଧାରିତ ଗୋଟିଏ ଦିନରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲାସ୍ତରୀୟ ଅମଲାମାନଙ୍କ ବେତନରେ ଥିବା ଅସଙ୍ଗତିକୁ ତୁରନ୍ତ ସମାଧାନ କରିବାକୁ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ସେହିପରି ଜିଲାସ୍ତରୀୟ ଅମଲାମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବା, ଜିଲାସ୍ତରରେ ଖାଲିଥିବା ପଦବୀ ଗୁଡ଼ିକ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଓଡ଼ିଶା ଅମଲା ସଂଘର ମୁଖ୍ୟ ଉପଦେଷ୍ଟା ସୁଧାକର ମହାପାତ୍ର, ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ପ୍ରସନ୍ନ ନାୟକ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ବରଗଡ଼ ଜିଲା ସଭାପତି ପ୍ରହଲ୍ଲାଦ ଭେସ୍ରା, ସମ୍ପାଦକ ପ୍ରକାଶ କୁମାର ସାହୁ, ରମାକାନ୍ତ ସାହୁ, ଏମ. ଶିବଶଙ୍କର ଦୋରା, ହିମାଂଶୁ ଦାଶ, ରଷି ସାହୁ, ବାଳମୁକୁନ୍ଦ ଦୀପ, ପ୍ରଶାନ୍ତ ମିଶ୍ର, ଗୌରାଙ୍ଗ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଜନ୍ମମାଟିରେ ପହଞ୍ଚିବ ଶହୀଦଙ୍କ ମରଶରୀର



ମଣିପୁର ଆର୍ମି କ୍ୟାମ୍ପରେ ଶହୀଦ ନୀଳାଚଳଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

**ଭେଡ଼େନ, ୧୩।୮ (ସୁଦନ ମହାକୁର)**

ଆସାମ ରାଇଫଲ-୭ରେ କାର୍ଯ୍ୟରତ ହାବିଲଦାର ବରଗଡ଼ ଜିଲା ଭେଡ଼େନ ବ୍ଲକ ବାଘପାଲି ସୁନାଲରମ୍ଭା ଗ୍ରାମର ନୀଳାଚଳ ପଟେଲ (୪୮) ଶୁକ୍ରବାର ରାତିରେ ସଡ଼କ ଦୁର୍ଘଟଣାରେ ଶହୀଦ ହୋଇଛନ୍ତି। ରବିବାର ପ୍ରଥମେ ତାଙ୍କ ମରଶରୀରକୁ ଆର୍ମି କ୍ୟାମ୍ପରୁ ଏୟାରଲାଇନ ଯୋଗେ କଲିକତା ଅଣାଯାଇଛି। ସେଠାରୁ ଆମ୍ବୁଲାନ୍ସ ଯୋଗେ ସିଧାସଳଖ ବରଗଡ଼ ଅଣାଯିବ। ସୋମବାର ସକାଳେ ନିଜ ଜନ୍ମମାଟି ବାଘପାଲିକୁ ମରଶରୀର ଅଣାଯିବ ବୋଲି ତାଙ୍କ ବଡ଼ଭାଇ ନୀଳାମ୍ବର ପଟେଲ କହିଛନ୍ତି। ସୁନାଲରମ୍ଭା ପଞ୍ଚାୟତ ସମ୍ମୁଖ ପୈତୃକ ଜମିରେ ଶହୀଦ ନୀଳାଚଳଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି। ବାଘପାଲି ଗ୍ରାମର ଆଦି ପଟେଲଙ୍କ ସାନ ପୁଅ ନୀଳାଚଳ ୨୦୦୪ରେ ଆସାମ ରାଇଫଲ୍‌ରେ ଯୋଗଦାନ କରିଥିଲେ।

# ସିଏନ୍‌ଆଇ ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା



ମଣିପୁରରେ ଶାନ୍ତି ପାଇଁ ସିଏନ୍‌ଆଇ ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା କରାଯାଉଛି ।

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**

ମଣିପୁରରେ ଶାନ୍ତି, ସୁରକ୍ଷା ପାଇଁ ରବିବାର ବରଗଡ଼ର ସିଏନ୍‌ଆଇ ଚର୍ଚ୍ଚ ପରିସରରେ ସାମୂହିକ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମସ୍ତ ଖ୍ରୀଷ୍ଟିୟ ବିଶ୍ୱାସିନୀ, ବିଶ୍ୱାସୀ, ଆବାଳବୃଦ୍ଧବନିତା ସାମୂହିକ ପ୍ରାର୍ଥନା କରିଥିଲେ। ମଣିପୁରରେ ଶାନ୍ତି, ମୈତ୍ରୀ, ସଦଭାବନା ଯେଭଳି ଫେରିଆସିବ, ସେ ନେଇ ଆଚାର୍ଯ୍ୟ ଆନନ୍ଦ ବାଗ ଆଲୋକପାତ କରିଥିଲେ। ସାମୂହିକ ପ୍ରାର୍ଥନା ସଭା କାର୍ଯ୍ୟକ୍ରମକୁ ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ ପରିଚାଳନା କରିଥିଲେ। ଶେଷରେ ଆଚାର୍ଯ୍ୟ ଅମୂଲ୍ୟ ସୁନା ଦେଶବାସୀଙ୍କ ପାଇଁ ପ୍ରଭୁଙ୍କଠାରେ ପ୍ରାର୍ଥନା କରିଥିଲେ।

### ନୃସିଂହନାଥ ଆୟୁର୍ବେଦ କଲେଜ ଛାତ୍ର ସଂଘ ଗଠିତ

**ପାଇକମାଳ, ୧୩।୮ (ବଡ ଶତପଥୀ)**

ପାଇକମାଳ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ନୃସିଂହନାଥ ଆୟୋସିଏଲ ଅତିଥି ଭବନରେ ରବିବାର ଡା. ପ୍ରଦୀପ ଦୋରାଙ୍କ ଆହ୍ୱାନ କ୍ରମେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଡା. ମାନଭଞ୍ଜନ ଦେବତା ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡା. ରମେଶ ଆଚାର୍ଯ୍ୟ, ଡା. ଚିତ୍ତ ରଞ୍ଜନ ଦାନି, ଡା. ଯୋଗେନ୍ଦ୍ର ପ୍ରଧାନ, ଡା. ରତନ ଅଗ୍ରୱାଲ, ଡା. ନାରାୟଣ ପୁରୋହିତ ମଞ୍ଚାସୀନ ଥିଲେ। ଡା. ଲମ୍ବୋଦର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ଅରବିନ୍ଦ ମହାକୁର ସ୍ୱାଗତ ଭାଷଣ ଦେଇଥିଲେ। ଡା. ଚୈତନ୍ୟ ସାହୁ, ଡା. ଦିଲୀପ ନନ୍ଦ, ଡା. ଗୌତମ ବିଶ୍ୱାଳ, ଡା. ରମେଶ ବାରିକ, ଡା. ସୁଧୀର ପଣ୍ଡା, ଡା. ପ୍ରଦୀପ ଦେବତା, ଡା. ଦେବଦତ୍ତ ମହାନ୍ତି, ଡା. ବିଜୟ ପଣ୍ଡା ନିଜ ନିଜ ଅଞ୍ଚଳରେ ଲୋକଙ୍କ ସେବା କରିବାକୁ ମତ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଂଘ ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ପ୍ରଥମେ ଏକ ଅସ୍ଥାୟୀ କମିଟି ଗଠନ କରାଗଲା। ଏଥିରେ ଡା. ପ୍ରଦୀପ ଦୋରା, ଡା. ଲମ୍ବୋଦର ପଣ୍ଡା, ଡା. ଚିତ୍ତରଞ୍ଜନ ଦାନି, ଡା. ରତନ ଅଗ୍ରୱାଲ, ଡା. ନାରାୟଣ ପୁରୋହିତ, ଡା. ଶ୍ରୀବତ୍ସ ଦାସ ଓ ଡା. ସୁଶିଲ ବଡପଣ୍ଡାଙ୍କୁ ସଭ୍ୟ ଏବଂ ଡା. ପ୍ରମୋଦ ଚନ୍ଦ୍ରାକରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଗଲା।

# ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟିକା ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ପଦ୍ମପୁର,୧୩।୮ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଏନ୍‌ଏସି ଅଧୀନ ୨ ନଂ. ୱାର୍ଡରେ ଥିବା ଜ୍ୟୋତି ନଗର (ମାଷ୍ଟର କଲୋନୀ)କୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟିକା ବର୍ଷା ସିଂ ବରିହା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟିକାଙ୍କ ସମେତ ଏନଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କାଉନସିଲର କୁନାଲ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶ ସାହୁ, ବିଦ୍ୟାଧର ଦାଶ, ଉମାକାନ୍ତ ସାହୁ, ମଧୁସୂଦନ ଦେବତା, ରଞ୍ଜନ ପଣ୍ଡା, ଦୈତାରି ସ୍ୱାଇଁ, ସୁରେନ୍ଦ୍ର ପୁରୋହିତ, ଲଳିତ ଦାଶ, କିଶୋର ଚନ୍ଦ୍ର ଦାଶ, ଜାନକୀ ସାହୁ, ମାମି ପଣ୍ଡା, ସଂଯୁକ୍ତା ଦାଶ, ନିବେଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନରେ ସାମିଲ ପାଇଁ ନିଷ୍ପତ୍ତି

**ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ବୈଠକ**

**ବରଗଡ଼,୧୩।୮ (ପ୍ରେମାନନ୍ଦ ଖମାରୀ)**



ବୈଠକରେ ଉପସ୍ଥିତ ଶିକ୍ଷକବୃନ୍ଦ।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଜିଲା ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅନ୍ତର୍ଯାମୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ଏବଂ ଗଣଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବିଚାର ବିରୋଧରେ ମତପ୍ରକାଶ ପାଇଥିଲା। ସଂଘ ପକ୍ଷରୁ ଅଭିଯୋଗ ହୋଇଛି, ରାଜ୍ୟ ସରକାର ୨୦୧୬ରେ ଗୋଟିଏ ପ୍ରକାଶର ଜି.ଓ ବାହାର କରି ପରବର୍ତ୍ତୀ ସମୟରେ ଅଲଗା କିସମରେ ମୋଡ଼ାଲିଟି ପ୍ରକାଶ କରି ରାଜ୍ୟରେ କାର୍ଯ୍ୟରତ ଗଣଶିକ୍ଷୟିତ୍ରୀ, ଗଣଶିକ୍ଷକମାନଙ୍କୁ ଏକ୍ସ କ୍ୟାଡ଼ର ଲଗାଇ ଦେଲେ। ଏହା ସହିତ ସେହି ଶିକ୍ଷକମାନେ ୨୦୦୮ରେ ନିଯୁକ୍ତି ପାଇସାରିଥିଲେ ସୁଦ୍ଧା ୨୦୧୭ରେ ୮ବର୍ଷ ନିରବଚ୍ଛିନ୍ନ ଭାବେ ଚାକିରି ଯୋଗ୍ୟ ଶିକ୍ଷକଙ୍କୁ ସ୍ଥାୟୀ ଶିକ୍ଷକର ମାନ୍ୟତା ପ୍ରଦାନ କଲେ, ମାତ୍ର ଏକ୍ସ କ୍ୟାଡ଼ର ଲଗାଇ ଦେଲେ। ୨୦୧୨ରେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ଲାଗୁ ହୋଇଥିବା ଓଟିଇକୁ ଇନକ୍ରିମେଣ୍ଟ ସହିତ ଯୋଡ଼ିଦେଲେ, ଯାହା ସମ୍ପୂର୍ଣ୍ଣ ଭାବେ ଶିକ୍ଷକ ଭାବେ ନିଯୁକ୍ତି ହୋଇ ସାରିଥିବା ବ୍ୟକ୍ତି ବିଶେଷଙ୍କ ଇନକ୍ରିମେଣ୍ଟ ସହିତ ଅନ୍ୟାୟ ଅଟେ ବୋଲି ବୈଠକରେ ଅଭିଯୋଗ ହୋଇଥିଲା।

ସେହିପରି ୨୦୧୯ ମାର୍ଚ୍ଚ ପହିଲା ପୂର୍ବରୁ ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକ ଓଟିଇଟି ପାସ୍ କରିବେ ନାହିଁ, ସେମାନେ ପରବର୍ତ୍ତୀ ଇନକ୍ରିମେଣ୍ଟରେ ବଞ୍ଚିତ ରହିବେ। ସେପଟେ ନିୟମିତ ପ୍ରକ୍ରିୟାରୁ ବଞ୍ଚିତ ରହିଥିବା କିଛି ଗଣଶିକ୍ଷକମାନଙ୍କୁ ମଧ୍ୟ ନିୟମିତ କଲେ ନାହିଁ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବୈଠକରେ ବିରୋଧ କରାଯାଇଥିଲା। ତେଣୁ ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ କ୍ୟାଡ଼ରଭୁକ୍ତ କରିବା, ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ଇନକ୍ରିମେଣ୍ଟ ପ୍ରଦାନ ଏବଂ ସମସ୍ତ ଗଣଶିକ୍ଷୟିତ୍ରୀ, ଗଣଶିକ୍ଷକଙ୍କୁ ନିୟମିତ କରିବା ଆଦି ୫ଦଫା ଦାବିରେ ରାଜ୍ୟ ସଂଘ ପକ୍ଷରୁ ଗତ ମାସ ୩୧ତାରିଖରୁ ରାଜଧାନୀର ଲୋୟର ପିଏମଜିରେ ଚାଲିଥିବା ଆନ୍ଦୋଳନରେ ଯୋଗଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଆନ୍ଦୋଳନରେ ଆସନ୍ତା ୨୨ତାରିଖରେ ବରଗଡ଼ ଜିଲା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେବା ପାଇଁ ସଭାପତି ଅନୁରୋଧ କରିଥିଲେ। ସମ୍ପାଦକ ସୁନନ୍ଦ ମିଶ୍ର, ବଳିଷ୍ଠ ପ୍ରଧାନ, ସଞ୍ଜୀବ ଷଡ଼ଙ୍ଗୀ, ସନାତନ ଖମାରୀ, ରାମେଶ୍ୱର ସାହୁ, ଭାରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ନଅଗାଁରେ ଆୟୁଷ ସ୍ୱାସ୍ଥ୍ୟ ଶିବିର

**ସୋହେଲା,୧୩।୮ (ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ସ୍ଥିତ ଆୟୁଷ ଗ୍ରାମ ନଅଗାଁରେ ଆୟୁଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆୟୁଷ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀପ୍ରିୟା ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସେ ଔଷଧୀୟ ଚାରା ବିତରଣ କରିଥିଲେ। ଆୟୁଷ ଗ୍ରାମରେ ଚାରାରୋପଣ କରାଯିବା ପରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ପରୀକ୍ଷା ସହିତ ଔଷଧ ବିତରଣ କରାଯାଇଥିଲା। ନୋଡ଼ାଲ ଅଫିସର ଡା. ପ୍ରଶାନ୍ତ ମିଶ୍ର, ଡା. ଅଜିତ ଦର୍ଜୀ, ଡା. ରମେଶ ପୋଡ଼, ଡା. ସୁନିତା ଗଡ଼ତିଆ, ଦୁଷ୍ମନ୍ତ ମାଝି ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିତ୍ତରଞ୍ଜନ ଶର୍ମା, ଶିଶିର ଚାନ୍ଦ, ସୁରଜ ପ୍ରଧାନ, ରକ୍ସଣ ବରିହା, ତରଣୀ ପ୍ରଧାନ, ଅକ୍ଷୟ ନାୟକ, ଭାଗ୍ୟବାନ ବେରିଆ, ଡା. ମୋହନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଆୟୁଷ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରାଯାଉଛି ।

### ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ପଦ୍ମପୁର,୧୩।୮ (ପ୍ରଦୀପ୍ତ ଦାଶ)**

ପଦ୍ମପୁର କୁସୁନାପାଲିସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପରିସରରେ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଯାଇଛି। ଭାରତୀ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କୁନି ବୈଜ୍ଞାନିକମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରା ଉପରେ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ ପ୍ରମୁଖ ମମତା ଗଡ଼ତିଆ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଦ୍ୱାଦଶ କୁମାର ପଧାନ ଯୋଗଦେଇ ବିଜ୍ଞାନର ଉପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସଭାପତି ପୃଥ୍ୱୀରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମେଳାରେ ୨୪୭ ଶିଶୁ ଭାଗ ନେଇଥିଲେ।

# ବିଶ୍ୱ ଅଙ୍ଗଦାନ ଦିବସ ପାଳନ

**ଭେଡ଼େନ,୧୩।୮ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କେଶରିପାଲିରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଇଛି। ଗ୍ରାମର ସ୍ୱର୍ଗତ ଚମ୍ପାବତୀ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ଅବସରରେ ପ୍ରଧାନ ପରିବାର ଏବଂ ନିଷ୍ଠାର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସମାଜର ମଙ୍ଗଳ ପାଇଁ ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ଅଙ୍ଗଦାନ କରିଥିଲେ। ତାଙ୍କୁ ଅନୁସରଣ କରି ତାଙ୍କ ସ୍ତ୍ରୀ ଚମ୍ପାବତୀ ମଧ୍ୟ ଅଙ୍ଗଦାନ କରିଥିଲେ। ସେହି ସମୟରେ ଉଭୟ ଅଙ୍ଗଦାନ ପାଇଁ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ବାଲ୍ୟବନ୍ଧୁ ଭୁବନେଶ୍ୱର ଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ସ୍ୱର୍ଗତ ପ୍ରଧାନଙ୍କ ପରିବାର ସମେତ ଅନେକ ରକ୍ତଦାନ କରିଥିଲେ। ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରଧାନ ପରିବାରବର୍ଗଙ୍କୁ ନିଷ୍ଠା ପରିବାର ତରଫରୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ସେହିପରି ବୁର୍ଲା ରକ୍ତଭଣ୍ଡାର ପକ୍ଷରୁ ନିଷ୍ଠା ପରିବାରକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରକୁ ସ୍ୱର୍ଗତ ପ୍ରଧାନଙ୍କ ପୁଅ ରାମେଶ୍ୱର, ଉମେଶ୍ୱର ଏବଂ ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ।



ବିଶ୍ୱ ଅଙ୍ଗଦାନ ଦିବସରେ ସ୍ମୃତିଫଳକ ପ୍ରଦାନ କରାଯାଉଛି ।

# ଏଞ୍ଜେଲ୍‌ସ ଏକାଡେମୀର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ବରପାଲି,୧୩।୮ (ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ ଏଞ୍ଜେଲ୍‌ସ ଏକାଡେମୀର ବନ୍ଧୁତ୍ୱପୂର୍ଣ୍ଣ ଆନ୍ତଃ ବିଦ୍ୟାଳୟ କ୍ରିକେଟ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ବିଦ୍ୟାଳୟର ଡାଇରେକ୍ଟର କୁଳଦୀପ ଆନନ୍ଦ, କ୍ରିଏଟିଭ ଡାଇରେକ୍ଟର ସ୍ରିଷ୍ଟି ମୁଣ୍ଡ, ସଞ୍ଚାଳନ ପ୍ରମୁଖ ରୋହିତ ରୟ ଓ ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଡୁଙ୍ଗୁରିପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ବାଳିକା କ୍ରିକେଟ ଦଳ ଟସ୍ ଜିଣି ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ୧୦ ଓଭରରେ ୩୨ ରନ୍ ସଂଗ୍ରହ କରାଯାଇଥିଲା। ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ବାଳିକା କ୍ରିକେଟ ଦଳ ଅଧିନାୟିକା ପ୍ରତ୍ୟାଶା ତ୍ରିପାଠୀଙ୍କ ନେତୃତ୍ୱରେ ୩ ଓଭରରେ ୩୩ ରନ କରି ବିଜୟୀ ହୋଇଥିଲା। ସେହିପରି ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ବାଳକ କ୍ରିକେଟ ଦଳ ଅଧିନାୟକ ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ଟସ ଜିଣି ବ୍ୟାଟିଂ କରିଥିଲା। ଦଳ ୬ ଓଭରରେ ୩୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଡୁଙ୍ଗୁରିପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ବାଳକ ଦଳର ଇପ୍ସିତ ଆର୍ଯ୍ୟନ ଦାସଙ୍କ ଅଧିନାୟକତ୍ୱରେ ଖେଳାଳିମାନେ ୬ ଓଭରରେ ଲକ୍ଷ୍ୟ ପୂରଣ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବାଳିକା ବିଭାଗରୁ ପ୍ରତ୍ୟାଶା ତ୍ରିପାଠୀ ଓ ବାଳକ ବିଭାଗରୁ ସଙ୍କେତ ପ୍ରଧାନ ଘୋଷିତ ହୋଇଥିଲେ। ମ୍ୟାଚ୍‌ଗୁଡ଼ିକୁ ଅଫିସିଆଲ ଖେଳ ଶିକ୍ଷକ ସୁଦାମ ପଧାନ ଓ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ପରିଚାଳନା କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ପ୍ରଶାସନିକ ଅଧିକାରୀ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ପୁରନ୍ଦର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଥାନା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନୂଆଗାଁ,(ବିଜୟ ତ୍ରିପାଠୀ):** ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାତିବାରୀ ଥାନା ଅଧିକାରୀ ବୀର କିଶୋର ମଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ୨ ଏଏସ୍‌ଆଇ ସୁବନାଥ ମହାନ୍ତ, ସୁବାସ ଚନ୍ଦ୍ର ଜେନା ଏହି ଥାନାରେ ନୂତନ ଯୋଗଦାନ କରିଥିବାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଏସ୍‌ଆଇ ପ୍ରଫୁଲ୍ଲ ସେଠି ଆୟୋଜନ କରିଥିଲେ। ସଭାରେ ସାମାଜିକ କର୍ମୀ ଦିଗାମ୍ବର ଦାସ, ଗଣପତି ଦାଶ, ଅମ୍ବର ଶେଖର ଦେଓ, ହାତିବାରି ସରପଞ୍ଚ ନାନକି କୁଜୁର, ଆକାଶ ଶେଖରଦେଓ, ନୂଆଗାଁ ଫାଣ୍ଡି ଅଧିକାରୀ ହରିହର ଦାସ ଏବଂ ଥାନାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପିସ୍ତଲ ଦେଖାଇ ମାଡ଼ ଅଭିଯୋଗ

**ବଡ଼ଗାଁ, ୧୩।୮(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଆଁମାଲ ଗ୍ରାମର ସାପ୍ତାହିକ ବଜାରରେ ରବିବାର ଜଣେ ଯୁବକଙ୍କୁ ପିସ୍ତଲ ଦେଖାଇ ୩ ଯୁବକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଯୁବକମାନେ ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ଗ୍ରାମର ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ରେଙ୍ଗାଲମାଲ ଗ୍ରାମର କୃତିବାସ ବାରିକ ସାପ୍ତାହିକ ବଜାରକୁ ଅପରାହ୍ଣରେ ଯାଇଥିଲେ। ସେଠାକୁ ବାଇକରେ ୩ ଯୁବକ ଆସି ତୁ ଆମକୁ ମାଡ଼ ମାରିଥିଲୁ କହି ପିସ୍ତଲ ଦେଖାଇ ମାଡ ମାରିଥିଲେ। ଘଟଣାପରେ ସେଠାରୁ ଯୁବକମାନେ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

### ହାଇୱାକୁ ଧକ୍କା ଦେଲା ଟ୍ରକ୍, ଜଣେ ଆହତ

**ଲହୁଣୀପଡ଼ା, ୧୩।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସମରଦାରୀ ନିକଟରେ ଏକ ହାଇୱା ପଛରେ ଟ୍ରକ ଧକ୍କା ଦେବାରୁ ଜଣେ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ସମରଦାରୀ ନିକଟରେ ଓଡି -୧୪ୱାଇ -୨୦୨୩ ହାଇୱାକୁ ଓଡି -୧୪ -୭୦୬୮ ଟ୍ରକ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକର କ୍ୟାବିନ ନଷ୍ଟ ହୋଇ ଯାଇଥିବା ବେଳେ ହାଇୱାର ମଧ୍ୟ ସମ୍ମୁଖ ଭାଗ କାଚ ଓ ଅନ୍ୟାନ୍ୟ ଜିନିଷ ଭାଙ୍ଗି ନଷ୍ଟ ହୋଇ ଯାଇଛି। କ୍ୟାବିନ ତାଡ଼ି ଖଲାସୀଙ୍କୁ ସ୍ଥାନୀୟ ଲୋକେ ବାହାର କରିଥିଲେ। ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ଟ୍ରକ ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଏକମା ଗାଁରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ବଡ଼ଗାଁ, ୧୩।୮( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଏକମା ଗାଁରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ବଡ଼ଗାଁ ମଣ୍ଡଳ ସଭାପତି ବାବୁଲି କର୍ସେଲ ଓ ପାମରା ମଣ୍ଡଳ ସଭାପତି ଚିନ୍ମୟ ବାରିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଜୁଏଲ ଓରାମ, ଭାଜପା ଜିଲା ସଭାପତି ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ଅମୀର ନାଏକ ଯୋଗଦେଇଥିଲେ। ଭାଜପା କର୍ମୀ ଓ ନେତା ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ବନ୍ଦ ଥିବା ଏକ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ଶିଶିର ରାଉତରାୟ, ଦେବେନ୍ଦ୍ର ଦାସ, ନୀଳମାଧବ ପୁରୋହିତ, ରୋହିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ହାଇୱା ଧକ୍କାରେ ଗାଈ ମୃତ

**ଲହୁଣୀପଡ଼ା, ୧୩।୮(ଦାଶରଥି ପଣ୍ଡା):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ଛକରୁ ତୁମକେଲା ଗ୍ରାମକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଲଫଙ୍ଗା ପତଳା ନିକଟରେ ଗେଟି ବୋଝେଇ ହାଇୱା ଗାଈ ଉପରେ ଚଢ଼ି ଯିବାରୁ ଗାଈର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ିକୁ ଅଟକ ରଖିବା ସହିତ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣା ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାଉରକେଲା ଅଞ୍ଚଳରୁ ଗେଟି ବୋଝେଇ ହାଇୱା ତୁମକେଲା ଯାଉଥିବା ବେଳେ ଲଫଙ୍ଗା ପତଳା ନିକଟରେ ରାସ୍ତା କଡ଼ରେ ଚରୁଥିବା ଏକ ଗାଈ ଉପରେ ଚଢ଼ାଇ ଦେଇଥିଲା।

# ପରିବା ଚାଷ ଦେବ ରୋଜଗାର

- ସ୍ୱାବଲମ୍ବୀ ହେବେ ବନ ସୁରକ୍ଷା ସମିତି ଅଧିବାସୀ
- ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଉଦ୍‌ଘାଟନ
- ପ୍ରଥମ ଦିନରେ ତାଲିମ ନେଲେ ୨୯୮ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ

**ସୁନ୍ଦରଗଡ, ୧୩।୮(ଜୟ ନାରାୟଣ ମେଣ୍ଡୁଲି)** ବିକଳ୍ପ ଜୀବିକା ତଥା ନୂତନ ରୋଜଗାର ସୃଷ୍ଟି ପୂର୍ବକ ଗାଁଗାଁ ରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇ ନୂତନ ଜଙ୍ଗଲ ସୃଷ୍ଟି କରିବାପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଏଥିସହିତ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ତଥା ତୃଣମୂଳ ସ୍ତରରେ ଲୋକଙ୍କୁ ଏକତାବଦ୍ଧ କରି ଗ୍ରାମ୍ୟ ସ୍ତରୀୟ ବିକାଶ ଯୋଜନା ପ୍ରସ୍ତୁତ କରିବା, ପ୍ରତ୍ୟେକ ବର୍ଗର ଲୋକଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ କରିବା ତଥା ସଂଗଠନ ସୁଦୃଢ଼ୀକରଣ ଉପରେ ଦୀର୍ଘ ୫ ବର୍ଷ ଧରି ସୁନ୍ଦରଗଡ ବନଖଣ୍ଡର ୧୫୬ ବନ ସୁରକ୍ଷା ସମିତିରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲୁଛି। ଏହି ପରିପ୍ରେକ୍ଷୀରେ ଉଜ୍ଜଳପୁର ବନାଞ୍ଚଳର ବନ ଚେତନା କେନ୍ଦ୍ରଠାରେ ରବିବାର ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ରୋଜଗାର ଭିତ୍ତିକ କାର୍ଯ୍ୟ ନିମନ୍ତେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ଉଦ୍‌ଘାଟନ ହେଇଯାଇଛି। ଏହି ଉଦଘାଟନୀ ଦିବସରେ ୨ଟି ବ୍ୟାଚରେ ୧୪ ବନ ସୁରକ୍ଷା ସମିତିର ୨୯୮ ଜଣଙ୍କୁ ପନିପରିବା ଚାଷ ଉପରେ ତାଲିମ


ବନ ସୁରକ୍ଷା ସମିତି ସଭ୍ୟାସଭ୍ୟଙ୍କୁ ତାଲିମ ଦିଆଯାଉଛି।

ପ୍ରଦାନ କରାଯାଇଛି। ପ୍ରଥମ ବ୍ୟାଚରେ କଟ୍ରା-ବୁଡାବାହାଲ, କଟ୍ରା-ଲିମ୍ଡିହୀ, କନକଜୋରା-ଚାରପଡା, ପଟେଲପଡା, ତିନିକୁଡା, ତସୁପଡା ଓ ଫୁଲୁଡି ବନ ସୁରକ୍ଷା ସମିତିର ୧୪୨ ଏବଂ ୨ୟ ବ୍ୟାଚରେ ଗମ୍ଭାରିଡ଼ିହି-ବଡବାହାଲପଡା, ସାଗରପାଲି, ଝୁରିମାଲ, ଦିଆମୁଣ୍ଡା, ବାଲିଜୋରି, ମେଘଡେଗା ଓ ତୁରୁଙ୍ଗାଗଡ ବନ ସୁରକ୍ଷା ସମିତିର ୧୫୬ ସଭ୍ୟାସଭ୍ୟଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ପ୍ରଶିକ୍ଷକଭାବେ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଯୋଗଦେଇ ପରିବା ଚାଷ ଉପରେ ବିସ୍ତୃତଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟତମ ପ୍ରଶିକ୍ଷକଭାବେ ତୁରୁଙ୍ଗାଗଡର ୨ ସଫଳ ଚାଷୀ ନବୀନ ଭୋଇ ଓ ଅନନ୍ତ ମାଝି ଯୋଗଦେଇ ପନିପରିବା ଚାଷରେ ନିଜର ଅନୁଭବ ସଙ୍ଗେ ସଙ୍ଗେ ଜୈବିକ ପଦ୍ଧତିରେ ପନିପରିବା ଚାଷ, ରୋଗ ପୋକ ନିୟନ୍ତ୍ରଣ, ଅନ୍ତଃ ଚାଷ ଉପରେ ବିସ୍ତୃତଭାବେ ତାଲିମ ପ୍ରଦାନ କରିଥିଲେ। ସହକାରୀ କ୍ଷେତ୍ର ପରିଚାଳନା ଏକକ ମୁଖ୍ୟ ହେମବତୀ ସିଂହ ଯୋଗଦେଇ ଆବର୍ତ୍ତନ ପାଣ୍ଠିର ସୁପରିଚାଳନା ଦ୍ୱାରା ବହୁବିଧ ରୋଜଗାର ସୃଷ୍ଟି କରି ଜୀବିକା ମାନରେ ଉନ୍ନତି ଆଣିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ ବନଖଣ୍ଡ ତରଫରୁ ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳଙ୍କ ନେତୃତ୍ୱରେ ବନପାଳ ତଥା ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ, ଏଫଏମୟୁ ସଂଯୋଜକ ରାଜେଶ କୁମାର ମହାପାତ୍ର, ଉନ୍ନୟନ ଅଧିକାରୀ ହରିପ୍ରିୟା ନାଏକ ଓ ମନୋରଞ୍ଜନ ମଲ୍ଲିକ ତଥା ଡିଇଓ ଅର୍ପିତା ସରାଫ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଏହି ପଦକ୍ଷେପ ଆବର୍ତ୍ତନ ପାଣ୍ଠି ଉପରେ ବିଭିନ୍ନ ଗୋଷ୍ଠୀର ଆଗ୍ରହ ବୃଦ୍ଧି କରିବା ସଙ୍ଗେସଙ୍ଗେ ବିଭିନ୍ନ ରୋଜଗାରର ପନ୍ଥା ଯୋଗାଇବ ବୋଲି ଅଂଶଗ୍ରହଣକାରୀମାନେ ମତପ୍ରକାଶ କରିଥିଲେ।

## ଲୋକଙ୍କ ସମସ୍ୟା ବୁଝିଲେ ପ୍ରଶାନ୍ତ


ଲୋକଙ୍କ ସମସ୍ୟା ବୁଝୁଛନ୍ତି ପ୍ରଶାନ୍ତ ସେଠୀ।

**ଲାଠିକଟା, ୧୩।୮(ରାମେଶ୍ୱର ଖାଡଙ୍ଗା)** ରଘୁନାଥପାଲିର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ରବିବାର ଦକ୍ଷିଣ ରାଉରକେଲା ଲେବର କୋଲନି, ଫାୟାର ଫାଟି କୋଲନି ବୁଲିଥିଲେ। ଏହି ଅଞ୍ଚଳର ବୁଢ଼ୀ,ବୁଢ଼ା, ଗରିବ ଓ ରୋଗରେ ଥିବା ଲୋକଙ୍କ କଥା ପଚାରି ବୁଝିବା ସହ ବସବାସ କରୁଥିବା ଲୋକଙ୍କ ସମସ୍ୟାକୁ ମଧ୍ୟ ଦେଖିଥିଲେ। ସରକାରୀ ଯୋଜନାରେ କିପରି ଏମାନେ ବଞ୍ଚିତ ନ ହେବେ ତା' ଉପରେ ଆଲୋଚନା କରିଥିଲେ। ଯେଉଁମାନେ ଅର୍ଥ ଅଭାବରୁ ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି ତା ପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଥିଲେ।

## ଖାଲ ଢିପ ରାସ୍ତା, ବର୍ଷା ହେଲେ ବଢୁଛି ଦୁର୍ଦ୍ଦଶା


ରାସ୍ତାରେ ପାଣି ଜମିଥିବାର ଦୃଶ୍ୟ।

**ଲାଠିକଟା, ୧୩।୮(ରାମେଶ୍ୱର ଖାଡଙ୍ଗା)** ଲାଠିକଟା ବ୍ଲକ ନୂଆଗାଁ ବସ୍ତି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷା ହେଲେ ଦୁର୍ଦ୍ଦଶା ବଢ଼ିଯାଉଛି। ଫଳରେ ଲୋକେ ସମସ୍ୟା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ପାଣି ଜମି ଯାଉଛି। ଏହି ରାସ୍ତା ଦେଇ ସରପଞ୍ଚଠାରୁ ଆରମ୍ଭ କରି ସବୁ ଉଚ୍ଚ ଅଧିକାରୀ ଯା' ଆସ କରନ୍ତି। ହେଲେ ବିଡମ୍ବନାର ବିଷୟ ଏଥିପ୍ରତି କାହାର ନଜର ପଡୁନାହିଁ। ଅନେକ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଏଠାରେ ଘଟୁଛି। ଛାତ୍ରୀଛାତ୍ରମାନେ ବିପଦ ସଙ୍କୁଳ ଅବସ୍ଥାରେ ସ୍କୁଲ, କଲେଜ ଯା' ଆସ କରୁଛନ୍ତି। ଏନେଇ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**ସୁନ୍ଦରଗଡ, ୧୩।୮(ଜୟ ନାରାୟଣ ମେଣ୍ଡୁଲି)** ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ହର୍ ଘର ତ୍ରିରଙ୍ଗା ଅଭିଯାନକୁ ପ୍ରତ୍ୟେକ ଘରେ ପହଞ୍ଚେଇବା ପାଇଁ ତ୍ରିରଙ୍ଗା ଯାତ୍ରା ସମଗ୍ର ଦେଶରେ ଅନୁଷ୍ଠିତ ହେଉଅଛି। ଏହି ପରିପ୍ରେକ୍ଷୀରେ ରବିବାର ସୁନ୍ଦରଗଡ଼ ଭାଜପା ସାଂଗଠନିକ ଜିଲା ତଳସରା ନିର୍ବାଚନ ମଣ୍ଡଳୀ ପାମରା ମଣ୍ଡଳ ଅନ୍ତର୍ଗତ ଏକମା ଗ୍ରାମଠାରେ ମଣ୍ଡଳ ସଭାପତି ଚିନ୍ମୟ ବାରିକ, ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଟାଙ୍ଗରପାଲି ମଣ୍ଡଳ ଅନ୍ତର୍ଗତ କାଲୋବାହାଲ, ବେଲକାଡ଼ିହି, ତସଲାଡ଼ିହି ଗ୍ରାମଠାରେ ମଣ୍ଡଳ ସଭାପତି ଦୁବରାଜ ନାଏକ, କିରେଇ ମଣ୍ଡଳ ଅନ୍ତର୍ଗତ କଇଁତରା କୁଣ୍ଡୁକେଲାଠାରେ ମଣ୍ଡଳ ସଭାପତି ପ୍ରଦୀପ ଚୌଧୁରୀ, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଖତକୁରବାହାଲ ମଣ୍ଡଳ ଝାରବେଡ଼ା ପଞ୍ଚାୟତ ଅନ୍ତର୍ଗତ ଲାଲଡ଼ିପାଠାରେ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସିଂହ, ରାଜଗାଙ୍ଗପୁର ନଗର ମଣ୍ଡଳ ଅନ୍ତର୍ଗତ ରାଜଗାଙ୍ଗପୁର ମାର୍କେଟ ମୁଖ୍ୟ ରାସ୍ତାରେ ମଣ୍ଡଳ ସଭାପତି ଶଙ୍କର ସିଂହଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ


ତ୍ରିରଙ୍ଗା ଯାତ୍ରାରେ ବିଧାୟିକା କୁସୁମ ଟେଟେ ଓ ଅନ୍ୟମାନେ।

ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜାତୀୟ ପରିଷଦ ସଭ୍ୟ ମହେନ୍ଦ୍ର ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ନରସିଂହ ମିଞ୍ଜ, ଜିଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, ଜିଲା ସାଧାରଣ ସଂପାଦକ ଯଶୋବନ୍ତ ନାଏକ, ଅମୀର ନାଏକ, ଜିଲା ଉପସଭାନେତ୍ରୀ ଆରତୀ ପଟେଲ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ କୁଳଦୀପ ସିଂହ, ପୂର୍ବତନ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଉପେନ୍ଦ୍ର ପ୍ରଧାନ, ଜିଲା କୋଷାଧ୍ୟକ୍ଷ ଦିନେଶ କର, ଜିଲା ସମ୍ପାଦକ ରାଜନ ସୋନି, ଜିଲା ପୂର୍ବତନ ଜିଲା ସମ୍ପାଦକ ସସିମ ପଟେଲ, ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ଜଗବନ୍ଧୁ ଭୋଇ, ଜିଲା ମୋର୍ଚ୍ଚା ସଭାପତି ସିମେଶ୍ୱର ଲରିଆ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଦ୍ମନ ନାଏକ, ବଡ଼ଗାଁ ମଣ୍ଡଳ ସଭାପତି ବାବୁଲି ଖରସେଲଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ତ୍ରିରଙ୍ଗା ଯାତ୍ରା ସମୟରେ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ସୁବାଷ ଚନ୍ଦ୍ର ବୋଷ ଏବଂ ରାଜଗାଙ୍ଗପୁର ମାଟିର ବିରପୁତ୍ର ସହିଦ ବୀର ଯବାନ ପ୍ରଦୀପ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ସାଂସଦ ଓରାମ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଗାଈକୁ ଧକ୍କା ଦେଲା ବାଇକ୍, କନଷ୍ଟେବଲ ଗୁରୁତର

**ବଡ଼ଗାଁ, ୧୩।୮(ଅଶୋକ ଷଡ଼ଙ୍ଗୀ)** ସୁନ୍ଦରଗଡ ଜିଲା ବଡ଼ଗାଁ ମହାବୀର ଛକ ନିକଟରେ ଶନିବାର ସନ୍ଧ୍ୟାରେ ରାଜପଥ ୧୦ ଉପରେ ଶୋଇଥିବା ଏକ ଗାଈକୁ ବାଇକ୍ ଧକ୍କା ଦେବାରୁ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲାବେଳେ ପଛପଟେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବଡ଼ଗାଁ ଥାନାର କନଷ୍ଟେବଲ ସଞ୍ଜୟ ଜରଜରିଆ(୨୯)। ପ୍ରଥମେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ଜୟ ପ୍ରକାଶ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ବାଇକ୍ ଯୋଗେ ବଡ଼ଗାଁ ଥାନା ଏଏସ୍‌ଆଇ ଗୋପୀନାଥ ଓଝାଙ୍କ ସହିତ କନଷ୍ଟେବଲ ସଞ୍ଜୟ ସୁନ୍ଦରଗଡ଼ ପଟକୁ ଯାଉଥିବାବେଳେ ରାସ୍ତା ଉପରେ ଶୋଇଥିବା ଗାଈକୁ ଧକ୍କା ଦେଇଥିଲେ। ଏଏସ୍‌ଆଇ ଓଝା ସାମାନ୍ୟ ଆହତ ହୋଇଥିବାବେଳେ ସଞ୍ଜୟଙ୍କ ମୁଣ୍ଡ ରାସ୍ତାରେ ପିଟି ହେବାରୁ ସେ ଗୁରୁତର ହୋଇଥିଲେ।

## ଯୁବକ ସଂଘ ପକ୍ଷରୁ ସଫେଇ


କ୍ଲବ ସଦସ୍ୟମାନେ ସଫେଇ କରୁଛନ୍ତି।

**କୁତ୍ରା, ୧୩।୮(ଦେବାଶିଷ ସାହୁ)** ସୁନ୍ଦରଗଡ ଜିଲା କୁତ୍ରାଠାରେ ଥିବା ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମେଟ୍ରୋ କ୍ଲବର ସଭାପତି ସୁନିଲ କୁଜୁରଙ୍କ ନେତୃତ୍ୱରେ ରବିବାର ଅଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସ୍ତିରେ ଅବସ୍ଥିତ ଅଙ୍ଗନୱାଡି କେନ୍ଦ୍ର ତଥା ଏହାର ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ବର୍ତ୍ତମାନ ବର୍ଷା ଦିନ ଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ତଥା ଏହାର ଆଖ ପାଖରେ ବହୁ ପରିମାଣରେ ଘାସ ସମେତ ଅନାବନା ଗଛ ଗୁଡିକ ଉଠି ଥିଲା। ଫଳରେ ଏଠାରେ ସରୀସୃପ ଭୟ ଦେଖାଦେବା ସହ ପ୍ରବଳ ମାତ୍ରାରେ ମଶା ମଧ୍ୟ ହେଉଥିଲେ। ଏଥିଯୋଗୁ ଅଙ୍ଗନୱାଡି ଶିଶୁଙ୍କ ପ୍ରତି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିଲା। କ୍ଲବ ସଦସ୍ୟ ଘାସ ତଥା ଅନାବନା ଗଛ କାଟି ସଫା କରିଥିଲେ। ଏଥିରେ ଶୁଭମ ଲାକଡା, ଆକାଶ କୁଜୁର, ଦେବେନ୍ଦ୍ର ଲାକଡା, ପ୍ରଫୁଲ୍ଲ କୁଜୁର, ତପନ ଟପ୍ପୋ, ଅଜୟ ଲାକଡା, ପ୍ରଶ୍ନ ଲାକଡା, ଫୁଡରୁଙ୍ଗ କୁଜୁର ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସଫେଇ କରିଥିଲେ।

# ସରକାରୀ ମହିଳା କଲେଜରେ ଅନ୍ତର୍ଜାତୀୟ ଯୁବ ଦିବସ

**ସୁନ୍ଦରଗଡ, ୧୩।୮(ଜୟ ନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ ସରକାରୀ ମହିଳା ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୁବ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ଗ୍ରୀନ ସ୍କିଲ ଉପରେ ଧାରଣା ଦେବାସହ ସାଇବର ଠକେଇ ସମ୍ପର୍କରେ ସଚେତନ କରିଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କଲେଜ ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଅଧ୍ୟକ୍ଷତା କରି ନିଜ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରି ଦେଶର ଉନ୍ନତି ପଥରେ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ଏହାପରେ ଯୁବ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। ଯୁବ ରେଡ୍‌କ୍ରସର ସଂଯୋଜିକା ସହ ପ୍ରାଧାପିକା ଡ.ସଞ୍ଜିତା ଅଭିଜିତା ପରିଚାଳନା କରିଥିଲେ। ସଂଯୋଜକ ଡ.ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସମୂହ ଛୁଟିରେ ଯିବେ ଶିକ୍ଷୟିତ୍ରୀ ଶିକ୍ଷକ

**ଲହୁଣୀପଡ଼ା, ୧୩।୮(ଦାଶରଥି ପଣ୍ଡା)** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁର୍ଡା ପଞ୍ଚାୟତ ବ୍ରାହ୍ମଣ ଗାଁ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ଧୋବେଇ ଧର ପାତ୍ର, ସଦାଶିବ ମାହାନ୍ତ, ଛନ୍ଦାଚରଣ ସାହୁ କମଳ ଲୋଚନ ମାହାନ୍ତ ଯୋଗଦେଇ ପୂର୍ବରୁ ଦିଆଯାଇଥିବା ଦାବି ପତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ୧୬ରେ ସମୂହ ଛୁଟିରେ ରହି କାର୍ଯ୍ୟ ବନ୍ଦ କରିବେ ଏବଂ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସର୍ବ ସମ୍ମତି କ୍ରମେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ବିଭିନ୍ନ ବିଭାଗରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ କୁମାର ବିଶ୍ୱାଳ, ତପନ କୁମାର କିଷାନ, ତପନ କୁମାର ସାହୁ, ଆଲୋକ ମାହାନ୍ତ, ନାଥୁରାମ ମାହାନ୍ତ, ଯୋଶଦା ମହାପାତ୍ର, ତୃପ୍ତି ମୟୀ ନାଏକ, ଗୁରୁଚରଣ ମହାକୁଲ ସମେତ ବହୁ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ମନୁଷ୍ୟ ନିଶାମୁକ୍ତ ହୋଇପାରିବ

**ମୋ ସୁନ୍ଦରଗଡ଼, ନିଶାମୁକ୍ତ ସୁନ୍ଦରଗଡ଼ ଅଭିଯାନର ଶୁଭାରମ୍ଭ**

**ସୁନ୍ଦରଗଡ, ୧୩।୮ (ଜୟ ନାରାୟଣ ମେଣ୍ଡୁଲି)** ସ୍ଥାନୀୟ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ମୋ ସୁନ୍ଦରଗଡ, ନିଶାମୁକ୍ତ ସୁନ୍ଦରଗଡ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ବ୍ରହ୍ମା କୁମାରୀ ସଂସ୍ଥାଠାରେ ରବିବାର ଆୟୋଜିତ ସମାରୋହରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସ୍ଥାର ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଂଶସା କରି ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ରହିବ ବୋଲି କହିବା ସହ ଈଶ୍ୱରୀୟ ସଙ୍ଗ ଏବଂ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ମନୁଷ୍ୟ ନିଶାମୁକ୍ତ ହୋଇପାରିବ ବୋଲି ସେ କହିଥିଲେ। ଏନଟିପିସି ଦର୍ଲିପାଲିର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅପରାଜିତା ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଦୃଢ଼


ଶୋଭାଯାତ୍ରା ମାଧ୍ୟମରେ ମୋ ସୁନ୍ଦରଗଡ଼, ନିଶାମୁକ୍ତ ସୁନ୍ଦରଗଡ଼ ନେଇ ସଚେତନତା ସୃଷ୍ଟି କରାଯାଉଛି।

ପ୍ରତିଜ୍ଞା ହୋଇ ନିଶାମୁକ୍ତ ସମାଜ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସଂସ୍ଥା ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଜ୍ୟୋସ୍ନା ସଭାରେ ଅଧ୍ୟକ୍ଷତା କରି ରାଜଯୋଗ ଏକ ମାତ୍ର ଔଷଧ'ଯାହା ଦ୍ୱାରା ମନ,ବୁଦ୍ଧି ସଂସ୍କାରିତ ଓ ପରିବର୍ତ୍ତନ ହୋଇଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଡେପୁଟି କଲେକ୍ଟର କୁନ୍ତୀରାଣୀ ନାଏକ ଯୋଗ ଦେଇ ନିଶା ସେବନ ଦ୍ୱାରା ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ମନୁଷ୍ୟ ମୃତ୍ୟୁ ମୁଖରେ ପଡୁଛି। ତେଣୁ ନିଶା ଠାରୁ ଦୂରେଇ ରହିବାକୁ ଅଧିକରୁ ଅଧିକ ସଚେତନତା ସୃଷ୍ଟି ପାଇଁ ସେ ଆହ୍ୱାନ ଦେଇଥିଲେ। ସଭା ପୂର୍ବରୁ ପ୍ରଥମେ ସହରରେ ପଥପ୍ରାନ୍ତ ନାଟକ ଓ ଶୋଭାଯାତ୍ରା ମାଧ୍ୟମରେ ମୋ ସୁନ୍ଦରଗଡ ନିଶାମୁକ୍ତ ସୁନ୍ଦରଗଡ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ରହ୍ମା କୁମାର ସଞ୍ଜୟ ନିଜର ଅନୁଭୂତି ପ୍ରକାଶ କରି ନିଶା ଠାରୁ ଦୂରେଇ ରହି ନିଶା ମୁକ୍ତ ସୁନ୍ଦରଗଡ ପାଇଁ ଶପଥପାଠ କରାଇଥିଲେ। ହେମଗିର କେନ୍ଦ୍ର ସଞ୍ଚାଳିକା ବ୍ରହ୍ମା କୁମାରୀ କିରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦର୍ଲିପାଲି କେନ୍ଦ୍ର ସଚାଳିକା ବ୍ରହ୍ମା କୁମାରୀ ପଞ୍ଚମୀ ସଂସ୍ଥାର ପରିଚୟ ଦେଇଥିଲେ। ଡା.ଗଗନ ସୋରେନ, ମତ୍ସ୍ୟ ଅଧିକାରୀ ବିବେକ ସୋରେନ, ବ୍ରହ୍ମା କୁମାର ଆଲୋକ, ବ୍ରହ୍ମା କୁମାରୀ ମୌସୁମୀ ପଥପ୍ରାନ୍ତ ନାଟକରେ ଭାଗ ନେଇଥିଲେ। ବ୍ରହ୍ମା କୁମାର ବାଣେଶ୍ୱର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଝରକା ଭାଙ୍ଗି ସୁନା, ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ଜୁନାଗଡ଼,(ଅଂଶୁମାନ ଯୋଶୀ): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବୋଦେଲ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅବସର ପ୍ରାପ୍ତ ସିଆଇଏସଏଫ ଶ୍ରୀପତି ବୈବର୍ତ୍ତଙ୍କ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ଟଙ୍କା ଲୁଟି ନେଇଛନ୍ତି। ପରିବାର ଲୋକେ ଶୋଇଥିବା ସମୟରେ ରାତିରେ ଦୁର୍ବୃତ୍ତମାନେ ଝରକା ଭାଙ୍ଗି ଘରେ ପଶି ଗଡ଼ରେଜରୁ ୪ ଭରି ସୁନା, ୧୨ ଭରି ରୁପା ଓ ନଗଦ ୬୦ ହଜାର ଟଙ୍କା ଚୋରି ନେଇଥିବା ନେଇ ରବିବାର ଜୁନାଗଡ଼ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ସରପଞ୍ଚ ସଂଘର ବିଧାୟକଙ୍କୁ ୮ ଦଫା ଦାବିପତ୍ର

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ସଦର ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବିଧାୟକ ନରସିଂହ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଲାଙ୍ଗୀର ସଦର ବ୍ଲକ ସରପଞ୍ଚ ସଂଘ ସଭାପତି ବଳଦେବ ସାହୁଙ୍କ ନେତୃତ୍ୱରେ ସରପଞ୍ଚମାନେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ରବିବାର ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସରକାର କିଭଳି ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚମାନଙ୍କୁ ଅଣଦେଖା କରି ତାଙ୍କ ଭୂମିକାକୁ ସମୟକ୍ରମେ ଗୌଣ କରିବାରେ ଲାଗିଛନ୍ତି ସେ ଉପରେ ଅଭିଯୋଗ କରିଥିଲେ। ୮ ଦଫା ଦାବିପତ୍ରରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଘୋଷଣା ହୋଇଥିବା ଅନୁଦାନ ଟଙ୍କା ୫୦ ଲକ୍ଷ ଗ୍ରାମ ପଞ୍ଚାୟତକୁ ପ୍ରଦାନ, ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ଭତ୍ତାକୁ ମାସିକ ପାଞ୍ଚ ଶହରୁ ଦୁଇ ହଜାର ଟଙ୍କା ଓ ଅଶୀବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଦୁଇ ହଜାର ପାଞ୍ଚ ଶହ ଟଙ୍କା ଭତ୍ତା ପ୍ରଦାନ, ରାସନ କାର୍ଡରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ, ଆବାସ ଯୋଜନାରୁ ବଞ୍ଚିତ ଯୋଗ୍ୟ ପରିବାରଙ୍କୁ ଅନ୍ତର୍ଭୁକ୍ତ, ସରପଞ୍ଚମାନଙ୍କ ମାସିକ ଭତ୍ତା ୨୦ହଜାର ଟଙ୍କା କରାଯିବା ଦାବି କରିଥିଲେ। ଏଭଳିକି ସରପଞ୍ଚ କାର୍ଯ୍ୟକାଳ ପରେ ୧୦ ହଜାର ଟଙ୍କା ପେନସନ ପ୍ରଦାନ, ଗ୍ରାମପଞ୍ଚାୟତ ଉନ୍ନୟନ କାର୍ଯ୍ୟ ଫାଇଲରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ହସ୍ତଖତର ବ୍ୟବସ୍ଥା ଉଠେଇ ଦିଆଯିବା, ଆବାସ, ରାଶନ କାର୍ଡ ଚୟନ ପ୍ରକ୍ରିୟାରେ ସରପଞ୍ଚଙ୍କ ମତ ନେଇ ହିତାଧିକାରୀ ଚୟନ କରାଯାଉ ବୋଲି ଦାବି କରିଥିଲେ। ଆଲୋଚନା ବେଳେ ବିଧାୟକ ମିଶ୍ର କହିଥିଲେ ଯେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ତୃଣମୂଳସ୍ତରର ଲୋକଙ୍କ ସହ ସରପଞ୍ଚମାନେ ହିଁ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ ରଖି ଯୋଜନାର ସୁଫଳ ଲୋକେ ଯେପରି ପାଇବେ ତାର ବ୍ୟବସ୍ଥା କରିଥାନ୍ତି। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ପଞ୍ଚାୟତ ପାଇଁ ଆସୁଥିବା ଯୋଜନାରେ ସରପଞ୍ଚ ଭଳି ଲୋକ ପ୍ରତିନିଧିଙ୍କୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏପରିକି ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ବେଳେ ମଧ୍ୟ ସରକାର ସରପଞ୍ଚଙ୍କ ମତାମତ ନ ନେବା ନିନ୍ଦନୀୟ ବୋଲି ବିଧାୟକ ମିଶ୍ର କହିଥିଲେ। ସେ କହିଥିଲେ ଯେ, ସରପଞ୍ଚମାନଙ୍କ ଦାବି ଭିତରୁ ଗୋଟିଏକୁ ଛାଡିଦେଲେ ସମସ୍ତ ଦାବି ଯୁକ୍ତିଯୁକ୍ତ। ଏହି ଦାବିଗୁଡିକୁ ପ୍ରତି ସମର୍ଥନ ଜଣାଇ ଏସବୁକୁ ବିଭାଗୀୟ ମନ୍ତ୍ରୀ ଓ ସଚିବସ୍ତରରେ ଆଲୋଚନା କରିବେ ଏବଂ ଆଗାମୀ ମୌସୁମୀ ଅଧିବେଶନରେ ନାର୍ଯ୍ୟ ଦାବିଗୁଡିକୁ ଗୃହରେ ଉପସ୍ଥାପନ କରିବେ ବୋଲି କହିଥିଲେ। ରାଜ୍ୟ ସରପଞ୍ଚ ସଂଘକୁ ଏନେଇ ଜଣାଇବା ସହ ସରକାର ଯଦି ଦାବି ଗୁଡିକୁ ଅଣଦେଖା କରନ୍ତି ତେବେ ଏହାକୁ ନେଇ ଗୃହରେ ଜୋରଦାର ଲଢେଇ ହେବ ବୋଲି କହିଥିଲେ। ଆଲୋଚନା ବେଳେ ସଦର ବ୍ଲକ୍ ସରପଞ୍ଚ ସଂଘର ନୀଳମଣି ସେଠ, ସୁରେନ୍ଦ୍ର ବିଶ୍ୱାଳ, କରୁଣାକର ପଟେଲ, ଶୁକ୍ର ମହାନନ୍ଦ, ଉଗ୍ରସେନ ବରାଡ, ସୁବାକାନ୍ତି ମାଝି, ଶ୍ରେୟା ସାହୁ, ରମ୍ଭା ରାଣା, ରଞ୍ଜିତା ପାଣିଗ୍ରାହୀ, ସୁବାସିନୀ ଅମାତ, ସୁଜାତା ରାଉତ, ବନିତା ବାରିକ, ଜନାର୍ଦ୍ଦନ ମହାପାତ୍ର, ଜନମୟ ମେହେର, ରିଙ୍କୁ ପଟେଲ ଓ ଯୁବନେତା ସରୋଜ ରଥ, ଜୁଲୁ ପଟ୍ଟନାୟକ ଉପସ୍ଥିତ ଥିଲେ।

### ସରକାରୀ ଯୋଜନାରେ ସରପଞ୍ଚଙ୍କୁ ଗୁରୁତ୍ୱ ନ ଦେବା ନିନ୍ଦନୀୟ: ନରସିଂହ

# ଅମୃତ ଭାଟିକା କାର୍ଯ୍ୟକ୍ରମର ଶୁଭାରମ୍ଭ



ମୁରିବାହାଲ ପଞ୍ଚାୟତ ଖଜୁରିବନ୍ଧରେ ବୃକ୍ଷରୋପଣ ଅବସରରେ ଅତିଥି ଓ ଅନ୍ୟମାନେ।

ମୁରିବାହାଲ,୧୩।୮(ଶ୍ରୀବତ୍ସ ବେହେରା)

### ୬ ଅମୃତ ସରୋବରରେ ବୃକ୍ଷରୋପଣ

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ତରଫରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅମୃତ ଭାଟିକା କାର୍ଯ୍ୟକ୍ରମର ଶୁଭାରମ୍ଭ ରବିବାର ହୋଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ୬ଟି ପଞ୍ଚାୟତର ଅମୃତ ସରୋବରରେ ବୃକ୍ଷରୋପଣ କରାଯାଇଥିଲା। ଏପିଓ ବସନ୍ତ କୁମାର ବଳିୟାର ସିଂଙ୍କ ତତ୍ତ୍ୱାବଧାନରେ ମୁରିବାହାଲ ଗ୍ରାମ ପଞ୍ଚାୟତର ଖଜୁରି ବନ୍ଧ ପରିସରରେ ଅମୃତ ଭାଟିକାର ବୃକ୍ଷରୋପଣ କରାଯାଇଛି। ଏଥିରେ ଏପିଓ ସିଂ ଅମୃତ ଭାଟିକାର ଉଦ୍ଦେଶ୍ୟ, ପ୍ରତେକ ପଞ୍ଚାୟତର ଅମୃତ ସରୋବର କିମ୍ବା ଅନ୍ୟ ବନ୍ଧରେ ୭୫ଟି ବୃକ୍ଷରୋପଣ ଉପରେ ମତ ରଖିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଜିଆରଏସ ରାଜେଶ ପୁଟେଲ, ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସଭାପତି ସୁଧାଂଶୁ ଶେଖର ପୋଢ ଯାଦବ, ସାଧାରଣ ସମ୍ପାଦକ ଦିବ୍ୟସୁନ୍ଦର ସାହୁ ଉପସ୍ଥିତ ଥିଲେ। ସେହିପରି ଲେବଡା ପଞ୍ଚାୟତର ଲେବଡା ହାରଲିବନ୍ଧ, ବିଟବନ୍ଧ ପଞ୍ଚାୟତର ମହାଦେବ ବନ୍ଧ, ପତ୍ରାପାଲି ପଞ୍ଚାୟତ ଅଁଏଲାଭଟା ଗ୍ରାମର ମହାଦେବବନ୍ଧ, ତେନ୍ତୁଳିଖୁଣ୍ଟି ପଞ୍ଚାୟତର କୁରେବିଅଁର ବନ୍ଧରେ ମଧ୍ୟ ଉକ୍ତ ଅମୃତଭାଟିକା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଲେବଡା ସରପଞ୍ଚ ଦମୟନ୍ତୀ ହାତୀ ନିର୍ବାହୀ ଅଧିକାରୀ ଅର୍ଜୁନ ଛୁରା, ଜିଆରଏସ କୌତୁକ ଛତର ଉପସ୍ଥିତ ଥିଲେ। ବିଟାନ୍ଧେଠାରେ ସରପଞ୍ଚ କଲ୍ୟାଣୀ ଘିଭେଲା, ତେନ୍ତୁଳିଖୁଣ୍ଟି ପଞ୍ଚାୟତରେ ସରପଞ୍ଚ ମୋତିମାଳା ବେହେରା ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସରେ ଉକ୍ତ ସରୋବରରେ ଅବସରପ୍ରାପ୍ତ ସୈନିକ, ସ୍ୱାଧୀନତା ସଂଗ୍ରାମୀ, ସାମାଜିକ କର୍ମୀଙ୍କଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

# ଭତ୍ତା ବୃଦ୍ଧି ପାଇଁ ଦାବିପତ୍ର ପ୍ରଦାନ

ଖଡ଼ିଆଳ,୧୩।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମରେ ରବିବାର ସାମାଜିକ ମଙ୍ଗଳ ଯୋଜନାରେ ମିଳୁଥିବା ଭତ୍ତା ବୃଦ୍ଧି ଓ ଅନ୍ୟ ଦାବି ନେଇ ହିତାଧିକାରୀମାନେ ରାଲି ସହ ସରପଞ୍ଚଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବର୍ତ୍ତମାନ ଓଡ଼ିଶାରେ ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଆଦି ଅସହାୟ ବ୍ୟକ୍ତିଙ୍କୁ ମାସିକ ୫ ଶହ ଟଙ୍କା ପ୍ରଦାନ କରୁଛନ୍ତି। ବର୍ତ୍ତମାନ ଦରଦାମ ବଢ଼ି ଚାଲିଥିବା ବେଳେ ଏତେ କମ ଟଙ୍କାରେ ବୟସ୍କ ନାଗରିକମାନେ ଚଳିବା ଅସମ୍ଭବ ହୋଇ ପଡୁଛି। ଅନ୍ୟ ରାଜ୍ୟରେ ୨୫ ଶହରୁ ଚାରି ହଜାର ଟଙ୍କା ପର୍ଯ୍ୟନ୍ତ ଭତ୍ତା ମିଳୁଥିବା ବେଳେ ଓଡ଼ିଶାରେ ବହୁତ କମ ମିଳୁଛି, ତେଣୁ ଅତି କମରେ ୪୮୯୦ ଟଙ୍କା ଦେବା ପାଇଁ ସେମାନେ ଦାବି କରିଛନ୍ତି। ଦାବିକୁ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଗ୍ରାମସଭାରେ ପ୍ରସ୍ତାବ ପାରିତ କରି ମୁଖ୍ୟମନ୍ତ୍ରୀ ଓଡିଶା ଓ ପ୍ରଧାନମନ୍ତ୍ରୀଙ୍କୁ ପଠାଯିବ ବୋଲି କହିଛନ୍ତି ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା। ନିର୍ଦ୍ଦେଶକ ଠାକୁର ଦାସ ମହାନନ୍ଦ, ସଭାପତି ଭ୍ରମର ବାଗ, ଉପସଭାପତି ହରିଶଙ୍କର ତାଣ୍ଡି, ସମ୍ପାଦକ ବିଜୁ ଦାସ ମହାନନ୍ଦ, ସହସମ୍ପାଦକ କିଶୋର ଷଣ୍ଢ, କୋଷାଧକ୍ଷ ରତ୍ନାଜିତ ସେନାପତି, ସଭ୍ୟା ପ୍ରେମବତି ନାଗ, ସଭ୍ୟ ଶିବରାମ ତାଣ୍ଡି, ସଭ୍ୟ ଭୋଲେଶ୍ୱର୍ ଜାଲ, ସଭ୍ୟ ସୁକ୍ରୁ ସାଗର, ପ୍ରେମଲାଲ ବାଗ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ସାମାଜିକ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର



ସଫଳ ମହିଳା ଉଦ୍ୟୋଗୀ ଶୋଭନା ଗିରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

କୋଶଳ ପ୍ରବାହ ଲାଇଭର୍ ତୃତୀୟ ବାର୍ଷିକୋତ୍ସବ ଅବସରରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ସାମାଜିକ ଗଣମାଧ୍ୟମର ଭୂମିକା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗୀର ପଞ୍ଚାୟତ ସମିତି ଅଧ୍ୟକ୍ଷା ସରିତା ବାଗ ଓ ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ମିଶ୍ର ଯୋଗଦାନ କରିଥିଲେ। କବି ରତ୍ନମୟ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ସାମାଜିକ ଗଣମାଧ୍ୟମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ୧୨ତାରିଖ ଭୁବନେଶ୍ୱରରେ ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ରାଜ୍ୟସ୍ତରୀୟ ପୁରସ୍କାର ଓଏଏସ୍ଏମ୍ଇ ଆୱାର୍ଡ-୨୦୨୩ ଲାଭ କରିଥିବା ସଫଳ ମହିଳା ଦେବଶ୍ରୀ ଟ୍ରେଡ଼ର୍ସର ସତ୍ତ୍ୱାଧିକାରିଣୀ ଶୋଭନା ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ମଧୁସୂଦନ ନାୟକଙ୍କୁ କବି ଚତୁର୍ଭୁଜ ସାଆନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲା ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ସହ ଜିଲାର ଅଗ୍ନିବୀର ଇଚ୍ଛାମୟ ଭୁଏ, ଯୁଗୁଲୁ ଭୋଇ, ଖୁସି ନାଗ, ନନ୍ଦକିଶୋର ନାଗ, ପୂର୍ଣ୍ଣ ଭୋଇ, ଶିବଶଙ୍କର ସାହୁ, ଉମାଶଙ୍କର ଭୋଇ ଓ ଗିରିଧାରୀ ମାଝିଙ୍କୁ ସମ୍ମାନିତ କରାଯାଇଥିଲା।

# ବାଙ୍କେଲ ଡ୍ୟାମ ସୌନ୍ଦର୍ଯ୍ୟକରଣ ପାଇଁ ୨କୋଟି ମଞ୍ଜୁର

ମୁରିବାହାଲ, ୧୩।୮
(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକରେ ଥିବା ବାଙ୍କେଲ ଡ୍ୟାମର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ୨କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଖବର ଜଣାପଡିବା ପରେ ବାଙ୍କେଲ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ୨୫ବର୍ଷ ତଳେ ବାଙ୍କେଲ ଗ୍ରାମରେ ନିର୍ମିତ ଏହି ଡ୍ୟାମର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଅଞ୍ଚଳର ବିଭିନ୍ନ ସଂଗଠନ ତରଫରୁ କକଡାଜୋର ଜଳବୁଡି ଅଞ୍ଚଳ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନଙ୍କ ନେତୃତ୍ୱରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ଜିଲାପାଳ ଚଞ୍ଚଳ ରାଣାଙ୍କୁ ଅବଗତ କରାଯାଇଥିଲା। ଜୁନ ୨୧ତାରିଖରେ ଉକ୍ତ ଡ୍ୟାମକୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀ ଓ ଜିଲାପାଳ ରାଣା ପାରିଦର୍ଶନରେ ଯାଇଥିଲେ। ଗତ ୨୫ତାରିଖରେ କକଡାଜୋର ବୁଡି ଅଞ୍ଚଳ ତରଫରୁ ୧୩ ଦଫା ଦାବିପତ୍ର ଜଳସମ୍ପଦ ମନ୍ତ୍ରୀ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ରାଜ୍ୟ ସରକାରଙ୍କ ପରିପତ୍ର ସଂଖ୍ୟା ୨୨୭୪୪/ତା୧୦।୮।୨୦୨୩ରିଖରେ ୨ କୋଟି ଟଙ୍କା ମଞ୍ଜୁର ହୋଇଛି।

# ସିଆର୍‌ପିଏଫ୍ ତରଫରୁ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ


ସିଆର୍‌ପିଏଫ ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ବାଇକ ଶୋଭାଯାତ୍ରା।

ଖପ୍ରାଖୋଲ, ୧୩।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ସିଆର୍‌ପିଏଫ ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖିନ୍ଦର ସିଂଙ୍କ ନେତୃତ୍ୱରେ ଯବାନମାନେ ଗାଡ଼ି ଓ ବାଇକରେ ବାହାରି ଖପ୍ରାଖୋଲ, ବଡଗୁର୍ଜିଭଟା, ଘୁନସର୍, ଚଟରାଭଟା, ରେଙ୍ଗାଲି ପ୍ରଭୃତି ଗାଁକୁ ଯାଇ ଦେଶାତ୍ମବୋଧ ଗୀତ ସହ ତ୍ରିରଙ୍ଗା ପତାକା ସମସ୍ତଙ୍କ ଘରେ ଲଗାଇବାକୁ କହି ସଚେତନ କରିଥିଲେ। ସେହିପରି ହରିଶଙ୍କର ସିଆରପିଏଫ କ୍ୟାମ୍ପ ପରିସରରୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତବୀର ସିଂଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ ଯବାନମାନେ ଘରେ ଘରେ ତ୍ରିରଙ୍ଗା ପତାକା ଲଗାଇବା ସହ ସଚେତନ କରିଥିଲେ।

# ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ନୂଆପଡ଼ା,୧୩।୮(ମକାରୁ ବେମାଲ)

ନୂଆପଡା ଜିଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ସିଦ୍ଧେଶ୍ୱର କୃଷକ ଉତ୍ପାଦକ ସଂଘ କୋମନା ବ୍ଲକ ଓ ଶିବଶକ୍ତି କୃଷକ ଉତ୍ପାଦକ ସଂଘ ବୋଡେନ ବ୍ଲକର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସଂଘ ପରିଚାଳନାରେ ଆକାଉଣ୍ଟର ସଠିକ ବିବରଣୀ, ବାଣିଜ୍ୟ, ଯୋଜନା ଇତ୍ୟାଦି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ନୂତନ ଭାବେ ପ୍ରତିଷ୍ଠିତ ଉତ୍ପାଦକ ସଂଘ କିପରି ଭାବେ ଜିଲା ଓ ରାଜ୍ୟ ବାହାରା ନିଜର ବାଣିଜ୍ୟ ଦ୍ୱାରା ଏଥିରେ ଥିବା ସମସ୍ତ ସଭ୍ୟମାନଙ୍କୁ ଆଶାଜନକ ଲାଭ ଆଣି ପାରିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ରୂପେ ଶପଥ ଗ୍ରହଣ କରିଥିଲେ। ୨ଟି ସକ୍ରିୟ ଉତ୍ପାଦକ ସଂଘର ସମସ୍ତ ବୋର୍ଡ ଅଫ ମ୍ୟାନେଜମେଣ୍ଟମାନେ ଅଂଶ ଗ୍ରହଣ କରିଥିଲେ। ଆଲୋଚନାଚକ୍ରରେ କେନ୍ଦ୍ରର ଡ.ଶାସ୍ୱତୀ ପଟ୍ଟନାୟକ, ଏଫସିଓ ଦାୟିତ୍ୱରେ ଥିବା ବୈଜ୍ଞାନିକ ଲବ ସୋରେନ, ସମ୍ପ୍ରସାରଣ ବୈଜ୍ଞାନିକ ଲଖନ ଲାଲ ମୀନା, ବୈଜ୍ଞାନିକ ଉମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶିଷ୍ଟ କଳାକାର ବେଲାର ସିଂ ବରିହାଙ୍କ ସ୍ମୃତିଚାରଣ

ଦେଓଗାଁ,୧୩।୮(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରପିଟା କଲ୍ୟାଣ ମଣ୍ଡପଠାରେ ବିଶିଷ୍ଟ କଳାକାର ବେଲାର ସିଂ ବରିହା(୨୭)ଙ୍କ ଅକାଳ ବିୟୋଗରେ ରବିବାର ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶିଙ୍କ ସଂଯୋଜନା ତଥା ବରିଷ୍ଠ କଳାକାର ପରମାନନ୍ଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫୁଲ୍ଲ ପଣ୍ଡା, ଜଗନ୍ନାଥ ମୁଦୁଲି, ନବଦୀପ ଚାନ୍ଦ ବେହେରା, ଭେଙ୍କଣ୍ଟେଶ୍ୱର ଦାସ, ଚନ୍ଦ୍ରକାନ୍ତ ବେହେରା, ଗଣେଷ ମିର୍ଦ୍ଧା, ବିକ୍ରମ ସାମଲ, ଡମ୍ବରୁ ଧରୁଆ, ଶିଙ୍କୁ ମହାଲିଙ୍ଗ ଯୋଗଦେଇଥିଲେ। ସ୍ୱର୍ଗତ ଯୁବ କଳାକାର ବେଲାର ସିଂ ଏକାଧାରାରେ ଜଣେ ସଂଚାର, କରମସାନୀ, ସଂକୀର୍ତ୍ତନ୍ୟ ଓ ପାଲା ବାଦକଭାବେ ଜିଲା ତଥା ରାଜ୍ୟସ୍ତରରେ ବେଶ ପରିଚିତ ଥିଲେ। ତେଣୁ ତାଙ୍କ ବିୟୋଗ ଜିଲା ପାଇଁ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା। ସଦର ବ୍ଲକ ଭୁଣ୍ଡିମୁହାଣ ପଞ୍ଚାୟତ କଙ୍କରା ଗ୍ରାମର ବେଲାର ସିଂ ବରିହାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୧ତାରିଖ ବେଲାର ସିଂଙ୍କର ତାଙ୍କ କଙ୍କରା ଗ୍ରାମରେ ମୃତ୍ୟୁ ଘଟିଥିଲା।


ଶୋକସଭାରେ ଉପସ୍ଥିତ କଳାକାରମାନେ।

# ୨୪ଦିନ ବିତିଲା, ପୋଲିସ କାର୍ଯ୍ୟାନୁଷ୍ଠାନ ନାହିଁ

ଲୋଇସିଂହା,୧୩।୮(ସୁଶାନ୍ତ ବାରିକ)


ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ସରଗାଡ ଗ୍ରାମବାସୀ।

### ବିଧବାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
■ଅଭିଯୁକ୍ତଙ୍କ ଗିରଫ ଦାବି କରି ଗ୍ରାମବାସୀ ଏସ୍‌ପିଙ୍କୁ ଫେରାଦ

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ଅନ୍ତର୍ଗତ ଫଲସାମାଲ ଗ୍ରାମର ବିଧବା ମହିଳା ମୀରା ପଧାନ(୨୮)ଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି। ଏହିଭଳି ଅଭିଯୋଗ କରି ମୃତାଙ୍କ ବାପା ଭଗବାନ ପଧାନ ସଦର ଥାନାରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୨୪ ଦିନ ବିତି ଯାଇଥିଲେ ବି ଅଭିଯୁକ୍ତମାନଙ୍କ ପ୍ରତି ପୋଲିସ କୋହଳ ମନପୋଷଣ କରୁଛି। ଏହାର ପ୍ରତିବାଦ ତଥା ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ରବିବାର ଭଗବାନ ଏବଂ ସରଗାଡ ଗ୍ରାମବାସୀ ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି ଓ ଏସ୍‌ଡିପିଓ ତୋଫାନ ବାଗଙ୍କୁ ଭେଟିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଭଗବାନ ପଧାନଙ୍କ ଝିଅ ମୀରା ୯ ବର୍ଷ ତଳେ ବ୍ଲକ ଅନ୍ତର୍ଗତ ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଫଲସାମାଲ ଗ୍ରାମର ମଣିକର ପଧାନଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଦୁଇ ପୁଅ ରାଜୁ (୭) ଓ ଲକି (୫) ଅଛନ୍ତି। ୨ ବର୍ଷ ତଳେ ମଣିକଙ୍କର ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ମୀରା ପ୍ରେମ ବିବାହ କରିଥିବାରୁ ଶ୍ୱଶୁର ଘର ଲୋକେ ତାଙ୍କୁ ନିର୍ଯାତନ ଦେଉଥିଲେ। ଏପରିକି ଭଗବାନଙ୍କ ପୁଅ ନ ଥିବାରୁ ମୀରାଙ୍କୁ ବାପ ଘର ସମ୍ପତି ବିକି ଟଙ୍କା ଆଣିବାକୁ ସେମାନେ କହୁଥିଲେ। ମଣିକରଙ୍କ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ମିଳିଥିବା ବୀମା ଟଙ୍କା ମଧ୍ୟ ଦେବାକୁ ଶାଶୁଘର ଲୋକେ ମୀରାଙ୍କୁ କହୁଥିଲେ। ହେଲେ ଦୁଇ ପୁଅଥିବାରୁ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ମାରପିଟ୍ କରୁଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗାଁ ସ୍କୁଲରେ ରୋଷେୟା କାମ କରୁଥିଲେ ମୀରା ନିକଟରେ ଗାଁରେ ଏକ ଜାଗା କିଣିବାକୁ ଯୋଜନା ରଖିଥିଲେ। ଏଥିରେ ଈର୍ଷା ପରାୟଣ ହୋଇ ପଡିଥିଲେ ଶ୍ୱଶୁର ଘରଲୋକେ। ଗତ ଜୁଲାଇ ୨୦ ତାରିଖ ରାତି ୯ଟାରେ ମୀରାଙ୍କ ଶ୍ୱଶୁର ମୃତାଙ୍କ କକା ଲକ୍ଷ୍ମଣଙ୍କୁ ଫୋନ କରି କହିଥିଲେ ଯେ, ମୀରା ଘରେ ନାହିଁ। ଆମେ ବହୁତ ଖୋଜାଖୋଜି କରି ପାଇଲୁ ନାହିଁ। ଫୋନ ପାଇ ବାପ ଘର ଲୋକେ ସେହି ରାତିରେ ଫଲସାମାଲ ଯାଇଥିଲେ। ସେଠାରେ ପହଞ୍ଚିଲା ବେଳକୁ ମୀରାଙ୍କ ମୃତଦେହ ଏକ ଖଟିଆରେ ପଡି ରହିଥିଲା। ମୀରା ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକ କହିଥିଲେ। ହେଲେ ତାଙ୍କ ବେକ ଏବଂ ପିଠିରେ ଦାଗ ରହିଥିବାରୁ ହତ୍ୟା ସନ୍ଦେହ କରିଥିଲେ ଲକ୍ଷ୍ମଣ ଓ ତାଙ୍କ ପରିବାର ଲୋକେ। ତା ପର ଦିନ ମୀରାଙ୍କ ବାପା ଭଗବାନ ସଦର ଥାନାକୁ ଯାଇ ହତ୍ୟାକାଣ୍ଡରେ ଶ୍ୱଶୁରଙ୍କ ସମେତ ୫ ଜଣଙ୍କ ସମ୍ପୃକ୍ତି ରହିଥିବାନେଇ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା(୨୭୭/୨୩) ରୁଜୁ କରି ପୋଲିସ ଚୁପ ରହିଥିବାରୁ ସରଗାଡ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ଦିନ ମଞ୍ଚର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମଞ୍ଚର ନୂତନ ସଭାପତି ଓ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ଶିବପ୍ରସାଦ ମିଶ୍ର, ଉପ ସଭାପତି ଭାବେ ଦେଶବନ୍ଧୁ ପଣ୍ଡା, ପ୍ରଭାତ କୁମାର ସାହୁ, ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି, ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ପଦ୍ମନାଭ ସାହୁଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଅଖିଳଚାନ୍ଦ ମହାପାତ୍ର, ବିଶ୍ୱନାଥ ମିଶ୍ର, ଜଗନ୍ନାଥ ମିଶ୍ରଙ୍କୁ ଉପଦେଷ୍ଟା ଏବଂ ୧୪ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଛି ।

## ସୁବର୍ଣ୍ଣପୁର ଜିଲା

# ୫–ଟି ସ୍କୁଲର ବିକଳ ଚିତ୍ର

ସୋନପୁର,୧୩।୮ (ମୃତ୍ୟୁଞ୍ଜୟ ଶତପଥୀ)

- ରୂପାନ୍ତରଣ ହୋଇଛି, ଶିକ୍ଷକ ନାହାନ୍ତି
- ୧୫୬ ଛାତ୍ରୀଛାତ୍ରଙ୍କୁ ୨ ଶିକ୍ଷକ
- ଗଣିତ, ଇଂରାଜୀ, ସାମାଜିକ ବିଜ୍ଞାନ, ଓଡିଆ, କ୍ରୀଡା ଓ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି

ସୁବର୍ଣ୍ଣପୁର ଜିଲାର ଉଚ୍ଚ ବିଦ୍ୟାଳୟଗୁଡିକରେ ଶତାଧିକ ଶିକ୍ଷକ ଓ କର୍ମଚାରୀ ପଦ ଖାଲି ପଡିଛି । ସରକାର ନୂତନ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ପ୍ରତି ଧ୍ୟାନ ଦେଉ ନ ଥିବାରୁ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ଜିଲାର ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ୨୦୨୨–୨୩ ଆର୍ଥିକ ବର୍ଷରେ ୫–ଟିରେ ସାମିଲ କରିଛନ୍ତି। ବିଦ୍ୟାଳୟର ଭିତ୍ତିଭୂମିକୁ ରୂପାନ୍ତରଣ କରି ଚକାଚକ୍ କରାଯାଇଛି। କିନ୍ତୁ ବିଦ୍ୟାଳୟରେ ଶିକ୍ଷକ, କର୍ମଚାରୀ ଅଭାବ ଯୋଗୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ମୋ ସ୍କୁଲ ଅଭିଯାନ, ପୋଷ୍ୟ ସ୍କୁଲ ଅଭିଯାନ ଓ ୫–ଟିରେ ଅନ୍ତର୍ଭୁକ୍ତ କରିବା ମୂଲ୍ୟହୀନ ହୋଇପଡିଛି।

୧୯୮୪ ମସିହାରେ ସ୍ଥାପିତ ଏହି ଉଚ୍ଚ ବିଦ୍ୟାଳୟରେ ସିଂଘିଯୁବା, ଭଣ୍ଡାର ଓ ବାଙ୍କିଘିର୍ଡି ପଞ୍ଚାୟତର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୧୯୯୧ ମସିହାରେ



ବିନିକା ବ୍ଲକର ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ।

ଏହି ବିଦ୍ୟାଳୟ ଅନୁଦାନପ୍ରାପ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେଲା। ୧।୬।୧୯୯୪ ଠାରୁ ଏହି ଉଚ୍ଚ ବିଦ୍ୟାଳୟ ସରକାରୀ ପୂର୍ଣ୍ଣ ଅନୁଦାନ ପାଇଆସୁଛି । ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀ ଯାଏ ବିଦ୍ୟାଳୟରେ ପାଠ ପଢାଯାଉଛି । ୧୫୬ ଜଣ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି । ସେମାନଙ୍କ ଶିକ୍ଷାଦାନ ପାଇଁ ୮ ଜଣ ଶିକ୍ଷକ ରହିବା କଥା। ମାତ୍ର ଏବେ ବିଜ୍ଞାନ ଓ ହିନ୍ଦୀ ଶିକ୍ଷକରେ ବିଦ୍ୟାଳୟର ପାଠ ପଢା ଚାଲିଛି। ବିଜ୍ଞାନ ଶିକ୍ଷକ ଭରତ ସାହୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ହିନ୍ଦୀ ଶିକ୍ଷକ ପଦ୍ମନାଭ ମାହାନା ଆଉ ୭ ରୁ ୮ ମାସ ପରେ ଚାକିରିରୁ ଅବସର ନେବେ। ଗଣିତ, ସାମାଜିକ ବିଜ୍ଞାନ, ଓଡିଆ, ଇଂରାଜୀ ଓ କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ ଏହି ବିଷୟରେ ପାଠପଢା ବାଧାପ୍ରାପ୍ତ ହୋଇଛି। କ୍ରୀଡା ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଶିକ୍ଷା ଦିଆ ଯାଇପାରୁନି। ରାତ୍ରି ଜଗୁଆଳି ନ ଥିବାରୁ ସବୁବେଳେ ଚୋରି ଭୟ ରହୁଛି। ଏହି ୫–ଟି ବିଦ୍ୟାଳୟରେ ସରକାରଙ୍କ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ୫–ଟିରେ ସାମିଲ ପରେ ୨ଟି ସ୍ମାର୍ଟ କ୍ଲାସ ରୁମ୍, ବିଜ୍ଞାନ ପରୀକ୍ଷାଗାର, ଇ–ଲାଇବ୍ରେରୀ ଆଦି ନିର୍ମାଣ ହୋଇଛି। କିନ୍ତୁ କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆ ଯାଇପାରୁନାହିଁ।

ବିଦ୍ୟାଳୟର ଅବସ୍ଥିତି, ପରିବେଶ ଓ ଉତ୍ତମ ଶିକ୍ଷାଦାନ ପାଇଁ ଏହି ବିଦ୍ୟାଳୟ କିଛି ବର୍ଷ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିଲେ। ସୁନ୍ଦର ପରିବେଶ, ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ୨୦୧୫ରେ ପ୍ରକୃତି ମିତ୍ର ପୁରସ୍କାର ମିଳିଥିଲା। ମାଟ୍ରିକ୍ ପରୀକ୍ଷା ଫଳକୁ ଦେଖି ୨୦୧୮ରେ ରାଜ୍ୟ ସରକାର ଏହି ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ମାନ୍ୟତା ଦେବା ସହ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ମାତ୍ର ଶିକ୍ଷକ ଅଭାବ ଏବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିଛି। ସରକାର ଏହି ବର୍ଗର ବିଦ୍ୟାଳୟଗୁଡିକରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ପ୍ରତି ଆଖି ବୁଜି ଦେଇଛନ୍ତି। ଶିକ୍ଷକମାନେ ଅବସରଗ୍ରହଣ କରିବା ପରେ ସେହି ପଦବୀ ଆଉ ପୂରଣ ହେଉନି। ଏଭଳି ଲାଗି ରହିଲେ ଆଉ ଅଳ୍ପ କିଛି ବର୍ଷ ପରେ ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହୋଇପଡିବ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରମୋଦ ପଣ୍ଡା କୁହନ୍ତି, ସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ରହିଥିବା ଖାଲି ପଦବୀ ପୂରଣ କରାଯାଉନି। ଦୀର୍ଘ ବର୍ଷ ଧରି ଆଦୌ ଶିକ୍ଷକ ନିଯୁକ୍ତି ନ ହେବା ଫଳରେ ଏହି ବିଦ୍ୟାଳୟ ଭଳି ରାଜ୍ୟର ମୋଟ ୬୫୦ଟି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। ତେବେ ବିଦ୍ୟାଳୟର ଶିକ୍ଷକ ଅଭାବ ଦୂର କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବାକୁ ଅଭିଭାବକ ଓ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ


ବିଜ୍ଞାନ ମେଳାରେ ଯୋଗ ଦେଇଥିବା ଅତିଥି ।

ବୌଦ୍ଧ,୧୩।୮ (ଅଜିତ କୁମାର ବାରିକ)

ବୌଦ୍ଧ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ସଙ୍କୁଳ ଅନ୍ତର୍ଗତ ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧ୍ରୁବଚରଣ ଘିବେଲା, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି, ସଙ୍କୁଳ ପ୍ରମୁଖ ଦଶରଥ ମେହେର,ସମ୍ପାଦକ ସାର ପ୍ରଧାନ, ସହ ସମ୍ପାଦକ ସନ୍ତୋଷ ପୁରୋହିତ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ ପୁରୋହିତ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଘିବେଲା ପ୍ରତିଯୋଗୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଗଣିତଜ୍ଞ ତଥା ବିଜ୍ଞାନୀ ହେବା ପାଇଁ କହିଥିଲେ। ଏହି ବିଜ୍ଞାନ ମେଳାରେ ଗଣିତ, ବିଜ୍ଞାନ, ସଂସ୍କୃତ ଜ୍ଞାନ, ପ୍ରକଳ୍ପ, ପତ୍ର ବଟନ, ପ୍ରୟୋଗ, ଓ ଗଳ୍ପ କଥନ ବର୍ଗ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ମେଳାରେ ଶିଶୁ ମନ୍ଦିରର ସମସ୍ତ ଗୁରୁମା' ଗୁରଜୀ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ବୌଦ୍ଧରେ ହେବ ୧୦୦ ମିଟରର ତ୍ରିରଙ୍ଗା ଶୋଭାଯାତ୍ରା

ବୌଦ୍ଧ,୧୩।୮ (ଅଜିତ କୁମାର ବାରିକ)

ଆସନ୍ତା ମଙ୍ଗଳବାର ଦିନ ଦେଶ ୭୭ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ତ୍ରିରଙ୍ଗା ଶୋଭଯାତ୍ରା ଆୟୋଜକ ସମିତି ପକ୍ଷରୁ ତ୍ରିରଙ୍ଗା ଶୋଭଯାତ୍ରା ଓ ତ୍ରିରଙ୍ଗା ଉତ୍ସବ ପାଳନ କରାଯିବ। ଏନେଇ ଆୟୋଜକ ସମିତି ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଜଣାଯାଇଛି। ଉକ୍ତ ଶୋଭଯାତ୍ରା ମଙ୍ଗଳବାର ଦିନ ସ୍ଥାନୀୟ ରଘୁନାଥ ମନ୍ଦିରଠାରୁ ବାହାରି ବାଘଗୁଡା ଛକ, ଗାନ୍ଧିଛକ, ଭୈରବୀ ଛକ, ପୋଡା ପୋଡା, ପୋଷ୍ଟ ଅଫିସ ଛକ, ୱାରଲେସ ଛକ ଦେଇ ମର୍ଯ୍ୟାକୁଦ ବ୍ରିଜ ଛକଠାରେ ପହଞ୍ଚିବ । ୧୦୦ ମିଟର ଲମ୍ୱର ତ୍ରିରଙ୍ଗା ଶୋଭଯାତ୍ରା ହେବ । ଏହି ଅବସରରେ ଦେଶାତ୍ମବୋଧ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଅଛି। ଚଳିତବର୍ଷ ଶୋଭଯାତ୍ରାରେ ବୌଦ୍ଧର ଐତିହ୍ୟ, ପରମ୍ପରା ଓ ଲୋକନୃତ୍ୟର ଝଲକ ମଧ୍ୟ ଦେଖିବାକୁ ମିଳିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଜନସାଧାରଣ ଯୋଗ ଦେବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି।

# କଲେଜରେ ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ

**ବୀରମହାରାଜପୁର କଲେଜ ପରିଚାଳନା କମିଟିର ଜରୁରୀ ବୈଠକ**

ଅମରପାଲି,୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ପରିଚାଳନା କମିଟିର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପରିଚାଳନା କମିଟିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟିର ସମ୍ପାଦକ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମ ଚରଣ ସାହୁ ବୈଠକର ଉଦ୍ଦେଶ୍ୟ ଅବଗତ କରାଇଥିଲେ। କଲେଜର ବିଭିନ୍ନ ବିଭାଗରେ ଅଧ୍ୟାପକଙ୍କ ଅଭାବ ରହିଛି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମହାବିଦ୍ୟାଳୟକୁ ମିଳିଥିବା ୧ କୋଟି ଟଙ୍କା ଅନୁଦାନର ବିନିଯୋଗ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ଭିଜନ ଡକ୍ୟୁମେଣ୍ଟ ବୈଠକରେ ଅନୁଧ୍ୟାନ କରାଯାଇଥିଲା। ମହାବିଦ୍ୟାଳୟ ପରିସର ଶୃଙ୍ଖଳିତ କରିବାକୁ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଛି। କଲେଜରେ ଶୃଙ୍ଖଳା ପାଇଁ ଏକ କମିଟି ଗଠନ ହୋଇଛି। କମିଟିର ରିପୋର୍ଟ ଆଧାରରେ ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ କମିଟି ର ସଦସ୍ୟା ଅଧ୍ୟାପିକା ଗୀତାଞ୍ଜଳୀ ପୂଜାହାରୀ, ସୁବୀଣା ମିଶ୍ର, ମୌଷିମି ମେଲ୍ଲି, ଡ଼. ହିମାଂଶୁ ଶେଖର ପାଢ଼ୀ, ସାୟଦ ମୁଜାଫର୍ ଅଲି, ରାଧାକାନ୍ତ ବାଘ, ରଞ୍ଜିତ ରଥ, ଜଗଦୀଶ ସାହୁ ପ୍ରମୁଖ ଯୋଗଦେଇ ମତାମତ ଦେଇଥିଲେ। ଶେଷରେ ଅଧିପିକା ଗୀତାଞ୍ଜଳୀ ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାମାନେ ତିଆରି କଲେ ୧୦ ହଜାର ଜାତୀୟ ପତାକା

ଅମରପାଲି,୧୩।୮ (ପୀତାମ୍ବର ସାହୁ)

ଆସନ୍ତା ୧୫ ତାରିଖରେ ଦେଶରେ ପାଳନ ହେବ ୭୭ତମ ସ୍ୱାଧୀନତା ଦିବସ। ପ୍ରତି ଘରେ ଫର୍‌ଫର ହୋଇ ଉଡିବ ତ୍ରିରଙ୍ଗା। ଏଥିପାଇଁ ଜାତୀୟ ପତାକା ପ୍ରସ୍ତୁତି ଜୋରସୋରରେ ଚାଲିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଚିତ୍ରୋତ୍ପଳା ମହିଳା ମହାସଂଘର ସଦସ୍ୟାମାନେ ୭ ଦିନରେ ତିଆରି କରିଛନ୍ତି ପ୍ରାୟ ୧୦ ହଜାର ଜାତୀୟ ପତାକା। ଜାତୀୟ ପତାକା ତିଆରି କରି ନିଜେ ରୋଜଗାର କରିବା ସହିତ ଏହା ଘରେ ଘରେ ଉଡିବାକୁ ନେଇ ସେମାନେ ଗର୍ବିତ ବୋଲି ପ୍ରକାଶ କରିଛନ୍ତି। ଏହି ମହାସଂଘର ୧୧ଜଣ ସଦସ୍ୟା ଜାତୀୟ ପତାକା ତିଆରିରେ ଲାଗି ପଡିଛନ୍ତି । ଜିଲା ପ୍ରଶାସନ ତରଫରୁ ଉକ୍ତ ମହାସଂଘକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତି ପତାକା ପିଛା ୨୪ରୁ ୨୫ ଟଙ୍କା ଲେଖାଏ


ମହାସଂଘର ସଦସ୍ୟାମାନେ ଜାତୀୟ ପତାକା ତିଆରି କରୁଛନ୍ତି ।

**ଜାତୀୟ ପତାକା ତିଆରି କରି ଆମେ ଗର୍ବିତ: ଚିତ୍ରୋତ୍ପଳା ମହିଳା ମହାସଂଘ**

ଦିଆଯାଉଛି। ଉକ୍ତ ପତାକାକୁ ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଦିଆଯାଉଛି। ବୀରମହାରାଜପୁର ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ଶାନ୍ତନୁ ମେହେର ଓ ବିପିଏସିଏ ଦୀପିକା ରାଣୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାସଂଘର ସଭାନେତ୍ରୀ ସସ୍ମିତା ଦାଶ ଓ ସମ୍ପାଦିକା ମମତା ସାହୁ ଏହାର ନେତୃତ୍ୱ ନେଇଥିଲେ। ମହାସଂଘର ସଦସ୍ୟା ମମତା ମଲ୍ଲିକ, ଅହଲ୍ୟା ଚାନ୍ଦ, କେତକି ମେଣ୍ଡିଲି, ମିନତି ଗୁଦୁରିଆ, କାଦମ୍ବିନୀ ବେହେରା, ଅନିତା ପଧାନ, କୌଶଲ୍ୟା ଆଡଜାନୀ, ଯଶବନ୍ତି ବିଶ୍ୱାଳ ଓ ବନିତା ପଧାନ ପ୍ରମୁଖ ଏହି ଜାତୀୟ ପତାକା ତିଆରି କରିଛନ୍ତି। ଯେଉଁ ପତାକାକୁ ଆମେ କିଣି ଉଡାଉଥିଲୁ ତାହା ଏବେ ଆମେ ତିଆରି କରି ଗର୍ବିତ ବୋଲି ମହାସଂଘର ସଭାନେତ୍ରୀ ସସ୍ମିତା ଦାଶ ପ୍ରକାଶ କରିଛନ୍ତି। ସରକାର ମହିଳାମାନଙ୍କୁ ରୋଜଗାରକ୍ଷମ କରିବାକୁ ବିଭିନ୍ନ ଯୋଜନାରେ ସାମିଲ କରୁଥିବା ବେଳେ ଉକ୍ତ ମହାସଙ୍ଘର ଏହି ପ୍ରଚେଷ୍ଟାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଚକ୍ଷୁ ପରୀକ୍ଷା ଶିବିର


ଶିବିରରେ ଜଣେ ମହିଳାଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ସୋନପୁର,୧୩।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଝିଙ୍କିସ୍ଥିତ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଗୋଦାମ ପରିସରରେ କମ୍ପ୍ୟୁଟରୀକୃତ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଲଳିତ ନାୟକ ଫାଉଣ୍ଡେଶନ ସହଯୋଗରେ ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଗୋଦାମରେ କାମ କରୁଥିବା ଶ୍ରମିକ, ଡ୍ରାଇଭର ଓ ଅନ୍ୟମାନେ ଶିବିରରେ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଏସଡିପିଓ ରାଜ କିଶୋର ମିଶ୍ର, ଖବରଦାତା ମନୋରଞ୍ଜନ ତ୍ରିପାଠୀ ଓ ଲଳିତ ଫାଉଣ୍ଡେଶନର ଅଧ୍ୟକ୍ଷ ତପନ ନାୟକ ଯୋଗଦାନ କରିଥିଲେ। ସଂଗଠନର ସଦସ୍ୟ ଅଙ୍କୁଶ ପାଣ୍ଡିଆ ସଭା ସଂଯୋଜନା କରିଥିବା ବେଳେ ଅଙ୍କିତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ନେତ୍ର ଚିକିତ୍ସାଳୟର ଟେକ୍‌ନିସିଆନ ସୁଜିତ ଥାପା, ଶିବଶଙ୍କର ଭୋଇ, ଦିବ୍ୟା ମେହେର, ଲିପିକା ବେହେରା, ଚନ୍ଦ୍ର ଶେଖର ନନ୍ଦ ଓ ମନୋଜ ସାହୁ ପ୍ରମୁଖ ଶତାଧିକ ଶ୍ରମିକଙ୍କ ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ସେଥିମଧ୍ୟରୁ ୫ ଜଣ ରୋଗୀଙ୍କୁ ମାଗଣାରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ଲଳିତ ନାୟକ ଫାଉଣ୍ଡେଶନର ତାପସ ମହାନ୍ତି, ବିବେକାନନ୍ଦ ପଟେଲ, ସୌମରଞ୍ଜନ ମିଶ୍ର, ଆଶିଷ ବାରିକ, ଦେବାଶିଷ ପାଣ୍ଡିଆ ଓ ଚନ୍ଦନ ବରାଇ ପ୍ରମୁଖ ସହଯୋଗ କରିଥିଲେ।

# ବିନିକାରେ ବିଶ୍ୱ ହାତୀ ଦିବସ

ବିନିକା,୧୩।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବନାଞ୍ଚଳ ଅଫିସରେ ଶନିବାର ବିଶ୍ୱ ହାତୀ ଦିବସ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଉମ୍ବରୁଧର ପଧାନଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ହାତୀଙ୍କ ସୁରକ୍ଷା ପାଇଁ ଏକ ସଚେତନତା ରାଲିରେ ବାହାରି ହାତୀ ମେରା ସାଥୀ, ହାତୀ ପାଇଁ ସାଥୀଟିଏ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ବନାଞ୍ଚଳ ଅଧିକାରୀ ପଧାନଙ୍କ ଅଧ୍ୟକ୍ଷତାରେ ଅଫିସ ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଯାଇଥିଲା । ଅତିଥି ଭାବେ କଉଡିଆମୁଣ୍ଡା ସେକ୍ସନ


ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ଫରେଷ୍ଟର ପ୍ରସନ୍ନ କୁମାର ନାୟକ, ରାମପୁର ସେକ୍ସନ ଫରେଷ୍ଟର ପଦ୍ମ ଲୋଚନ ଭୋଇ, ବିନିକା ଫରେଷ୍ଟର ଜନାର୍ଦ୍ଦନ ସ୍ୱାଇଁ, ବନରକ୍ଷୀ ବଳରାମ ନାଏକ ପ୍ରମୁଖ ଯୋଗଦେଇ ବିଶ୍ୱ ହାତୀ ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ବନାଞ୍ଚଳ ଅଧିକାରୀ ହାତୀଙ୍କ ସୁରକ୍ଷା ପାଇଁ ସମସ୍ତେ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବନାଞ୍ଚଳ ଟିମ୍ ଲିଡର ପ୍ରଶାନ୍ତ କୁମାର ନାୟକ ସଭା ପରିଚାଳନା କରିଥିଲେ। ସରୋଜ କାନ୍ତ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଉଳ ପାଇଲେ ହିତାଧିକାରୀ

ବୌଦ୍ଧ,୧୩।୮ (ଅଜିତ କୁମାର ବାରିକ)

ରବିବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଗ୍ରାମ ପଞ୍ଚାୟତର ବାଲିପୁର ଏବଂ ନୂଆପଡା ଗ୍ରାମର ରାଶନକାର୍ଡଧାରୀଙ୍କୁ ୩ ମାସର ଚାଉଳ ବ୍ଲକ ଯୋଗାଣ ଅଧିକାରୀ ବିପିନ ମହାପାତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୦ତାରିଖରେ ଉଭୟ ଗ୍ରାମର ୧୩୦ଜଣ ହିତାଧିକାରୀ ୩ ମାସର ଚାଉଳ ପାଇ ନ ଥିବା ନେଇ ନୂଆପଡା ଛକରେ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ।

# ଲୋକକଳା ଗ୍ରାମ ନାରାୟଣ ନଗରରେ ବୁଣାକାର ସଚେତନତା କାର୍ଯ୍ୟକ୍ରମ

ବାଉଁଶୁଣୀ,୧୩।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଲୋକକଳା ଗ୍ରାମ ନାରାୟଣନଗରର ଗଙ୍ଗାଧର ମେହେର ଛକଠାରେ ଅଞ୍ଚଳର ବୁଣାକାର ମାନଙ୍କୁ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମନ୍ତ୍ରୀ ଓ ଅନ୍ୟମାନେ।

ନେଇ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ରାଜ୍ୟ ସରକାର ବୁଣାକାରମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ହସ୍ତତନ୍ତ ବୟନିକା ସଭାପତି ପ୍ରକାଶ ମେହେର, କନ୍ଧମାଳ ବ୍ଲକ ମେହେର ସମାଜର ସଭାପତି ପଙ୍କଜ ମେହେର, ବୟନିକା ସୁପରଭାଇଜର ଟୁନି ମେହେର, ବରିଷ୍ଠ ବୁଣାକାର ନାରାୟଣ ମେହେର ଯୋଗଦେଇ ବୁଣାକାରମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ଅବଗତ କରିଥିଲେ। ଚନ୍ଦ୍ରଚୂଡ ତନ୍ତୁବାୟ ସମବାୟ ସମିତିର ସମ୍ପାଦକ ରମେଶ କୁମାର ମେହେର ସଭାପତିତ୍ୱ କରିଥିଲେ । ବୟନିକା ସୁପରଭାଇଜର ଦେବେନ୍ଦ୍ର ଭୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣନଗର, ଜଗତି, ସୁବର୍ଣ୍ଣପୁର, ହରିପୁରର ବହୁ ବୁଣାକାର ଯୋଗ ଦେଇଥିଲେ।

# ୧୬ରୁ ସମୂହ ଛୁଟିରେ ରହିବେ ପ୍ରାଥମିକ ଶିକ୍ଷକ

- ନୂତନ ପେନସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ବୈଠକ
- ପାଠପଢାରେ ବ୍ୟାଘାତ ଆଶଙ୍କା

ଅମରପାଲି,୧୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚକାବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକର ନୂତନ ପେନସନଭୁକ୍ତ ପ୍ରାଥମିକ ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ସଂଘର ସଭାପତି ନାରାୟଣ ଜଗଦଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମ୍ପାଦକ ଅକ୍ଷୟ କୁମାର ରାଏ, ଉପସଭାପତି ସୁନିଲ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଜମ୍ମେଶ୍ୱର ଦୀପ, ଉପଦେଷ୍ଟା ମେଘନାଦ ଭୋଇ, ମନୋଜ ଦାଶ, ନାରାୟଣ


ବୈଠକରେ ନୂତନ ଭାବେ ନିୟମିତ ହୋଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବେହେରା, ପ୍ରବୀର ଦାଶ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନୂତନ ଭାବେ ନିୟମିତ ହୋଇଥିବା ଶିକ୍ଷକମାନଙ୍କୁ ସ୍ୱାଗତ କରାଯାଇଥିଲା। ଆଗାମୀ ୧୬ ତାରିଖରେ ହେବାକୁ ଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆନ୍ଦୋଳନକୁ ତୀବ୍ରତର କରିବାକୁ ସଂଘ ନିଷ୍ପତ୍ତି ନେଇଛି। ଏଣୁ ସମସ୍ତେ ଏହି ଆନ୍ଦୋଳନରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ତେଣୁ ବ୍ଲକର ଉକ୍ତ ସଂଘର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଆସନ୍ତା ୧୬ ତାରିଖରୁ ସମୁହ ଛୁଟିରେ ରହି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାଫଳରେ ବୀରମହାରାଜପୁର ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡିବା ସହ ପାଠପଢା ଠପ୍ ହୋଇଯିବ ଓ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘର ସଭାପତି ନାରାୟଣ ଜଗଦଲା ପ୍ରକାଶ କରିଛନ୍ତି। ଶିକ୍ଷକ ପଦ୍ମନାଭ ବାରିକ ବୈଠକ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶ୍ୱିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।




## ଆଜି କ'ଣ କେଉଁଠି

ରାଉରକେଲା
- ଆରଏଲସିରେ ଶ୍ରମିକ ଶୁଣାଣି, ସେକ୍ଟର-୫, ପୂର୍ବାହ୍ନ ୧୧ଟା।
- ମଧୁବାବୁ ପେନସନ ଯୋଜନା କାର୍ଯ୍ୟକ୍ରମ, ସେକ୍ଟର-୧୫, ଆହୂତି ଭବନ, ପୂର୍ବାହ୍ନ ୧୧ଟା।
- ସଚେତନତା କାର୍ଯ୍ୟକ୍ରମ, ଶ୍ରମିକ ବଜାର ନାଲା ରୋଡ, ସକାଳ ସାଢେ ୮ଟା ।

## ସ୍କ୍ରାପ୍ ଚୋରି ଅଭିଯୋଗରେ ୨ ଗିରଫ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ୨ଜଣ ସ୍କ୍ରାପ୍ ବେପାରୀଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରି ସ୍ଥାନୀୟ ଥାନାକୁ ହସ୍ତାନ୍ତର କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁଶୀଲ ଗୁପ୍ତା ଓ ଛୋଟୁ। ଉଭୟଙ୍କ ନିକଟରୁ ପ୍ରାୟ ୩୦ ହଜାର ଟଙ୍କାର ସ୍କ୍ରାପ୍ ଜବତ ହୋଇଛି। ଏ ନେଇ ପୋଲିସ ଦୁଇଟି ପୃଥକ୍ ମାମଲା (ନଂ.୧୫୦।୨୩ ଓ ନଂ.୧୫୧।୨୩) ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଲଣ୍ଡା କେନାଲ ରୋଡ୍‌ର ଜଣେ ମହିଳା ରବିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ମଞ୍ଜୁଳା ଘୋଷ। ତାଙ୍କ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ତାଙ୍କ ମାତାପିତା ପଶ୍ଚିମବଙ୍ଗରେ ରହୁଛନ୍ତି। ସେମାନେ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୫।୨୩) ରୁଜୁ କରିଛି।

## ମୋବାଇଲ ଚୋରି ଅଭିଯୋଗ, ୨ ଗିରଫ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା):** ପାୱାର ହାଉସ ଲାଲ୍ ବିଲ୍ଡିଂ ଅଞ୍ଚଳରେ ଥିବା ଏକ ଷ୍ଟୋରରେ ଗତ ଶନିବାର ପୂର୍ବାହ୍ନରେ ୨ ଜଣ ଦୁର୍ବୃତ୍ତ ପଶି ମୋବାଇଲ ନେଇ ଫେରାର ହୋଇଯାଇଥଲେ। ଏ ନେଇ ଷ୍ଟୋର ମାଲିକ ସୁମନ କୁମାରୀ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ପ୍ଲାଣ୍ଟସାଇଡ୍ ଥାନା ଅଞ୍ଚଳରୁ ୨ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏମଡ଼ି ଅନୱାର ଓ ଏମଡ଼ି ଆର୍ସଦ। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୨୫୩/୨୩) ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ସ୍କୁଟି ଚୋରି, ଥାନାରେ ଅଭିଯୋଗ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା):** ସେକ୍ଟର-୫ ଅଞ୍ଚଳର ଜଣେ ଯୁବକଙ୍କ ସ୍କୁଟି ଝିରପାଣି ବ୍ରିଜ୍‌ରୁ ଚୋରି ହୋଇଛି। ଏ ନେଇ ଉକ୍ତ ଯୁବକଙ୍କ ଅଭିଭାବକ ରଶ୍ମିରାଣୀ ନାୟକ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୭୦/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଏତଲାକାରୀଙ୍କ ପୁଅ ଝିରପାଣି ବ୍ରିଜ ନିକଟକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ତାଙ୍କ ସ୍କୁଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ।

# ଗଣତନ୍ତ୍ରର ସୁରକ୍ଷା ପାଇଁ ଆହ୍ୱାନ



କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ। (ଫଟୋ: ବିବେକ)

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**

ସିଟୁ, ଅଲ୍ ଇଣ୍ଡିଆ କିଷାନ ସଭା ଓ ଅଲ ଇଣ୍ଡିଆ କ୍ଷେତ ମଜଦୁର ୟୁନିୟନ ଡାକରାରେ ୭୭ତମ ସ୍ୱାଧୀନତା ଦିବସକୁ ମହାସମାରୋହର ପାଳନ ପାଇଁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ୧୩ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ରାଉରକେଲାରେ ରବିବାର ଏହାର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଶହୀଦ ସ୍ମୃତିସ୍ଥଳ ଆମ୍‌କୋ-ସିମ୍‌କୋଠାରୁ ମଶାଲ ଶୋଭାଯାତ୍ରା ବାହାରି ବିରମିତ୍ରପୁର, କୁଆଁରମୁଣ୍ଡା,

### ତ୍ରିଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବେଦବ୍ୟାସ, ବିଶ୍ରା ଛକ ଦେଇ ଭଞ୍ଜ ଭବନରେ ପହଞ୍ଚିଥିଲା। ସେଠାରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଏହାସହ ଭାରତର ସମ୍ବିଧାନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଧର୍ମନିରପେକ୍ଷର ସୁରକ୍ଷା ପାଇଁ ଆହ୍ୱାନ ଦିଆଯାଇଥିଲା। ବିମାନ ମାଇତି, ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଭଞ୍ଜ ଭବନ ପ୍ରେକ୍ଷାଳୟରେ ସୁନ୍ଦରଗଡ଼ ଜିଲା ଆଥଲେଟିକ ଆସୋସିଏଶନ ଓ ରାଉରକେଲା ୟଙ୍ଗ ମ୍ୟାନ୍ ଆସୋସିଏଶନ (ରାଏମା କ୍ଲବ) ପକ୍ଷରୁ ଡେଡ୍ ଲିଫ୍ଟିଂ ପ୍ରତିଯୋଗିତା ବାସୁଦେବ ବାନାର୍ଜୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଅର୍ଜୁନ ପୁରସ୍କାରପ୍ରାପ୍ତ ସୁନୀଲ ପାତ୍ର, ରାଏମା କ୍ଲବ ସଭାପତି ତଥା ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସୁନ୍ଦରଗଡ଼ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ବିରମିତ୍ରପୁର, ରାଜଗାଙ୍ଗପୁର, ସୁନ୍ଦରଗଡ଼ ସଦର, ସହରର ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିକ୍ରମ ସ୍ୱାଇଁ, ସୁଶାନ୍ତ ବାରିକ, ସୁଶାନ୍ତ ଭୂୟାଁ, ସାମସନ ଲାକ୍ରା, ବିଜୟ ରାହୁଲ, ବି.ସି ସିନ୍ଦୁର, ଏମଡ଼ି ରେଞ୍ଜୀ, ଏସ୍. ଆର୍. ମହାନ୍ତି, ଅନୀଲ ପଣ୍ଡା, ଦେବାଶିଷ ଦେ, ଶରତ ଚନ୍ଦ୍ର ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ୩୫ ଜଣ ମହିଳା ଓ ୧୧୫ ଜଣ ପୁରୁଷ ଅଂଶଗ୍ରହଣ କରିଥିଲେ।

## ଏନ୍‌ଆଇଟିରେ ଏଆଇ, କୃଷି ଓ ଖାଦ୍ୟ ଶିଳ୍ପ ସମ୍ମିଳନୀ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**


ଅତିଥିମାନେ ପେପର ଉପସ୍ଥାପନ କରୁଛନ୍ତି।

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି, କୃଷି ଓ ଖାଦ୍ୟ ସମ୍ପର୍କିତ ୪.୦ ଏକ ଜାତୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ପଟେଲ ସେମିନାର ହଲ, ଇନଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟରିଂ (ଭାରତ), ରାଉରକେଲା ଲୋକାଲ ସେଣ୍ଟର ଫୁଡ୍ ପ୍ରୋସେସ ଇଞ୍ଜିନିୟରିଂ ବିଭାଗ, କମ୍ପ୍ୟୁଟର ସାଇନ୍ସ ଓ ଏନ୍‌ଆଇଟି ରାଉରକେଲା ଏହାକୁ ମିଳିତ ଭାବେ ଆୟୋଜନ କରିଥିଲେ। ଏଥିରେ ଏନ୍‌ଆଇଟି କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ବିବୁଦତା ସାହୋ ମୁଖ୍ୟ ଅତିଥି ଓ ପ୍ରଫେସର ପରାଗ ପ୍ରକାଶ ସୁତାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଓଇର ଅଧ୍ୟକ୍ଷ ଅଜୟ ଗୋସ୍ୱାମୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ରମେଶ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ଭାରତର ଦୁଇ ପ୍ରମୁଖ ଖାଦ୍ୟ ଆମଦାନକାରୀ ଦେଶ ଆମେରିକା ଓ ଜାପାନ ଦ୍ୱାରା ଖାଦ୍ୟ ଶିଳ୍ପରେ ଅଭ୍ୟାସ କରାଯାଉଥିବା କଠୋର ନିୟମ ସମ୍ପର୍କରେ ପ୍ରଫେସର ସୁତାର ଆଲୋଚନା କରିଥିଲେ। ସେମିନାରରେ ୮୬ଟି ପେପର ଉପସ୍ଥାପନ କରାଯାଇଥିଲା। ସମାବେଶରେ ଡ. ମଧୁରେଶ ଦ୍ୱିବେଦୀ ବିଭିନ୍ନ ଥିମ୍ ଉପରେ ବୈଷୟିକ ପୃଥକତା ସମ୍ପର୍କରେ ଆଲୋଚନା କରିଥିଲେ। ରୋବୋଟିକ୍ସ ଏବଂ କୃଷିକୁ ସମ୍ପୂର୍ଣ୍ଣ ଭାବେ ରୂପାନ୍ତର କରାଯାଉଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଆଇଇଆଇର ସଚିବ ଡ. ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ୧ ଗିରଫ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଜିଏସ୍‌ଟି କାର୍ଯ୍ୟାଳୟ ସମ୍ମୁଖ ସ୍ମାର୍ଟ ସିଟିର ନିର୍ମାଣସ୍ଥଳୀରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏସ୍‌ଟିଆଇ ରାଜୀବ ବସ୍ତି ସାଗର ପ୍ରଧାନ। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଏହି ଘଟଣାରେ ଶନିବାର ଜଣଙ୍କୁ ଗିରଫ କରାଯାଇଥିଲା।

## ବିଜୁ ଶ୍ରମିକ ସାମ୍ମୁଖ୍ୟରେ ମିଶିଲେ ୧୫ ଅଙ୍ଗନୱାଡି କେନ୍ଦ୍ର ସଦସ୍ୟ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**


ଶ୍ରମ ମନ୍ତ୍ରୀଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଚାଲିଛି।

ଜଗଦାରେ ରବିବାର ୧୫ଟି ଅଙ୍ଗନୱାଡ଼ି କେନ୍ଦ୍ରର ସଦସ୍ୟମାନେ ବିଏମ୍‌ଏସ୍ ସଙ୍ଗଠନ ଛାଡି ବିଜୁ ଶ୍ରମିକ ସାମ୍ମୁଖ୍ୟରେ ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ନୀରାଲା ବାରା, ସୁଷମା ଲୋମଗା, ମେରୀ କାଣ୍ଡୁଲିନା, ଅନୀତା ପୂର୍ତ୍ତି, ମଞ୍ଜୁଳା କେର୍କେଟା, ଶ୍ରୀଲବନ୍ତୀ ବୁଡ଼, ଫକୀରା ଗୁରିଆ, ସୁଗି ମିଞ୍ଜ, କେଶବତୀ ମିଞ୍ଜ, ସୁନୀତା ଓରାମ, ଲକ୍ଷ୍ମୀ ଟପ୍ପୋ, ନିବେଦିତା ଟିଗାଙ୍କ ସମେତ ୩୦ଜଣ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗଦା କମ୍ୟୁନିଟି ସେଣ୍ଟରରେ ଆୟୋଜିତ ଉକ୍ତ ମିଶ୍ରଣ ପର୍ବରେ ଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ନାୟକ ସାମ୍ମୁଖ୍ୟକୁ ଆହୁରି ମଜଭୁତ କରିବା ଲାଗି ଆହ୍ୱାନ ଦେଇଥିଲେ। ସମାଜସେବୀ ସଞ୍ଜୀବ ମହାନ୍ତି, ମଧୁସୂଦନ ମହାପାତ୍ର, ସୁଦାମ ପ୍ରଧାନ, ନାରୀନେତ୍ରୀ ରୀତା ସାମଲ, ବିଣା ରାୟ, ବୀଣାପାଣି ପଟ୍ଟନାୟକ, ସିପ୍ରା ସ୍ୱାଇଁ, ରମେଶ ମହାନ୍ତି, ସଂଯୁକ୍ତା ମହାପାତ୍ର, କୀର୍ତ୍ତିଲତା ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ରାଉରକେଲା, ୧୩।୮ (ଦିନେଶ ମିଶ୍ର)**

ଜଗଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସୁବ୍ରତ କୁମାର ସାହୁ ମୁଖ୍ୟ ଅତିଥି, ବିଦ୍ୟାଳୟ ସଭାପତି ଅଶୋକ କକ୍କଡ, ଗୋଦାବରୀଶ ଶତପଥୀ, ସଙ୍କୁଳ ପ୍ରମୁଖ ହରିଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସେକ୍ଟର-୬ ସଙ୍କୁଳର ମୋଟ ୬ଟି ବିଦ୍ୟାଳୟରୁ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ସମାରୋହରେ ବିଜ୍ଞାନ ପ୍ରକଳ୍ପ, ଗଣିତ, ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ, ଲୋକନୃତ୍ୟ, ବିଜ୍ଞାନ ପ୍ରୟୋଗ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଉରକେଲାର ପ୍ରମୁଖ ବିଦ୍ୟାଳୟମାନଙ୍କରୁ ୧୫ ଜଣ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ କାଶୀନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତି ଘରେ ତ୍ରିରଙ୍ଗା ଉତ୍ତୋଳନ ଅଭିଯାନ


ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ସମେତ ଷ୍ଟାଫ୍ ତ୍ରିରଙ୍ଗା ପତାକା ପ୍ରଦର୍ଶନ କରୁଛନ୍ତି।

**ରାଉରକେଲା, ୧୩।୮ (ବିପ୍ଳବ ରଞ୍ଜନ ଦାଶ)**

ଡାକଘର ପକ୍ଷରୁ ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉତ୍ତୋଳନ ଅଭିଯାନ ଚାଲିଛି। ଏହି କ୍ରମରେ ରାଉରକେଲା ସହରରେ ଏହି ଅଭିଯାନ ରବିବାର ଆରମ୍ଭ ହୋଇଛି। ରାଉରକେଲାରେ ରାଉରକେଲା-୧/୨ ଏଚ୍‌ଓ, ଉଦିତନଗର ଏଚ୍‌ଓ ଏବଂ ପାନପୋଷ ଏଚ୍‌ଓର ପୋଷ୍ଟମାଷ୍ଟର ଏବଂ ସମସ୍ତ ଷ୍ଟାଫ ତ୍ରିରଙ୍ଗା ପତାକା ବିକ୍ରି କରିଥିଲେ। ରବିବାର ରାଉରକେଲା ଡାକକେନ୍ଦ୍ର ମୁଖ୍ୟାଳୟ-୧ର ପୋଷ୍ଟମାଷ୍ଟର ଫୁଲ କୁମାର ଏକ୍କା, ଅତିରିକ୍ତ ପୋଷ୍ଟ ମାଷ୍ଟର ଅଜୟ କୁମାର ରାଉତରାୟ, ଶୁଭାଶିଷ ବେହେରା ଓ ବିଜୟ କୁମାର ପ୍ରମୁଖ ତ୍ରିରଙ୍ଗା ପତାକା ବିକ୍ରି ୟୁନିଟ ଖୋଲିବା ସହ ଘରେ ଘରେ ତ୍ରିରଙ୍ଗା ଅଭିଯାନ କରିଥିଲେ। ସେହିପରି ରାଉରକେଲା-୨ ଏଚ୍‌ଓରେ ଡାକମଣ୍ଡଳ ସୁପରିଣ୍ଟେଣ୍ଡେଣ୍ଟ, ରାଉରକେଲା-୨ ଏଚ୍‌ଓ ପୋଷ୍ଟମାଷ୍ଟର ତରଣୀସେନ ଭୋସାଗର ଏବଂ ଶକ୍ତିନଗର ପୋଷ୍ଟ ମାଷ୍ଟର ମୃତ୍ୟୁଞ୍ଜୟ ବାରିକ ବିକ୍ରି ୟୁନିଟ ସ୍ଥାପନ କରି ତ୍ରିରଙ୍ଗା ପତାକା ବିକ୍ରି କରିଥିଲେ। ରାଉରକେଲା ଡାକସେବା ପାଉଥିବା ସମସ୍ତ ଏଚ୍‌ଓର ୯୦ ହଜାରରୁ ଊର୍ଦ୍ଧ୍ୱ ପରିବାର କିଭଳି ସ୍ୱାଧୀନତା ଦିବସରେ ନିଜ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବେ ସେ ନେଇ ଅଭିଯାନ ଚାଲିଥିବା ଡାକବିଭାଗ ଅଧିକାରୀ ଓ କର୍ମଚାରୀ ପ୍ରକାଶ କରିଛନ୍ତି।

## ୨ ଓଡ଼ିଆ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି


ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ରାଉରକେଲା, ୧୩।୮ (ଦିନେଶ ମିଶ୍ର)**

ଡିଏଭି ବସ୍ତିର ଜୟ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ଦୁଇ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସିଆରପିଏଫ ଯବାନ ନୀଳାଚଳ ପଟେଲ ଓ ସୁଶାନ୍ତ ଖୁଣ୍ଟିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ଜୟ ମା' ତାରିଣୀ ଶାନ୍ତି କମିଟି ସଭାପତି ବାସୁ ବରାଳ, କହରା ଜେନା, ଅମୀୟ ପୋଥାଳ, ଟୁନୁ କର, ମନୋଜ ପାତ୍ର, ରାଜେନ୍ଦ୍ର କର, ଅରବିନ୍ଦ ମହାନ୍ତି, ଭଞ୍ଜ ସିଂ, ଗଣେଶ ଡୋରା, ପ୍ରମୋଦ ସିଂ, ପ୍ରଶାନ୍ତ ବେହେରା, ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅମୂଲ୍ୟ ସମୟର ସଦୁପଯୋଗ ପାଇଁ ଆହ୍ୱାନ

**ରାଉରକେଲା, ୧୩।୮ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଅଫ୍ ଷ୍ଟଡି ପାଠାଗାର କକ୍ଷରେ ଲାଇବ୍ରେରୀ ସାଇନ୍ସର ଜନକ ପଦ୍ମଶ୍ରୀ ଡ. ଏସ. ଆର୍. ରଙ୍ଗନାଥନଙ୍କ ୧୩୨ତମ ଜନ୍ମ ଦିବସ ଅବସରରେ ଜାତୀୟ ପାଠାଗାର ଦିବସ ପାଳିତ ହୋଇଯାଇଛି। ଏଥିରେ ଏନ୍‌ଆଇଟିର ଲାଇବ୍ରେରିଆନ ସନତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥଲେ। ଅଧାପିକା ପ୍ରଫେସର ଝେଲମ ନାୟକ ଶ୍ରୀମା ଅରବିନ୍ଦଙ୍କ ରଚିତ ମହାକାବ୍ୟ ସାବିତ୍ରୀ ପାଠ କରିଥିଲେ। ପରେ ଡିନ୍ ଡ. ସନ୍ତୋଷ କୁମାର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇ ପଦ୍ମଶ୍ରୀ ରଙ୍ଗନାଥନଙ୍କ ଜୀବନୀ ଓ ପାଠାଗାର କ୍ଷେତ୍ରରେ ତାଙ୍କ ଅବଦାନର ବାଖ୍ୟା କରିଥିଲେ। ଯୁବବର୍ଗ ଇ-ପାଠାଗାର ଦ୍ୱାରା ସ୍ୱଳ୍ପ ସମୟ ବିନିମୟରେ ହାତ ପାହାନ୍ତାରେ ବିସ୍ତୃତ ଜ୍ଞାନ ଅର୍ଜନ କରିବାକୁ ରିମ୍ସ ଅଧକ୍ଷା ନଳିନୀପ୍ରଭା ପଟ୍ଟନାୟକ ପରାମର୍ଶ ଦେଇଥିଲେ। ରିମ୍ସ ସମ୍ପାଦକ ତଥା ଓଡିଶା ମ୍ୟାନେଜମେଣ୍ଟ କଲେଜ ଆସୋସିଏଶନ ସଭାପତି ଡ. ଆର୍ଯ୍ୟା ପଟ୍ଟନାୟକ ପାଠାଗାର ଉପଯୋଗିତା ନେଇ ଆଭାଷୀ ସୂଚନା ପ୍ରଦାନ କରିଥିଲେ। ପାଠାଗାର ଆଧୁନୀକୀକରଣ ପାଇଁ ଡିଜିଟାଇଜେଶନ ଆବଶ୍ୟକତା ସହ ନୂତନ ଶିକ୍ଷା ପ୍ରଣାଳୀ ନେଇ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ସନତ କୁମାର ବେହେରା ନିଜ ବକ୍ତବ୍ୟରେ ଇ-ଲାଇବ୍ରେରୀ ଆଧୁନିକୀକରଣ ନେଇ ଅବଗତ କରାଇଥିଲେ। ପରେ ଅଧାପକ ସୁମନ ହାଲଦାର ଲାଇବ୍ରେରୀ କୋହା ସଫ୍ଟୱେର ବ୍ୟବହାରକୁ ପାୱାର ପଏଣ୍ଟରେ ଉପସ୍ଥାପନ କରିଥିଲେ। ରିମ୍ସ ଉପଦେଷ୍ଟା ରୀତା ପଟ୍ଟନାୟକ, କରୁଣାକର ପାତ୍ର, ଡ. ସୁବ୍ରତ ପ୍ରସାଦ ପଟ୍ଟନାୟକ, ଡ. ରିତା ବିଶ୍ୱାଳ, ବରିଷ୍ଠ ଅଧାପକ ବିଭୁଦେନ୍ଦୁ ପଣ୍ଡା, ଲାଇବ୍ରେରିଆନ ମମତା ରାୟ, ରଶ୍ମିତା ଯୋଶୀ, ସାରିକା ପଟ୍ଟନାୟକଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଡ. ସନ୍ତୋଷ କୁମାର ବିଶ୍ୱାଳ ଓ ମମତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦୀପ୍ତିରନ ସେଠୀ, ନମିତା ପ୍ରଧାନ ଏବଂ ରୋହିତ ଗୋରାଇ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ମହାସମାବେଶ ପାଇଁ ପ୍ରସ୍ତୁତି

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କମିଟିର ସଦସ୍ୟଗଣ। (ଫଟୋ: ବିବେକ)

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲା ସର୍ବଦା ଅବହେଳିତ ହୋଇ ରହିଛି। ଏଠାରେ ୨୧ ଲକ୍ଷ ଲୋକ ବସବାସ କରୁଛନ୍ତି। ରାଉରକେଲାରେ ୯ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଓଡ଼ିଶାର ଶିଳ୍ପ କୋଣାର୍କ ଭାବେ ଏହା ପରିଚିତ। ତେବେ ସୁନ୍ଦରଗଡ଼ ଜିଲା ସମେତ ସମେତ ରାଉରକେଲାରେ ଏଯାଏ ଆଶାନୁରୂପ ବିକାଶ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୦ ତାରିଖରେ ସ୍ଥାନୀୟ ଭଞ୍ଜ ଭବନ ପ୍ରେକ୍ଷାଳୟରେ ଏକ ମହାସମାବେଶ ଅନୁଷ୍ଠିତ ହେବ। ଏ ନେଇ ରବିବାର ଆଦର୍ଶ ପାଠାଗାର ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଏମ୍ସ ଦ୍ୱାରା ରାଉରକେଲା ସୁପରସ୍ପେଶାଲିଟି ହସ୍ପିଟାଲ ତଥା ପୋଷ୍ଟ ଗ୍ରାଜୁଏଟ ମେଡିକାଲ କଲେଜର ପରିଚାଳନା, ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ତୁରନ୍ତ ଶେଷ କରିବା, ରାଉରକେଲା ସରକାରୀ କଲେଜକୁ ସାଧାରଣ ବିଶ୍ୱବିଦ୍ୟାଳୟରେ ପରିଣତ, ପୂର୍ବଭଳି ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବା, ବାସଚ୍ୟୁତଙ୍କୁ ପୁନଃ ଥଇଥାନ, ଏମ୍‌ଏସ୍‌ଏମ୍‌ଇର ବିକାଶ, ୩୬ ହଜାର କୋଟି ଟଙ୍କାର ଆର୍‌ଏସ୍‌ପି ଆଧୁନିକୀକରଣ ଓ ସମ୍ପ୍ରସାରଣ, ରାଉରକେଲାଠାରେ ଇଏସ୍‌ଆଇ ମେଡ଼ିକାଲ କଲେଜ ପ୍ରତିଷ୍ଠା, ସୁନ୍ଦରଗଡ଼ ସଦର ମହକୁମାକୁ ରେଳପଥ ସଂଯୋଗ, ଜିଲାର ସମସ୍ତ ରେଳ ଷ୍ଟେଶନର ଉନ୍ନତୀକରଣ ଆଦି ୧୧ ଦଫା ଦାବି କରାଯାଇଥିଲା। ୨୦ ତାରିଖ କାର୍ଯ୍ୟକ୍ରମରେ ଦାବି ସମ୍ପର୍କରେ ବିଶଦ ଆଲୋଚନା ହୋଇ ବିଭିନ୍ନ ପ୍ରସ୍ତାବ ଗୃହୀତ ହେବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ଜିଲାର ସାଂସଦ, ବିଧାୟକ, ବ୍ଲକ ଅଧ୍ୟକ୍ଷ, ବୁଦ୍ଧିଜୀବୀଙ୍କୁ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ବିଷ୍ଣୁ ମହାନ୍ତି, ସଞ୍ଜୀବ ମହାନ୍ତି, ହରିହର ରାଉତରାୟ, ଗିରିଶ ଚନ୍ଦ୍ର ମହାପାତ୍ର, ଗଣେଶ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ଜ୍ଞାନରଞ୍ଜନ ଦାସ, ନିରୁପମା ବଳିଆରସିଂ, ରାଜକିଶୋର ପ୍ରଧାନ, ଦିଗମ୍ବର ମହାନ୍ତି, ଲତା ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୋକସଭା

ସମ୍ବଲପୁର,(ବି.ଶଙ୍କର): ବରିଷ୍ଠ କଂଗ୍ରେସ ନେତା ମହିଜିତ ସିଂ ଭିରିଦଙ୍କ ୮୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲୀ ଖାଁଙ୍କ ପରିଚାଳନାରେ ଶୋକସଭାରେ ଦୁଲାଲ ଚନ୍ଦ୍ର ପ୍ରଧାନ, ସୁତପା ମିତ୍ର, ପ୍ଲାବନ ବହିଦାର, ଗିରିଶ ପୃଷେଠ, ଶେଖ ହାସିମ, ଜୟରାମ ବନିଆ, ମୋହନ ସାହା, ଦେବରାଜ ନାୟକ, ଦିନବନ୍ଧୁ ପରିଡ଼ା, ଅମୃତ ମହାନ୍ତି, ରାଜେଶ ସିଂ, ମହମ୍ମଦ ଜୁବେର, ମହମ୍ମଦ ସକ୍କୁ, ନିୟତି ସେନ, ସିମା ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପ୍ରମୋଦିନୀଙ୍କ ପରଲୋକରେ ପୂର୍ବତନ ବିଧାୟିକାଙ୍କ ଶୋକ

ସମ୍ବଲପୁର,୧୩।୮(ବି.ଶଙ୍କର): ସମ୍ବଲପୁର ଅଇଁଠାପାଲି ଶୁଭଶ୍ରୀ ବିହାର ବାସିନ୍ଦା ପ୍ରମୋଦିନି ପରିଡ଼ାଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ସେ ବହୁ ମାସ ହେବ ଅସୁସ୍ଥ ଥିଲେ । ତେବେ ତାଙ୍କର ଶୁଭଶ୍ରୀ ବିହାରସ୍ଥିତ ବାସଭବନକୁ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଅଞ୍ଚଳରେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା। ପ୍ରମୋଦିନି ତାଙ୍କ ପଛରେ ତାଙ୍କ ପୁଅ ତଥା ଯୁବ ବିଜେଡିର ଜିଲା ଉପସଭାପତି ଅମିତାଭ ପରିଡ଼ା ଓ ବୋହୁଙ୍କ ସମେତ ୭ ଝିଅ ଅଛନ୍ତି ।

### ଘୋଷଣା ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ସମ୍ବଲପୁର,୧୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଟାମ୍ପରଗଡ, ଡଙ୍ଗରପଡ଼ା, ମେଘପାଲ, ଛାମୁଣ୍ଡ, କଂସର, ବିରସଙ୍ଗଡ, ଝାଙ୍କରପାଲି ପଞ୍ଚାୟତଗସ୍ତ କରିଛନ୍ତି ରେଢାଖୋଲ ବିଧାୟକ ରୋହିତ ପୂଜାରୀ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଅନୁଦାନ ପକ୍ଷରୁ ଘୋଷଣା ହୋଇଥିବା ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ। ଡଙ୍ଗରପଡା ପଞ୍ଚାୟତ କୁଦୋପଡା, ମଟିଆପଡାବାସୀ ରାସ୍ତା ସମସ୍ୟା ନେଇ ଜଣାଇଥିଲେ। କାଦୁଅ ରାସ୍ତା ମରାମତି ପାଇଁ ଅନୁରୋଧ କରିଥିଲେ। ବିଧାୟକ ପୂଜାରୀ ବିଡିଓ ନିଳାମ୍ବର ମହାନନ୍ଦଙ୍କୁ ରାସ୍ତା ମରାମତି କରିବାକୁ କହିଥିଲେ। ପରେ ଟାମ୍ପରଗଡ଼ ଜଗନ୍ନାଥ, ଶିବ ମନ୍ଦିର, ମାଉସୀ ମା'ମନ୍ଦିର ଶିଳାନ୍ୟାସ କରିଥିଲେ। ଗ୍ରାମବାସୀ ଏକ କଲ୍ୟାଣ ମଣ୍ଡପ ଓ ପଞ୍ଚାୟତ ଅଫିସରେ ଏକ ବ୍ରିଜ କରିବାକୁ ଦାବି କରିଥିଲେ। ଗସ୍ତ ସମୟରେ ପ୍ରତି ଗ୍ରାମରେ ଲୋକମାନେ ବିଧାୟକ ପୂଜାରୀଙ୍କ ସହ ଆଲୋଚନା କରି ସମସ୍ୟା ଜଣାଇଥିଲେ। ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ବ୍ଲକ ଅଧକ୍ଷ ମମତା ନାଏକ, ଜିଲାପରିଷଦ ସଭ୍ୟା କବିତା ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଶରତ ସାହୁ, ସୁଶିଲ ବେହେରା, ଦେବାଶିଷ ପରିଡା, ବିଜୟ ବିଶ୍ୱାଳ, ପ୍ରତାପ ନାଏକ, ମେଘପାଲ ସରପଞ୍ଚ ମମତା ପ୍ରଧାନ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ କେତେକ ସ୍ଥାନରେ ଉପସ୍ଥିତ ରହିଥିଲେ।

# ପଥରଖାଦାନ ବ୍ଲାଷ୍ଟିଙ୍ଗ: ନଷ୍ଟ ହେଉଛି ଫସଲ

ସମ୍ବଲପୁର, ୧୩।୮ (ଶୁଭାଶିଷ ପାଢ଼ୀ)

ରାଜସ୍ୱ ଆଦାୟ କରିବା ପାଇଁ ସରକାରୀ ସ୍ତରରେ ପଥରଖାଦାନଗୁଡିକ ଲିଜ୍ ସୂତ୍ରରେ ଦିଆଯାଉଛି। ହେଲେ ଲିଜ୍ ଦେବା ପରେ ପଥରଖାଦାନ ପାର୍ଶ୍ୱରେ ଥିବା ରୟତି ଜମିଗୁଡିକ କିଭଳି ଭାବେ ନଷ୍ଟ ହୋଇଯାଉଛି ତାହାକୁ ନ ଦେଖିଲେ ବିଶ୍ୱାସ କରିହେବନାହିଁ। ଲିଜ୍ ଦେବା ପରେ ରାଜସ୍ୱ ବିଭାଗ, ଖଣି ବିଭାଗ ଓ ଜିଲାପ୍ରଶାସନ, ପ୍ରଦୂଷଣ ବିଭାଗ ଚୁପ ବସି ଯାଉଛନ୍ତି। ତେଣୁ କରି ନିରୀହ ଚାଷୀମାନଙ୍କ ଫସଲ ନଷ୍ଟ ହୋଇଯାଉଛି। ଚାଷ ଅନୁପଯୋଗୀ ମଧ୍ୟ ଜମି ହେଉଛି। ଏଭଳି ଅଭିଯୋଗ ଆଣିଛନ୍ତି ଝୁଝୁମୁରା ତହସିଲ ଜାମଟାଲ ଗ୍ରାମର ସୁଶାନ୍ତ ତପନ। ରବିବାର ଝୁଝୁମୁରା ଥାନାରେ ସେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ହାତିବାରୀ ମୌଜାରେ ଖାତା ନମ୍ବର ୧୬୨/୪୪୮ରେ ୧ ଏକର ୫୦ ଡିସିମିଲ, ପ୍ଲଟ ନମ୍ବର ୪୭୮ରେ ଏକ ୧ ଏକର ୭୦ ଡିସିମିଲ ଜମି ରହିଛି। ଏହି ଜମି ଅଣଜଳସେଚିତ ଅଟେ। ବର୍ଷା ସମୟରେ ଧାନ ଫସଲ ହେବା ସହ ଅନ୍ୟ ସମୟରେ ଶୋରିଷ, ରାଶି, ମୁଗ ଭଳି ଡାଲି ଓ ତେଲ ଜାତୀୟ ଫସଲ ହେଉଥିଲା। ବିଳମ୍ବରେ ବର୍ଷା ହୋଇଥିଲା ହେଲେ ମଧ୍ୟ ଧାନ ବୁଣିଥିଲେ । ପଥର ଖାଦାରେ ନିୟମିତ ବ୍ଲାଷ୍ଟିଙ୍ଗ ହେବାରୁ ହୋଇଥିବା ଧାନ ଗଛ ନଷ୍ଟ ହୋଇଯାଉଛି। ପଥର ଖାଦାନର ବଡବଡ ପଥର ଖଣ୍ଡ ଚାଷ ଜମିରେ ଆସି ପଡୁଛି। ଏଥିପ୍ରତି ଅଭିଯୋଗ କରିବା ପରେ ମଧ ପଥର ଖାଦାନ କର୍ମଚାରୀମାନେ ଶୁଣୁ ନାହାନ୍ତି। ପଥର ଖାଦାନ ନିଲାମ କରିବା ପୂର୍ବରୁ



ପଥରଖାଦାନ ବ୍ଲାଷ୍ଟିଙ୍ଗରେ ନଷ୍ଟ ହୋଇଥିବା ଚାଷ ଜମି।

### ଥାନାରେ ଅଭିଯୋଗ କଲେ ଚାଷୀ

ନିକଟରେ କାହାର ଜମି ରହିଛି । ତାଙ୍କ ଠାରୁ ମଧ ଅନୁମତି ନେବା ଆବଶ୍ୟକ ରହିଛି। କାରଣ ଥରେ ନିଲାମ ନେବା ପରେ ଖାଦାନ ମାଲିକମାନେ ସରକାରଙ୍କ ନିୟମାବଳୀ ଓ ସର୍ତ୍ତାବଳିକୁ ପାଳନ କରୁନାହାନ୍ତି। ଫଳରେ ଚତୁପାର୍ଶ୍ୱରେ ଥିବା ଚାଷ ଜମି ପ୍ରଭାବିତ ହେଉଛି। ପ୍ରଦୂଷଣ ବିଭାଗ ଓ ଖଣି ବିଭାଗ କିଭଳି ଭାବେ ଅନୁମତି ପ୍ରଦାନ କରୁଛନ୍ତି। ରାଜସ୍ୱ ଆଦାୟ କରିବା ପାଇଁ ରୟତି ଜମି ନଷ୍ଟ ନ ହେବ, ଚାଷୀଙ୍କ ହୀତ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଅନ୍ୟପଟେ ପଥର ଖାଦାନରେ ନିୟମ ଠାରୁ ଅଧିକ ପଥର ଉତ୍ତୋଳନ କରାଯାଉଛି। ଅନୁମତି ଯେତିକି ମିଳିଛି ତାହା ଠାରୁ ଅଧିକ ଖନନ ହୋଇଛି। ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଚାଷୀ ଦାବି କରିଥିଲେ। ଏହି ପଥର ଖାଦାନ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଚାଷୀ ସୁଶାନ୍ତ ତପନ ଅନୁରୋଧ କରିଥିଲେ।

# ସିଆର୍‌ପିଏଫ୍ ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



କଳାମାଟି ଅଞ୍ଚଳରେ ତ୍ରିରଙ୍ଗା ଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ।

ସମ୍ବଲପୁର,୧୩।୮(ବି.ଶଙ୍କର)

### କଳାମାଟି ଗ୍ରାମରେ ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର ଜିଲା ଗୋଶାଳ ସ୍ଥିତ ସିଆର୍‌ପିଏଫ୍ ପକ୍ଷରୁ ମୋ ମାଟି ମୋର ଦେଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ୍ ଡିଆଇଜି ସଞ୍ଜୟ କୁମାର ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେଉଛି। ଏହି କ୍ରମରେ ଧନକଉଡା ବ୍ଲକ ଅନ୍ତର୍ଗତ କଳାମାଟି ଗ୍ରାମରେ ତ୍ରିରଙ୍ଗା ଯାତ୍ରା ହୋଇଥିଲା। ଏଥିସହ ଜନସାଧାରଣଙ୍କୁ ତ୍ରିରଙ୍ଗା ବିଷୟରେ ସଚେତନ କରାଯାଇଥିଲା। ଗ୍ରାମବାସୀ, ନିର୍ବାଚିତ ଜନପ୍ରତିନିଧି, ସିଆର୍‌ପିଏଫ୍ ଯବାନ ଓ କର୍ମଚାରୀମାନେ ସମବେତ ହୋଇ କାର୍ଯ୍ୟକ୍ରମରେ ସାମିଲ ଥିଲେ। କଳାମାଟି ସରପଞ୍ଚ ସୁଷମା ସାହୁ, କମାଣ୍ଡାଣ୍ଟ ପର୍ଶୁରାମ କୁଣ୍ଟୁ, ଡେପୁଟି କମାଣ୍ଡାଣ୍ଟ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କଳାମାଟିସ୍ଥିତ ଚଣ୍ଡି ମନ୍ଦିର ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା।

# ଏବିସିଡି ଚାରିଟେବଲ ଟ୍ରଷ୍ଟ କାର୍ଯ୍ୟାଳୟରେ ନୃତ୍ୟ ପ୍ରତିଯୋଗିତା



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଏବିସିଡି ଚାରିଟେବଲ ଟ୍ରଷ୍ଟ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କୃତୀମାନେ ଅତିଥିଙ୍କ ସହ।

ସମ୍ବଲପୁର,୧୩।୮(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଏବିସିଡ଼ି ଚାରିଟେବଲ ଟ୍ରଷ୍ଟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେହା ଟଣ୍ଡନ ପ୍ରଥମ, ମୀରା ସତନାମୀ ଦ୍ୱିତୀୟ ଓ ମୁସ୍କାନ ଖାତୁନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବରେ ଧବଳେଶ୍ୱର ପ୍ରଧାନ ଓ ସୁବ୍ରତା ମହାରଣା ଦାୟିତ୍ୱ ତୁଲାଇଥିଲେ। ଟ୍ରଷ୍ଟର ପ୍ରଧାନ ଶିକ୍ଷକ ସୁନୀଲ ସାଗର ସ୍ୱାଗତ ଭାଷଣ ଦେଇଥିଲେ । ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ସତନାମୀ ଶେଷରେ ଧନ୍ୟବାଦ ଦେଇଥିଲେ।

# ଭାଜପାମଣ୍ଡଳ ସଭାପତି ସହଯୋଗୀ ନାମରେ ମାମଲା

### ବିଦେଶୀମଦ ଦୋକାନରେ ଗଣ୍ଡଗୋଳ ଘଟଣା

ସମ୍ବଲପୁର,୧୩।୮( ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅନ୍ତର୍ଗତ ବ୍ଲକ ରାସ୍ତାରେ ଥିବା ବିଦେଶୀ ମଦ ଦୋକାନରେ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଦୋକାନର ମ୍ୟାନେଜରଙ୍କ ଅଭିଯୋଗ କ୍ରମେ ଝୁଝୁମୁରା ଥାନାରେ ମାମଲା (ନଂ.୯୬/୨୩) ରୁଜୁ ହୋଇଥିଲା। ଭାଜପା ମଣ୍ଡଳ ସଭାପତି ଓମପ୍ରକାଶ ବିଶ୍ୱାଳ ଓ ସହଯୋଗୀ ରାଜା ବିଶ୍ୱାଳ ନାମ ରହିଛି। ପୋଲିସ ବିଭିନ୍ନ ସ୍ଥାନରେ ଗିରଫ କରିବା ପାଇଁ ଚଢାଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଦୋକାନକୁ ମଦ କିଣିବାକୁ ଯାଇଥିଲେ। ଅନ୍‌ଲାଇନାରେ ଟଙ୍କା ଦେଇଥିଲେ। ହେଲେ ମଦ ଦୋକାନୀ ଟଙ୍କା ଆସି ନ ଥିବା କହି ରାଗି ଯାଇଥିଲେ। ଟଙ୍କା ଦେଲେ ମଦ ଦିଆଯିବ ବୋଲି କହିଥିଲେ। ପରେ ଓମପ୍ରକାଶ ଓ ରାଜା ଦୋକାନକୁ ପୁଣି ଯାଇଥିଲେ। ସେଠାରେ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହ ମାଡପିଟ କରିଥିଲେ। ମଦ ଦୋକାନରେ ଲାଗିଥିବା ସିସିଟିଭିରେ ସମସ୍ତ ଦୃଶ୍ୟ କଏଦ ହୋଇରହିଥିଲା। ଘଟଣାସ୍ଥଳରେ ପୋଲିସ ଖବର ପାଇ ପହଞ୍ଚିଥିଲା । ଉଭୟଙ୍କ ମଧ୍ୟରେ ଆପୋଶ ବୁଝାମଣା ହୋଇ ପରିସ୍ଥିତି ଶାନ୍ତ ପଡିଥିଲା । ମଦ ଦୋକାନୀ ଶୁକ୍ରବାର ଅଭିଯୋଗ କରିବାକୁ ମନା କରିଦେଇଥିଲେ। ହେଲେ ଦିନକ ପରେ ପୁଣି ଥାନାରେ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରିଥିଲା।

# ନାରୀବନ୍ଦି ନିକେତନରେ ବିବିଧ ପ୍ରତିଯୋଗିତା




ସମ୍ବଲପୁରସ୍ଥିତ ନାରୀବନ୍ଦି ନିକେତନରେ ପ୍ରତିଯୋଗୀଙ୍କ ସହ ଆୟୋଜକ କର୍ମକର୍ତ୍ତା ଓ ଅତିଥିମାନେ।

ସମ୍ବଲପୁର,୧୩।୮(ବି.ଶଙ୍କର)

ସ୍ୱାଧୀନତା ଦିବସ ଉପଲକ୍ଷେ ସମ୍ବଲପୁର ଇନର ହୁଇଲ କ୍ଲବ ଅଫ୍ ହେଣ୍ଡଲୁମ ସିଟି ପକ୍ଷରୁ ରବିବାର ନାରୀବନ୍ଦି ନିକେତନରେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀମାନେ ନୃତ୍ୟ, ମ୍ୟୁଜିକାର ଚେୟାର ଓ ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଶେଷରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବ ସଭାପତି ମମତା ବାରିକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ଅନ୍ତେବାସୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ବିକଶିତ ହେବ। ଏଥିସହ ସେମାନଙ୍କ ମନ ଓ ହୃଦୟରେ ଆନନ୍ଦ, ଉଲ୍ଲାସ ଭରି ଉଠିବ। ସେମାନେ ଚାପ ମୁକ୍ତ ହୋଇପାରିବେ ବୋଲି ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତାମାନେ କହିଛନ୍ତି। ସମ୍ପାଦିକା ଜ୍ୟୋତି ସିଂ ବରିହା ପ୍ରତିଯୋଗିତା ବିଷୟରେ ଅନ୍ତେବାସୀଙ୍କୁ ଅବଗତ କରିଥିଲେ। ନାରୀବନ୍ଦି ନିକେତନର ଅଧୀକ୍ଷିକା ରୁନିବାଲା ଦେଇ ଯୋଗଦେଇ ଅନ୍ତେବାସୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ପୂର୍ବତନ ସଭାନେତ୍ରୀ ସୁନୀତା ରଥ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ରିତିକା ପଟେଲ, ଜୟଶ୍ରୀ ରାୟଗୁରୁ, ଜେ.ଗିରିଜା ଦେବୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଅନ୍ତେବାସୀମାନଙ୍କୁ କ୍ଲବ ପକ୍ଷରୁ ଦୈନନ୍ଦିତ ବ୍ୟବହୃତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ନାରୀବନ୍ଦି ନିକେତନର କର୍ମଚାରୀ ଜୟମିନି ପଟେଲ ଓ କୁନ୍ତିରାଣୀ ପ୍ରଧାନ ସହଯୋଗ କରିଥିଲେ।

# ଟାଇଁସର ଖେଳପଡ଼ିଆରେ ଚାରାରୋପଣ

କୁଚିଣ୍ଡା,୧୩।୮(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଟାଇଁସର ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ ରବିବାର ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଜିନ୍ଦ୍ର କିଷାନଙ୍କ ନେତୃତ୍ୱରେ ନାଏବ ସରପଞ୍ଚ ରେବତୀ କୁସୁମ, ସିଆରପି ନିରୁପମା ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟା ଅନୀତା ସିଂ, ପପୁ ସିଂଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର ଓ ଗ୍ରାମର ଏସ୍‌ଏଚ୍‌ଜି ସଭ୍ୟାମାନେ ଟାଇଁସର ଖେଳପଡିଆର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଏଥିରେ ଗ୍ରାମର ଛବିଳ କିଷାନ, ପପୁ ସେନାପତି, କିଶୋର କିଷାନ, ବ୍ରହ୍ମାନନ୍ଦ ବାଘ, କଦୋପଡ଼ା ଗ୍ରାମର ଯତିନ୍ଦ୍ର କିଷାନ, ଚନ୍ଦନ କିଷାନ ପ୍ରମୁଖ ସହଯୋଗ କରିଥିଲେ।



ଚାରା ରୋପଣ କରାଯାଉଛି।

# ଦୁର୍ଗାପାଲିରେ ବୀର ଯବାନଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୩।୮(ବି.ଶଙ୍କର)

ସମ୍ବଲପୁର ମହାନଗର ସ୍ଥିତ ଦୁର୍ଗାପାଲିଠାରେ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ମେହେର ସ୍ମୃତି ସମିତି ପକ୍ଷରୁ ବୀର ଯବାନ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସମିତିର ସଭାପତି କାର୍ତ୍ତିକ ପ୍ରସାଦ ବହିଦାରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଭାଜପା ଜିଲା ସଭାପତି ଗିରିଶ ଭାଇ ପଟେଲ ମୁଖ୍ୟ ଅତିଥି, ଅନୀଲ କୁମାର ବେହେରା, ବଳରାମ ସାହୁ, ସାମାଜିକ କର୍ମୀ ମୁନ୍ନା ତିୱାରୀ ସମ୍ମାନିତ ଅତିଥି ଥିଲେ। ସୁବେଦାର ମେଜର ଶିବ ନାରାୟଣ ବେହେରାଙ୍କ ସମେତ ପୂର୍ବତନ ସେନା ଅଧିକାରୀ ଜନାର୍ଦ୍ଦନ ମେହେର, ଶିବ ଶମ୍ଭୁ ଯାଦବ, ଜୟକୃଷ୍ଣ ପଟେଲ, ଗୋଲକ ବିହାରୀ ମେହେରଙ୍କୁ ସ୍ମୃତି ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା । ସ୍ମୃତି ସମିତିର ସଙ୍ଗଠନ ସମ୍ପାଦକ ଆର୍ତ୍ତବନ୍ଧୁ ଚାନ୍ଦ ଓ ସହସମ୍ପାଦିକା ଅନୁସୂୟା ସାମଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ପାଦିକା ବବିତା ଦାସ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ହାଇସ୍କୁଲ ଛାତ୍ରୀ ପ୍ରିୟଙ୍କା ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ। ଯୋଗେଶ୍ୱର ବନଛୋର, ଜୟ ମଙ୍ଗଳ ସାହୁ, ଚୈତନ୍ୟ ମେହେର, ଶିବପ୍ରିୟା ସାହୁ ସହଯୋଗ କରିଥିଲେ। ବାବୁଲୁ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବିଧତାକୁ ବିକାଶରେ ବ୍ୟବହାର କରାଯାଉ

ସମ୍ବଲପୁର,୧୩।୮(ବି.ଶଙ୍କର)

### ବ୍ରଜବାହୁ ଶତପଥୀ ସ୍ମାରକୀ ବକ୍ତୃତା

୧୮ତମ କମ୍ରେଡ ବ୍ରଜବାହୁ ଶତପଥି ସ୍ମାରକୀ ବକ୍ତୃତା ଶନିବାର ରାତିରେ ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜବାହୁ ଶତପଥି ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରମିକ ନେତା ରବୀନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। କବି ଦୁର୍ଗାପ୍ରସାଦ ପଣ୍ଡା ବକ୍ତା ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଅନ୍ୟ ପ୍ରତି ପ୍ରେମ, କରୁଣା ଓ ସମ୍ବେଦନା ଉପରେ ପର୍ଯ୍ୟବେଶିତ କଳା, ସାହିତ୍ୟ ହିଁ ମଣିଷକୁ ଏକ ଉଚ୍ଚତର ମାନବୀୟ ଜୀବନ ପାଇଁ ପ୍ରେରିତ କରିପାରିବ। ଜାତି, ଧର୍ମ, ଭାଷା, ସଂସ୍କୃତି, ବର୍ଣ୍ଣ, ଲିଙ୍ଗ, ଅଞ୍ଚଳ, ବିଚାର ଏପରିକି ଶାରିରୀକ ରଙ୍ଗ ରୂପ ଓ ଗଢଣଜନିତ ବିବିଧତାରେ ହିଁ ନିହିତ ଭାରତର ଆତ୍ମା। ସମ୍ବେଦନଶୀଳ କଳା ସାହିତ୍ୟ ମଣିଷକୁ ନିଜ ଭିତରେ ଅନ୍ୟକୁ ବୁଝିପାରିବାର କ୍ଷମତା ତିଆରି କରିଥାଏ। ବସୁଧୈବ କୁଟୁମ୍ବକମ କେବଳ ଏକ ନାରା ନ ହୋଇ ସେଥିରେ ନିହିତ ମୂଲ୍ୟବୋଧ ଯଦି ଉଭୟ ଆଚରଣ ଏବଂ ଉଚ୍ଚାରଣରେ ପ୍ରତିଫଳିତ ହୁଏ ତେବେ ଦେଶ ଓ ସମାଜରେ ରହିଥିବା ବିଭେଦକାରୀ ଶକ୍ତି ଓ ତତ୍ୱ ନିଜ ମନ୍ଦ ଉଦ୍ଦେଶ୍ୟରେ ସଫଳ ହୋଇପାରିବେ ନାହିଁ। କବି ଦୁର୍ଗା ଉଦାହରଣ ଦେଇ ଅନ୍ୟ ପ୍ରତି ସମ୍ବେଦନଶୀଳତା ଭିତରେ ହିଁ କିପରି ମାନବୀୟ ଜୀବନର ସାର୍ଥକତା ନିହିତ ସେକଥାର ଅବତାରଣା କରିଥିଲେ। ଆତ୍ମା ଭିତରେ ଅନ୍ୟକୁ ଉପଲବଧି କରିପାରିଲେ ହିଁ ବିଭିନ୍ନ ଅସ୍ମିତାକୁ କେନ୍ଦ୍ରକରି ମଣିଷ ଭିତରେ ତିଆରି କରାଯାଉଥିବା ଅବିଶ୍ୱାସ ଓ ସନ୍ଦେହର ପାଚେରୀ ତରଳେଇ ହେବ। ସେ କାମ କଳା ସାହିତ୍ୟ ମାଧ୍ୟମ ଦେଇ କରିପାରିବେ। ସମ୍ବେଦନଶୀଳ ସ୍ରଷ୍ଟାମାନେ ନିଜ ଭିତରେ ଅନ୍ୟ ପାଇଁ ଯାଗା ନିର୍ମାଣ ସହ ବିବିଧତାକୁ ବିଭେଦରେ ପରିଣତ ନ କରି ତାକୁ ଆମର ସମୃଦ୍ଧି ଲାଗି ବ୍ୟବହାର କରିବା ଉଚିତ। ଏହା ଦ୍ୱାରା ଆମ ଦେଶ, ସମାଜ ଓ ଆମର ସାମୂହିକ ଜୀବନ ହିଂସାମୁକ୍ତ ଓ ସୁନ୍ଦର ହୋଇପାରିବ ବୋଲି କହିଥିଲେ। ଇଂରାଜୀ ପ୍ରଧ୍ୟାପକ କାଳୀଦାସ ମିଶ୍ର, ନାଟ୍ୟକାର ଡ.ଦ୍ୱାରିକା ନାୟକ, ଶ୍ରମିକ ନେତା ଗୋକୁଳ ମେହେର ଓ ଅଧ୍ୟାପକ ଡ.ମନୋଜ ପଣ୍ଡା ଜୀବନର ଶେଷ ନିଃଶ୍ୱାସ ଯାଏଁ ପ୍ରତିଟି ପ୍ରଗତିଶୀଳ ଜନଆନ୍ଦୋଳନରେ ସାମିଲ ହୋଇଥିବା ଓ ଅନେକ ଶିକ୍ଷାନୁଷ୍ଠାନ ନିର୍ମାଣ ପଛରେ ପ୍ରେରଣାଦାତା ରୂପେ କାମ କରିଥିବା ବିଶିଷ୍ଟ ବାମପନ୍ଥୀ ବ୍ରଜବାହୁ ଶତପଥୀଙ୍କ ଜୀବନର ବହୁ ଦିଗ ଉପରେ ଚର୍ଚ୍ଚା କରିଥିଲେ। କାମଦେବ ସାହୁ, ଧ୍ରୁବ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, କରୁଣାକର ଶତପଥୀ, ସତ୍ୟନାରାୟଣ ଠାକୁର, ପ୍ରଶାନ୍ତ ମାଝୀ, ଦାଶରଥୀ ବେହେରା, ଶୁଶିଲ ପାଣିଗ୍ରାହୀ, ଡାକ୍ତର ସଞ୍ଜିବ ମିଶ୍ର, ଶିବ ନନ୍ଦ, ସୌଭାଗ୍ୟବନ୍ତ ମହାରଣା, ଆକାଶ ବିଶ୍ୱାଳ, ଅଶୋକ ପ୍ରଧାନ, ଗୋବିନ୍ଦ ମହାରଣା, ଦେବେନ ପ୍ରଧାନ, ତଫିଜୁଲ ହୁସେନ, ରାଧାକାନ୍ତ ବହିଦାର, ବଜେନ୍ଦ୍ର ନାୟକ, ମମତା ନାଥ, ପୂର୍ଣ୍ଣିମା ମିଶ୍ର, ଅନ୍ତରା ମହାନ୍ତି, କମଳଲୋଚନ ପଣ୍ଡା, ଆଞ୍ଚଳ ମହାନ୍ତି ନିମନ୍ତ୍ରିତ ଅତିଥି ଥିଲେ। ସଭା ଶେଷରେ ସ୍ମୃତି କମିଟିର ଅରୁଣ ଖୁଣ୍ଟିଆ ଧନ୍ୟବାଦ କରିଥିଲେ।

# ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

କୁଚିଣ୍ଡା,୧୩।୮(ବିରଞ୍ଚି ଦର୍ଶୀ)

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ ଅଁଳାପୋଷି ଛକରେ ରବିବାର ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ବ୍ୟକ୍ତି ଜଣକ ହେଲେ ଅଁଳାପୋଷି ଗ୍ରାମର ଜଗଦାନନ୍ଦ ପଟେଲ (୬୮)। ଦୁର୍ଘଟଣା ପରେ ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ରଖି ବିଭିନ୍ନ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ କୁଚିଣ୍ଡା-ବଣାଇ ପୂର୍ତ୍ତବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୩ଘଣ୍ଟା ଧରି ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଖବରପାଇ ମହୁଲପାଲି ଥାନା ଇନଚାର୍ଜ ଆଇଆଇସି ଦିଲୀପ ବେହେରା ଓ କୁସୁମୀ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଅଁଳାପୋଷି ଛକରେ ସ୍ପିଡ ବ୍ରେକର ଓ ଷ୍ଟପର ଲଗାଇବା, ପାଟ୍ରୋଲିଂ ବ୍ୟବସ୍ଥା କରିବା, ହର୍ଣ୍ଣ ଦେବା ଆଦିର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଚିଣ୍ଡା ମେଡିକାଲକୁ ପଠାଇଥିଲା। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା (ନଂ.୯୪/୨୦୨୩) ରୁଜୁ ହୋଇଛି। ଧକ୍କା ଦେଇଥିବା ଟ୍ରକ ନଂ.ଓଡି ୦୭ ଏକ୍ୟୁ ୧୧୨୧ ସହ ସ୍କୁଟିକୁ ଜବତ କରିଛି। ପୋଲିସ ଗଞ୍ଜାମ ଜିଲା ରମ୍ଭା ଥାନା ମଧୁରପୁର ଗ୍ରାମର ଟ୍ରକ ଡ୍ରାଇଭର ବିଘ୍ନରାଜ ନାହକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ ସକାଳେ ଜଗଦାନନ୍ଦ କୌଣସି କାମରେ ନିଜ ସ୍କୁଟିରେ କୁସୁମୀକୁ ଯାଉଥିଲେ। କୁଚିଣ୍ଡା-ବଣାଇଁ ପୂର୍ତ୍ତବିଭାଗ ରାସ୍ତାର ଅଁଳାପୋଷି ବସଷ୍ଟାଣ୍ଡ ଛକରେ ୧୦ଟା ୧୫ରେ ଦ୍ରୁତ ଗତିରେ କୁସୁମୀ ପଟକୁ ଯାଉଥିବା ଏହି ଟ୍ରକଟି ସ୍କୁଟି ନଂ. ଓଡି ୧୪ଏ ୬୩୫୧କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଆରୋହୀ ପଟେଲ ହେଲମେଣ୍ଟ ପିନ୍ଧିଥିଲେ ମଧ୍ୟ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।



ଲୋକେ ରାସ୍ତାରୋକୋ କରିଛନ୍ତି।



୨୦୨୨-୨୩ ଆର୍ଥିକ ବର୍ଷରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ (ୟୁବିଆଇ)ର ଲାଭାଂଶ ୧,୭୧୨ କୋଟି ଟଙ୍କାର ଏକ ଚେକ୍ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ୟୁବିଆଇ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ନିକଟରେ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ୟୁବିଆଇର ଏମ୍‌ଡି ତଥା ସିଇଓ ଏ.ମଣିମେଖଲାଇଙ୍କ ସମେତ ଅର୍ଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ବ୍ୟାଙ୍କିଙ୍ଗ) ସମୀର ଶୁକ୍ଳା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ପୋକୋ ଏମ୍‌୬ ପ୍ରୋ ୫ଜି ଉନ୍ମୋଚିତ

**ଭୁବନେଶ୍ୱର,୧୩।୮**

ପୋକୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଏମ୍ ସିରିଜର ନୂତନ ଉତ୍ପାଦ 'ପୋକୋ ଏମ୍‌୬ ପ୍ରୋ ୫ଜି'ର ବଜାର ପ୍ରବେଶ ନିକଟରେ ହୋଇଯାଇଛି। ବିଶେଷ କରି ପୋକୋ ଏମ୍‌୬ ପ୍ରୋ ୫ଜି, ୫ଜି ସ୍ମାର୍ଟଫୋନ୍ କ୍ଷେତ୍ରରେ ନୂତନ ମାନକ ଧାର୍ଯ୍ୟ କରିଛି, ଏହା ସ୍ନାପ୍‌ଡ୍ରାଗନ ୪ ଜେନ୍‌୨ ଚିପ୍‌ସେଟ୍ ଦ୍ୱାରା ପରିଚାଳିତ। ଯାହା ବାଧାମୁକ୍ତ ପ୍ରଦର୍ଶନ ସୁନିଶ୍ଚିତ କରୁଛି। ଏକ ଏକ୍ସପାନ୍‌ସିଭ୍ ୬.୭୯ ଇଞ୍ଚ ଡଟ୍ ଡିସ୍‌ପ୍ଲେ ସହ ଜଡିତ ଏହି ସ୍ମାର୍ଟଫୋନ୍ ଏକ ଅତୁଳନୀୟ ନିମଜ୍ଜିତ ଅନୁଭୂତି ପ୍ରଦାନ କରୁଥିବା ବେଳେ ଏହାର ପ୍ରିମିୟମ ଗ୍ଲାସ୍ ବ୍ୟାକ୍ ଡିଜାଇନ୍ ବିଳାସପୂର୍ଣ୍ଣତା ଓ ଆଧୁନିକ ସୌନ୍ଦର୍ଯ୍ୟତାକୁ ଦର୍ଶାଉଛି। ପୋକୋ ଏମ୍‌୬ ପ୍ରୋ ୫ଜି ୫୦ମେଗାପିକ୍ସେଲ୍ ପ୍ରାଇମେରୀ କ୍ୟାମେରା ସହ ଆକର୍ଷଣୀୟ ଫଟୋ କ୍ୟାପ୍ଚର କରୁଛି, ଯାହା ୨ ମେଗାପିକ୍ସେଲ୍ ଡେପ୍‌ଥ କ୍ୟାମେରା ଦ୍ୱାରା ଉନ୍ନତ ହୋଇଥାଏ।

## ଗିଫ୍ଟ ମହାବିଦ୍ୟାଳୟରେ ଦିନିକିଆ କର୍ମଶାଳା



**ଭୁବନେଶ୍ୱର,୧୩।୮**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଫର୍ ଟେକ୍ନୋଲୋଜି' ବା ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଆର୍ ଆଣ୍ଡ ଡି ବିଭାଗ ଅନୁକୂଲ୍ୟରେ ଏକ ଦିନିକିଆ କର୍ମଶାଳା (ସେମିନାର) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦେଶର ସାଇବର ଡିଫେନ୍‌ସ ରିସର୍ଚ୍ଚର ବାଲାଜୀ ଭେଙ୍କେଟେଶ୍ୱର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗିଫ୍ଟର ଅଧ୍ୟକ୍ଷ ଡ. ଏସ୍.କେ.ମହାରଣା, କମ୍ପ୍ୟୁଟର ବିଭାଗର ମୁଖ୍ୟ ଡ. ସତ୍ୟରଞ୍ଜନ ପଟ୍ଟନାୟକ ଓ ଆର୍ ଆଣ୍ଡ ଡିର ଡିନ୍ ଡ. ଅମର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି 'ରିସେଣ୍ଟ ଡେଭେଲପ୍‌ମେଣ୍ଟ ଇନ୍ ସାଇବର ସିକ୍ୟୁରିଟି ଇନ୍ ଦ କରେଣ୍ଟ ସିନାରିଓ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳା (ସେମିନାର)ରେ ଗିଫ୍ଟର ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅଧ୍ୟାପିକା ସମୂହ ଯୋଗ ଦେଇ ସାଇବର ସିକ୍ୟୁରିଟି ସମ୍ବନ୍ଧୀୟ ଅନେକ ତଥ୍ୟର ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ଡ. ଅମର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଆର୍‌ଟିର ସଫଳ ପରୀକ୍ଷଣ

**ଭୁବନେଶ୍ୱର,୧୩।୮**

କଟକ ଏସ୍‌ସିବି ଡେଣ୍ଟାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଏକ ଅନନ୍ୟ କ୍ଲିନିକାଲ ପରୀକ୍ଷା ଅଭ୍ୟାସଗତ ତମାଖୁ ସେବନକାରୀଙ୍କ ଅଭ୍ୟାସକୁ ସଫଳତାର ସହ ଛଡାଇବାରେ ଫଳପ୍ରଦ ନିକୋଟିନ ରିପ୍ଲେସମେଣ୍ଟ ଥେରାପି (ଏନଆରଟି) ଉପରେ ତଥ୍ୟ ପ୍ରକାଶ ପାଇଛି। ଉକ୍ତ ଅଧ୍ୟୟନ ନିଶ୍ଚିତ କରିଛି, ଆଚରଣଗତ ହସ୍ତକ୍ଷେପ ସହିତ ମିଳିତ ଭାବେ ସଫଳତାର ସହ ଧୂମପାନ ବନ୍ଦ କରିବାର ସମ୍ଭାବନାକୁ ଏହା ଯଥେଷ୍ଟ ବୃଦ୍ଧି କରିଥାଏ। ସେହିଭଳି ୯୩% ଅଂଶଗ୍ରହଣକାରୀଙ୍କ ଉପରେ କରାଯାଇଥିବା ଏହି ପରୀକ୍ଷଣରେ ପ୍ରାୟ ୭୦% ତମାଖୁ ଦ୍ରବ୍ୟ ସେବନକାରୀ ଥିଲେ। ଏପରିକି ଅଂଶଗ୍ରହଣକାରୀଙ୍କୁ ୨ଟି ସମାନତା ଥିବା ଦଳରେ ବିଭକ୍ତ କରାଯାଇଥିଲା। ପ୍ରଥମ ଦଳ ନିକୋଟିନ ଗମ୍ ସେବନ କରୁଥିବାବେଳେ ଦ୍ୱିତୀୟ ଦଳ ନିକୋଟିନ ପ୍ୟାଚ ବ୍ୟବହାର କରୁଥିଲେ। ସେହିପରି ଆଚରଣଗତ ପରାମର୍ଶ ଦ୍ୱାରା ନିକୋଟିନ ପ୍ୟାଚ ଏବଂ ନିକୋଟିନ ଗମ୍ ଗ୍ରହଣ କରିଥିବା ଦଳ ଯଥାକ୍ରମେ ୫.୨ ଏବଂ ୪.୬ ଗୁଣା ଥିଲେ। ଫାଇଲର ତଥ୍ୟ ଅନୁସାରେ ଆଚରଣଗତ ପରାମର୍ଶ ଦ୍ୱାରା ସମ୍ପୃକ୍ତ ଦଳଙ୍କଠାରେ ଅନ୍ୟ ଦଳଙ୍କ ଅପେକ୍ଷା ଅଭ୍ୟାସ ଛାଡିବାର ସଫଳତା ସମ୍ଭାବନା ଅଧିକ ରହିଥିଲା। ଏ ସମ୍ପର୍କରେ ଫୋରମ ଫର ଇଟିଂଗ୍ରେଟେଡ ଡେଭଲପମେଂଟଆଣ୍ଡ ରିସର୍ଚ୍ଚର ମେଣ୍ଟର ଚାରୁଦତ ପାଣିଗ୍ରାହୀ କହିଥିଲେ, ଏହି ପରୀକ୍ଷା ହେଉଛି ବ୍ୟାପକ ସମାଧାନ ଦିଗରେ ଏକ ଅନନ୍ୟ ସଫଳତା, ଯାହା ଜୀବନ ରକ୍ଷା କରିପାରିବ। ଏନଆରଟି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଅଭ୍ୟାସଗତ ଆଚରଣକୁ ବନ୍ଦ କରିବାକୁ ସୁନିଶ୍ଚିତ କରିଥାଏ। ବିଶେଷ କରି ଆମର ଯୁବବର୍ଗମାନଙ୍କ ପାଇଁ ଏହା କେବଳ ଏକ ପସନ୍ଦଯୋଗ୍ୟ ନୁହେଁ, ବରଂ ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ନିଶା ମୁକ୍ତ ଭାବେ ଏକ ମୁଖ୍ୟ ଦାୟିତ୍ୱ ତୁଲାଇଥାଏ।

## ବେଦାନ୍ତର ଦକ୍ଷତା ପ୍ରଶିକ୍ଷଣ ସମ୍ପ୍ରସାରିତ

**ଭୁବନେଶ୍ୱର,୧୩।୮ (ଅଭୟ ଦାଶ)**



ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଓଡିଶା ଏବଂ ଛତିଶଗଡ ୟୁନିଟ କାର୍ଯ୍ୟ ପରିସର ମଧ୍ୟରେ ଯୁବକମାନଙ୍କ ପାଇଁ ବିଶେଷ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ସମ୍ପ୍ରସାରିତ କରାଯାଇଛି। ଏହି ପ୍ରୟାସ ମାଧ୍ୟମରେ ଏକ ସ୍ଥାୟୀ ଜୀବିକା ନିର୍ବାହ ଏବଂ ଲାଭଜନକ ନିଯୁକ୍ତି ପାଇଁ ଅତିରିକ୍ତ ଉପାୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ସମ୍ପ୍ରତି କମ୍ପାନୀ ଭୁବନେଶ୍ୱରର ଦକ୍ଷତା ବିକାଶ ପ୍ରତିଷ୍ଠାନ ସହଭାଗିତାରେ ଏକ ପ୍ରମୁଖ ନୂତନ ଦକ୍ଷତା ବିକାଶ ପଦକ୍ଷେପ ଆରମ୍ଭ କରିଛି। ଏପରିକି ପ୍ରଥମ ବ୍ୟାଚ୍‌ର ଛାତ୍ରମାନେ ବର୍ତ୍ତମାନ ଇଣ୍ଡଷ୍ଟ୍ରିଆଲ୍ ଇଲେକ୍ଟ୍ରିସିଆନ ଭାବେ ଦକ୍ଷତା ତାଲିମ ନେଉଛନ୍ତି। ବର୍ତ୍ତମାନ ବେଦାନ୍ତ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଆଲ୍ ୱେଲ୍‌ଡିଂରେ ଟ୍ରେନିଂ ଅନ୍ତର୍ଭୁକ୍ତ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ଆହୁରି ବିସ୍ତାର କରିଛି। ଏହା ସହିତ ଓଡ଼ିଶାର ସୁନ୍ଦରଗଡଠାରେ କମ୍ପାନୀର କାର୍ଯ୍ୟକଳାପ ନିକଟରୁ ପ୍ରାୟ ୪୦ ଜଣ ଯୁବକ ଶିଳ୍ପ-ଲାଭଦାୟକ ବାଣିଜ୍ୟରେ ତାଲିମ ନେଉଛନ୍ତି।

ଏ ସମ୍ପର୍କରେ ଦିଲୀପ କୁମାର ଗାର୍ଡିଆ କହିଛନ୍ତି, ଏହି କାର୍ଯ୍ୟକ୍ରମ ମୋ ପାଇଁ ଏକ ସଶକ୍ତୀକରଣ ଯାତ୍ରା,ଯାହା ମୋତେ ବିଭିନ୍ନ ବୈଷୟିକ କୌଶଳ ସହିତ ନିଜକୁ ପ୍ରସ୍ତୁତ କରିଥାଏ। ଉକ୍ତ କାର୍ଯ୍ୟକ୍ରମକୁ ସୁଗମ କରିଥିବାରୁ ଏବଂ ଆମର ପୂର୍ଣ୍ଣ ସମ୍ଭାବନାକୁ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବାକୁ ଆମେ ପ୍ରତିବଦ୍ଧତା ପ୍ରଦାନ କରିଥିବାରୁ ମୁଁ ବେଦାନ୍ତକୁ କୃତଜ୍ଞତା ଜଣାଉଛି।

## ସେନ୍‌କୋର ସ୍ୱତନ୍ତ୍ର ଫ୍ରିଡମ୍ ଅଫର

**ଭୁବନେଶ୍ୱର,୧୩।୮**

ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ ଏକ ଆକର୍ଷଣୀୟ ଏବଂ ସ୍ୱତନ୍ତ୍ର ଫ୍ରିଡମ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ସ୍ୱାଧୀନତା ଦିବସ ଉପଲକ୍ଷେ ସେନ୍‌କୋର ସ୍ୱତନ୍ତ୍ର ଫ୍ରିଡମ୍ ଅଫର ସମସ୍ତ ସେନ୍‌କୋ ଷ୍ଟୋରରେ ଶୁଭାରମ୍ଭ କରାଯାଇଛି। ଏହି ଅଫର ୨୦୨୩ ଅଗଷ୍ଟ ୨୦ପର୍ଯ୍ୟନ୍ତ ଉପଲବ୍ଧ। ଉକ୍ତ ଅଫର ଜରିଆରେ ସୁନା, ହୀରା, ରୁପା, ପ୍ଲାଟିନମ୍ ଓ ଗସିପ୍ ଗହଣା କିଣାକିଣି ଉପରେ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଏପରିକି ଫ୍ରିଡମ୍ ଅଫରରେ ଗ୍ରାହକମାନେ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୧୫% ପର୍ଯ୍ୟନ୍ତ ରିହାତି ଦିଆଯାଉଥିବାବେଳେ ହୀରା ଗହଣାର ଗଢ଼ା ମୂଲ୍ୟ ଉପରେ ୭୭% ପର୍ଯ୍ୟନ୍ତ ରିହାତି ମିଳୁଛି। ସେହିଭଳି ପ୍ଲାଟିନମ୍ ଓ ରୁପା ଗହଣା ସହିତ ଗସିପ୍ ଗହଣାର ଗଢ଼ା ମୂଲ୍ୟ ଉପରେ ୧୫% ପର୍ଯ୍ୟନ୍ତ ରିହାତି ଗ୍ରାହକମାନେ ପାଇପାରିବେ। ଅପରପକ୍ଷରେ କମ୍ପାନୀ ଜେମ୍‌ଷ୍ଟୋନ୍ ଉପରେ ୧୦% ରିହାତି ପ୍ରଦାନ କରୁଥିବା ବେଳେ ପୁରୁଣା ସୁନା ବଦଳରେ ୦% ମୂଲ୍ୟ କାଟ କରାଯାଉଛି।

ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ଡିଜାଇନ୍ ଓ ମାର୍କେଟିଂ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଭାରତ ୭୭ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତକୁ ଆମେ ଆମର ଗ୍ରାହକମାନଙ୍କ ସହ ପାଳନ କରିବା ପାଇଁ ଚାହିଁ ରହିଛୁ। ଏପରିକି ଆମେ ଆମର ଚେନ୍ ସେଟ୍‌ର ନୂଆ ଡିଜାଇନ୍‌କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିବା ବେଳେ ନୂଆ ମାରିପୋଷା ସମ୍ଭାରକୁ ମଧ୍ୟ ବଜାର ପ୍ରବେଶ କରାଇଛୁ। ସାରା ଭାରତରେ ଅଗଷ୍ଟକୁ ଉତ୍ସବ ମାସ ଭାବେ ପାଳନ କରାଯାଉଥିବା ବେଳେ ଉତ୍ତର ଭାରତରେ ତିଜ୍, ଦକ୍ଷିଣ ଭାରତରେ ଓନାମ ଓ ବରାଲକ୍ଷ୍ମୀ ଏବଂ ରାଖିକୁ ସର୍ବଭାରତୀୟ ସ୍ତରରେ ପାଳନ କରାଯାଉଛି।

# ଫୁର୍‌ସତ୍



## ଶାହରୁଖ୍‌ଙ୍କ ସହ ନୟନତାରାଙ୍କ ରୋମାନ୍ସ

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଫିଲ୍ମ 'ଯୱାନ'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏହି ସିନେମାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳିଛି। 'ଯୱାନ' ନିର୍ଦ୍ଦେଶକ ଅଟ୍‌ଲି କୁମାର ଫିଲ୍ମ ବାବଦରେ ସମସ୍ତ ଅପଡେଟ୍ ଦେଉଛନ୍ତି। ନିକଟରେ ଚଳଚ୍ଚିତ୍ରର ଏକ ଗୀତର ଝଲକ ଶାହରୁଖ୍ ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଛନ୍ତି; ଯେଉଁଥିରେ ସେ ସାଉଥ୍ ଅଭିନେତ୍ରୀ ନୟନତାରାଙ୍କ ସହ ନଜରକୁ ଆସିଛନ୍ତି। ଦୁହିଁଙ୍କ ଯୋଡ଼ିକୁ ଦର୍ଶକ ଅନେକ ପସନ୍ଦ କରିଛନ୍ତି। ପରଦାରେ ଦୁହିଁଙ୍କ ରୋମାନ୍ସ ଦେଖିବାକୁ ମିଳିବ। ନୟନତାରାଙ୍କୁ ରୋମାନ୍ସ କରୁଥିବା ନଜର ଆସିଛନ୍ତି। ଅଭିନେତ୍ରୀ ଏକ ସୁନ୍ଦର ହଳଦିଆ ରଙ୍ଗର ଡ୍ରେସ୍ ପିନ୍ଧିଥିବାବେଳେ ଶାହରୁଖ ନୀଳ ରଙ୍ଗର ଶାର୍ଟ, କଳା ପ୍ୟାଣ୍ଟରେ ଡ୍ୟାନ୍‌ସିଂ ଲୁକ୍ ଦେଇଛନ୍ତି। ହିନ୍ଦୀ, ତାମିଲ, ତେଲୁଗୁ ଏହି ୩ ଭାଷାରେ ଫିଲ୍ମ ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ରିଲିଜ୍ ହେବାକୁ ଯାଉଛି। ସିନେମାରେ ଏମାନଙ୍କ ସହ ବିଜୟ ସେଥୁପତି, ସାନ୍ୟା ମାଲହୋତ୍ରାଙ୍କ ସହ ସୁନୀଲ ଗ୍ରୋଭର, ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିବ। ନୟନତାରାଙ୍କ ଏହା ହିନ୍ଦୀ ଡେବ୍ୟୁ ଫିଲ୍ମ। ଏହା ପୂର୍ବରୁ ସେ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ୍ ଆଦି ଚଳଚ୍ଚିତ୍ରରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ଏବେ ତାଙ୍କ ହାତରେ ଆଉ କିଛି ଫିଲ୍ମ ରହିଛି; ଯେଉଁଥିରେ ସେ ବ୍ୟସ୍ତ ଅଛନ୍ତି। ଏଥିସହ ଅଭିନେତ୍ରୀ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରିସାରିଛନ୍ତି।

## ବିମାନରେ ୧୫ ହଜାରରେ କିଣିଲେ ବାଦାମ

**ବର୍ଲିନ**



ବିମାନରେ ଯାତ୍ରା ଆରାମଦାୟକ ହୋଇଥାଏ। ଯାତ୍ରା ସମୟରେ ସେଠାରେ ମଧ୍ୟ ଖାଦ୍ୟ ମିଳିଥାଏ। ତେବେ ନିକଟରେ ଜଣେ ମହିଳା ବିମାନ ଯାତ୍ରା କରିବା ସମୟରେ ୧୫ ହଜାର ଟଙ୍କାରେ ବାଦାମ କିଣିଛନ୍ତି; ଯାହା ଆଶ୍ଚର୍ଯ୍ୟଜନକ କଥା। ରିପୋର୍ଟ ମୁତାବକ, ୨୭ ବର୍ଷୀୟା ଲେହ ୱିଲିୟମ୍ ଜର୍ମାନୀରୁ ଲଣ୍ଡନକୁ ବିମାନ ଯାତ୍ରା କରୁଥିଲେ। ସେହି ସମୟରେ ସେ ବାଦାମର ସମସ୍ତ ପ୍ୟାକେଟ୍ କିଣିନେଲେ। ଯେପରି ତାକୁ କେହି ଖାଇ ପାରିବେନି। ପ୍ରକୃତରେ ଲେହଙ୍କୁ ବାଦାମରେ ଏକ ପ୍ରକାରର ଆଲର୍ଜି ଅଛି। ଯଦି କେହି ସେହି ବାଦାମ୍‌କୁ ଖାଇବେ ତେବେ ତାଙ୍କୁ ଅସୁବିଧା ହୋଇଥାନ୍ତା। ସେଥିପାଇଁ ସେ ସେଠାରେ ଥିବା ସମସ୍ତ ବାଦାମ୍ ପ୍ୟାକେଟ୍‌କୁ କିଣିଦେଲେ; ଯାହା ଫଳରେ କେହି ବି ବାଦାମ କିଣି ପାରି ନ ଥିଲେ। ବାଦାମରେ ଥିବା ଆଲର୍ଜିରେ ତାଙ୍କ ଶରୀର ଅବସ୍ଥା ମଧ୍ୟ ଖରାପ ହୋଇଯାଇଥାନ୍ତା। ସେଥିପାଇଁ ସେ ଆଗୁଆ ସତର୍କତା ଅବଲମ୍ବନ କରି ବିମାନରେ ବିକ୍ରି ହେଉଥିବା ସମସ୍ତ ବାଦାମ ପ୍ୟାକେଟ୍ କିଣି ନେଇଥିଲେ। ତେବେ ଲେହ ବିମାନ ଯାତ୍ରା ସମୟରେ କେହି ଯେପରି ବାଦାମ ନ ଖାଆନ୍ତି, ସେଥିପାଇଁ ସେଠାରେ ଥିବା କ୍ୟାବିନ୍ କ୍ରୁଙ୍କ ଜରିଆରେ ସବୁବେଳେ ଘୋଷଣା କରିଥାନ୍ତି। ଏଥର କ୍ୟାବିନ୍ କ୍ରୁ ଏପରି କରିବାକୁ ମନା କରିଦେଇଥିଲେ। ଏହି କାରଣରୁ ଲେହ ସମସ୍ତ ବାଦାମ କିଣିବାକୁ ବାଧ୍ୟ ହେଲେ; ଯେଉଁଥିପାଇଁ ତାଙ୍କୁ ୧୫ ହଜାର ଟଙ୍କା ଦେବାକୁ ପଡ଼ିଲା।

## ସବୁଠୁ ଲମ୍ବା ଜିପ୍‌ଲାଇନ୍‌ରେ ଓଟ

**ଆବୁଧାବି**

ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ବେଶ୍ ଭାଇରାଲ ହେଉଛି। ଯେଉଁଥିରେ ଏକ ଓଟ ୟୁଏଇର ରାସ ଅଲ୍ ଖେମିୟାରେ ଥିବା ଦୁନିଆର ସବୁଠୁ ଲମ୍ବା ଜିପ୍‌ଲାଇନ୍‌ର ସବାରି କରୁଥିବା ଦେଖିବାକୁ ମିଳିଛି। ସେଠାକାର ଟ୍ରାଭେଲ ଏଜେନ୍ସି ଏହି ଭିଡିଓକୁ ଶେୟାର କରିଛି। ଭିଡିଓର ପ୍ରଥମରେ ଓଟଟି ଏକ ରଶି ସାହାଯ୍ୟରେ ଓହଳିଥିବା ଦେଖାଯାଇଛି। ସେଥିରେ ଓଟଟିକୁ ଏକ ହେଲମେଟ୍ ଏବଂ ଚଷମା ପିନ୍ଧାଯାଇଛି। ପ୍ରକୃତରେ ଟ୍ରାଭେଲ ଏଜେନ୍ସି ଭିଡିଓ ଶେୟାର କରିବା ସହ କ୍ୟାପ୍ସନରେ ଲେଖିଛି, ଏହା ସତ ଓଟ ନୁହେଁ। ଏହାକୁ କମ୍ପ୍ୟୁଟର ସାହାଯ୍ୟରେ ପ୍ରସ୍ତୁତ କରାଯାଇଛି। ଭିଡିଓରେ ଅନେକ ଲୋକ ଏଥିରେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ତେବେ ୟୁଏଇର ରାସ ଅଲ୍ ଖେମିୟାରେ ସବୁଠୁ ଉଚ୍ଚରେ ଥିବା ଏହି ଜିପ୍‌ଲାଇନ୍ ୨୦୧୮ରେ ଆରମ୍ଭ ହୋଇଥିଲା। ଏହା ଦୁନିଆର ସବୁଠୁ ଲମ୍ବା ଜିପ୍‌ଲାଇନ୍। ଏହା ୨୦ଟି ଫୁଟବଲ୍ ଗ୍ରାଉଣ୍ଡଠାରୁ ମଧ୍ୟ ଅଧିକ ଲମ୍ବା।



## ୧୭ ଯୋଡ଼ା ଯାଆଁଳା ପିଲାଙ୍କୁ ନେଇ ସ୍କୁଲ

**ଏଡିନବର୍ଗ**



ଦୁନିଆରେ ଏକପ୍ରକାର ମୁହଁର ଅନେକ ବ୍ୟକ୍ତି ରହିଥାନ୍ତି। ହେଲେ ସେମାନେ ଏକାଠି ଦେଖାଯିବା କ୍ୱଚିତ୍ ସମ୍ଭବ ହୋଇଥାଏ। ନିକଟରେ ସ୍କଟ୍‌ଲାଣ୍ଡରେ ଏପରି କିଛି ଘଟଣା ଘଟିଛି। ସ୍କଟ୍‌ଲାଣ୍ଡର ୩୨ କାଉନ୍‌ସିଲ ଅଞ୍ଚଳର ଇଣ୍ଟରକ୍ଲାଇଡ୍‌ରେ ଆସନ୍ତା ୧୮ ତାରିଖରେ ଏକ ସ୍କୁଲ ଖୋଲିବାକୁ ଯାଉଛି। ତେବେ ସେହି ସ୍କୁଲରେ ୧୭ ଯୋଡ଼ା ଯାଆଁଳା ପିଲା ନାମ ଲେଖାଇଥିବା ଜଣାପଡ଼ିଛି। ଏହା ପୂର୍ବରୁ ୨୦୧୫ରେ ଇଣ୍ଟରକ୍ଲାଇଡ୍‌ରେ ୧୯ ଯୋଡ଼ା ଯାଆଁଳା ପିଲା ତାଙ୍କ ନାମ ଲେଖାଇଥିଲେ। ଅନେକ ସମୟରେ ଯାଆଁଳା ପିଲାଙ୍କୁ ଚିହ୍ନିବା କଷ୍ଟ ହୋଇଥାଏ। ତେବେ ଏହି ଇଣ୍ଟରକ୍ଲାଇଡ୍ ଯାଆଁଳା ପିଲାଙ୍କ ନାମ ଲେଖାଇବାକୁ ନେଇ ଚର୍ଚ୍ଚାରେ ରହିଥାଏ। ଏହି କାରଣରୁ ଏହାକୁ ଟ୍ୱିନରକ୍ଲାଇଡ୍ ବୋଲି ମଧ୍ୟ କୁହାଯାଇଥାଏ। ଇଣ୍ଟରକ୍ଲାଇଡ୍‌ରେ ଥିବା ୨ଟି ସ୍କୁଲ ମଧ୍ୟରୁ ଗୋଟେ ସ୍କୁଲ ସବୁବେଳେ ଅଧିକ ଯାଆଁଳା ପିଲାଙ୍କ ନାମ ଲେଖାଇବାକୁ ଉତ୍ସାହ ଦେଖାଇଥାଏ। ଗତ ଶୁକ୍ରବାର ଡ୍ରେସ୍ ରିହରସାଲ୍ ପାଇଁ ୧୭ ଯୋଡ଼ାରୁ ୧୫ ଯୋଡ଼ା ଯାଆଁଳା ପିଲା ସେଣ୍ଟ ପୈଟ୍ରିକ ପ୍ରାଇମେରି ସ୍କୁଲରେ ଏକାଠି ହୋଇଥିଲେ। ତେବେ ୨୦୧୩ରୁ ୨୦୨୩ ମଧ୍ୟରେ ଏହି ସ୍କୁଲରେ ୧୪୭ ଯୋଡ଼ା ଯାଆଁଳା ପିଲା ପଢିଥିବା ରେକର୍ଡ ରହିଛି।

# ଲିଜାର୍ଡ ଡେ'

**ଆଜି ଅଗଷ୍ଟ ୧୪ ୱାର୍ଲଡ ଲିଜାର୍ଡ ଡେ'। ବିଶ୍ୱରେ ପ୍ରାୟ ୬ହଜାର ଲିଜାର୍ଡ ପ୍ରଜାତିର ସରୀସୃପ ଦେଖାଯାଆନ୍ତି। କିନ୍ତୁ ବିଭିନ୍ନ କାରଣରୁ ଅଧିକାଂଶ ସଙ୍କଟରେ ଅଛନ୍ତି। ଗୋଧିଠାରୁ ଆରମ୍ଭ କରି ଏଣ୍ଡୁଅ, ଝିଟିପିଟି ପର୍ଯ୍ୟନ୍ତ ସବୁ ଲିଜାର୍ଡ ପ୍ରଜାତିର। ତେବେ ଏମାନଙ୍କ ମଧ୍ୟରୁ ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନ୍ତର୍ଭୁକ୍ତ। କିନ୍ତୁ ଚୋରା କାରବାର ଯୋଗୁ ଏମାନଙ୍କ ଶିକାର ବଢ଼ିବାରେ ଲାଗିଛି।**
**(ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର)**

ରାଜ୍ୟରେ ବନ୍ୟପ୍ରାଣୀ ଶିକାର କମିବାର ନାଁ ଧରୁନି। ହାତୀଠାରୁ ଆରମ୍ଭ କରି ଗୋଧି ପର୍ଯ୍ୟନ୍ତ ବନ୍ୟପ୍ରାଣୀ ଏବେ ବିପଦରେ ଅଛନ୍ତି। ଶିକାରୀଙ୍କ କବଳରୁ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ୍ ମାରୁଛି। ବନ୍ୟପ୍ରାଣୀ ସଂରକ୍ଷଣ ସହ ଶିକାର ରୋକିବା ପାଇଁ ମାଳ ମାଳ ଯୋଜନା ହେଉଛି ଓ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ବି ହେଉଛି। କିନ୍ତୁ କୌଣସି ଫଳପ୍ରଦ ହେଉନାହିଁ। ହାତୀ, ବାଘ, କଲରାପତରିଆ, ହରିଣ, ବାର୍ହା ଆଦି ପ୍ରାଣୀ ଏବେ ବିପଦରେ ରହିଥିବାବେଳେ ଲିଜାର୍ଡ ପ୍ରଜାତିର ଅନେକ ବନ୍ୟପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ଶିକାର ଓ ଚୋରା କାରବାର ବଢ଼ିଚାଲିଛି। ଏମାନଙ୍କ ସୁରକ୍ଷା ଏବେ ଜରୁରୀ ହୋଇପଡ଼ିଛି।


**ଗୋଧି**

ଓଡ଼ିଶାରେ ବିଶେଷକରି ଗୋଧିର ବହୁଳ ଭାବେ ଚୋରା କାରବାର ହେଉଥିବା ଦେଖାଯାଇଥାଏ। ଓଡ଼ିଶାରୁ ପଶ୍ଚିମବଙ୍ଗ, ବାଂଲାଦେଶ ଗୋଧି ଚାଲାଣ ହେଉଥିବା ଜଣାପଡ଼ିଛି। ଗୋଧି ମାଂସ ଖାଇବା ଓ ତା' ଚମଡ଼ାରୁ ବିଭିନ୍ନ ସୌଖୀନ ଜିନିଷ ସହ ବାଦ୍ୟଯନ୍ତ୍ର ତିଆରି କରାଯାଉଛି। ଏହା ମୁଖ୍ୟତଃ ଖଞ୍ଜଣି ବାଦ୍ୟଯନ୍ତ୍ରରେ ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ୩ ପ୍ରକାରର ଗୋଧି ଦେଖାଯାଆନ୍ତି। ଭିତରକନିକା ହେନ୍ତାଳବନରେ ୱାଟର ମନିଟର ଲିଜାର୍ଡ ଏବଂ ରାଜ୍ୟର ଅନ୍ୟ ସ୍ଥାନରେ ବେଙ୍ଗଲ ମନିଟର ଓ ୟେଲୋ ମନିଟର ଲିଜାର୍ଡ ଦେଖାଯାନ୍ତି। ଏହି ୩ ପ୍ରକାର ଗୋଧି ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ସରୀସୃପ। ଏମାନଙ୍କୁ ଶିକାର କଲେ ୭ବର୍ଷ ଜେଲ ସହ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। କିନ୍ତୁ ରାଜ୍ୟ ବନ ବିଭାଗର ଉଦାସୀନତା ଯୋଗୁ ଶିକାର ବଢ଼ିବାରେ ଲାଗିଥିବାରୁ ଧୀରେ ଧୀରେ ଏମାନଙ୍କ ସଂଖ୍ୟା କମିବାରେ ବି ଲାଗିଛି। ଗୋଧିଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨୦୧୨ରୁ ୱାଟର ମନିଟର ଲିଜାର୍ଡ ବା ପାଣିଗୋଧିଙ୍କ ବ୍ରିଡିଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେଠାରେ ଜନ୍ମ ହୋଇଥିବା କିଛି ଛୁଆଙ୍କୁ ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ଭାରତର ପ୍ରାୟ ୬ଟି ଚିଡ଼ିଆଖାନାକୁ ପଠାଯାଇଛି। ତେବେ ୨୦୧୮ରେ କୃତ୍ରିମ ଉପାୟରେ ଗୋଧି ଅଣ୍ଡାକୁ ଫୁଟାଇବାରେ ମଧ୍ୟ ସଫଳତା ମିଳିଛି।

## ବହୁରୂପୀ ଏଣ୍ଡୁଅ

ଚାମେଲିଅନ ବା ବହୁରୂପୀ ଏଣ୍ଡୁଅ। ଦେଖିବାକୁ ଯେତିକି ସୁନ୍ଦର, ତା'ର ଶରୀରର ରଙ୍ଗ ପରିବର୍ତ୍ତନ ସେତିକି ରୋମାଞ୍ଚକର। ପୂର୍ବରୁ ଏହା ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ରେ ସିଡ୍ୟୁଲ-୪ ରହିଥିବାବେଳେ ୨୦୨୨ରେ ସଂଶୋଧିତ ଆଇନରେ ଏହା ସିଡ୍ୟୁଲ-୧ରେ ସ୍ଥାନ ପାଇଛି। ତେଣୁ ଏହାକୁ ଧରିବା ବା ଶିକାର କରିବା ଦଣ୍ଡନୀୟ ଅପରାଧ। ଏମାନେ ଓଡ଼ିଶାର ପ୍ରାୟ ସବୁ ଜଙ୍ଗଲରେ



ଦେଖିବାକୁ ମିଳନ୍ତି। ଶତ୍ରୁ କବଳରୁ ରକ୍ଷା ପାଇବା ଓ ନିଜେ ଶିକାର କରିବା ସମୟରେ ପରିବେଶ ସହିତ ରଙ୍ଗ ବଦଳାଇଥାନ୍ତି।



## ଲିଓପାର୍ଡ ଗେକୋ(କାଳକୁଟ)

ଏହି ଝିଟିପିଟି ଦେଖିବାକୁ ବହୁତ ସୁନ୍ଦର। ଏମାନେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ରେ ନ ଥିଲେ। କିନ୍ତୁ ଏମାନଙ୍କୁ ପୋଷା କରି ରଖିବା ପାଇଁ ଚୋରା ଚାଲାଣ ହୋଇଥାଏ। ଓଡ଼ିଶା ସମେତ ସାରା ଦେଶରେ ଏମାନେ ବହୁଳ ଭାବେ ଦେଖାଯାଉଥିବାରୁ ବିଦେଶକୁ ଚୋରା ଚାଲାଣ ବଢ଼ିବାକୁ ଲାଗିଲା। ତେଣୁ ଏହାକୁ ଏବେ ପ୍ରାଧାନ୍ୟ ଦିଆଯାଇ ସଂଶୋଧିତ ଆଇନରେ ଅନ୍ତର୍ଭୁକ୍ତ କରାଯାଇ ସିଡ୍ୟୁଲ-୧ରେ ସ୍ଥାନ ଦିଆଯାଇଛି। ଫଳରେ ଏହି ବନ୍ୟପ୍ରାଣୀଙ୍କୁ ଅଧିକ ସୁରକ୍ଷା ଦିଆଯାଉଛି।

## ଗୋଡ଼ବିହୀନ ଲିଜାର୍ଡ

ଓଡ଼ିଶାରେ ଏକ ଅଦ୍ଭୁତ ଗୋଡ଼ବିହୀନ ଲିଜାର୍ଡ ଦେଖାଯାଆନ୍ତି। ୧୯୧୭ରେ ଏହି ନୂତନ ପ୍ରଜାତି 'ବରକୁଦିଆ ଇନ୍ସୁଲାରିସ୍'ର ଆବିଷ୍କାର ହୋଇଥିଲା। ଚିଲିକା ହ୍ରଦରେ ଥିବା ବରକୁଦ ଦ୍ୱୀପରୁ ପ୍ରଥମ କରି ଏହି ଗୋଡ଼ବିହୀନ ଲିଜାର୍ଡ ଠାବ ହୋଇଥିବାରୁ ଆବିଷ୍କାରକ ନେଲ୍ସନ ଆନନ୍ଦଲେ ଏହାର ନାଁ ରଖିଥିଲେ 'ବରକୁଦିଆ। ଏହି ବରକୁଦିଆ ଇନ୍ସୁଲାରିସ୍‌କୁ ଦେଖିଲେ ଯେ କେହି ବି ସାପ ବୋଲି ଭ୍ରମରେ ପଡ଼ିବା ସ୍ୱାଭାବିକ। ତେବେ ଏହା ବିରଳ ଲେଗ୍ ଲେସ୍ ଲିଜାର୍ଡ। ଏହାର ଆଖିପତା ରହିଛି। ସାପ ପାଟିରେ ଦୁଇଫାଳିଆ ଜିଭ ଥିବାବେଳେ ବରକୁଦିଆର ଗୋଟାଳିଆ ଜିଭ ଥାଏ। ସେହିପରି ସାପଙ୍କ ଦେହରେ ବାହ୍ୟ କାନ ନ ଥିବାବେଳେ ବରକୁଦିଆ ଦେହରେ ବାହ୍ୟ କାନ ରହିଥାଏ।

ତେବେ ଏଭଳି ଏକ ବିରଳ ପ୍ରାଣୀକୁ ବନ୍ୟପ୍ରାଣୀ ଆଇନରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହେଉଛି।



# ଓଡ଼ିଶା ଅପରାଧ, ଅପରାଧୀଙ୍କ ଚରାଭୂଇଁ ପାଲଟିଛି: ଭାଜପା

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

ମମିତା ମେହେର, ପରୀ, ଗୋବିନ୍ଦ ସାହୁ ହତ୍ୟା, ମାହାଙ୍ଗା ଟ୍ରିପଲ ମର୍ଡର, ଦିବାଲୋକରେ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଭଳି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପଦାରେ ପକାଇଛି। ନବ ଦାସଙ୍କ ମୃତ୍ୟୁ ନେଇ ପୋଲିସ ଡିଜି ହାତ ଟେକିଦେଇ ଜଗନ୍ନାଥଙ୍କୁ ମନେ ପକାଇଲେ। ସେଥିରୁ ଜଣାପଡ଼ିଥିଲା ଓଡ଼ିଶାର ପୋଲିସ ପ୍ରଶାସନ କେତେ ଅସହାୟ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହିତ ପୋଲିସ ଓ ପ୍ରଶାସନର କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ବିଶ୍ୱସନୀୟ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ପୋଲିସ ପ୍ରଶାସନ ଶାସକ ବିଜେଡିର ହାତବାରିସି ସାଜି କାର୍ଯ୍ୟ କରୁଥିବାରୁ ଓଡ଼ିଶା ଅପରାଧ ଓ ଅପରାଧୀଙ୍କ ଚରାଭୂଇଁ ପାଲଟିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ଓଡ଼ିଶା ଲୋକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାସନ କରିବା ପାଇଁ ସମର୍ଥନ ଦେଇଥିଲେ। ହେଲେ ବିଜେଡିରେ ୫-ଟି ଶାସନ ଚାଲିଛି। ଏଠି ଅଫିସର ରାଜ୍ୟସାରା ବୁଲୁଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀ ଟେଣ୍ଟ ବାନ୍ଧୁଛନ୍ତି, ଲୋକ ଯୋଗାଡ କରୁଛନ୍ତି। ଓଡ଼ିଶାରେ ଏବେ ଅରାଜକତା ସମସ୍ତ ସୀମା ଉଲ୍ଲଂଘନ କରିଛି। ଶନିବାର ରାଜଧାନୀ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବାର ଚିତ୍ର ସାମ୍ନାକୁ ଆସିଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ପ୍ରତିଦିନ ଗଣମାଧ୍ୟମରେ ଭୟଙ୍କର ଆଇନଶୃଙ୍ଖଳା ଘଟଣା ସବୁ ସାମ୍ନାକୁ ଆସୁଛି। ଗତ କିଛିଦିନ ତଳେ ଭୁବନେଶ୍ୱର ୟୁନିଟ-୧ ଅଞ୍ଚଳର ଜଣେ ନାବାଳିକା ପୀଡ଼ିତାର ଅଭିଯୋଗକୁ ପୋଲିସ କର୍ତ୍ତୃପକ୍ଷ ଅବହେଳା କରିଥିବା କାରଣରୁ ଅଭିଯୁକ୍ତର କ୍ରୋଧର ଶିକାର ହୋଇ ପୀଡ଼ିତା ଦାଦାଙ୍କ ପ୍ରାଣ ଚାଲିଗଲା। ବାସ୍ତବରେ ନବୀନ ଶାସନରେ ପୋଲିସ ତଦନ୍ତରେ ପକ୍ଷପାତିତା କାରଣରୁ ପ୍ରକୃତ ଦୋଷୀ ଖସିଯାଉଛି ଏବଂ ନିର୍ଦ୍ଦୋଷ ଦଣ୍ଡିତ ହେଉଛି ବୋଲି ମନୋଜ ଅଭିଯୋଗ କରିଛନ୍ତି।

# କଂଗ୍ରେସକୁ ଫେରିବେ ପୁରୁଖା ନେତା

## ଚର୍ଚ୍ଚାରେ ଗମାଙ୍ଗ, ଜୟରାମ, ସଗରିଆ


ଗିରିଧର ଗମାଙ୍ଗ


ଜୟରାମ ପାଙ୍ଗୀ


କୃଷ୍ଣଚନ୍ଦ୍ର ସଗରିଆ

**କୋରାପୁଟ, ୧୩।୮ (ଅମିତାଭ ବେହେରା)**

କୋରାପୁଟ ଜିଲାରେ କଂଗ୍ରେସର ସ୍ଥିତି ଅଧିକ ସୁଦୃଢ଼ ହେବା ନେଇ ଏବେ ସାଧାରଣରେ ଆଲୋଚନା ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଶିଶିର ଗମାଙ୍ଗଙ୍କ ସହ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ କଂଗ୍ରେସକୁ ଫେରିବା ନେଇ ଚର୍ଚ୍ଚା ହେଉଛି। ଗିରିଧର ପୂର୍ବରୁ କଂଗ୍ରେସରେ ରହି ୯ ଥର କୋରାପୁଟ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଥରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦଳରେ ଅଲୋଡ଼ା ହେଉଥିବା ଅନୁଭବ କରି ସେ କଂଗ୍ରେସ ଛାଡ଼ି ଭାଜପାରେ ମିଶିଥିଲେ। ମାତ୍ର ଭାଜପା ତାଙ୍କୁ ଏକପ୍ରକାର କୋଣଠେସା ଅବସ୍ଥାରେ ରଖିବାରୁ ସେ ନିକଟରେ ଭାଜପା ଛାଡ଼ି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ମିଶିଥିଲେ। ଗିରିଧରଙ୍କ ପୁଅ ଶିଶିର ଗମାଙ୍ଗ ମଧ୍ୟ ବିଆର୍‌ଏସ୍‌ରେ ସାମିଲ ହୋଇଥିଲେ। ଯେଉଁ ଆଶା ନେଇ ସେମାନେ ବିଆର୍‌ଏସ୍‌ରେ ମିଶିଥିଲେ ତାହା ପୂରଣ ହେବା ସମ୍ଭାବନା ନ ଥିବାରୁ ଗିରିଧର ପୁଣି ଥରେ କଂଗ୍ରେସକୁ ଫେରିବାକୁ ମନ ସ୍ଥିର କରିଛନ୍ତି। ଏଥିପାଇଁ ସେ ପୁଅ ଶିଶିରଙ୍କୁ ଧରି ଦିଲ୍ଲୀରେ କଂଗ୍ରେସ ସଭାପତିଙ୍କ ସମେତ ବହୁ ନେତାଙ୍କୁ ଭେଟିଥିବା ଜଣାପଡ଼ିଛି। ସେହିପରି କୋରାପୁଟର ପୂର୍ବତନ କଂଗ୍ରେସ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ମଧ୍ୟ ପୁଣି କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିବା ବର୍ତ୍ତମାନ ଚର୍ଚ୍ଚା ହେଉଛି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ଜୟରାମ ପାଙ୍ଗୀ ମଧ୍ୟ କଂଗ୍ରେସକୁ ଫେରିବେ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାଙ୍ଗୀ ଜଣେ ଭଲ ଆଦିବାସୀ ନେତା। ତାଙ୍କର ପକେଟ ଭୋଟ ରହିଛି। ସେ କଂଗ୍ରେସକୁ ଆସିଲେ ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସ ତା'ର ପୂର୍ବ ସ୍ଥିତି ଫେରାଇ ଆଣିବ ବୋଲି ବାହିନୀପତି କହିଛନ୍ତି। ତେବେ ଉପରୋକ୍ତ ନେତାମାନେ କେବେ କଂଗ୍ରେସରେ ସାମିଲ ହେବେ ତାହା ଦେଖିବାକୁ ବାକି ରହିଲା।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୩।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ମହିଳା ଜଣଙ୍କ ହେଲେ ଚିନ୍ତଲନା ନିବାସୀ ମାଡବି ମଲ୍ଲେ ଓରଫ ଗାଙ୍ଗୀ। ଛତିଶଗଡ ସୁକୁମା ଜିଲା ପୋଲିସ ପକ୍ଷରୁ ତାଙ୍କୁ ଧରାଇ ଦେଲେ ୮ ଲକ୍ଷର ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ ସମୟରେ ସୁକୁମା ଏସ୍‌ପି କିରଣ ଚୌହାନ, ଅତିରିକ୍ତ ଏସ୍‌ପି ଆକାଶ ମରକାମ, ଉପ ପୋଲିସ ଅଧୀକ୍ଷକ ରଞ୍ଜନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବାରୁ ତାଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ଆତ୍ମସମର୍ପଣ କରିଥିବା ମାଓବାଦୀ କହିଥିଲେ, ବର୍ତ୍ତମାନ ଛତିଶଗଡ଼ର ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ଓ ଅପରେଶନ ଜାରି ରହିବା ସହ ଯବାନମାନେ ସକ୍ରିୟ ମାଓବାଦୀ ସଂଗଠନକୁ ଦୁର୍ବଳ କରି ଦେଉଛନ୍ତି। ଏଥିସହ ଗତ କିଛିବର୍ଷ ହେଲା ଯବାନମାନଙ୍କ ଆକ୍ରମଣରେ ଭୟଭୀତ ହୋଇ ବହୁ ମାଓବାଦୀ ସଂଗଠନ ଛାଡି ଗୁପ୍ତ ସ୍ଥାନରେ ଆତ୍ମଗୋପନ କରିଛନ୍ତି। ଏଥିସହ ମାଓବାଦୀ ସଂଗଠନ ଉପରେ ସମସ୍ତଙ୍କ ଅବିଶ୍ୱାସ ଲାଗି ରହିଛି। ଫଳରେ ସେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି କହିଥିଲେ। ସୁକମା ପୋଲିସ ସୂଚନାନୁଯାୟୀ, ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ଏହି ମାଓବାଦୀ ଜଣଙ୍କ ଏଲ୍‌ଓସି ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ। ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ପ୍ଲାଟୁନ ୯ର ସଦସ୍ୟା, ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ପିଏଲଜିଏ ବାଟାଲିୟନ ହେଡ କ୍ୱାର୍ଟର ଟିମ୍ କମାଣ୍ଡର ଭାବେ କାର୍ଯ୍ୟ କରି ଆସୁଥିଲେ। ତେବେ ସେ ୨୦୦୭ରେ ବିଜାପୁର ଜିଲା କଞ୍ଚେଲ କ୍ଷେତ୍ରରେ ହୋଇଥିବା ପୋଲିସ ସହ ଗୁଳି ବିନିମୟ ଓ ବିଜାପୁର ବାସାଗୁଡା ଅଞ୍ଚଳରେ ହୋଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସାମିଲ ଥିଲେ।

**ଦିବ୍ୟାଙ୍ଗ ଯୁବକଙ୍କୁ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଘଟଣା**

# ଆଶାକର୍ମୀଙ୍କ ନାଁରେ ମାମଲା

**ମାଥିଲି, ୧୩।୮ (ସୁବାସ ଚନ୍ଦ୍ର ଖୁଜୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ମହୁପଦର ପଞ୍ଚାୟତ ଆମ୍ବାଗୁଡା ଗାଁର ଅବିବାହିତ ଦିବ୍ୟାଙ୍ଗ ଯୁବକ ଗଙ୍ଗା ଦୁରୁଆଙ୍କୁ ପରିବାର ନିୟୋଜନ ଅସ୍ତ୍ରୋପଚାର ତଥା ବନ୍ଧ୍ୟାକରଣ ଘଟଣା ଭିନ୍ନ ମୋଡ ନେଇଛି। ଆଶାକର୍ମୀ ଉକ୍ତ ଘଟଣାର ଷଡ଼ଯନ୍ତ୍ର ରଚିଥିବା ଜଣାପଡିବା ପରେ ଦିବ୍ୟାଙ୍ଗ ଯୁବକଙ୍କ ମା'ଚମ୍ପା ଦୁରୁଆ ମାଥିଲି ଥାନାରେ ଲିଖିତ ଅଭିଯୋଗ କରିବାପରେ ଆଶାକର୍ମୀ ରେଖା ମଣ୍ଡଳଙ୍କ ନାଁରେ ରବିବାର ନଂ.୧୭୧/୨୩ରେ ମାମଲା ରୁଜୁ ହୋଇଛି। ଏହା ସହିତ ସମ୍ପୃକ୍ତ ଯୁବକ ଗଙ୍ଗା ଓ ତାଙ୍କ ମା'ଙ୍କୁ ଦୁରୁଆ ସମାଜ ସମର୍ଥନ କରିଛି। ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଓ ଦୁରୁଆ ସମାଜ ସଭାପତି ମଙ୍ଗଳା ଦୁରୁଆଙ୍କ ଉପସ୍ଥିତିରେ ମାଥିଲି ଥାନାରେ ଆଶାକର୍ମୀଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଗତ


ମାଥିଲି ଥାନା ସମ୍ମୁଖରେ ଗଙ୍ଗା ଦୁରୁଆ ଓ ତାଙ୍କ ମା'।

୩ ତାରିଖରେ ଆଶାଦିଦି ମଣ୍ଡଳ ସମ୍ପୃକ୍ତ ଦିବ୍ୟାଙ୍ଗ ଯୁବକ ଗଙ୍ଗାଙ୍କୁ ଷଡ଼ଯନ୍ତ୍ର କରି ମାଥିଲିକୁ ଡାକି ଆଣିଥିଲେ। କସ୍ତାଭଙ୍ଗା ଗାଁର ଗଙ୍ଗାଙ୍କୁ ଆଣିବା ବଦଳରେ ଆମ୍ବାଗୁଡା ଗାଁର ଦିବ୍ୟାଙ୍ଗ ଯୁବକ ଗଙ୍ଗାଙ୍କୁ ମାଥିଲି ଆଣି ଭତ୍ତା ମିଳିବ ବୋଲି କହି ବନ୍ଧ୍ୟାକରଣ କରିଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ପ୍ରଶ୍ନ ଉଠୁଥିଲା। ହେଲେ ଆଶା କର୍ମୀ ରେଖା ମଣ୍ଡଳ ଓ ଜଣେ ଡାକ୍ତରଙ୍କ ଭିତରେ ହୋଇଥିବା ବାର୍ତ୍ତାଳାପର ଅଡିଓ ଭାଇରାଲ ହେବା ପରେ ଷଡ଼ଯନ୍ତ୍ରର ମୁଖା ଖୋଲୁଛି। ଡାକ୍ତରଙ୍କୁ ସଫେଇ ଦେଇ ଆଶା ଦିଦି ଜଣକ ମିଛ କହିବାକୁ ଚେଷ୍ଟା କରୁଛନ୍ତି। ଡାକ୍ତର ମଧ୍ୟ ଏହି ଘଟଣାରେ ଆଶାଙ୍କୁ ତାଗିଦ କରୁଛନ୍ତି। ତଥାପି ଭାଇରାଲ ଅଡିଓରେ ଆଶା ଦିଦିଙ୍କ ଷଡଯନ୍ତ୍ରର ପୂରା କାହାଣୀ ସାମ୍ନାକୁ ଆସିଛି। ଗଣମାଧ୍ୟମ ସମ୍ମୁଖରେ ଆଶା ଦିଦି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଏଏନ୍‌ଏମ୍‌ଙ୍କୁ ନିନ୍ଦା କରୁଥିବା ଭିଡିଓ ଦେଖିବାକୁ ମିଳିଛି।

# ମାମୁ କୋଦାଳ ଚୋଟରେ ଭଣଜା ମୃତ

**କୋଷାଗୁମୁଡ଼ା, ୧୩।୮ (ପ୍ରସାଦ ବିଷୋୟୀ)**

ଜମିଜମା ବିବାଦକୁ କେନ୍ଦ୍ର କରି ରବିବାର ଉତ୍ୟକ୍ତ ମାମୁର କୋଦାଳ ଚୋଟରେ ଭଣଜାଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ଟେମେରା ପଞ୍ଚାୟତ ମଙ୍ଗିଆଗୁଡା ଗ୍ରାମରେ। ମୃତକ ହେଲେ ମଙ୍ଗିଆଗୁଡା ଗ୍ରାମର ଘନ ଭତରା (୫୦)। ଏ ନେଇ କୋଷାଗୁମୁଡା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାମୁଙ୍କ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ମୃତ ଘନ ରବିବାର ସକାଳେ ଗ୍ରାମରେ ଥିବା ଚାଷଜମିକୁ ଯାଇ କାମ କରୁଥିଲେ। ଏହି ସମୟରେ ମାମୁଙ୍କ ସହ ୪ ଅଭିଯୁକ୍ତ ଘନଙ୍କ ସହିତ ପାଟିତୁଣ୍ଡ କରିଥିଲେ। ପରେ ମାମୁ ଧରିଥିବା ଏକ କୋଦାଳରେ ଘନଙ୍କ ମୁଣ୍ଡ, ପିଠିକୁ ବାରମ୍ବାର ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତ ଘନଙ୍କ ପରିବାର ପକ୍ଷରୁ କୋଷାଗୁମୁଡା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୧୨୨/୨୩ରେ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ କୋଷାଗୁମୁଡା ଥାନାରେ ଅଟକ ରଖି ତଦନ୍ତ ଜାରିରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମଦୁରାଇ ଶିଳ୍ପୀଙ୍କ ବିଦାୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ପ୍ରଥମେ କାମ ଦେବାକୁ ରାଜି ନ ଥିଲେ ସୂତ୍ରଧର ସମ୍ମାନର ସହ ବିଦାୟ ଦିଆଯାଇଥିଲା

ପୂର୍ବ ସଂଖ୍ୟାରେ ଆଲୋଚିତ ହୋଇଥିଲା କୋଣାର୍କଠାରେ ମନ୍ଦିର ନିର୍ମାଣବେଳେ କଠିନ ପରିଶ୍ରମ ଭିତରେ ପ୍ରେମର ଧାରା ହଜିଯାଇ ନ ଥିଲା। ପ୍ରସଙ୍ଗକ୍ରମେ ସୁନି ଓ ସମନାଥଙ୍କ ବହୁଚର୍ଚ୍ଚିତ ପ୍ରେମ କାହାଣୀର ଅବତାରଣା ଆମେ କରିଥିଲୁ। ଏହାପରେ ଦେଖିବା ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ଶ୍ୱଶୁର ଘରୁ ଅର୍ଥାତ୍ ମଦୁରାଇରୁ ଆସିଥିବା ଶିଳ୍ପୀମାନେ କିପରି ଆତିଥେୟତା ପାଇଥିଲେ ଓଡ଼ିଶାରୁ। କୋଣାର୍କରେ ମନ୍ଦିର ନିର୍ମାଣ ଦିଗରେ ଗଜପତି ସମ୍ପୂର୍ଣ୍ଣ ଭାବରେ ସଚେତନ ରହୁଥିଲେ। ସେଥିପାଇଁ ପରିଦର୍ଶକଙ୍କଠାରୁ ପାଇଟିଆଳ ପର୍ଯ୍ୟନ୍ତ ସମସ୍ତେ ସଚେତନ ରହିବା ସ୍ୱାଭାବିକ। ସବୁ ଦିଗକୁ ଦୃଷ୍ଟି ରଖିଥିଲେ ସଦାଶିବ ସାମନ୍ତରାୟ ମହାପାତ୍ର। ଯେ କି ଶିବେଇ ସାନ୍ତରା ଭାବରେ ଓଡ଼ିଶାର ଘରେ ଘରେ ପରିଚିତ। ମୁଖ୍ୟ ମନ୍ଦିରର ପଶ୍ଚିମପଟ ପ୍ରତିମୂର୍ତ୍ତି ସେ ନିଜେ ତିନିଜଣ କାରିଗରଙ୍କୁ ନେଇ ଗଢ଼ିଥିଲେ। ଉତ୍ତର ଓ ଦକ୍ଷିଣ ଦିଗର ମୂର୍ତ୍ତି ନିର୍ମାଣ ଦାୟିତ୍ୱ ସେ ଗଦାଧର ମହାପାତ୍ରଙ୍କୁ ଅର୍ପଣ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ କୁଳପାଟ ସାନ୍ତ ଗୋଷ୍ଠୀର ତିନିଜଣ କାରିଗର।

ମୁଖ୍ୟ ମନ୍ଦିର, ମୁଖଶାଳା, ନାଟ ମନ୍ଦିର ବାହାରପାର୍ଶ୍ୱ, ପାହାଚଠାରୁ ପ୍ରାଚୀର ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ଓଡ଼ିଆ ଶିଳ୍ପୀ କରିଥିଲେ। କେବଳ ଗୋଟିଏ ବର୍ଣ୍ଣନାରୁ ମିଳୁଛି ଗଜପତି ଲାଙ୍ଗୁଳା ନରସିଂହଙ୍କ ଶ୍ୱଶୁର ପାଣ୍ଡ୍ୟର ରାଜା ମଦୁରାଇରୁ ଦଶଜଣ ଶିଳ୍ପୀଙ୍କୁ ସହଯୋଗ କରିବା ପାଇଁ ପଠାଇଥିଲେ। ତାଙ୍କ ଭିତରେ ମୁଖ୍ୟ ଦୁଇଜଣ ହେଲେ ସିନ୍ଧୁ ପେଣ୍ଟୁଲୁ ଓ ଗୋଡ୍‌ଡୁର ଶର୍ମା। ସେମାନଙ୍କୁ ସସମ୍ମାନ ଅସ୍ଥାୟୀ ଶିବିରରେ ରଖିବାର ବ୍ୟବସ୍ଥା ହେଲା। ସେମାନଙ୍କୁ ସମ୍ମାନ ସ୍ୱରୂପ ପ୍ରତି ମାସରେ ୨୧ ମାଢ଼ ସୁନା ଦିଆଯିବାର ବ୍ୟବସ୍ଥା ବି ହେଲା। ପୂର୍ବରୁ ଗଜପତିଙ୍କ ଶ୍ୱଶୁର ସାମନ୍ତ ପୁରୋଧା ବିରୂପାକ୍ଷଙ୍କ ମାଧ୍ୟମରେ ମନ୍ଦିର ନିର୍ମାଣରେ ଲାଗିବା ପାଇଁ ମାଣିକ୍ୟ, ଗଜଦନ୍ତ ଆସନ (ସ୍ୱର୍ଣ୍ଣଖଚିତ), ସାତ ଯୋଡ଼ା ସୁବର୍ଣ୍ଣ କୁଣ୍ଡଳ ଓ ସାତଯୋଡ଼ା ସୁନାଖଡ୍ଡୁ ପ୍ରଭୃତି ପଠାଇଥିଲେ। କୁଣ୍ଡଳ ଓ ଖଡ୍ଡୁ ମୁଖ୍ୟ ସ୍ଥପତି ଓ ଅନ୍ୟାନ୍ୟ ମୁଖ୍ୟ ଶିଳ୍ପୀଙ୍କ ପାଇଁ ଥିଲା। କିନ୍ତୁ ଏଥର ମଦୁରାଇରୁ ଶିଳ୍ପୀ ଆସିଲେ ସିନା ତାଙ୍କର କାମ ଦେଖିବା ପରେ ସୂତ୍ରଧର ଶିବେଇ ସାମନ୍ତରାୟ ତାଙ୍କୁ କାମରେ ନିୟୋଜିତ କରିବାକୁ ମନା କରିଦେଇଥିଲେ। ସିଧା ସେ ଜଣାଇଦେଲେ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ଗ୍ରହଣ କରିବା ସମ୍ଭବ ନୁହେଁ....।

ଚାଞ୍ଚଲ୍ୟ ଖେଳିଗଲା। ଗଜପତିଙ୍କ ଶ୍ୱଶୁର ଘର ଶିଳ୍ପୀ! ଅଥଚ ଆମର ମୁଖ୍ୟ ସ୍ଥପତି ସେମାନଙ୍କୁ ବାରଣ କରୁଛନ୍ତି!

**ଐତିହ୍ୟର ଓଡ଼ିଶା**

ମଦୁରାଇ ଶିଳ୍ପୀ ଅପମାନିତ ବୋଧ କରି ଖାଦ୍ୟ ଗ୍ରହଣ ବି କଲେ ନାହିଁ।

ତଥାପି ଶିବେଇ ସାମନ୍ତରାୟ ଅବିଚଳିତ...। ଜଣେ ପତ୍ରବାହକଙ୍କ ହାତରେ ଏହିସବୁ ଘଟଣା ସମ୍ବନ୍ଧରେ ପତ୍ର ପଠାଯାଇଥିଲା। ମହାଶ୍ରମ ସବୁକଥା ଜାଣିବା ପରେ ଶିବେଇଙ୍କ ପାଖକୁ ଏକ ପତ୍ର ପଠାଇଥିଲେ-

ଆଦେଶ ଥିଲା- ମଦୁରାଇ ଶିଳ୍ପୀଙ୍କୁ ନିୟୋଜିତ କରାଯାଉ। ସେମାନଙ୍କୁ 'ଲତା' କାମ ଓ ଅନ୍ୟାନ୍ୟ ସାଜସଜ୍ଜାରେ ନିୟୋଜିତ କରାଯାଉ। ଗଜପତିଙ୍କ ଆଦେଶ। ତା' ପରେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଶିବିର ନିର୍ମାଣ ହୋଇଥିଲା ରହିବା ଲାଗି। ସେମାନେ ବାହାର ପାର୍ଶ୍ୱରେ ପଥରରେ ଲତାଗୁଳ୍ମ ଓ ପ୍ରାକୃତିକ ଶୋଭାର ଆଭରଣ ନିର୍ମାଣ କରିଥିଲେ।

ସେମାନଙ୍କୁ ସମ୍ମାନ ଦେବାରେ ଊଣା କରାଯାଇ ନ ଥିଲା। ସେମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଇଚ୍ଛା କରିଥିଲେ। ସେମାନଙ୍କୁ ପାଲିଙ୍କିରେ କୋଣାର୍କରୁ ପୁରୀ ଅଣାଯାଇଥିଲା। ସେତିକିବେଳେ ପୁରୀ ନଅରରେ ନୂତନ ଅଙ୍କ ପ୍ରଚଳନ ଉତ୍ସବ ଅର୍ଥାତ୍ ସୁନିଆଁ ଉତ୍ସବ ହେବାର ଥିଲା। ସେମାନେ ସୁନିଆଁ ଉତ୍ସବରେ ଯୋଗଦେବା ସହିତ ଗଜପତିଙ୍କୁ ପ୍ରଥମ ଥର ପାଇଁ ସାକ୍ଷାତ କରିଥିଲେ।

ବନ୍ଦାପନା ମଣ୍ଡପ ଶେଷ ହେବା ପରେ ମଦୁରାଇର ସାତଜଣ ଶିଳ୍ପୀଙ୍କୁ ପୁରସ୍କାର ଦିଆଯାଇଥିଲା। ସେମାନେ ପଥରରେ ଫୁଲ ଖୋଦେଇ ସହିତ ଲତା ଖୋଦେଇ କରିଥିଲେ। ବନ୍ଦାପନା ମଣ୍ଡପର କେତେକ ଚିତ୍ତାକର୍ଷକ ସୂକ୍ଷ୍ମ କାରୁକାର୍ଯ୍ୟ କରିବା ସହିତ ସେ କାଳର ଅଳଙ୍କାରକୁ ପଥରରେ ଖୋଦେଇ କରିଥିଲେ। ଏହି କାମର ମୁଖ୍ୟ ଶିଳ୍ପୀସବୁ ଖିଚିଂର ଥିଲେ। ସେମାନେ ୮ଜଣ ଓ ନୂଆଗଡ଼ର ୧୨ଜଣ ଏପରି ୨୦ ଜଣ ଶିଳ୍ପୀଙ୍କୁ ମଦୁରାଇ ଶିଳ୍ପୀ ସହାୟତା କରିଥିଲେ। ସମୁଦାୟ ୨୭ ଜଣଙ୍କୁ ୧୦୩ ମାଢ଼ ସୁନା ଦିଆଯାଇଥିଲା।

ମଦୁରାଇ ଶିଳ୍ପୀ ବିଦାୟ ନେଇଥିଲେ ଶ୍ରୀରବିନାରାୟଣଙ୍କର ପ୍ରଥମ ପୂଜା ଆରମ୍ଭ ହେବା ନେଇ। ମାଘ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ପ୍ରଥମ ପୂଜା ଆରମ୍ଭ ହୋଇଥିଲା। ଗଜପତି ତାଙ୍କୁ ଦର୍ଶନ କରି ପ୍ରଥମେ ଦାନ ଦେଇଥିଲେ ୧୦୦ ଅସରପି ଜିତା ସୁନା। ତାହା ହିଁ କୋଣାର୍କର ରତ୍ନ


ମଦୁରାଇ ଶିଳ୍ପୀଙ୍କ ପଥରରେ ଲତାର କଳା ଚାତୁର୍ଯ୍ୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଭଣ୍ଡାରରେ ରଖାଯାଇଥିଲା। ମହାରାଣୀ କସ୍ତୁରିକା ସେତେବେଳେ କୋଣାର୍କରେ ଥିଲେ। ଦେବ ପ୍ରତିଷ୍ଠା କାର୍ଯ୍ୟ ସରିବା ପରେ ମଦୁରାଇ ଶିଳ୍ପୀଙ୍କୁ ମର୍ଯ୍ୟାଦାର ସହ ୮୨ ମାଢ଼ ସୁନା, ସିଲ୍‌କି ବସ୍ତ୍ର ଓ କୁଣ୍ଡଳ ଦିଆଯାଇ ବିଦାୟ ଦିଆଯାଇଥିଲା। ସେମାନେ ଆସିବାଠାରୁ ଯିବା ପର୍ଯ୍ୟନ୍ତ ସମ୍ମାନର ସହ ରହିଥିଲେ। ସ୍ୱତନ୍ତ୍ର ଶିବିରରେ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ତାଙ୍କୁ ଲୋଡ଼ା ଯାଇଥିଲା। ଆତିଥେୟତାରେ ଓଡ଼ିଆ କାର୍ପଣ୍ୟ କରି ନ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................

ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ସଫଳତା ପରେ ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ପୁରୁଷ ହକି ଦଳ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ (୨୭୭୧.୩୫ ପଏଣ୍ଟ) ଗୋଟିଏ ସ୍ଥାନ ଉପରକୁ ଉଠି ଇଂଲଣ୍ଡ (୨୭୬୩.୫୦ ପଏଣ୍ଟ)କୁ ହଟାଇ ତୃତୀୟ ସ୍ଥାନ ଅଧିକାର କରିନେଇଛି। ନେଦରଲାଣ୍ଡ୍ସ (୩୦୯୫.୯୦) ପ୍ରଥମ ସ୍ଥାନରେ ରହିଥିବା ବେଳେ ବେଲଜିୟମ (୨୯୧୭.୮୭ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଭାରତ ଦ୍ୱିତୀୟ ଥର ପାଇଁ ଏଫ୍ଆଇଏଚ୍ ର୍‍ୟାଙ୍କିଙ୍ଗରେ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତ ପୂର୍ବରୁ ଏହି ର୍‍ୟାଙ୍କିଙ୍ଗ ୨୦୨୧ରେ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପାଇବା ବେଳେ ହାସଲ କରିଥିଲା। ୪୧ ବର୍ଷ ପରେ ଗେମ୍ସରେ ଏହାଥିଲା ଭାରତର ପ୍ରଥମ ପଦକ। ଶନିବାର ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ମାଲେସିଆକୁ ୪-୩ ଗୋଲ୍‌ରେ ପରାସ୍ତ କରି ଏସିଆନ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ମ୍ୟାଚରେ ଦଳ ୧-୩ ପଛରେ ଥାଇ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୨୦୨୧ରେ ଇଭେଣ୍ଟର ଗତ ସଂସ୍କରଣରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ପିଏସ୍‌ଜିକୁ ଫେରିଲେ ଏମ୍‌ବାପେ

**ପ୍ୟାରିସ୍, ୧୩।୮ (ପି.ଟି.):** ଫ୍ରାନ୍ସ ଦଳର ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ପୁଣି ଥରେ ନିଜ କ୍ଲବ୍ ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି)କୁ ଫେରିଛନ୍ତି। କ୍ଲବ ସହିତ ଆଲୋଚନା ସକାରାତ୍ମକ ରହିବା ପରେ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି ଏମ୍‌ବାପେ। ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ପିଏସ୍‌ଜି ପକ୍ଷରୁ ଏହି ଘୋଷଣା କରାଯାଇଛି। ଶନିବାର ପିଏସ୍‌ଜି ଦଳ ଲରିଏଣ୍ଟ ବିପକ୍ଷରେ ମ୍ୟାଚ୍ ଖେଳୁଥିବା ବେଳେ ଏମ୍‌ବାପେ ଷ୍ଟାଣ୍ଡରେ ରହି ମ୍ୟାଚ୍ ଉପଭୋଗ କରିଥିଲେ। ଶନିବାରର ଆଲୋଚନା ପରେ ଏମ୍‌ବାପେ ପ୍ରଥମ ଥର ପାଇଁ ନିଜ କ୍ଲବ ସହିତ ମିଶି ଅଭ୍ୟାସ କରିଥିଲେ। ପିଏସ୍‌ଜି ମ୍ୟାନେଜମେଣ୍ଟ ସହିତ ମତ ପାର୍ଥକ୍ୟ ପରେ ଏମ୍‌ବାପେ କ୍ଲବ ଛାଡିବାକୁ ପ୍ରୟାସ କରିଥିଲେ। ଏପରି କି ଦଳ ସହିତ ସେ ଜାପାନ ଏବଂ ଦକ୍ଷିଣ କୋରିଆ ଗସ୍ତ କରି ନ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏମ୍‌ବାପେଙ୍କ ପାଇଁ ପିଏସ୍‌ଜିକୁ ୩୩୨ ମିଲିୟନ୍‌ର ଟ୍ରାନ୍ସଫର ଡିଲ୍ ମିଳିଥିଲା। ସାଉଦି ଆରବ କ୍ଲବ ଅଲ ହିଲାଲ ଏହି ଅର୍ଥ ଦେବା ପାଇଁ ରାଜି ଥିବାବେଳେ ଆଲୋଚନା ପାଇଁ ପ୍ୟାରିସ୍‌ରେ ପହଞ୍ଚିଥିଲେ। ତେବେ ଏମ୍‌ବାପେ ଅଲ ହିଲାଲ ପ୍ରତିନିଧିଙ୍କୁ ଭେଟିବାକୁ ମଧ୍ୟ ମନା କରି ଦେଇଥିଲେ। ଏହା ପରେ କ୍ଲବ ଓ ଏମ୍‌ବାପେଙ୍କ ମଧ୍ୟରେ ଦୂରତା ବଢ଼ିଥିଲା। ଏମ୍‌ବାପେ କ୍ଲବ ପରିବର୍ତ୍ତନ କରିବାକୁ ପ୍ରୟାସ ମଧ୍ୟ କରିଥିଲେ।

# ରାଜ୍ୟ ସ୍କୁଲ ଓପନ ଚେସ୍: ସାଇ ରଞ୍ଜନ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୧୩।୮ (ବିଜୟ ରଣା)**

ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ)ର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଟାଉନ୍‌ର ସାଇ ରଞ୍ଜନ ମିଶ୍ର ୫.୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ୟୁନିଟ୍-୮ ଡିଏଭି ସ୍କୁଲର ଶଙ୍କର ଦାଶ (୫.୫) ରନରଅପ୍ ଏବଂ ଲୋୟୋଲା ସ୍କୁଲର ଆୟୁଷ ପରିଡ଼ା (୫.୦) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଯଥାକ୍ରମେ ୩ୟ ରୁ ୧୦ମ ସ୍ଥାନ ମଧ୍ୟରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ତନୁଶ ସାହୁ, ଆୟାଂଶ ସାମଲ, ଆରିହାନ ମିଶ୍ର, ସାତ୍ତ୍ୱିକ ପଟ୍ଟନାୟକ, ସାଇ ପ୍ରସନ୍ନ ଜୟସିଂ, ଅଦିତି ମହାରଣା ଓ ଦୀପ୍ତରଞ୍ଜନ ସାହୁ। ଅନ୍ୟ ବୟସ ବର୍ଗ ପ୍ରତିଯୋଗିତା ଯଥା ୧୩ ବର୍ଷରୁ କମ୍ ବିଭାଗରେ ଅମନ ପଟ୍ଟନାୟକ ଓ ମିତ୍ରଭାନୁ ଖଟୁଆ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୧୧ ବର୍ଷରୁ କମ୍ ବିଭାଗରେ ଅଂଶୁମାନ ବେହେରା ଓ ସାନିଧ ସାହୁ, ୯ ବର୍ଷରୁ କମ୍ ବିଭାଗରେ ସାର୍ଥକ ପରିକ୍ଷିତ ପାଲ ଓ ଆଦର୍ଶ ସାହୁ ଏବଂ ୭ ବର୍ଷରୁ କମ୍ ବିଭାଗରେ ସତ୍ୟ ନାରାୟଣ ସ୍ୱାଇଁ ଓ ରିକ୍ଷିତ ରଞ୍ଜନ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ୟୁନିଟ୍-୮ ଡିଏଭି ସ୍କୁଲର ପ୍ରତୀମା ମହାପାତ୍ର, ନୀଳମାଧବ ଶ୍ରୀଚନ୍ଦନ ଓ ଖୋଖୋନ ବାଉତି ପ୍ରମୁଖ ଉପସ୍ଥିତ ଥିଲେ।



# Classified Everyday

0674-2580101, 2549949



REAL ESTATE



CONSTRUCTION





**SALE**

Chakeisihani Yellow Zone 1500sqft @1700 (Road 20ft and 100ft). 7008711445, 6372801963. D-1052

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

**3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424.** D-75203

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038





**Land with built up shed & Office space suitable for Large Firms, Business House available for rent 60,000sqft. Location on NH. Call: 9861394945, Mail to: pprasant897@gmail.com.** D-1036

**Land with building available for rent. Best suitable for Kalyan Mandap with some alteration. (a) 40-50 rooms can be created, (b) Banquet Hall, (c) Restaurant, (d) 10,000sqft. of 20ft. height shed, (e) Green area 40000sqft. Location on NH. Call: 7657012183, Mail to: pprasant897@gmail.com.** D-1035

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open SPA positively health benefits with expert therapist. 7849011931. D-75141

All types of professional body massage by professional therapy, contact 7077933109/ 9556924059/ 8658803018. D-1000

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75023

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Spa Kerala body Massage only best Therapist @699/- Bhubaneswar. 9337672475. D-1033

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Newly opened (one 8 SPA) / (Salon Service) with expert therapist. 9938843929. D-75143

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**



## LEGAL NOTICE

In The Court of the Senior Civil Judge (LR), Bhubaneswar
C.S. No.14/2012
Smt. Satyabhama Srichandan .......Plaintiff
Versus
Achyutananda Samantara & Others .....Defendants
TO 31-08-2023
U/O.5 R.20, C.P.C.

To
9. Umesh Chandra Rout, aged about 48 years, Son of Trilochan Rout, At- Dhanakania, P.O.- Baulajoda, P.S/Via-Chandabali, Dist.- Bhadrak. 18. Sri Samir Kumar Ray, aged about 27 years, Son of Subas Chandra Ray, At/P.O.- Pegarpada, Via- Olaver, P.S.- Rajkanika, Dist.- Kendrapada. 20. Amiya Ranjan Nayak, aged about 30 years, Son of Ananga Kishore Nayak, Resident of At- Kunjakanta, P.O-Dhenkanal, P.S.-Sadar, Dist.- Dhenkanal. 28. Gayadhar Jena, aged about 40 years, Managing Director of Sarala Realcon Pvt. Ltd., S/o.Gangadhara Jena, At- Plot No.- 1124, Jayadurga Nagar, P.O.-Busheswari, P.S.-Laxmisagar, Bhubaneswar, Dist.-Khurda
-Defendants

Whereas, the plaintiff has instituted a suit against you for Partition/Cancellation of Sale Deeds and Permanent Injunction (copy attached), you are hereby summoned to appear in this Court in person or by a pleader duly instructed and able to answer all material questions relating to the suit, or who shall accompany by some Person able to answer all such questions, on the 31st day of August 2023 at 10.30 AM O' clock in the noon, to answer the claim; and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power or not, as evidence in support of your defence or claim for set-off or counterclaim, you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court, this 7th day of July 2023.

SCHEDULE OF PROPERTY

Dist.- Khurdha, P.S.-Laxmisagar, Mouza: Bomikhal, Unit-12, Bhubaneswar, Sabik P.S.- New Capital, Final Consolidation Khata No.2, Plot No.79, Area Ac.0.025 dec., Kisam Homestead Valued at Rs. 10,00,000/-, Khata No.3, Plot No. 144, Area Ac.0.100 dec., Plot No.145, Area Ac 0.038 dec., Plot No.142, Area Ac 0.050 dec. Total Area Ac.0.188 dec. Kisam Homestead with two storied building valued at Rs.5,00,000/-. Thus totally valued at Rs. 15,00,000/-, Khata No.407/586, Plot No.98/1090, Area Ac.0.070 dec., Kisam Homestead with building worth of Rs.12,00,000/-. Thus totally valued at Rs 30,00,000/-, P.S.-Sahid Nagar, Mouza- Koradakanta, Khata No.5, Plot No.10, Area Ac.0.522 dec. valued at Rs. 14,00,000/-.

SCHEDULE-C

Dist.- Khurda, P.S.- Laxmisagar, Sabik P.S.- New Capital Khata No.407/586, Plot No.98/1090, Area Ac.0.070 dec., Kisam Homestead with Building worth of Rs.12,00,000/-. Thus totally valued of Rs.30,00,000/-, P.S.- Sahid Nagar, Mouza- Koradakanta, Khata No.5, Plot No.410, Area Ac.0.803 dec. Valued of Rs.11,00,000/-.

Sd./- 07.08.23 SR.CIVIL JUDGE (LR)
BHUBANESWAR
D-1051

ନୋଟିସ୍

ନମ୍ବର.2143 ତାରିଖ.10/08/23

ମାନନୀୟ

ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ କୋର୍ଟ ନମ୍ବର ୪, ସ୍ଥାନ- ସରକାରୀ ଅଫିସ୍, ୟୁନିଟ୍-୫, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତରକୋଠା, ଭୁବନେଶ୍ୱର, ଓ. ଏସ୍ ଏସ କେସ୍ ନମ୍ବର ୭୬୮/୨୦୨୨।

(୧) ଶ୍ରୀମତୀ ଶ୍ୱେତା ପଟ୍ଟନାୟକ, ବୟସ-୪୭, ସ୍ୱାମୀ- ଅମୃତ ବିକାଶ ପଟ୍ଟନାୟକ, କ୍ୱାର୍ଟର ନମ୍ବର- ସି/୩୫୮, ପୋଷ୍ଟ ଅଫିସ୍/ଥାନା (ନାଲ୍‌କୋନଗର), ଜିଲ୍ଲା-ଅନୁଗୁଳ .....ବାଦୀ

ବନାମ

ଓଡ଼ିଶା ସରକାର ତରଫ ଜିଲ୍ଲା ଅଧକ୍ଷ, ଜିଲ୍ଲା-ଖୋର୍ଦ୍ଧା ଏବଂ ଓଗେର ......ପ୍ରତିବାଦୀ

ପ୍ରାପ୍ତେଷୁ

ପ୍ରତିବାଦୀ ନମ୍ବର-୪, ଶ୍ରୀ ତ୍ରିନାଥ ସାହୁ, ବୟସ- ୬୩, ପିତା-ସ୍ୱର୍ଗତ କାଶୀନାଥ ସାହୁ, ବାସସ୍ଥାନ- ରଙ୍ଗୀନପାଟଣା, ଥାନା ଓଡ଼ଗାଁ, ଜିଲ୍ଲା-ଖୋର୍ଦ୍ଧା।

ନୋଟିସ୍

ସି.ପି.ସି ଅର୍ଡର-୫, ରୁଲ- କୋଡ଼ିଏ ମୁତାବକ ଏହିକି ଯେ ଉପରୋକ୍ତ ମୋକଦ୍ଦମାରେ ନୋଟିସ୍ ପ୍ରେରଣ କରିଥିଲେ ମଧ୍ୟ ଆପଣ ସେଠାରେ ନଥିବାରୁ ତାହା ଆପଣଙ୍କୁ ଜାରି ହୋଇପାରୁ ନାହିଁ। ଆପଣଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମକୁ ଜଣାନାହିଁ। ଏଣୁ ଏ ଓଡ଼ିଆ ଖବର କାଗଜ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଆସନ୍ତା **18.09.2023** ତାରିଖ ଦିନ ପୂର୍ବାହ୍ନ ଘଣ୍ଟା ୧୧.୩୦ ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜିର ହୋଇ ଶୁଣାଣିରେ ଅଂଶ ଗ୍ରହଣ କରିବେ। ଏଥିକୁ ହେଳାକଲେ ଉକ୍ତ ମକଦ୍ଦମାଟି ଏକତରଫା ବିଚାର କରାଯିବ।

ବାଦୀଙ୍କ ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ଥାନା-ଚନ୍ଦକା, ମୌଜା- ପଥର ଗଡ଼ିଆ, ଖାତା ନମ୍ବର - ୨୨୩୯, ପ୍ଲଟ୍ ନଂ- ୪୬୭୩, ଏରିଆ- ଏ୦.୧୧୫ ଡିସିମିଲ ଯାହା ସାବକ ପ୍ଲଟ୍ ନଂ ୧୧୯୮/୧୭୩୫/୨୭୩୧ ଏ୦.୧୨୫ ଡିସିମିଲ ଅଣ୍ଡର ମ୍ୟୁଟେସନ୍ ଖାତା ନମ୍ବର ୩୨୫/୧୦୪୨

ଭୁବନେଶ୍ୱର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ କୋର୍ଟଙ୍କ ଅନୁମୋଦନ କ୍ରମେ, କୋର୍ଟ ଅଫିସର, ସରକାରୀ ଅଫିସ୍ ୟୁନିଟ୍ - ୫, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର।

ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./- ବନ୍ଦୋବସ୍ତକମିଶନର
ଅତିରିକ୍ତ ରିଭିଜନ
କୋର୍ଟ ନଂ.୪, ଭୁବନେଶ୍ୱର
ଧ-୧୦୪୧

# ଚିନ୍ମୟୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭୁବନେଶ୍ୱରରେ ପହଞ୍ଚିବା ପରେ ଚିନ୍ମୟୀ ଭୂୟାଁଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୩।୮ (ବିଜୟ ରଣା)**

### ବିଶ୍ୱ ପୋଲିସ କରାଟେରେ ସଫଳତା

କାନାଡାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଫାୟାର ଗେମ୍ସରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଚିନ୍ମୟୀ ଭୂୟାଁଙ୍କୁ ଭୁବନେଶ୍ୱରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚିନ୍ମୟୀ ଭୁବନେଶ୍ୱର ସହାରାଞ୍ଚଳ ପୋଲିସ ଜିଲାରେ କାର୍ଯ୍ୟରତ। ସେ ୬୦କେଜି ବର୍ଗ ବିଶିଷ୍ଟ ଏକକ ଫାଇଟ୍ କରାଟେ ବର୍ଗରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଫେରିବା ପରେ ଚିନ୍ମୟୀଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ଏଲ୍. ବିଜୟରତ୍ନମ, ପୋଲିସ କନେଷ୍ଟବଳ ଓ ହାବିଲଦାର ସଂଘ ସଭାପତି ମହମ୍ମଦ କୁଦିସ, ରିଜର୍ଭ ପୋଲିସ କ୍ରୀଡ଼ା ଅଧିକାରୀ ଏସ୍.କେ. ସକାବତ ଅଲିଙ୍କ ସମେତ ଉତ୍କଳ କରାଟେ ସ୍କୁଲର ଅନେକ ଜାତୀୟ, ଅନ୍ତର୍ଜାତୀୟ ଖେଳାଳି ଏବଂ ଚିନ୍ମୟୀଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ପୋଲିସ ବ୍ୟାଣ୍ଡର ମଧ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ବିମାନ ବନ୍ଦର ପରେ ଚିନ୍ମୟୀଙ୍କୁ ପ୍ରଥମେ ଉତ୍କଳ କରାଟେ ସ୍କୁଲ ଏବଂ ପରେ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୂଚନାଯୋଗ୍ୟ, ଚିନ୍ମୟୀ ଉତ୍କଳ କରାଟେ ସ୍କୁଲର ଜଣେ ଛାତ୍ରୀ।

# ଓଡ଼ିଶା ଖେଳାଳିଙ୍କୁ ୯ ପଦକ



ବଡବିଲ ରେଳ ଷ୍ଟେଶନରେ ପଦକ ବିଜୟୀ ଉଷୁ ଖେଳାଳି ଓ ଅନ୍ୟମାନେ।

**ବଡବିଲ, ୧୩।୮ (ଦେବପ୍ରିୟ ରଣା)**

### ୨୨ ତମ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ

ବିହାରର ପାଟନାସ୍ଥିତ ପାଟଳୀପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୨୨ ତମ ଜୁନିୟର ଜାତୀୟ ଉଷୁ ଚମ୍ପିୟନଶିପ୍‌ରେ ଓଡ଼ିଶାକୁ ୯ଟି ପଦକ ମିଳିଛି। ଓଡ଼ିଶା ଖେଳାଳି ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ବେଳେ ୫ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳର ଖେଳାଳି ବଡବିଲ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ଅଗଷ୍ଟ ମାସ ୬ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ପାଟଳୀପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୨୨ ତମ ଜୁନିୟର ଜାତୀୟ ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନଶିପର ବିଭିନ୍ନ ବର୍ଗରେ ଓଡ଼ିଶାକୁ ମୋଟ ୯ଟି ପଦକ ମିଳିଥିବା ନେଇ ଓଡିଶା ଉଷୁ କୋଚ୍ ପଙ୍କଜ ମହାନ୍ତ ସୂଚନା ଦେଇଛନ୍ତି। ବାବୁଲୁ ମୁଣ୍ଡା ଏବଂ ସ୍ୱେତାରାଣୀ ମହାନ୍ତ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ, ସୁମିତ୍ରା ମୁଣ୍ଡା ଏବଂ ପ୍ରେମ ମୁଣ୍ଡା ରୌପ୍ୟ ପଦକ ଜିତିଛନ୍ତି। ସେହିପରି ରାଜକୁମାର ମୁଣ୍ଡା, ପ୍ରତୀକ କୁମାର ମହାପାତ୍ର, ପାୟଲ ପଟ୍ଟନାୟକ, ଆଶିଷ ଧିରଦେଓ ସାମନ୍ତ ଓ ନୂପୁର ପଟ୍ଟନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରବିବାର ଅପରାହ୍ନରେ ଓଡ଼ିଶା ଦଳ ସହିତ ପଙ୍କଜ ବଡବିଲ ରେଳ ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ଫୁଲତୋଡା ଦେଇ ଖେଳାଳି ମାନଙ୍କୁ ସ୍ୱାଗତ କରିଥିଲେ।

# ଓଡ଼ିଶା ଖେଳାଳିଙ୍କୁ ୨୪ ପଦକ

**ଭୁବନେଶ୍ୱର, ୧୩।୮ (ସରୋଜ ଜେନା)**

ଦିଲ୍ଲୀର ତାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡେପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କୁ ୨୪ ପଦକ। ଓଡ଼ିଶା ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହିତ ୧୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଦ୍ୱିତୀୟ ଓ ତୃତୀୟ ଦିନର ଖେଳରେ ଓଡ଼ିଆ ଖେଳାଳିମାନେ ୧୧ ସ୍ୱର୍ଣ୍ଣ ଜିତିଥିବା ବେଳେ ୩ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସବ୍‌ଜୁନିୟର କାଟାରେ ଆକାଂକ୍ଷା ଦାସ, ଓମ୍ ସତ୍ୟମ ମହାନ୍ତି, ଜିଜ୍ଞାସା ମହାନ୍ତି, ଆର୍ଯ୍ୟ ଭସ୍ମିକା, ନକ୍ସ ପୋଦାର, ଅଭିନବ ଅରନ୍ଦିତ୍ୟା ସ୍ୱାଇଁ, ଅପରାଜିତା ପଲ୍ ଓ ଜ୍ୟୋତିର୍ମୟୀ ରଣା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ଦେବର୍ଷିତା ମହାନ୍ତି, ଆର୍ଯ୍ୟବୀର ନାୟକ, ଅରନ୍ଦିତ୍ୟା ସ୍ୱାଇଁ ରୌପ୍ୟ ପଦକ ହାସଲ କରିଛନ୍ତି। ରାଜୀବ ସିଂ ଅଫିସିଆଲ ଭାବରେ ଦଳ ସହିତ ଗସ୍ତ କରିଥିଲେ।

# ଇତିହାସ ରଚିବ ଚନ୍ଦ୍ରୟାନ-୩



ନିକୁଞ୍ଜ ବିହାରୀ ସାହୁ

''ବିଳମ୍ବରେ ହେଲେ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥାନ (ଇସ୍ରୋ) ଚଳିତ ବର୍ଷ ଜୁଲାଇ ୧୪ ତାରିଖ ଦିନ ଚନ୍ଦ୍ରକୁ ନିଜର ଏକ ନୂତନ ଅଭିଯାନ 'ଚନ୍ଦ୍ରୟାନ-୩' ପ୍ରେରଣ କରିଛି। ଏହା ପୃଥିବୀ ଚାରିପଟେ କିଛି ଦିନ ଅଣ୍ଡାକାର ପଥରେ ଘୂରିବା ପ୍ରକ୍ରିୟା ସମାପ୍ତ କରି ଅନ୍ତରୀକ୍ଷରେ ଦୀର୍ଘ ୨୨ ଦିନ ଯାତ୍ରା କଲା ପରେ ୩,୮୪,୦୦୦ କି.ମି. ପଥ ଅତିକ୍ରମ ପୂର୍ବକ ଗତ ଅଗଷ୍ଟ ୬ ତାରିଖରେ ସଫଳତାର ସହ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଯାଇଛି। ଇତିମଧ୍ୟରେ ଯାନର କ୍ୟାମେରା ଚନ୍ଦ୍ରପୃଷ୍ଠର ଫଟୋଚିତ୍ର ଉତ୍ତୋଳନ କରି ପୃଥିବୀକୁ ପ୍ରେରଣ କରିଛି। ଏହା କିଛିଦିନ ଚନ୍ଦ୍ରକୁ ଏକ ବୃତ୍ତାକାର କକ୍ଷରେ ପରିକ୍ରମା କଲା ପରେ ଆଗାମୀ ଅଗଷ୍ଟ ୨୩ ତାରିଖ ଦିନ ଏକ ସ୍ୱତନ୍ତ୍ର ଯାନକୁ ଚନ୍ଦ୍ରପୃଷ୍ଠର ବୈଜ୍ଞାନିକ ଅନୁସନ୍ଧାନ ନିମନ୍ତେ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ନିରାପଦ ଭାବେ ଅବତରଣ କରାଇବାକୁ ଯୋଜନା ରହିଛି।''

ଜହ୍ନ ରାଇଜର ଏହି ରହସ୍ୟ ରୋମାଞ୍ଚ ଘେରା ପ୍ରସଙ୍ଗ ଉଦ୍‌ଘାଟନ କରିବା ପାଇଁ ମନୁଷ୍ୟ କେଉଁ ଆବହମାନ କାଳରୁ ଉଦ୍ୟମ କରି ଆସିଛି। ରୁଷିଆର ଏକ ଯାନ ଲୁନା-୨, ୧୯୫୯ ମସିହା ସେପ୍ଟେମ୍ବର ୧୪ ତାରିଖରେ ପ୍ରଥମେ ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରେ। ଏହି ସିରିଜର ପରବର୍ତ୍ତୀ ଯାନ ଲୁନା-୩ ସେହି ୧୯୫୯ ମସିହା ଅକ୍ଟୋବର ୭ ତାରିଖରେ ଚନ୍ଦ୍ର ଚାରିପଟେ ଏକ ଉପଗ୍ରହ ସଦୃଶ ଘୂରିଘୂରି ପ୍ରଥମଥର ପାଇଁ ଚନ୍ଦ୍ରର ଦୂରପାର୍ଶ୍ୱର ଫଟୋଚିତ୍ର ଉତ୍ତୋଳନ କରେ। ରୁଷିଆର ଅନ୍ୟ ଦୁଇ ଯାନ ଲୁନା-୯ ଓ ଲୁନା-୧୭, ୧୯୬୬ ମସିହାରେ ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରିବାକୁ ସକ୍ଷମ ହୁଅନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଆପୋଲୋ-୮ ଜରିଆରେ ତିନି ଜଣ ମହାକାଶଚାରୀ ୧୯୬୮ ମସିହା ଡିସେମ୍ବର ୨୪ ତାରିଖ ଦିନ ଚନ୍ଦ୍ରକୁ ସଫଳତା ପୂର୍ବକ ପରିକ୍ରମା କରିବାକୁ ସକ୍ଷମ ହୁଅନ୍ତି। ମାତ୍ର ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଥିଲା ୧୯୬୯ ମସିହା ଜୁଲାଇ ୨୦ ତାରିଖର ଦିନଟି; ଏହି ଦିନ ତିନି ଜଣ ମହାକାଶଚାରୀଙ୍କୁ ନେଇ ଯାଇଥିବା ଯୁକ୍ତରାଷ୍ଟ୍ର ଆମେରିକାର ଅନ୍ୟ ଏକ ଯାନ ଆପୋଲୋ-୧୧ ଚନ୍ଦ୍ରପୃଷ୍ଠରେ ସଫଳତା ପୂର୍ବକ ଅବତରଣ କରେ ଏବଂ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ସର୍ବପ୍ରଥମେ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରନ୍ତି। ପରବର୍ତ୍ତୀ ୧୯୭୦ ମସିହା ନଭେମ୍ବର ୧୭ ତାରିଖରେ ରୁଷିଆ ଚନ୍ଦ୍ର ପୃଷ୍ଠକୁ ଏକ ସଫଳ ଅଭିଯାନ ପ୍ରେରଣ କରିଥିଲା। ଏଥିରୁ ଏକ ଚକଲଗା ଗାଡି (ନାମ: ଲୁନାଖୋଡ଼-୧) ବାହାରି ଚନ୍ଦ୍ରପୃଷ୍ଠରେ ଗଡିଗଡି ବିଚରଣ କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକା ୧୯୭୨ ମସିହା ଡିସେମ୍ବର ମାସରେ ଆପୋଲୋ -୧୭ ଯାନ ଜରିଆରେ ଚନ୍ଦ୍ରକୁ ନିଜର ଶେଷ ଅଭିଯାନ ପ୍ରେରଣ କରିଥିଲା। ପରବର୍ତ୍ତୀ ସମୟରେ, ରୁଷିଆର ଅନ୍ୟ ତିନି ଅଭିଯାନ ଯଥା ଲୁନା -୧୬, ଲୁନା - ୨୦ ଓ ଲୁନା -୨୪ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ସମୁଦାୟ ୬ଟି ଅଭିଯାନ (ଯଥା ଆପୋଲୋ-୧୨ ରୁ ଆପୋଲୋ - ୧୭: ଆପୋଲୋ-୧୩ ବ୍ୟତୀତ) ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ଓ ପଥର ସଂଗ୍ରହ କରି ପୃଥିବୀକୁ ଆଣିବାକୁ ସକ୍ଷମ ହୋଇଛନ୍ତି। ଇତିମଧ୍ୟରେ ଗତ ୨୦୧୯ ମସିହା ଜାନୁୟାରୀ ୩ ତାରିଖରେ ଚାଇନା ବିଶ୍ୱର ତୃତୀୟ ରାଷ୍ଟ୍ର ରୂପେ ନିଜର ଏକ ଯାନ 'ଚ୍ୟାଙ୍ଗ୍-୪' କୁ ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ଭାବେ ସଫଳ ଅବତରଣ କରାଇବାରେ ସକ୍ଷମ ହୋଇଛି।



**ଭାରତର ଚନ୍ଦ୍ର ଅଭିଯାନ :** ଚନ୍ଦ୍ର ଦୌଡ଼ରେ ଆମ ଦେଶ ଭାରତ ମଧ୍ୟ ପଛରେ ପଡିନାହିଁ। ବିଳମ୍ବରେ ହେଲେ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥାନ (ଇସ୍ରୋ) ଚଳିତ ବର୍ଷ ଜୁଲାଇ ୧୪ ତାରିଖ ଦିନ ଚନ୍ଦ୍ରକୁ ନିଜର ଏକ ନୂତନ ଅଭିଯାନ 'ଚନ୍ଦ୍ରୟାନ-୩' ପ୍ରେରଣ କରିଛି। ଏହା ପୃଥିବୀ ଚାରିପଟେ କିଛି ଦିନ ଅଣ୍ଡାକାର ପଥରେ ଘୂରିବା ପ୍ରକ୍ରିୟା ସମାପ୍ତ କରି ଅନ୍ତରୀକ୍ଷରେ ଦୀର୍ଘ ୨୨ ଦିନ ଯାତ୍ରା କଲା ପରେ ୩,୮୪,୦୦୦ କି.ମି ପଥ ଅତିକ୍ରମ ପୂର୍ବକ ଗତ ଅଗଷ୍ଟ ୬ ତାରିଖରେ ସଫଳତାର ସହ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରି ଯାଇଛି। ଇତି ମଧ୍ୟରେ ଯାନର କ୍ୟାମେରା ଚନ୍ଦ୍ରପୃଷ୍ଠର ଫଟୋଚିତ୍ର ଉତ୍ତୋଳନ କରି ପୃଥିବୀକୁ ପ୍ରେରଣ କରିଛି। ଏହା କିଛି ଦିନ ଚନ୍ଦ୍ରକୁ ଏକ ବୃତ୍ତାକାର କକ୍ଷରେ ପରିକ୍ରମା କଲା ପରେ ଆଗାମୀ ଅଗଷ୍ଟ ୨୩ ତାରିଖ ଦିନ ଏକ ସ୍ୱତନ୍ତ୍ର ଯାନକୁ ଚନ୍ଦ୍ରପୃଷ୍ଠର ବୈଜ୍ଞାନିକ ଅନୁସନ୍ଧାନ ନିମନ୍ତେ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ନିରାପଦ ଭାବେ ଅବତରଣ କରାଇବାକୁ ଯୋଜନା ରହିଛି। ଏହି ଅଭିଯାନ ଜରିଆରେ ଭାରତ ଚନ୍ଦ୍ରମାଟିକୁ ଛୁଇଁବାର ଆଶା ରଖିଛି। ଏହି ଅଭିଯାନ ସଫଳ ହେଲେ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧିରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷ୍ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହେବ। ଏହା ସମଗ୍ର ଦେଶ ପାଇଁ କମ୍ ଗୌରବର କଥା ନୁହେଁ।

ଭାରତ ଚନ୍ଦ୍ର ଅଭିମୁଖେ ନିଜର ପ୍ରଥମ ଅଭିଯାନ ବିଗତ ୨୦୦୮ ମସିହା ଅକ୍ଟୋବର ୨୨ ତାରିଖ ଦିନ 'ଚନ୍ଦ୍ରୟାନ-୧' ଜରିଆରେ ପ୍ରେରଣ କରିଥିଲା। ଏହି ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଯାନ ୨୦୦୮ ମସିହା ନଭେମ୍ବର ୮ ତାରିଖରେ ଚନ୍ଦ୍ର କକ୍ଷପଥରେ ପ୍ରବେଶ କରି ଚନ୍ଦ୍ରକୁ ପରିକ୍ରମା କରିବା ସହିତ ନିଜର ଦୂରସମ୍ବେଦୀ ଯନ୍ତ୍ରାବଳି ଜରିଆରେ ଚନ୍ଦ୍ରପୃଷ୍ଠର ଖଣିଜ ସମ୍ପଦ, ପାଣିପାଗ, ଜଳର ଉପସ୍ଥିତି ଆଦି ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲା। ଏକ ସ୍ମରଣୀୟ ଘଟଣା ରୂପେ, ୨୦୦୮ ମସିହା ନଭେମ୍ବର ୧୪ ତାରିଖ ଦିନ ଏହି ଯାନରୁ ଏକ ଉପକରଣ ବିଚ୍ଛିନ୍ନ ହୋଇ ଚନ୍ଦ୍ରପୃଷ୍ଠକୁ ଆଘାତ କରି ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ଚନ୍ଦ୍ରମାଟିରେ ଭାରତର ଜାତୀୟ ପତାକା ନିଦର୍ଶନ ସ୍ଥାପନ କରିଥିଲା। ଚନ୍ଦ୍ରୟାନ-୧ ଚନ୍ଦ୍ରକୁ ୩୪୦୦ ଥର ପରିକ୍ରମା କରିବା ପରେ ଦୁର୍ଭାଗ୍ୟକ୍ରମେ ୨୦୦୯ ମସିହା ଅଗଷ୍ଟ ୨୯ ତାରିଖ ଦିନ ତ୍ରୁଟିଯୁକ୍ତ ହୋଇ ବୈଜ୍ଞାନିକମାନଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ମାତ୍ର ଚନ୍ଦ୍ରୟାନ-୧ ର ଏକ ବଡ଼ ଉପଲବ୍ଧି ଥିଲା ଚନ୍ଦ୍ରପୃଷ୍ଠରେ ଜଳ ଅଣୁର ସନ୍ଧାନ। ଏହାର ସଂଗୃହୀତ କିଛି ତଥ୍ୟକୁ ଭିତ୍ତିକରି ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା ନାସା ଓ ଭାରତୀୟ ଅନ୍ତରୀକ୍ଷ ସଂସ୍ଥା ଇସ୍ରୋର ବୈଜ୍ଞାନିକମାନେ ପରବର୍ତ୍ତୀ ସମୟରେ ଚନ୍ଦ୍ରପୃଷ୍ଠରେ ଜଳର ଅଣୁ ଉପସ୍ଥିତ ଥିବାର ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଭାରତ ଚନ୍ଦ୍ର ଅଭିମୁଖେ ନିଜର ଦ୍ୱିତୀୟ ଅଭିଯାନ ଦୀର୍ଘ ୧୧ ବର୍ଷର ନୀରବତା ପରେ, ଗତ ୨୦୧୯ ଜୁଲାଇ ୨୨ ତାରିଖରେ ଭାରତ ଚନ୍ଦ୍ରପୃଷ୍ଠକୁ ନିଜର ଦ୍ୱିତୀୟ ଅଭିଯାନ 'ଚନ୍ଦ୍ରୟାନ-୨' ଜରିଆରେ ପ୍ରେରଣ କରିଥିଲା। ଏହି ପ୍ରକଳ୍ପରେ ସମୁଦାୟ ୬୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଯାନ ୨୦୧୯ ଅଗଷ୍ଟ ୨୨ ତାରିଖରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରି ଚନ୍ଦ୍ରକୁ ପରିକ୍ରମା କରିବାକୁ ଆରମ୍ଭ କରିଥିଲା। ପ୍ରଥମ ଅଭିଯାନରେ ଯେଉଁ ଆଶା ଅସମ୍ପୂର୍ଣ୍ଣ ରହି ଯାଇଥିଲା ଚନ୍ଦ୍ରୟାନର ଦ୍ୱିତୀୟ ଅଭିଯାନରେ ସେସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରଥମ ଅଭିଯାନଟି କେବଳ ଚନ୍ଦ୍ରପୃଷ୍ଠ ଉପରେ ଆକାଶରେ ରହି ଚନ୍ଦ୍ରକୁ ପ୍ରଦକ୍ଷିଣ କରିବା ତଥା ଯାନଟିରୁ ନିର୍ଗତ ଏକ ଉପକରଣ ଜରିଆରେ ଚନ୍ଦ୍ରପୃଷ୍ଠରେ ପିଟିହୋଇ ଚନ୍ଦ୍ରମାଟିକୁ ଛୁଇଁବାରେ ସୀମିତ ଥିଲା। ମାତ୍ର ଏହି ଅଭିଯାନ ଚନ୍ଦ୍ରପୃଷ୍ଠରେ ଏକ ଯାନକୁ ଧୀର ଅବତରଣ କରାଇ ଚନ୍ଦ୍ରପୃଷ୍ଠର ବିସ୍ତୃତ ବୈଜ୍ଞାନିକ ଅନୁସନ୍ଧାନ କରିବା ନିମନ୍ତେ ଅଭିପ୍ରେତ ନଥିଲା। (କ୍ରମଶଃ..)

-ଏଜୁକେଶନ୍ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୯୧୭୬୩୭୯୭୪

# ୪ଟି କଥା



ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ଆଜିକାଲି ବଡ଼ କଥା ହୋଇଗଲାଣି। କାରଣ ବ୍ୟସ୍ତମୟ ଜୀବନରେ ଅନେକେ ଏଥିପ୍ରତି ଠିକ୍ ଭାବରେ ନଜର ଦେଇ ନ ଥାନ୍ତି। ଫଳରେ ଭବିଷ୍ୟତରେ ସେମାନେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ତେବେ ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ ମୁଖ୍ୟତଃ ୪ଟି କଥା ପ୍ରତି ବିଶେଷ ନଜର ଦିଅନ୍ତୁ। ଏଗୁଡ଼ିକୁ ଆପଣ ଅତି ସହଜରେ ମଧ୍ୟ ତୁଲାଇ ପାରିବେ। ପ୍ରଥମତଃ ଶୋଇବା ସମୟ ନିର୍ଦ୍ଧାରଣ କରନ୍ତୁ। ଠିକ୍ ସମୟରେ ଶୁଅନ୍ତୁ ଏବଂ ଉଠନ୍ତୁ। ରାତିରେ ଶୋଇବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ଖାଇବା ପରେ ପରେ ବିଛଣାକୁ ନ ଯାଇ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ହଜମ ହୋଇଥାଏ ଏବଂ ଭଲ ନିଦ ହୁଏ। ଦ୍ୱିତୀୟ କଥା ହେଲା ବ୍ୟାୟାମ। ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଏଗୁଡ଼ିକର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତୃତୀୟ କଥା ହେଲା ସନ୍ତୁଳିତ ଓଜନ। ସବୁବେଳେ ନିଜ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଯଦି ଓଜନ ବୃଦ୍ଧି ସମସ୍ୟା ଦେଖାଦିଏ ତେବେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଚତୁର୍ଥ ବିଷୟଟି ହେଲା-ଟେନସନଠାରୁ ଦୂରେଇ ରହିବା। ଆଜିକାଲି କାମ ବୋଝରୁ ହେଉ ଅବା କେତେକ କାରଣରୁ ଅନେକ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି। ତେଣୁ ଯୋଜନା ମୁତାବକ କାମ କରନ୍ତୁ। ନିଜକୁ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଉପରୋକ୍ତ ଚାରୋଟି ବିଷୟ ଆପଣଙ୍କୁ ଅନେକାଂଶରେ ସୁସ୍ଥ ରଖିବାରେ ସାହାଯ୍ୟ କରିବ।

# ଅଣ୍ଟାବିନ୍ଧା ହୋଇପାରେ କ୍ୟାନ୍‌ସରର କାରଣ



ଅଣ୍ଟା ବିନ୍ଧା ପରି ସ୍ୱାସ୍ଥ୍ୟ ସମସ୍ୟା ସହ ଆପଣ ଜଡିତ କି? ଯଦି ହଁ, ତେବେ ପ୍ରାରମ୍ଭରୁ ଏହାର ଉପଯୁକ୍ତ ଚିକିତ୍ସା କରାଇ ନିଅନ୍ତୁ। ନ ହେଲେ, ଯଦି ଏଭଳି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହେ ତେବେ ଆଉ ଏକ ଗୁରୁତର ରୋଗର ଆପଣ ସମ୍ମୁଖୀନ ହୋଇପାରନ୍ତି। ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଶେଷଜ୍ଞମାନେ। ଏକ ସଦ୍ୟତମ ଗବେଷଣାରୁ ସେମାନେ ଏଭଳି କଥା ଜାଣିପାରିଛନ୍ତି। ଦୀର୍ଘକାଳୀନ ଅଣ୍ଟା ବିନ୍ଧା ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଥିଲେ। ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ ଅଣ୍ଟା ବିନ୍ଧା ଠାରୁ ଦୂରେଇ ରହିବାକୁ ହେଲେ ପ୍ରଥମେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। କାରଣ ଓଜନ ବଢ଼ିଲେ ତାହାର ପ୍ରଭାବ ଅଣ୍ଟା ଉପରେ ପଡ଼ିଥାଏ। ଏହାବ୍ୟତୀତ ଆବଶ୍ୟକତାଠାରୁ ଅଧିକ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। ବିଶେଷଭାବରେ ବୟସ ବଢ଼ିଲେ ଏଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେଣୁ ସେହି ସମୟରେ ଏଥିପ୍ରତି ସତର୍କ ରୁହନ୍ତୁ।

# ଉପକାରୀ ସଜନା ଶାଗ

ନିଜକୁ ସୁସ୍ଥ ତଥା ଫିଟ୍ ରଖିବା ପାଇଁ ଆମେ ବିଭିନ୍ନ ପ୍ରକାର ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଉଥାଉ। ସେଗୁଡ଼ିକ ମଧ୍ୟରୁ ସଜନା ଶାଗ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ଶାଗରେ କ୍ୟାଲ୍‌ସିୟମ୍, ପୋଟାସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ଭିଟାମିନ୍-ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୃଷ୍ଟି ଶକ୍ତିକୁ ଦୃଢ଼ ରଖିବାରେ ସାହାଯ୍ୟ କରେ। ସେହିପରି ଭିଟାମିନ୍-ସି ବାହ୍ୟ ଜୀବାଣୁ କବଳରୁ ରକ୍ଷା କରିଥାଏ। ଠିକ୍ ସେହିପରି ଭିଟାମିନ୍-ଇ ରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ



ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ନିୟମିତ ସଜନା ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ରକ୍ତଚାପ କେତେକାଂଶରେ ସନ୍ତୁଳିତ ରହେ। ଏହା ମଧ୍ୟ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି କରେ। ଜଣେ ଯକ୍ଷ୍ମା ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏହା ଲିଭର୍ ସେଲ୍‌କୁ ନଷ୍ଟ ହେବାକୁ ଦେଇ ନ ଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଅସ୍ଥିକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ଆଣ୍ଠୁ, ଗଣ୍ଠି ବାତ ହେବାକୁ ମଧ୍ୟ ଏହା ଦେଇ ନ ଥାଏ। ମୋଟା ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ। ଶରୀରର ଚର୍ବି ଅଂଶକୁ ଏହା ଅନେକାଂଶରେ କମାଇଥାଏ। ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ଖାଦ୍ୟ ହଜମ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

# ସ୍ୱାସ୍ଥ୍ୟ ସୂଚନା

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ଆମଠାରେ ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏଗୁଡ଼ିକ ପରିମାଣ ସୀମିତ ରଖନ୍ତୁ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।

➤ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।



➤ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ଏହା ମାନସିକତାକୁ ସକାରାତ୍ମକ ରଖିଥାଏ।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସହ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।

➤ଖାଦ୍ୟ ତାଲିକାରେ ସବୁବେଳେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ।

➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

# ବର୍ଷାଦିନେ ସ୍ୱାସ୍ଥ୍ୟ ସମସ୍ୟା



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ବର୍ଷକ ବାରମାସ। ତନ୍ମଧ୍ୟରୁ ବର୍ଷା ଚାରିମାସରେ ସାଧାରଣତଃ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଏହି ରୋଗଗୁଡ଼ିକୁ ନିୟନ୍ତ୍ରଣ, ନିରାକରଣ ଓ ପ୍ରତିରୋଧ ପାଇଁ ଯଥା ସମୟରେ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**ମ୍ୟାଲେରିଆ:** ସାରା ପୃଥିବୀରେ ସାଧାରଣତଃ ଚାରି ପ୍ରକାର ମ୍ୟାଲେରିଆ ପାରାସାଇଟ ଦେଖାଯାଇଥାଏ। ସେଗୁଡ଼ିକ ହେଲା- (୧) ପ୍ଲାଜମୋଡ଼ିୟମ ଫଲ୍‌ସି ଫରମ, (୨) ପ୍ଲାଜମୋଡ଼ିୟମ ଭାଇବେକ୍ସ, (୩) ପି. ଓଭେଲା ଏବଂ (୪) ପି. ମ୍ୟାଲେରିଆ। ଏହି ଚାରୋଟି ମଧ୍ୟରୁ ଆମ ଭାରତରେ ପ୍ରଥମ ଦୁଇଟି- ପ୍ଲାଜମୋଡ଼ିୟମ ଫଲସି ଫରମ ଓ ପ୍ଲାଜମୋଡ଼ିୟମ ମ୍ୟାଲେରିଆ ପାରାସାଇଟ ହିଁ ଦେଖାଯାଇଥାଏ। ଏ ଦୁଇଟିରୁ ପ୍ଲାଜମୋଡ଼ିୟମ ଫଲସି ଫରମ ମ୍ୟାଲେରିଆ ଜୀବାଣୁ ଅତି ମାରାତ୍ମକ।

**ଲକ୍ଷଣ :** ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ପାରାସାଇଟ (ମ୍ୟାଲେରିଆ ପରଜୀବୀ) ସଂକ୍ରମଣରୁ ହିଁ ମ୍ୟାଲେରିଆ ଜ୍ୱର ଆକ୍ରାନ୍ତ ହୋଇଥାଏ। ମାଈ ଏନୋଫିଲିସ ନାମକ ଏକ ମଶାର ଲାଳଗ୍ରନ୍ଥୀରେ ମ୍ୟାଲେରିଆ ଜୀବାଣୁ ରହିଥାଏ। ଏହି ମ୍ୟାଲେରିଆ ଜୀବାଣୁଧାରୀ ମଶା ଜଣେ ସୁସ୍ଥ ବ୍ୟକ୍ତିକୁ କାମୁଡ଼ିଲେ, ସଂପୃକ୍ତ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହି ପରଜୀବୀ ନିଜ ଜୀବନ ଚକ୍ରରେ କିଛି ଅଂଶ ମଣିଷ ଦେହରେ ଏବଂ ବାକି ଅଂଶ ମଶା ଦେହରେ ବିତାଇ ଥାଏ। ମାଈ ଏନୋଫିଲିସ ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡିବା ଦ୍ୱାରା ମଶା ଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ। ତା' ପରେ ପରଜୀବୀ ମଶାର ଖାଦ୍ୟନଳୀରେ ପହଞ୍ଚି ମଶାକୁ ସଂକ୍ରମିତ କରାଏ। ଏହି



ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ବ୍ୟକ୍ତିକୁ କାମୁଡ଼ିଥାଏ ସେତେବେଳେ ମ୍ୟାଲେରିଆ ପରଜୀବୀ ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ। ସୁସ୍ଥ ବ୍ୟକ୍ତିକୁ ସଂକ୍ରମିତ ମଶା କାମୁଡ଼ିବାର ୧୪ ରୁ ୨୧ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମେ ଜ୍ୱର ହେବା ସହ ଶରୀରରେ କମ୍ପ ଓ ପ୍ରବଳ ଶୀତ ଅନୁଭୂତ ହୁଏ। ମୁଣ୍ଡବ୍ୟଥା ସହ ରୋଗୀ ବାଉଳି ଚାଉଳି ହୋଇଥାଏ।

**ପ୍ରତିଷେଧକ ବ୍ୟବସ୍ଥା :** ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷାଋତୁରେ ବହୁଳ ଭାବେ ଦେଖାଦେଇଥାଏ। ମାଈ ଏନୋଫିଲିସ ମଶା ମନୁଷ୍ୟକୁ ରାତିରେ କାମୁଡ଼ିଥାଏ। ଏହି ମଶା ସ୍ଥିର, ସ୍ୱଚ୍ଛ ଜଳରେ ବଂଶ ବିସ୍ତାର କରିଥାଏ। ମାଈ ଏନୋଫିଲିସ ମଶା ୧-୨ କି.ମି. ପରିସୀମା ଭିତରେ ଉଡ଼ି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ି ଥାଏ। ଏହାର ପ୍ରତିରୋଧ ନିମନ୍ତେ ଔଷଧରେ ବୁଡ଼ା ହୋଇଥିବା ମଶାରୀ ଟାଙ୍ଗି ଶୋଇବା ସହ ଘରେ ଝୁଣା ଧୂପ ଦେବା ଆବଶ୍ୟକ। ମ୍ୟାଲେରିଆ ଜ୍ୱରରେ ପୀଡ଼ିତ ବ୍ୟକ୍ତି ଲକ୍ଷଣ ଦେଖା ଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ଉଚିତ।

**ସତର୍କତା:** ବର୍ଷା ଋତୁରେ ବିଭିନ୍ନ ପ୍ରକାର ମଶାଠାରୁ ଦୂରେଇବା ନିମନ୍ତେ ବାସଗୃହର ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରଖିବା ସହ କୌଣସି ସ୍ଥାନରେ ପାଣି ଜମି ଜମିବାକୁ ଦିଅନ୍ତୁ ନାହିଁ। ଜଳାଶୟ ଏବଂ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ବ୍ଲିଚିଙ୍ଗ ପାଉଡର ପକାଇବା ସହ ଡିଡିଟି ସିଞ୍ଚନ କରାଇବା ଉଚିତ।

**ଡେଙ୍ଗୁ:** ଡେଙ୍ଗୁ ଜ୍ୱର ସାଧାରଣତଃ ମାଈ ଏଡିସ ମଶା କାମୁଡ଼ିବା ଦ୍ୱାରା ସବୁ ବର୍ଗର ସୁସ୍ଥବ୍ୟକ୍ତିଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା କରାଇନିଅନ୍ତୁ। ଡେଙ୍ଗୁ ଜ୍ୱର ଚିହ୍ନଟ ହେବା ପରେ ଔଷଧ ଖାଇବା ଦ୍ୱାରା ଉକ୍ତ ରୋଗରୁ ଉପଶମ ମିଳିଥାଏ। ଏଡିସ ମଶା ସାଧାରଣତଃ ଦିନବେଳା ଏବଂ ମନୁଷ୍ୟର ଆଣ୍ଠୁ ତଳକୁ ହିଁ କାମୁଡ଼ିଥାଏ ଏହି ମଶା ଭଙ୍ଗା ମାଠିଆ, ପୁରୁଣା ଟାୟାର, ପଇଡ଼ ଖୋଳ, ପ୍ଲାଷ୍ଟିକ କପ, ଭଙ୍ଗା ରେଫ୍ରିଜରେଟର, ଭଙ୍ଗା କୁଲର, ଅବ୍ୟବହୃତ ପାତ୍ରରେ ସଞ୍ଚିତ ହୋଇ ରହିଥିବା ପାଣିରେ ଡେଙ୍ଗୁ ଜ୍ୱରର ବାହକ ଏଡିସ ମଶା ବଂଶ ବିସ୍ତାର କରିଥାନ୍ତି। ତେଣୁ ନିଜର ବାସଗୃହ ଓ ପରିବେଶକୁ ସଫା ରଖିବା ସହିତ ଉକ୍ତ ଅବ୍ୟବହୃତ ଜିନିଷଗୁଡ଼ିକରେ ଜଳ ସଞ୍ଚିତ କରିବାକୁ ଦୂରେଇ ରଖିବା ଉଚିତ।

**ଲକ୍ଷଣ:** ଜଣେ ସୁସ୍ଥ ବ୍ୟକ୍ତି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଲେ ରୋଗୀକୁ ଜ୍ୱର ହେବା ସହ ଶରୀରର ସମସ୍ତ ଖଞ୍ଜାରେ ପୀଡ଼ା, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡ ବ୍ୟଥା ସହ ଶରୀରରେ ତାପମାତ୍ରା ୧୦୪ ଡିଗ୍ରୀ ଯାଏ ବୃଦ୍ଧି ପାଇଥାଏ। ରୋଗୀର ରକ୍ତ ନମୁନା ପରୀକ୍ଷା କରିବା ପରେ ହିଁ ଡେଙ୍ଗୁ ଜ୍ୱର ହୋଇଥିବାର ଜଣାପଡ଼ିଥାଏ। ଏଡିସ ମଶା କାମୁଡ଼ିବାର ୪ ରୁ ୧୦ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଲକ୍ଷଣ ପ୍ରକାଶ ପାଇବା ପରେ ପରେ ହିଁ ରକ୍ତ ନମୁନା ପରୀକ୍ଷା କରାଇ ନିଅନ୍ତୁ। ତା' ସହ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୪/୨୦୨୩ Bhubaneswar, Monday, August 14/ 2023

# ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ

**ଫ୍ଲୋରିଡା, ୧୩।୮**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ନିର୍ଣ୍ଣାୟକ ମ୍ୟାଚରେ ଭାରତ ୧୬୫ ରନ୍ କରିଛି। ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୬୧ ରନ୍ କରିଥିବା ବେଳେ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୬୫ ରନ୍ ସଂଗ୍ରହ କରିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରୋମାରିଓ ଶେଫର୍ଡ ୪ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। ରବିବାରର ମ୍ୟାଚ୍ ପାଇଁ ଭାରତ ଅପରିବର୍ତ୍ତିତ ଦଳ ସହିତ ଓହ୍ଲାଇଥିବା ବେଳେ ୱେଷ୍ଟଇଣ୍ଡିଜ୍

## ଅନ୍ତିମ ଟି୨୦

ଦୁଇଟି ପରିବର୍ତ୍ତନ କରିଥିଲା।

ଟସ୍ ଜିତି ଭାରତୀୟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ୩ ଓଭର ମଧ୍ୟରେ ଉଭୟ ଓପନର ବିଦା ହେବା ସହିତ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚତୁର୍ଥ ଟି୨୦ରେ ଅର୍ଦ୍ଧଶତକ ହାସଲ କରିଥିବା ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ(୫) ଶୁବମାନ ଗିଲ୍ ୯ ରନ୍ କରି ଆଉଟ ହୋଇଥିଲେ। ଉଭୟ ଖେଳାଳିଙ୍କୁ ପ୍ୟାଭିଲିୟନ ପଠାଇଥିଲେ ବାମହାତୀ ସ୍ପିନର ଅକିଲ୍ ହୋସେନ୍। ୧୭ ରନ୍‌ରେ ଦୁଇ ଉଇକେଟର ପତନ ଘଟିବା ପରେ ସୂର୍ଯ୍ୟକୁମାର ଯାଦବ(୬୧) ଓ ତିଳକ ବର୍ମା(୨୭) ଇନିଂସ ସମ୍ଭାଳିଥିଲେ। ଉଭୟ ତୃତୀୟ ଉଇକେଟରେ ୪୯ ରନ୍ ଯୋଡି ଦଳକୁ ଦୃଢ ସ୍ଥିତିରେ ପହଞ୍ଚାଇ ଥିଲେ। ସିରିଜରେ କ୍ରମାଗତ ଭଲ ପ୍ରଦର୍ଶନ କରି ଆସିଥିବା ତିଳକ ଆଉ ଏକ ପ୍ରଭାବୀ ଇନିଂସ ଖେଳିଥିଲେ। ଭାରତକୁ ସଙ୍କଟରୁ ଉଦ୍ଧାର କରିବା ସହିତ ସେ ୧୮ ବଲ୍ ଖେଳି ୨୭ ରନ୍ କରିଥିଲେ। ଏହି ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିଲା। ରଷ୍ଟନ ଚେଜ୍‌ଙ୍କ ବଲକୁ ସିଙ୍ଗଲ ପାଇଁ ଖେଳୁଥିବା ବେଳେ ଲିଡିଂ ଏଜ୍‌ରେ ସେ ଆଉଟ ହୋଇଥିଲେ। ପରେ ସଞ୍ଜୁ ସାମସନ୍ ଦୁଇଟି ଚୌକା ସହିତ ୧୩ ରନ୍ କରି ଭଲ ଆରମ୍ଭ ପାଇଥିଲେ ହେଁ ଏହାକୁ ବଡ ସ୍କୋରରେ ପରିଣତ କରି ପାରି ନ ଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ବଲ୍ ଖେଳି ୧୪ ରନ୍‌ର ଧୀମା ଇନିଂସ ଖେଳିଥିଲେ। ସୂର୍ଯ୍ୟକୁମାର ଯାଦବ ଗୋଟିଏ ପଟରୁ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ୪୫ ବଲ୍‌ରୁ ୬୧ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ଅକ୍ଷର ପଟେଲ ୧୩ ରନ୍ କରିବାରୁ ଭାରତ ୧୬୫ ରନ୍‌ରେ ପହଞ୍ଚିଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରୋମାରିଓ ଶେଫର୍ଡ ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅକିଲ ହୋସେନ୍ ଓ ଜାସନ୍ ହୋଲ୍ଡର ପ୍ରତ୍ୟେକ ୨ଟି ଓ ଆଲଜାରି ଯୋଶେଫ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୫/୯ (ସୂର୍ଯ୍ୟକୁମାର ଯାଦବ-୬୧, ତିଳକ ବର୍ମା-୨୭, ହାର୍ଦ୍ଦିକ ପାଣ୍ଡ୍ୟା-୧୪, ରୋମାରିଓ ଶେଫର୍ଡ-୪/୩୧, ଅକିଲ ହୋସେନ-୨/୨୪, ରଷ୍ଟନ ଚେଜ୍-୧/୨୫)।


ସୂର୍ଯ୍ୟକୁମାର ଯାଦବ

**ସିନିୟର ପୁରୁଷ ହ୍ୟାଣ୍ଡବଲ ଚାମ୍ପିୟନଶିପ**

# କେନ୍ଦୁଝର ଚାମ୍ପିୟନ

**କେନ୍ଦୁଝର, ୧୩/୮**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ୩୬ତମ ସିନିୟର ପୁରୁଷ ହ୍ୟାଣ୍ଡବଲ ଚାମ୍ପିୟନଶିପରେ କେନ୍ଦୁଝରକୁ ଟାଇଟଲ। ଫାଇନାଲରେ କେନ୍ଦୁଝର ୨୩-୧୭ ଗୋଲରେ ଯାଜପୁରକୁ ପରାସ୍ତ କର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଦିତୀୟ ଦିନର ଲିଗ ମ୍ୟାଚରେ ଯାଜପୁର ୧୫- ୮ ଗୋଲରେ ବଲାଙ୍ଗିରକୁ, ଗଞ୍ଜାମ ୨୪-୯ରେ ଦେବଗଡ଼କୁ, ପାରାଦୀପ ୭ -୬ରେ କଟକକୁ, କେନ୍ଦୁଝର ୨୩-୬ରେ ନୟାଗଡ଼କୁ, ଗଞ୍ଜାମ ୧୬-୩ରେ ପାରାଦୀପକ, ଜଗତସିଂପୁର ୧୨-୧୧ରେ ରାୟଗଡ଼ାକୁ, ନୁଆପଡା ୧୧-୨ରେ ଭଦ୍ରକକୁ, ଢେଙ୍କାନାଳ ୪-୨ରେ କଟକକୁ, ନୁଆପଡ଼ା ୮-୫ରେ ନୟାଗଡ଼କୁ, ପୁରୀ ୨୩-୩ରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। କେନ୍ଦୁଝର, ଯାଜପୁର, ଗଞ୍ଜାମ ଓ ଜଗତସିଂପୁର ସେମି-ଫାଇନାଲକୁ ଯାଇଥିଲେ। ପ୍ରଥମ ଥର ପାଇଁ ସିନ୍ଥେଟିକ ଟର୍ଫ ଓ ଫ୍ଲଡ଼ ଲାଇଟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଲୋକପ୍ରିୟ ଖେଳାଳି ଭାବରେ ଅଭିଷେକ ମହାନ୍ତି, ଶ୍ରେଷ୍ଠ ଖେଳାଳି ଭାବରେ ରାଜା ରାମ ପଣ୍ଡା ଓ ଶ୍ରେଷ୍ଠ ଗୋଲ କିପର ଭାବେ ମନୋଜ ବିଶାଳଙ୍କୁ ପୁରସ୍କୃତ କରାଯାଇଥିଲା।

# ମାଉଣ୍ଟ ଏଲ୍‌ବ୍ରସ୍‌ରେ ସୌଭାଗ୍ୟ

**ଭୁବନେଶ୍ୱର, ୧୩।୮**
**(ସରୋଜ ଜେନା)**



୭୭ତମ ସ୍ୱାଧୀନତା ଦିବସ ପୂର୍ବରୁ ୟୁରୋପ ଓ ରୁଷିଆର ସର୍ବୋଚ୍ଚ ଶୃଙ୍ଗ ୫୬୪୨ ମିଟର ଉଚ୍ଚ ମାଉଣ୍ଟ ଏଲ୍‌ବ୍ରସ୍‌ରେ ଉଡିଛି ଜାତୀୟ ପତାକା। ନୟାଗଡର ପର୍ବତାରୋହୀ ସୌଭାଗ୍ୟ କୁମାର ରଥ ମାଉଣ୍ଟ ଏଲ୍‌ବ୍ରସ୍ ଚଢ଼ି ଇତିହାସ ସୃଷ୍ଟି କରିଛନ୍ତି। ୪ ରୁଷୀୟ, ୨ ଭାରତୀୟ ଏବଂ ୩ ଜଣ ପ୍ରଶିକ୍ଷକଙ୍କ ସହିତ ମାଉଣ୍ଟ ଏଲ୍‌ବ୍ରସ୍ ଚଢ଼ିଥିଲେ ସୌଭାଗ୍ୟ। ଭାରତୀୟ ସମୟ ଦିନ ୧୧.୧୦ମିନିଟ୍‌ରେ ଶିଖରରେ ପହଞ୍ଚିଥିଲେ। ସୌଭାଗ୍ୟ ଏହି ସଫଳତାର ଶ୍ରେୟ ମହାପ୍ରଭୁ ଜଗନ୍ନାଥ, ଆକାଶବାଣୀ ଏବଂ ନୟାଗଡ଼ ବିକାଶ ମଞ୍ଚକୁ ଅର୍ପଣ କରିଛନ୍ତି। ସୌଭାଗ୍ୟଙ୍କ ଏହି ସଫଳତାରେ ନୟାଗଡ ବିକାଶ ମଞ୍ଚର ଆବାହକ ତଥା ଜଣାଶୁଣା ଲେଖକ ଶୁଭ୍ରାଂଶୁ ପଣ୍ଡା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





ଆର୍‌ଡୋର ଏକାଡେମୀର ଜିଜ୍ଞାସୁ ମହାନ୍ତି ପୁରସ୍କାର ଗ୍ରହଣ କରୁଛନ୍ତି।

# ଆର୍‌ଡୋର ଏକାଡେମୀ କ୍ୱାର୍ଟରରେ

**ଭୁବନେଶ୍ୱର, ୧୩।୮**
**(ବିଜୟ ରଣା)**

**ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା 'ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ରବିବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଆଡ୍‌ଡୋର ଏକାଡେମୀ (ସିନିୟର) ୨-୦ ଗୋଲ୍‌ରେ ଏସ୍‌ଜିଓ ନୂଆପଲ୍ଲୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଆଶିଷ ବରାଡ଼ (୨୬ତମ ମିନିଟ୍) ଏବଂ ଅଙ୍କିତ ଯାଦବ (୫୨ତମ ମିନିଟ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଆର୍‌ଡୋର୍ ଏକାଡେମୀର ଲିଗ୍ ପର୍ଯ୍ୟାୟ ମ୍ୟାଚ ଶେଷ ହୋଇଛି। ଦଳ ଏଥିରୁ ୮ ପଏଣ୍ଟ ଅର୍ଜନ କର କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛି। ଏହି ମ୍ୟାଚରେ ଜିଜ୍ଞାସୁ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହେବା ସହ ଅନୁଷ୍ଠାନର ଆଥଲେଟିକ୍ ସେକ୍ରେଟାରୀ ଗୁରୁ ପ୍ରସାଦ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମ୍ୟାଚକୁ ଏସ୍. ଏସ୍. ବେଗ୍ ପରିଚାଳନା କରିଥିଲେ। ତାଙ୍କୁ ଆଲୋକ ଦେହୁରୀ ଓ ସୁଶାନ୍ତ ମିଶ୍ର ସହାୟତା କରିଥିଲେ। ଶିବ ସାମନ୍ତରାୟ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ପରେ ଝାରପଡ଼ା ଫୁଟ୍‌ବଲ କ୍ଲବ ଓ ନୀଳକମଲ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ମ୍ୟାଚରେ ବଳଭଦ୍ର ସ୍ୱାଇଁ ୨୭ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରି ନୀଳ କମଲକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୫୮ତମ ମିନିଟ୍‌ରେ ସୌମେଶ ମହାନ୍ତିଙ୍କ ପେନାଲ୍ଟି କିକ୍ ଜରିଆରେ ଝାରପଡ଼ା ମ୍ୟାଚକୁ ୧-୧ରେ ବରାବର କରିଥିଲା। ଫଳରେ ଉଭୟ ଦଳ ପଏଣ୍ଟ ବଣ୍ଟିଆରା କରିଛନ୍ତି। ଝରପଡ଼ର ଫୁଟ୍‌ବଲ କ୍ଲବର ରବୁ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପ୍ରାକ୍ତନ ସନ୍ତୋଷ ଟ୍ରଫି ଖେଳାଳି ତଥା କୋଚ୍ ଶଙ୍କର୍ସଣ ଜେନାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୋମବାର ମ୍ୟାଚ ମୁକ୍ତେଶ୍ୱର ୟୁନାଇଟେଡ୍ ଓ ବୀର ବିର୍ସା ୟୁଥ୍ କ୍ଲବ ମଧ୍ୟରେ ହେବ।




# ଖ୍ରୀଷ୍ଟ, କିସ୍ ସିନିୟର ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୧୩।୮**
**(ସରୋଜ ଜେନା)**

ଆନ୍ତଃରାଜ୍ୟ ଆନ୍ତଃସ୍କୁଲ ଓ ୨୮ତମ ୱାଇଜିଜିଟିଏ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ୨୦୨୩ର ଦ୍ୱିତୀୟ ଦିବସରେ ସିନିୟର ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଖ୍ରୀଷ୍ଟ କଲେଜ ଓ କିସ୍। କଟକସ୍ଥିତ ଜବାହରଲାଲ ନେହେରୁ

**ଆନ୍ତଃସ୍କୁଲ ଓ ୨୮ତମ ୱାଇଜିଜିଟିଏ ର୍‍ୟାଙ୍କିଙ୍ଗ ଟିଟି**

ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ସିନିୟର ପୁରୁଷ ଇଭେଣ୍ଟରେ ଖ୍ରୀଷ୍ଟ କଲେଜ ୩-୧ରେ କେନ୍ଦ୍ରୀୟ ବିଦ୍ୟାଳୟକୁ ପରାସ୍ତ କରିଥିବା ବେଳେ ସିନିୟର ବାଳିକା ବିଭାଗରେ ସର୍ବାଧିକ ପଏଣ୍ଟ ସହିତ କିସ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ବକଲେ ଗାର୍ଲ୍ସ ହାଇସ୍କୁଲ ରନର ଅପ୍ ରହିଛି। ରାଉଣ୍ଡ ରବିନ୍ ଲିଗ୍‌ରେ ଦଳ ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ବକ୍‌ଲେ ଦଳ ୭ ପଏଣ୍ଟ ପାଇଥିଲା। ପୁରୁଷବର୍ଗ ଫାଇନାଲରେ ଖ୍ରୀଷ୍ଟର ଏମ୍‌ଡି ଜିସାନ ଦୁଇଟି ମ୍ୟାଚରେ ବିଜୟୀ ହୋଇଥିଲେ। ଜିସାନ୍ ଓ ଅବୁ ସୁଫିୟାନ୍ ତାଜି ଡବଲ୍ସ ମ୍ୟାଚରେ ବିଜୟୀ ହୋଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ରତିକାନ୍ତ ଗୌଡ ସିଙ୍ଗଲ୍ସ ମ୍ୟାଚରେ ଏକମାତ୍ର ବିଜୟ ହାସଲ କରିଥିଲେ। ଜୁନିୟର ବାଳକବର୍ଗ ଫାଇନାଲରେ ଡିପିଏସ୍ କଳିଙ୍ଗ (କଟକ) ୩-୧ରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲକୁ ପରାସ୍ତ କରିଥିଲା। ଜୁନିୟର ବାଳିକା ବର୍ଗରେ ଷ୍ଟିୱାର୍ଟ ସ୍କୁଲ ୩-୧ରେ ସେଣ୍ଟ ଯୋଶେଫ୍ ଗାର୍ଲ୍ସ ହାଇସ୍କୁଲକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।


ପୁରୁଷ ଇଭେଣ୍ଟ ଚାମ୍ପିୟନ ଖ୍ରୀଷ୍ଟ କଲେଜ ଦଳ।


ବାଳିକା ଚାମ୍ପିୟନ କିସ୍ ଦଳ।

# ବ୍ଲାଷ୍ଟର୍ସଙ୍କୁ ହରାଇଲା ଗୋକୁଲମ କେରଳ

**କୋଲକାତା, ୧୩।୮(ପିଟିଁ.):**

ଡୁରାଣ୍ଡ କପ୍ ଗ୍ରୁପ୍ ଲିଗ୍ ଗେମ୍‌ରେ ଆଇଏସ୍‌ଏଲର ଅନ୍ୟତମ ଶକ୍ତିଶାଳୀ ଦଳ କେରଳ ବ୍ଲାଷ୍ଟର୍ସଙ୍କୁ ୪-୩ ଗୋଲ୍‌ରେ ପରାସ୍ତ କରି ଗୋକୁଲମ କେରଳ ମୂଲ୍ୟବାନ ୩ ପଏଣ୍ଟ ଅର୍ଜନ କରିଛି। ପ୍ରଥମାର୍ଦ୍ଧ ଖେଳରେ ମ୍ୟାଚର ୪ଟି ଗୋଲ ଏବଂ ଦ୍ୱିତୀୟାର୍ଦ୍ଧରେ ଅନ୍ୟ ୩ଟି ଗୋଲ୍ ସ୍କୋର ହୋଇଥିଲା। ଗୋକୁଲମ ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଦଳ ଖେଳିଥିବା ଦୁଇଟିଯାକ ମ୍ୟାଚରେ ବିଜୟ ହାସଲ କରି ଗ୍ରୁପ୍ 'ସି' ଶୀର୍ଷରେ ରହିଛି। ବିଜୟୀ ଦଳ ପକ୍ଷରୁ ବୋବା ଅମିନୋ (୧୭ତମ ମିନିଟ), ଶ୍ରୀକୁଟାନ (୪୩ତମ), ନାଓଚା ସିଂ (୪୫+୧) ଓ ଅଭିଜିତ କେ. (୪୭ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଅନ୍ୟପକ୍ଷରେ ବ୍ଲାଷ୍ଟର୍ସ ପାଇଁ ଏମାନୁଏଲ ଜଷ୍ଟିନ (୩୪ତମ), ପ୍ରବୀର ଦାସ (୫୪ତମ) ଓ ଆଡ୍ରିଆନ୍ ଲୁନା (୭୭ତମ ମିନିଟ) ସ୍କୋର କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ